(ପୃଷ୍ଠା–୮+୮)

ଧରିତ୍ରୀ
DHARITRI

ଢେଙ୍କାନାଳ, ଗୁରୁବାର, ମାର୍ଚ୍ଚ ୧୦/୨୦୨୨ (୮+୮=୧୬ ପୃଷ୍ଠା) Dhenkanal, Thursday, March 10/2022 Page 16 ₹ 7.00 ★★★★★

୧୮ଶ ଭାଗ ୨୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



**ବଲିଉଡ୍‌ରେ ଡେବ୍ୟୁ କରିବେ ରଶ୍ମିକା**

'ପୁଷ୍ପା' ଫେମ୍ ସାଉଥ୍ ଅଭିନେତ୍ରୀ ରଶ୍ମିକା ମନ୍ଦାନା 'ମିଶନ ମଞ୍ଜୁ' ଫିଲ୍ମ ଜରିଆରେ ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି।

୦୭

୦୮

**କ୍ୟାମ୍ପବେଲ ପ୍ଲେୟର ଅଫ୍ ଦି ମ୍ୟାଚ**

ମହିଳା କ୍ରିକେଟ ବିଶ୍ୱକପର ବୁଧବାର ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ୱେଷ୍ଟଇଣ୍ଡିଜର ଶାମାଇନ୍ କ୍ୟାମ୍ପବେଲ।



# ଛତ୍ରବଜାର ପୋଲ ଗାର୍ଡ ୱାଲ୍ ଭୁଶୁଡ଼ି ୨ ମୃତ





ଭୁଶୁଡ଼ି ପଡ଼ିଥିବା କଟକ ଛତ୍ରବଜାର ବ୍ରିଜ୍ ଗାର୍ଡ ୱାଲ୍ (ବାମ), ଅଗ୍ନିଶମ ଏବଂ ଓଡ୍ରାଫ୍ ଟିମ୍ ଦ୍ୱାରା ଚାଲିଥିବା ଉଦ୍ଧାର କାର୍ଯ୍ୟ।

**କଟକ ଅଫିସ୍, ୯।୩**

ଛତ୍ରବଜାରରୁ ମାଲ୍‌ଗୋଦାମକୁ ସଂଯୋଗ କରୁଥିବା ପୁରୁଣା ପୋଲର ମରାମତି କାର୍ଯ୍ୟ ଚାଲିଥିବାବେଳେ ବୁଧବାର ସନ୍ଧ୍ୟାରେ ଅଘଟଣ ଘଟିଛି। ପୋଲ ମରାମତି ବେଳେ ସାଇଡ୍ ୱାଲ୍ ଭୁଶୁଡ଼ି ଯିବାରୁ ସେଠାରେ କାମ କରୁଥିବା କେତେଜଣ ଲୋକ ମାଟି ତଳେ ଚାପି ହୋଇଯାଇଥିଲେ। ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ୩ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏସ୍‌ସିବି ମେଡିକାଲକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ୨ଜଣଙ୍କୁ ମୃତ ଘୋଷଣା କରିଥିବାବେଳେ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା କଟକ ଡିସିପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି। ମୃତକ ଦ୍ୱୟ ହେଲେ କେନ୍ଦୁଝର ଜିଲା ଗମାଣ୍ଡିଆ ଅଞ୍ଚଳର କୀର୍ତ୍ତନ ଦେହୁରୀ ଏବଂ ଅଜିତ୍ ଦେହୁରୀ।

## ମରାମତି ବେଳେ ଦୁର୍ଘଟଣା, ଜଣେ ଗୁରୁତର

ଆହତ ହେଲେ ଚନ୍ଦ୍ର ଦେହୁରୀ। ସେମାନେ ଠିକାଦାର ଅଜୟ ସାହୁଙ୍କ ଅଧୀନରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଉଦ୍ଧାର କାର୍ଯ୍ୟ ଶେଷ ହୋଇଛି, ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଭବାନୀ ଶଙ୍କର ଚୟିନୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘଟଣାରେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୩ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିବା ସହ ଆର୍‌ଡିସି ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆହତଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦେବାକୁ କହିଛନ୍ତି।

ବୁଧବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାବେଳେ ଛତ୍ରବଜାର ପୋଲ ଭୁଶୁଡ଼ି ପଡ଼ିଥିବା ଖବର ମିଳିବା ପରେ ସେଠାରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ☞ପୃଷ୍ଠା–୪

# ନନ୍ଦନକାନନରେ ପଶିଲେ ବଣୁଆ ହାତୀ

**ବାରଙ୍ଗ, ୯।୩(ଡି.ଏନ୍.ଏ.)**



ଚନ୍ଦକା ଜଙ୍ଗଲରୁ ଦୁଇଟି ହାତୀ ଆସି ନନ୍ଦନକାନନ ସୁରକ୍ଷା ପାଚେରି ଭାଙ୍ଗି ପରିସରରେ ରହିବା ଯୋଗୁ କର୍ତ୍ତୃପକ୍ଷ ବୁଧବାର ଦିନକ ପାଇଁ ନନ୍ଦନକାନନକୁ ବନ୍ଦ ରଖିଛନ୍ତି। ନନ୍ଦନକାନନ ପ୍ରବେଶ ଫାଟକରେ ତାଲା ଝୁଲିବା ଯୋଗୁ ବୁଲିବାକୁ ଆସିଥିବା ପର୍ଯ୍ୟଟକମାନେ ନନ୍ଦନକାନନ ନ ଦେଖିପାରି ନିରାଶରେ ଫେରିଛନ୍ତି। ପର୍ଯ୍ୟଟକ ଓ ପଶୁପକ୍ଷୀଙ୍କ ସୁରକ୍ଷା ଦୃଷ୍ଟିରୁ ନନ୍ଦନକାନନକୁ ସାମୟିକ ଭାବେ ଦିନକ ପାଇଁ ବନ୍ଦ ରଖାଯାଇଥିବା ବେଳେ ବଟାନିକାଲ ଗାର୍ଡେନ ପର୍ଯ୍ୟଟକଙ୍କ ଲାଗି ଖୋଲା ରହିଥିଲା।

**ନିରାଶରେ ଫେରିଲେ ପର୍ଯ୍ୟଟକ**

ପ୍ରକାଶ ଯେ, ମଙ୍ଗଳବାର ବିଳମ୍ବିତ ରାତିରେ ଦାରୁଠେଙ୍ଗ ପଟରୁ ଗୋଟିଏ ଦନ୍ତା ଓ ଗୋଟିଏ ମାଈ ହାତୀ ନନ୍ଦନକାନନ ପଛପଟ ଦକ୍ଷିଣ-ପଶ୍ଚିମ ପଟ(ବଡ଼ବାଙ୍କ) ସୁରକ୍ଷା ପାଚେରି ଭାଙ୍ଗି ସେହି ବାଟଦେଇ ଭିତରକୁ ପ୍ରବେଶ କରି ୧୦୦ନମ୍ବର ଜିରାଫ ଏନକ୍ଲୋଜର ପଛପଟ ଜଙ୍ଗଲରେ ରହିଥିଲେ। ସିକ୍ୟୁରିଟି ବିଭାଗର କର୍ମଚାରୀମାନେ ବୁଧବାର ସକାଳୁ ହାତୀ ଦୁଇଟି ରହିଥିବା ଦେଖିବା ପରେ ଘଉଡାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଏହାପରେ ନନ୍ଦନକାନନ କର୍ତ୍ତୃପକ୍ଷ ଆସି ଦେଖିବା ସହ ହାତୀ ସେଠାରୁ ନ ଯିବାରୁ ବାଧ୍ୟ ହୋଇ ପର୍ଯ୍ୟଟକ ଓ ପଶୁପକ୍ଷୀଙ୍କ ନିରାପତ୍ତା ଦୃଷ୍ଟିରୁ ନନ୍ଦନକାନନକୁ ବନ୍ଦ ଘୋଷଣା କରିଥିଲେ। କର୍ତ୍ତୃପକ୍ଷ ପୋଷ୍ଟର ଓ ଡାକବାଜି ମାଧ୍ୟମରେ ନନ୍ଦନକାନନ ବନ୍ଦ ବୋଲି ଟିକେଟ କାଉଣ୍ଟର ସମ୍ମୁଖରେ କର୍ମଚାରୀଙ୍କ ଦ୍ୱାରା ପ୍ରଚାର କରିଥିଲେ। ଫଳରେ ରାଜ୍ୟ ତଥା ☞ପୃଷ୍ଠା–୪

# ୩୨ ବର୍ଷ ପରେ ରାଜୀବ ଗାନ୍ଧୀଙ୍କ ହତ୍ୟାକାରୀଙ୍କୁ ଜାମିନ

**ନୂଆଦିଲ୍ଲୀ, ୯।୩(ପି.ଟି.)**

ରାଜୀବ ଗାନ୍ଧୀ ହତ୍ୟା ମାମଲାରେ ଆଜୀବନ ଜେଲଦଣ୍ଡ ଭୋଗୁଥିବା ଏ.ଜି. ପେରାରିଭାଲାନଙ୍କୁ ସୁପ୍ରିମକୋର୍ଟ ବୁଧବାର ଜାମିନ ମଞ୍ଜୁର କରିଛନ୍ତି। ଏମ୍‌ଡିଏମ୍‌ଏ (ବହୁ ବିଷୟକ ଯାଞ୍ଚ ସଂସ୍ଥା) ତଦନ୍ତ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ତାଙ୍କ ଦଣ୍ଡାଦେଶକୁ ସ୍ଥଗିତ ରଖିବା ଲାଗି ୪୭ ବର୍ଷୀୟ ପେରାରିଭାଲାନ ସର୍ବୋଚ୍ଚ ଅଦାଲତରେ ଆବେଦନ କରିଥିଲେ। ସେ ଜେଲରେ ୩୨ ବର୍ଷ କାଟିସାରିଲେଣି। ଜେଲ ଭିତରେ ତାଙ୍କ ବ୍ୟବହାର ସନ୍ତୋଷଜନକ ରହିଛି। ପାରୋଲରେ ସେ ବାହାରିଥିବାବେଳେ ମଧ୍ୟ ତାଙ୍କ ବିରୋଧରେ କୌଣସି ଅଭିଯୋଗ ହୋଇ ନ ଥିଲା। ଜେଲରେ ପେରାରିଭାଲାନ ଅସୁସ୍ଥ ରହୁଥିବା ତାଙ୍କ ଓକିଲ କୋର୍ଟଙ୍କୁ ଜଣାଇଥିଲେ। ଏହାକୁ ବିଚାରକୁ ନେଇ ଜଷ୍ଟିସ ଏଲ୍. ନାଗେଶ୍ୱର ରାଓ ଏବଂ ବି.ଆର୍. ଗଭାଇଙ୍କ ଖଣ୍ଡପୀଠ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ତାଙ୍କୁ ପ୍ରତି ମାସର ପ୍ରଥମ ସପ୍ତାହରେ ଚେନ୍ନାଇ ନିକଟବର୍ତ୍ତୀ ସ୍ଥାନୀୟ ଥାନାରେ ରିପୋର୍ଟ କରିବାକୁ ଖଣ୍ଡପୀଠ କହିଛନ୍ତି। ଜାମିନର ଅନ୍ୟାନ୍ୟ ସର୍ତ୍ତାବଳୀ ସମ୍ପର୍କରେ ସ୍ଥାନୀୟ ଅଦାଲତ ନିଷ୍ପତ୍ତି ନେବେ।



ଏ.ଜି. ପେରାରିଭାଲାନ

ସୂଚନାଯୋଗ୍ୟ, ୧୯୯୧ ମେ' ୨୧ରେ ରାଜୀବ ଗାନ୍ଧୀ ତାମିଲନାଡୁର ଶ୍ରୀପେରୁମ୍ବୁଦୁରଠାରେ ଏକ ନିର୍ବାଚନୀ ରାଲିରେ ଯୋଗଦେଇଥିବାବେଳେ ଧନୁ ନାମ୍ନୀ ମହିଳା ଆତ୍ମଘାତୀ ବିସ୍ଫୋରଣ ଘଟାଇବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଏଥିରେ ଧନୁଙ୍କ ସମେତ ଅନ୍ୟ ୧୪ ଜଣ ପ୍ରାଣ ହରାଇଥିଲେ। ୧୯୯୯ ମେ'ରେ ସର୍ବୋଚ୍ଚ ଅଦାଲତ ପେରାରିଭାଲାନ, ମୁରୁଗାନ, ସନ୍ଥମ ଏବଂ ନଳିନୀଙ୍କ ମୃତ୍ୟୁଦଣ୍ଡାଦେଶକୁ କାଏମ ରଖିଥିଲେ। କେନ୍ଦ୍ର ସରକାର ସେମାନଙ୍କ କ୍ଷମା ଆବେଦନ ବିଚାର କରିବାରେ ୧୧ ବର୍ଷ ବିଳମ୍ବ କରିବାରୁ ୨୦୧୪ ଫେବୃୟାରୀ ୧୮ରେ ଶୀର୍ଷ ☞ପୃଷ୍ଠା–୪

# ୫ ରାଜ୍ୟରେ ଆଜି ଭୋଟ ଗଣତି

**ନୂଆଦିଲ୍ଲୀ, ୯।୩**

ନିର୍ବାଚନ ଶେଷ ହୋଇଥିବା ୫ ରାଜ୍ୟରେ ଗୁରୁବାର ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ଏଥିପାଇଁ ପ୍ରଶାସନ ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି କରାଯାଇଛି। ଉତ୍ତରପ୍ରଦେଶର ସମସ୍ତ ୭୫ ଜିଲାରେ ସକାଳ ୮ଟାରୁ ଗଣତି ଆରମ୍ଭ ହେବ। ପ୍ରଥମେ ପୋଷ୍ଟାଲ ବାଲଟ ଗଣନା ପରେ ଇଭିଏମ୍‌ରେ ଗଣନା କରାଯିବ ବୋଲି ଜଣେ ବରିଷ୍ଠ ନିର୍ବାଚନ ଅଧିକାରୀ କହିଛନ୍ତି। ଉତ୍ତରପ୍ରଦେଶରେ ଭାଜପା ପୁଣିଥରେ କ୍ଷମତାକୁ ଆସିବ ବୋଲି ଏକ୍‌ଜିଟ୍ ପୋଲ୍‌ରେ ପୂର୍ବାନୁମାନ କରାଯାଇଥିବାବେଳେ ସମାଜବାଦୀ ପାର୍ଟିର ଭୋଟ ପୂର୍ବାପେକ୍ଷା ଅଧିକ ରହିବ ବୋଲି କୁହାଯାଇଥିଲା। ୨୦୧୭ରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ୩୨୫ ଆସନ ଜିତିଥିବାବେଳେ ଏସ୍‌ପି ୪୭, ବିଏସ୍‌ପି ୧୯, କଂଗ୍ରେସ ୭ ଏବଂ ଅପ୍‌ନା ଦଳ(ଏସ୍) ୯ଟି ଆସନ ଜିତିଥିଲା।

ସେହିପରି ୧୧୭ ଆସନ ବିଶିଷ୍ଟ ପଞ୍ଜାବ ବିଧାନସଭା ନିର୍ବାଚନର ଭୋଟଗଣତି କରାଯାଇ ଗୁରୁବାର ଫଳାଫଳ ପ୍ରକାଶ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ଶିକ୍ଷାରେ କ୍ଷତି**

# ରାଜ୍ୟରେ ପ୍ରଥମ ମା' କ୍ଷୀର ଭଣ୍ଡାର

**ଭୁବନେଶ୍ୱର, ୯।୩(ବ୍ୟୁରୋ)**

## କ୍ୟାପିଟାଲ ହସ୍ପିଟାଲରେ ଶୁଭାରମ୍ଭ

ନବଜାତ ଶିଶୁଙ୍କ ପାଇଁ ଆଉ ମା' କ୍ଷୀର ଅଭାବ ରହିବ ନାହିଁ। ଏହି ଆବଶ୍ୟକତା ପୂରଣ କରିବା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଏକ ହ୍ୟୁମ୍ୟାନ ବ୍ରେଷ୍ଟ ମିଲ୍କ ବ୍ୟାଙ୍କ ବା ମଦର୍ସ ମିଲ୍କ ବ୍ୟାଙ୍କ୍ (ମା' କ୍ଷୀର ଭଣ୍ଡାର) ପ୍ରତିଷ୍ଠା କରାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ କହିଛନ୍ତି, ଏହା ରାଜ୍ୟରେ ପ୍ରଥମ। ଏହାକୁ ମିଶାଇ ଦେଶରେ ମଦର୍ସ ମିଲ୍କ ବ୍ୟାଙ୍କ୍ ସଂଖ୍ୟା ୩୪ରେ ପହଞ୍ଚିଛି। ଯେକୌଣସି ସ୍ତନ୍ୟପାନ କରାଉଥିବା ମା' ସ୍ୱେଚ୍ଛାକୃତ ଭାବରେ ଏହି ବ୍ୟାଙ୍କରେ ନିଜର ଅତ୍ୟଧିକ କ୍ଷୀର ଦାନ କରିପାରିବେ। ଅସୁସ୍ଥତା କିମ୍ବା ମୃତ୍ୟୁ, ପ୍ରିମାଚ୍ୟୁର ଡେଲିଭରି ଆଦି ବିଭିନ୍ନ କାରଣରୁ ସ୍ତନ୍ୟପାନ କରାଇବାରେ ଅସମର୍ଥ ମା'ଙ୍କ ଶିଶୁଙ୍କୁ ଏଠାରେ ସାଇତି ରଖାଯାଇଥିବା କ୍ଷୀର ଖାଇବାକୁ ଦିଆଯାଇପାରିବ। ବୈଜ୍ଞାନିକ ପ୍ରକ୍ରିୟାରେ ମା'ମାନଙ୍କଠାରୁ ବଳକା କ୍ଷୀରକୁ ସଂଗ୍ରହ କରାଯାଇ ଛଅ ମାସ ପର୍ଯ୍ୟନ୍ତ ସଂରକ୍ଷଣ କରାଯାଇପାରିବ। ତେଣୁ ବର୍ତ୍ତମାନ କୌଣସି ଶିଶୁ ମା' କ୍ଷୀର ଅଭାବରୁ ମରିବେ ନାହିଁ କିମ୍ବା ପୁଷ୍ଟିହୀନତାର ଶିକାର ହେବେ ନାହିଁ। ଏହା ବ୍ୟତୀତ ଆବଶ୍ୟକତାଠାରୁ ଅଧିକ ପରିମାଣର ମା' କ୍ଷୀର ଷ୍ଟକ୍ ରହିଲେ, ତାହାକୁ ରାଜ୍ୟର ଅନ୍ୟ ଡାକ୍ତରଖାନାକୁ ମଧ୍ୟ ଯୋଗାଇ ଦିଆଯାଇପାରିବ ବୋଲି ଡା. ସାହୁ କହିଛନ୍ତି।

କ୍ୟାପିଟାଲ ହସ୍ପିଟାଲର ଶିଶୁରୋଗ ବିଶେଷଜ୍ଞ ଡା. ଆଲୋକ ସ୍ୱାଇଁ କହିଛନ୍ତି, ଦୁଇଦିନ ପୂର୍ବେ ଖୋଲାଯାଇଥିବା ଏହି ହ୍ୟୁମାନ ବ୍ରେଷ୍ଟ ମିଲ୍କ ବ୍ୟାଙ୍କରେ ବୁଧବାର ସୁଦ୍ଧା ୧୩ଜଣ ମା' ସ୍ୱେଚ୍ଛାକୃତ ଭାବେ ସେମାନଙ୍କ କ୍ଷୀର ଦାନ କରିଛନ୍ତି। ଏହାକୁ ୩ ମାସ ପାଇଁ ଗଚ୍ଛିତ କରାଯାଇପାରିବ ଏବଂ ପାଶ୍ଚ୍ୟୁରାଇଜେଶନ (pasteurization)ପରେ ଏହାକୁ ଆଉ ୩ ମାସ ପାଇଁ ସଂରକ୍ଷଣ କରାଯାଇପାରିବ। ଏହିପରି ଭାବେ ପୂରା ୬ ମାସ ପାଇଁ ମା' କ୍ଷୀର ଗଚ୍ଛିତ ରଖାଯାଇପାରିବ ବୋଲି ଡା. ସ୍ୱାଇଁ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି, ପ୍ରଥମେ ସ୍ତନ୍ୟପାନ କରାଉଥିବା ମା'ମାନଙ୍କୁ ନର୍ସମାନେ ସେମାନଙ୍କ କ୍ଷୀର ଦାନ କରିବାକୁ ପରାମର୍ଶ ଦେଇଥାନ୍ତି। ସମ୍ମତି ପ୍ରକାଶ କଲେ ସେମାନଙ୍କ କ୍ଷୀର ପରୀକ୍ଷା କରାଯାଏ। ଠିକ୍ ଥିଲେ ସେମାନଙ୍କୁ ଦୁଗ୍ଧ ଅଭିବ୍ୟକ୍ତି ପ୍ରକୋଷ୍ଠକୁ ନିଆଯାଇ କ୍ଷୀର ସଂଗ୍ରହ କରାଯାଇଥାଏ। ପରେ ରେଫ୍ରିଜରେଟରରେ ବିୟୁକ୍ତ ୨୦ ଡିଗ୍ରୀ ତାପମାତ୍ରାରେ ସଂରକ୍ଷଣ କରାଯାଇଥାଏ ବୋଲି ଡା. ସ୍ୱାଇଁ ସୂଚନା ଦେଇଛନ୍ତି।



# ଝୁଲା ଆଶଙ୍କାରେ ଘୋଡ଼ାବେପାର

ନୂଆଦିଲ୍ଲୀ,୯।୩

ଗୋଆ ଏବଂ ଉତ୍ତରାଖଣ୍ଡରେ କୌଣସି ଦଳ ସପକ୍ଷରେ ସ୍ପଷ୍ଟ ବହୁମତ ଯାଉ ନ ଥିବା ଅଧିକାଂଶ ଏକ୍‌ଜିଟ୍ ପୋଲ୍‌ରେ ଭବିଷ୍ୟବାଣୀ କରାଯାଇଥିବାରୁ ଉଭୟ ରାଜ୍ୟରେ ନିର୍ବାଚନ ପରବର୍ତ୍ତୀ ମେଣ୍ଟ ଗଠନ ଲାଗି ରାଜନୀତି ସକ୍ରିୟ ହୋଇଉଠିଛି। ଗୋଆରେ କଂଗ୍ରେସ ଏହାର ସମସ୍ତ ୩୭ ପ୍ରାର୍ଥୀଙ୍କୁ ଏକ ରିସୋର୍ଟରେ ଲୁଚାଇ ରଖିଥିବାବେଳେ ସରକାର ଗଠନ ନେଇ ଏମ୍‌ଜିପି, ଟିଏମ୍‌ସି, ଏନ୍‌ସିପି ଏବଂ ଏଏପି ଆଦି ଛୋଟ ଦଳ ସହ ମେଣ୍ଟ ଗଠନ ନେଇ ଆଲୋଚନା ଚଳାଇଛି।

ଅନ୍ୟପକ୍ଷରେ ଗୋଆରେ ଭାଜପାର ପରାଜୟ ଆଶଙ୍କା କରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଘୋଡାବେପାରରେ ଲିପ୍ତ ରହିଛନ୍ତି। ସେ ଆମ ସଦସ୍ୟମାନଙ୍କୁ କିଣି ନିଜ ପଟକୁ ନେବା ଲାଗି ଉଦ୍ୟମ ଚଳାଇଛନ୍ତି। ଯାହାକୁ ଆମେ ସଫଳ ହେବାକୁ ଦେବୁ ନାହିଁ ବୋଲି କଂଗ୍ରେସ ନେତା ଆଇଭନ ଡି'ସୁଜା ବୁଧବାର ସମାଲୋଚନା କରିଛନ୍ତି।

ଭାଜପାର ବିଦାୟୀ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦିଲ୍ଲୀରେ ସାକ୍ଷାତ କରି ବିଭିନ୍ନ ଆସନରେ ଦଳର ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ଗୋଆରେ ଭାଜପା ସରକାର ଗଢ଼ିବ ବୋଲି ମୋଦିଙ୍କୁ ଭେଟିବା ପରେ ସେ ଗଣମାଧ୍ୟମକୁ କହିଛନ୍ତି। ପରେ ସାୱନ୍ତ, ଭାଜପା ରାଜ୍ୟ ସଭାପତି ସଦାନନ୍ଦ ଶେଟ୍ ତନାଭାଦେ ଏବଂ ଦଳର ଗୋଆ ନିର୍ବାଚନ ଦାୟିତ୍ୱରେ ଥିବା ଦେବେନ୍ଦ୍ର ଫଡ୍‌ନବିସ୍ ଏକ ବୈଠକରେ ଏକାଠି ହୋଇ ପରବର୍ତ୍ତୀ ସରକାର ଗଠନ ନେଇ ଆଲୋଚନା କରିଥିଲେ। ତେବେ ଗୋଆରେ ଝୁଲା ବିଧାନସଭା ହେଲେ ସାୱନ୍ତଙ୍କୁ ସରକାର ଗଢ଼ିବା କଷ୍ଟକର ହୋଇପାରେ। କାରଣ ତାଙ୍କୁ ସହଯୋଗୀ ଏମ୍‌ଜିପି ମୁଖ୍ୟମନ୍ତ୍ରୀ ଭାବେ ଗ୍ରହଣ କରିବାକୁ ପ୍ରସ୍ତୁତ ନ ଥିବା ଏହାର ନେତା ରାମକ୍ରିଷ୍ଣା ସୁଦିନ ଧାବଲିକର କହିଛନ୍ତି। ଫଡ୍‌ନବିସ ମଧ୍ୟ ଧାବଲିକରଙ୍କ ସହ ନିର୍ବାଚନ ପରବର୍ତ୍ତୀ ମେଣ୍ଟ ସମ୍ପର୍କରେ ଆଲୋଚନା କରିଛନ୍ତି। ଫଳାଫଳ ବାହାରିବା ପରେ ନିଷ୍ପତ୍ତି ନେବେ ବୋଲି ଏମ୍‌ଜିପି ନେତା କହିଛନ୍ତି। ସେହିପରି ଜିତିବା ସମ୍ଭାବନା ଥିବା କେତେଜଣ ସ୍ୱାଧୀନ ପ୍ରାର୍ଥୀଙ୍କ ସହ ମଧ୍ୟ ଭାଜପା ଆଲୋଚନା ଚଳାଇଛି।


ପ୍ରମୋଦ ସାୱନ୍ତ

ସେହିପରି ଉତ୍ତରାଖଣ୍ଡରେ କଂଗ୍ରେସ କିମ୍ବା ଭାଜପା କେହି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ପାଇବେ ନାହିଁ ବୋଲି ଏକ୍‌ଜିଟ୍ ପୋଲ୍‌ରେ କୁହାଯାଇଥିବାରୁ ସେଠାରେ ମଧ୍ୟ ରାଜନୈତିକ ତତ୍ପରତା ବୃଦ୍ଧି ପାଇଛି। ଭୋଟ ଗଣତି ପୂର୍ବରୁ ଉଭୟ ଦଳର ଶୀର୍ଷନେତାମାନେ ଉତ୍ତରାଖଣ୍ଡରେ ପହଞ୍ଚି ସମ୍ଭାବ୍ୟ ସ୍ଥିତିର ପରିଚାଳନା ଲାଗି ଉଦ୍ୟମ ଚଳାଇଛନ୍ତି। ନିର୍ବାଚନ ପରବର୍ତ୍ତୀ ମେଣ୍ଟ ସମ୍ପର୍କରେ ବରିଷ୍ଠ ନେତାମାନେ ତ୍ୱରିତ୍ ନିଷ୍ପତ୍ତି ନେବେ। ଏଥିପାଇଁ ବରିଷ୍ଠ ଭାଜପା ନେତା କୈଳାସ ବିଜୟ ଭର୍ଗୀୟ ରବିବାରଠାରୁ ସେଠାରେ ପହଞ୍ଚିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କ କୌଣସି ପ୍ରକାର ରାଜନୈତିକ ଆବଶ୍ୟକତାକୁ ନେଇ ଅଙ୍କକଷା ଚଳାଇଛନ୍ତି। ସେହିପରି କଂଗ୍ରେସ ମଙ୍ଗଳବାର ଏହାର ରାଜ୍ୟ ସଭା ସଦସ୍ୟ ଦୀପେନ୍ଦ୍ର ହୁଡ଼ାଙ୍କୁ ଡେରାଡୁନ୍ ପଠାଇଛି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ଖୁବ୍‌ଶୀଘ୍ର ଉତ୍ତରାଖଣ୍ଡରେ ପହଞ୍ଚିବେ ବୋଲି ଜଣାପଡ଼ିଛି।

# କଂଗ୍ରେସର ରିସର୍ଟ ରାଜନୀତି

ପଣଜୀ,୯।୩(ପି.ଟି.)

୨୦୧୭ ବିଧାନସଭା ନିର୍ବାଚନରେ କଂଗ୍ରେସ ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇ ମଧ୍ୟ ଗୋଆରେ ସରକାର ଗଠନ କରିପାରି ନ ଥିଲା। ଏଥର ଯେପରି ସେଭଳି ସ୍ଥିତି ନ ଉପୁଜେ ସେଥିପାଇଁ ଏହି ସର୍ବପୁରାତନ ଦଳ କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନାହିଁ। ସେଥିପାଇଁ ଭୋଟ ଗଣତିର ଦୁଇଦିନ ପୂର୍ବରୁ କଂଗ୍ରେସ ଏହାର ସମସ୍ତ ପ୍ରାର୍ଥୀଙ୍କୁ ପଣଜୀ ନିକଟବର୍ତ୍ତୀ ବାମ୍ବୋଲିମ୍ ଗ୍ରାମରେ ଥିବା ଏକ ବିଳାସପୂର୍ଣ୍ଣ ରିସର୍ଟକୁ ନେଇଯାଇଛି।



ଗୋଆରେ ଝୁଲା ବିଧାନସଭା ହେବ ବୋଲି ବିଭିନ୍ନ ସଂସ୍ଥା ଏକ୍‌ଜିଟ୍ ପୋଲ୍‌ରେ ପୂର୍ବାନୁମାନ କରିଛନ୍ତି। ତେଣୁ ଘୋଡ଼ାବେପାର ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି କୌଣସି ଦଳୀୟ ପ୍ରାର୍ଥୀ ଭୋଟଗଣତି କେନ୍ଦ୍ରକୁ ଯିବା ଲାଗି ଅନୁମତି ଦିଆଯାଇ ନାହିଁ ବୋଲି ଜଣେ ବରିଷ୍ଠ କଂଗ୍ରେସ ନେତା କହିଛନ୍ତି। ଅନ୍ୟପକ୍ଷରେ ଭାଜପା ଛାଡ଼ି କଂଗ୍ରେସ ଟିକେଟରେ ଲଢ଼ିଥିବା ମିଚେଲ ଲୋବୋ ଏହାକୁ ଖଣ୍ଡନ କରିଛନ୍ତି। ସବୁ ପ୍ରାର୍ଥୀ ଗଣନାକେନ୍ଦ୍ରକୁ ଯାଇପାରିବେ ବୋଲି ସେ କହିଛନ୍ତି। ରିସୋର୍ଟରେ ପ୍ରାର୍ଥୀଙ୍କୁ ଲୁଚାଇ ରଖାଯିବା ଖବରକୁ ମଧ୍ୟ କେତେଜଣ ଦଳୀୟ ନେତା ଅସ୍ୱୀକାର କରିଛନ୍ତି। ସେମାନେ ବିରୋଧୀ ଦଳ ନେତା ଦିଗମ୍ବର କାମାତଙ୍କ ଜନ୍ମଦିନ ପାଳନ ଲାଗି ସେଠାକୁ ଯାଇଥିବା କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୭ ଗୋଆ ବିଧାନସଭା ନିର୍ବାଚନରେ କଂଗ୍ରେସକୁ ୧୭ ଏବଂ ଭାଜପାକୁ ୧୩ ଆସନ ମିଳିଥିଲା। ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇ ମଧ୍ୟ କଂଗ୍ରେସ ସରକାର ଗଢ଼ି ନ ପାରିବାରୁ ଭାଜପା ଅନ୍ୟ ଛୋଟ ଦଳ ଓ ସ୍ୱାଧୀନ ବିଧାୟକଙ୍କ ସମର୍ଥନରେ ସରକାର ଗଢ଼ିଥିଲା। ପରେ କଂଗ୍ରେସର ୧୫ ବିଧାୟକ ଭାଜପାରେ ଯୋଗଦେଇଥିଲେ।


୫ ରାଜ୍ୟରେ ଭୋଟଗଣତି ଅବ୍ୟବହିତ ପୂର୍ବରୁ ବୁଧବାର ନୂଆଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁକ୍ତାର ଅବ୍‌ବାସ ନକଭୀ, ଜି.କିଶନ ରେଡ୍ଡୀ ଏବଂ ଓମ୍ ପାଠକ୍‌ଙ୍କୁ ନେଇ ଭାଜପା ପ୍ରତିନିଧି ଦଳ ନିର୍ବାଚନ କମିଶନଙ୍କୁ ଭେଟି ଫେରୁଛନ୍ତି। (ଫଟୋ- ଚମନ ଗୌତମ)

# 'ଭାଜପା ସମର୍ଥିତ ସମିତି ସଭ୍ୟଙ୍କୁ ପୋଲିସ ଲଗାଇ ଡରାଉଛି ବିଜେଡି'

ଭୁବନେଶ୍ୱର, ୯।୩(ବ୍ୟୁରୋ)

**ନିର୍ବାଚନ କମିଶନଙ୍କ ନିକଟରେ ଭାଜପାର ଅଭିଯୋଗ**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ଏବେ ପ୍ରତି ବ୍ଲକରେ ଅଧ୍ୟକ୍ଷ ପଦ ଲାଗି ରାଜନୀତି ଜୋର୍ ଧରିଲାଣି। ଅଧ୍ୟକ୍ଷ ପଦ ହାତେଇବାକୁ ଶାସକ ଦଳ ରାଜ୍ୟରେ ଘୋଡ଼ାବେପାର ଚଳାଇଥିବା ନେଇ କଂଗ୍ରେସ ବରିଷ୍ଠ ନେତା ତଥା ବିଧାୟକ ସନ୍ତୋଷ ସିଂ ସାଲୁଜା ଅଭିଯୋଗ କରିଥିଲେ। ଏବେ ଭାଜପା ତାଙ୍କ ଦଳର ସମର୍ଥିତ ସମିତି ସଭ୍ୟମାନଙ୍କୁ ପୋଲିସ ଲଗାଇ ଉଠାଇନେଉଥିବା ଅଭିଯୋଗ ଆଣିଛି।

ଭାଜପା ଅଭିଯୋଗ କରିଛି ଯେ, ବର୍ତ୍ତମାନ ବିଜେଡି କର୍ମୀଙ୍କ ଜନ ସମର୍ଥନର ବାହୁସ୍ଫୋଟ ଭିତରେ ପ୍ରକୃତ ଗୁଣ୍ଡାଗିରିର ଚିତ୍ର ସାମ୍ନାକୁ ଆସିଛି। ଶାସକ ଦଳ ଗୁଣ୍ଡା ଓ ନେତାମାନଙ୍କ ଦ୍ୱାରା ଭାଜପା ସମର୍ଥିତ ବିଜୟୀ ସମିତି ସଭ୍ୟଙ୍କ ଉପରେ ମିଛ ଆରୋପ ଲଗାଉଛି। ପଞ୍ଚାୟତ ନିର୍ବାଚନ ସମୟରେ ବିଜେଡି ମନ୍ତ୍ରୀ ଓ ନେତାଙ୍କ ଗୁଣ୍ଡାଗିରି ସାମ୍ନାକୁ ଆସିଥିଲା। ଏବେ ବ୍ଲକ ଅଧ୍ୟକ୍ଷ ପଦବୀ ନିର୍ବାଚନ ଆଗକୁ ଥିବାବେଳେ ପୁଣି ବିଜେଡି ନେତାଙ୍କ ଗୁଣ୍ଡାଗିରି ଦେଖିବାକୁ ମିଳିଛି। ବିଜେଡିର ଏହି ଅଗଣତାନ୍ତ୍ରିକ କାର୍ଯ୍ୟରେ ସ୍ଥାନୀୟ ପୋଲିସ ପ୍ରଶାସନ ସହାୟତା କରୁଛନ୍ତି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକରେ ଏଭଳି ଘଟଣା ଦେଖିବାକୁ ମିଳିଛି । ମିଥ୍ୟା ଆରୋପ ଲଗାଇ ଭାଜପା ସମର୍ଥିତ ସଦସ୍ୟଙ୍କ ଘରର ତାଲା ଭାଙ୍ଗି ଜୋର୍ ଜବରଦସ୍ତ ପଶି ଆତଙ୍କରାଜ ପୋଲିସ ସୃଷ୍ଟି କରୁଛି। ଏନେଇ ପୁରୀ ଜିଲା ପୋଲିସ ଏସ୍‌ପିଙ୍କୁ ପଚାରିବାରୁ ସେ ଅପହରଣର ସଫେଇ ଦେଉଛନ୍ତି। ସ୍ଥାନୀୟ ପୋଲିସ ସବୁକିଛି ଜାଣି ନ ଜାଣିଲା ଭଳି ହୋଇ ନୀରବ ଦ୍ରଷ୍ଟା ସାଜିଛି। ଏହି ପ୍ରସଙ୍ଗରେ ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟି ତୁରନ୍ତ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରଛି।

# ୫ ପିଲା ଥାଇ ସରପଞ୍ଚ

## ମିଥ୍ୟା ସତ୍ୟପାଠ ବିରୋଧରେ ଜିଲାପାଳଙ୍କ ଦ୍ୱାରସ୍ଥ

ଭଦ୍ରକ ଅଫିସ/ଧାମନଗର,୯।୩

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ କରଦା ପଞ୍ଚାୟତର ନବନିର୍ବାଚିତ ସରପଞ୍ଚଙ୍କ ମିଥ୍ୟା ସତ୍ୟପାଠ ବିରୋଧରେ ଶତାଧିକ ଗ୍ରାମବାସୀ ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପଞ୍ଚାୟତ ଅଧିନିୟମ ୧୭ (ଗ) ଅନୁଯାୟୀ ୧୯୯୫ ପରଠାରୁ ପ୍ରାର୍ଥୀଙ୍କ ଦୁଇରୁ ଅଧିକ ସନ୍ତାନ ଥିଲେ ପ୍ରାର୍ଥୀପତ୍ର ନାକଚ କରାଯିବାର ନିୟମ ରହିଛି। ହେଲେ ଚଳିତବର୍ଷ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କରଦା ପଞ୍ଚାୟତର ସରପଞ୍ଚ ହୋଇଥିବା ମମତା ଆଚାର୍ଯ୍ୟଙ୍କର ୫ ସନ୍ତାନ ଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ତାଙ୍କ ସରପଞ୍ଚ ପଦକୁ ଅସିଦ୍ଧ ଘୋଷଣା ପାଇଁ ସେମାନେ ଜିଲାପାଳ ତ୍ରିଲୋଚନ ମାଝିଙ୍କ ନିକଟରେ ଦାବି କରିଛନ୍ତି। ଏହି ଦାବିପତ୍ରର ଏକ ନକଲ ସେମାନେ ବିଡିଓ ଦୁର୍ଗା ଚରଣ ମୁର୍ମୁଙ୍କୁ ପ୍ରଦାନ କରିଛନ୍ତି। ଘଟଣାକୁ ଗୁରୁତ୍ୱ ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବା ସହ ନବୀନ ନିବାସ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

# କଳ ବଳ ଲଗାଇ ବିଜେଡି ବ୍ଲକ ଦଖଲ ପାଇଁ ଚେଷ୍ଟା କରୁଛି: କଂଗ୍ରେସ

ଭୁବନେଶ୍ୱର,୯।୩(ବ୍ୟୁରୋ)

କ୍ଷମତା ଲୋଭରେ ଅନ୍ଧ ହୋଇ ଶାସକ ବିଜେଡି ପୁରୀ ଜିଲା କାକଟପୁର ବ୍ଲକକୁ ଦଖଲ କରିବା ପାଇଁ ଅର୍ଥବଳ, ବାହୁବଳ ଓ ସରକାରୀ କଳକୁ ବ୍ୟବହାର କରୁଛି। ଏଥିସହିତ ଘୋଡା ବେପାର କରିବା ପାଇଁ ମଧ୍ୟ ପଛାଉ ନ ଥିବା କଂଗ୍ରେସ ଅଭିଯୋଗ ଆଣିଛି। ବୁଧବାର କଂଗ୍ରେସ ଭବନରେ ଆୟୋଜିତ ଖ ବ ର ଦା ତା ସମ୍ମିଳନୀରେ ପିସିସି ସାଧାରଣ ସମ୍ପାଦକ ବିଶ୍ୱଭୂଷଣ ଦାସ କହିଛନ୍ତି, କାକଟପୁରରେ ବିଜେଡିର ସ୍ଥାନୀୟ ବିଧାୟକ ତାଙ୍କ ନିଜ ପଞ୍ଚାୟତରେ ସରପଞ୍ଚ, ସମିତିସଭ୍ୟ ଓ ଏପରିକି ୱାର୍ଡମେମ୍ବରଙ୍କୁ ଜିତାଇବାରେ ଅସମର୍ଥ ହୋଇଛନ୍ତି। ସେହିପରି ବିଜେଡିର ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକଙ୍କ ବୋହୂ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ ନାୟକଙ୍କ ସ୍ତ୍ରୀ ମଧ୍ୟ ସମିତିସଭ୍ୟା ପଦ ପାଇଁ ଲଢ଼ି ପରାଜିତ ହୋଇଛନ୍ତି। କାକଟପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦୁଇଟି ବ୍ଲକ ଅସ୍ତରଙ୍ଗ ଓ କାକଟପୁର ଶାସକ ବିଜେଡି ହାତରୁ ଖସିଯାଉଛି। ଏହାଦେଖି ପୂର୍ବତନ ମନ୍ତ୍ରୀ ଓ ବ୍ଲକ ଅଧ୍ୟକ୍ଷ ତୃତୀୟ ମହଲା ଇଙ୍ଗିତରେ କଳ, ବଳ, କୌଶଳ ପ୍ରୟୋଗ କରି ଲୋକଙ୍କ ଦ୍ୱାରା ନିର୍ବାଚିତ ହୋଇଥିବା କଂଗ୍ରେସ ସମର୍ଥିତ ପ୍ରତିନିଧିଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରି, ଧମକାଇ ନିଜ ଆଡ଼କୁ ନେବାପାଇଁ ଅପଚେଷ୍ଟା କରୁଛନ୍ତି। ଯଦି ଏହିପରି ଅଗଣତାନ୍ତ୍ରିକ କାର୍ଯ୍ୟରୁ ଶାସକ ବିଜେଡି ନିବୃତ ନ ରୁହେ, ତେବେ କଂଗ୍ରେସ ଏହାର ଉଚିତ ଜବାବ ଦେବ ବୋଲି ଦାସ ଚେତାବନୀ ଦେଇଛନ୍ତି।


ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

# ସାନଖେମୁଣ୍ଡି ବିଧାୟକଙ୍କୁ ବ୍ରହ୍ମପୁରରେ ୯ ଦିନ ରହିବାକୁ ଅନୁମତି

ବ୍ରହ୍ମପୁର ଅଫିସ,୯।୩

ଗଞ୍ଜାମ ଜିଲା ସାନଖେମୁଣ୍ଡି ବିଧାୟକ ତଥା ଜିଲା କଂଗ୍ରେସ ସଭାପତି ରମେଶ ଜେନାଙ୍କୁ ବ୍ରହ୍ମପୁରରେ ୯ଦିନ ରହିବାକୁ ଅନୁମତି ମିଳିଛି। ବୁଧବାର ଅତିରିକ୍ତ ଜିଲା ଦୌରା ଜଜ୍ (ଏଡିଜେ-୩) ଅଲ୍ପନା ସ୍ୱାଇଁ ରମେଶଙ୍କୁ ଆସନ୍ତା ୧୨ରୁ ୨୦ ତାରିଖ ଯାଏ ବ୍ରହ୍ମପୁରରେ ରହିବା ପାଇଁ ଅନୁମତି ଦେଇଛନ୍ତି। ଆସନ୍ତା ୨୪ରେ ବ୍ରହ୍ମପୁରରେ ପୌର ନିର୍ବାଚନ ହେବାକୁ ଥିବା ବେଳେ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର ମଙ୍ଗ ଧରିବେ ରମେଶ। ସେ କଂଗ୍ରେସର ମେୟର ପ୍ରାର୍ଥିନୀଙ୍କ ସମେତ ବିଭିନ୍ନ କର୍ପୋରେଟରଙ୍କ ସହ ଘର ଘର ବୁଲି ଦଳ ପାଇଁ ପ୍ରଚାର କରିବେ ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ୨୦୧୦ ଚିକେନ୍ ରବି ହତ୍ୟା ମାମଲା ପରେ ଉଚ୍ଚ ନ୍ୟାୟାଳୟ ତରଫରୁ ରମେଶଙ୍କୁ ବ୍ରହ୍ମପୁର ପ୍ରବେଶ ଓ ରହଣି ଉପରେ କଟକଣା ଲାଗିଥିଲା। ଏବେ ପୌର ନିର୍ବାଚନ ପାଇଁ ବିଧାୟକ ରମେଶଙ୍କ ବ୍ରହ୍ମପୁର ରହଣିର ଆବଶ୍ୟକତା ଥିବା ବେଳେ ଅନୁମତି ପାଇଁ ରମେଶଙ୍କ ପକ୍ଷରୁ ଓକିଲ କିଶୋର ଚନ୍ଦ୍ର ବିଶୋୟୀ ଓ ସରୋଜ ଗୌଡ଼ ଏଡିଜେ-୩ କୋର୍ଟରେ ଆବେଦନ କରିଥିଲେ। ଏହାର ଶୁଣାଣି କରି ଏଡିଜେ-୩ ବିଧାୟକ ରମେଶଙ୍କୁ ବ୍ରହ୍ମପୁରରେ ରହିବା ପାଇଁ ୯ ଦିନ ଅନୁମତି ଦେଇଛନ୍ତି।


ରମେଶ ଜେନା


କଟକ ମହାନଗର ନିଗମ ବିଜୁ ଭବନରେ ବୁଧବାର ଚୂଡ଼ାନ୍ତ ପ୍ରାର୍ଥୀପତ୍ର ଯାଞ୍ଚ ସମୟରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ମେୟର ପ୍ରାର୍ଥୀମାନେ।

# ପ୍ରାର୍ଥୀଙ୍କ ୩ ସନ୍ତାନ ଥିବା ଅଭିଯୋଗ

ଖୋର୍ଦ୍ଧା ଅଫିସ,୯।୩

- ନାମାଙ୍କନ ରଦ୍ଦ ଦାବି କଲା ଭାଜପା
- ଆର୍‌ଟିଆଇ ରିପୋର୍ଟ ଅଗ୍ରାହ୍ୟ ନେଇ ଅସନ୍ତୋଷ

ଖୋର୍ଦ୍ଧା ପୌର ନିର୍ବାଚନ ପାଇଁ ବୁଧବାର ନାମାଙ୍କନପତ୍ର ଯାଞ୍ଚ କରାଯାଇଛି। ୧୧ ନମ୍ବର ୱାର୍ଡର ବିଜେଡି ପ୍ରାର୍ଥୀ ରଜନୀ ନାୟକଙ୍କ ୩ସନ୍ତାନ ଥିବା ଦର୍ଶାଇ ତାଙ୍କ ନାମାଙ୍କନକୁ ରଦ୍ଦ କରିବା ଲାଗି ଭାଜପା ପ୍ରାର୍ଥୀ ସୃଷ୍ଟି ମାଝି ବୁଧବାର ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଆଇ. ଗୌରବ ଶିବାଜୀଙ୍କ ନିକଟରେ ଦାବି କରିଛନ୍ତି। ରାଜ୍ୟ ନିର୍ବାଚନ କମିଶନଙ୍କ ଗାଇଡ୍‌ଲାଇନ ଅନୁସାରେ ରଜନୀଙ୍କ ନାମାଙ୍କନପତ୍ର ରଦ୍ଦ ଲାଗି ସୃଷ୍ଟି ଲିଖିତ ଅଭିଯୋଗ କରିଛନ୍ତି। ତେବେ ଏହି ଅଭିଯୋଗକୁ ଉପଜିଲାପାଳ ଅଗ୍ରାହ୍ୟ କରିବା ପରେ ଏହା ପ୍ରତିବାଦରେ ଭାଜପାର ଶତାଧିକ କର୍ମୀ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଭାଜପାର ପୌରାଧ୍ୟକ୍ଷା ପ୍ରାର୍ଥୀ କୁନିଲତା ସ୍ୱାଇଁ, ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ପୂର୍ବତନ ଜିଲା ସଭାପତି ନିକୁଞ୍ଜ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ, ଶୋଭନ ଘୋଷଙ୍କ ସମେତ ଏକାଧିକ କର୍ମୀ ଧାରଣାରେ ସାମିଲ ହୋଇଥିଲେ। ଏହି ଅବସରରେ ଜିଲା ସଭାପତି ମହାପାତ୍ର କହିଲେ, କେନ୍ଦ୍ର ନିର୍ବାଚନ ଆୟୋଗଙ୍କ ଗାଇଡ୍‌ଲାଇନ ଅନୁଯାୟୀ ୧୯୯୫ ମସିହା ପରେ ୩ ସନ୍ତାନ ରହିଥିବା ପ୍ରାର୍ଥୀ ନିର୍ବାଚନ ଲଢ଼ିପାରିବେ ନାହିଁ। ଆର୍‌ଟିଆଇ ତଥ୍ୟ ବଳରେ ମିଳିଥିବା ସୂଚନା ଅନୁଯାୟୀ, ଫରେଷ୍ଟ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ରଜନୀଙ୍କ ୩ ସନ୍ତାନ ପଢୁଥିବାବେଳେ ପ୍ରଥମ ସନ୍ତାନ ସତ୍ୟଙ୍କ ଜନ୍ମ ତାରିଖ ୨୦.୭.୧୯୯୮, ୨ୟ ସନ୍ତାନ ପ୍ରଶାନ୍ତଙ୍କର ୬.୭.୧୯୯୯ ଏବଂ ୩ୟ ସନ୍ତାନ ପ୍ରସନ୍ନଙ୍କର ୯.୪.୨୦୦୨ ଉଲ୍ଲେଖ ରହିଛି। ସେହିପରି ଏମାନଙ୍କର ମାତା ରଜନୀ ଓ ପିତା ପାଣ୍ଡବ ନାୟକ ବୋଲି ଉଲ୍ଲେଖ ରହିଛି। ଭାଜପା ପ୍ରାର୍ଥୀ ସୃଷ୍ଟି ଏହି ରିପୋର୍ଟକୁ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିଥିଲେ ମଧ୍ୟ ସେ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ସିଡିଏମ୍‌ଓଙ୍କ ନିକଟରୁ ଜନ୍ମ ତାରିଖ ପ୍ରମାଣପତ୍ର ଆଣି ଦାଖଲ କରିବାକୁ କହିଥିଲେ। ଫଳରେ ଏହାକୁ ନେଇ ଭାଜପା କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଯାଞ୍ଚ ସମୟରେ ପ୍ରମାଣପତ୍ର ଯୋଗାଡ଼ କରିବା ସମ୍ଭବ ନୁହେଁ। ଏହା ଜାଣି ମଧ୍ୟ ଉପଜିଲାପାଳ ଶାସକ ଦଳର ଏଜେଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି ଓ ନିର୍ବାଚନରେ ଚଞ୍ଚକତା କରୁଛନ୍ତି ବୋଲି ସୃଷ୍ଟି ଅଭିଯୋଗ ଆଣିଛନ୍ତି। ପୂର୍ବତନ ସଭାପତି ପଟ୍ଟନାୟକ କହିଛନ୍ତି, ଏଭଳି କ୍ଷେତ୍ରରେ ପୌର ନିର୍ବାଚନରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିକଟକୁ ଅଭିଯୋଗପତ୍ର ପଠାଯାଇଛି। ଆବଶ୍ୟକ ପଡ଼ିଲେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବୁ। ଅନ୍ୟପକ୍ଷରେ ବିଜେଡି ନେତା ତଥା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର କହିଛନ୍ତି, କୌଣସି ଦୋଷତ୍ରୁଟି ଥିଲେ ଆଇନର ଆଶ୍ରୟ ନିଆଯିବାରେ କିଛି ଅସୁବିଧା ନାହିଁ। ଅପରପକ୍ଷରେ ଏହି ଅଭିଯୋଗର ତର୍ଜମା କରାଯିବ ବୋଲି ଉପଜିଲାପାଳ ଆଇ. ଗୌରବ ଶିବାଜୀ କହିଛନ୍ତି।

# ବାପା ବିପକ୍ଷରେ ପୁଅ ପ୍ରାର୍ଥୀ

ଅନୁଗୋଳ ଅଫିସ,୯।୩

**ଚର୍ଚ୍ଚାରେ ଅନୁଗୋଳ ୫ନଂ. ୱାର୍ଡ**

ଗୋଟିଏ ଦିନରେ ଗୋଟିଏ ୱାର୍ଡରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି ବାପ-ପୁଅ। କାଉନସିଲର ପଦବୀ ପାଇଁ ପରସ୍ପର ବିରୋଧରେ ପ୍ରାର୍ଥୀ ହୋଇଛନ୍ତି ଦୁହେଁ। ବାପା ଭୀମସେନ ମାଣ୍ଡୋଠିଆ ଭାଜପାରୁ ଟିକେଟ ପାଇଥିବାବେଳେ ତାଙ୍କ ବିପକ୍ଷରେ ପୁଅ ରଣଜିତ ମାଣ୍ଡୋଠିଆଙ୍କୁ ପ୍ରାର୍ଥୀ କରିଛି ବିଜେଡି। ପୌର ନିର୍ବାଚନରେ ଏପରି ରୋଚକ ଘଟଣାକୁ ନେଇ ଏବେ ଚର୍ଚ୍ଚାରେ ଅନୁଗୋଳ ପୌର ପରିଷଦର ୫ନଂ. ୱାର୍ଡ।

ଅନୁଗୋଳ ପୌରାଞ୍ଚଳର ବଜାର ଛକ, ଶଙ୍କର ସିନେମା ରୋଡ୍, ପାର୍ବତୀ ପ୍ରେସ୍ ଲେନ୍, ପଶ୍ଚିମ ବଜାରପଡ଼ା ସ୍କୁଲ, କୁମୁଣ୍ଡ ଗ୍ରାମ, ଗୋପାଳ ସାହୁ ଛକ ଆଦି ଅଞ୍ଚଳକୁ ନେଇ ଗଠିତ ୫ନଂ. ୱାର୍ଡରୁ ଭାଜପା ପ୍ରାର୍ଥୀ ହୋଇଛନ୍ତି ପୁରୁଖା ନେତା ଭୀମସେନ ମାଣ୍ଡୋଠିଆ। ଏହି ପୂର୍ବତନ କାଉନସିଲର ଦୀର୍ଘବର୍ଷ ହେଲା ଦଳରେ ରହିଥିଲେ ମଧ୍ୟ ପୂର୍ବପରି ସେତେଟା ସକ୍ରିୟ ନ ଥିଲେ। ଏପରି କି ବିଜେଡି ଟିକେଟ ପାଇଁ ସେ ମଧ୍ୟ ଲବିରେ ଥିବା କୁହାଯାଉଥିଲା। କିନ୍ତୁ ବିଜେଡି ତାଙ୍କ ପୁଅ ରଣଜିତ ମାଣ୍ଡୋଠିଆଙ୍କୁ ପ୍ରାର୍ଥୀ କରିବା ପରେ ବାପା ଭୀମସେନ ଭାଜପାରୁ ପୁଣିଥରେ ଲଢ଼ିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଦଳ ମଧ୍ୟ ତାଙ୍କୁ ଗୁରୁତ୍ୱ ଦେଇ ୫ନଂ. ୱାର୍ଡର ଟିକେଟ ଧରାଇ ଦେଇଥିଲା। ନିଜ ପ୍ରାର୍ଥୀତ୍ୱ ସମ୍ପର୍କରେ ଭୀମସେନ କହିଛନ୍ତି, ୱାର୍ଡରେ ଅନେକ ସମସ୍ୟା ଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସମାଧାନ ଦିଗରେ ପଦକ୍ଷେପ ନିଆଯାଇ ନାହିଁ। ତେଣୁ ତାହା ଦୂର କରିବା ଉଦ୍ଦେଶ୍ୟରେ ଚଳିତ ନିର୍ବାଚନ ଲଢୁଥିବା ଭୀମସେନ ପ୍ରକାଶ କରିଛନ୍ତି। ଅପରପକ୍ଷରେ ବାପା ଭୀମସେନଙ୍କ ବିପକ୍ଷରେ ବିଜେଡିରୁ ପୁଅ ରଣଜିତ ମାଣ୍ଡୋଠିଆ ପ୍ରାର୍ଥୀପତ୍ର ଦାଖଲ କରିବା ପରେ ୱାର୍ଡ ରାଜନୀତି ସରଗରମ ହୋଇଯାଇଛି। ପରସ୍ପର ବିରୋଧରେ ହେଉଥିବା ଭୋଟ ଲଢ଼େଇରେ କିଏ ବାଜିମାତ କରିବେ ତାହା ଉପରେ ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ହୋଇଛି। ଏ ସମ୍ପର୍କରେ ରଣଜିତ କହିଛନ୍ତି, ନିଜ ଉପରେ ବିଶ୍ୱାସ ରହିଛି। ବାପାଙ୍କ ବିରୋଧରେ ଅପପ୍ରଚାର ନ କରି ନିର୍ବାଚନ ମଇଦାନରେ ତାଙ୍କୁ ପରାସ୍ତ କରିବାକୁ ଲକ୍ଷ୍ୟ ରଖିଛି। ତେବେ ଏହି ପ୍ରତିଦ୍ୱନ୍ଦ୍ୱିତାର ଫଳାଫଳ ଯାହା ହେଉନା କାହିଁକି ଏହି ପରିବାର ହାତରେ ଲଗାତର କ୍ଷମତା ରହିବା ଏକପ୍ରକାର ନିଶ୍ଚିତ। କାରଣ ୨୦୦୩ ପୌର ନିର୍ବାଚନରେ ୫ନଂ. ୱାର୍ଡରୁ ଭାଜପା ଟିକେଟରେ ବିଜୟୀ ହୋଇଥିଲେ ଭୀମସେନ। ସେହିପରି ପରବର୍ତ୍ତୀ ୨୦୦୮ ନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇ ୫ ବର୍ଷ କାଉନସିଲର କୋଟା ପୂରଣ କରିଥିଲେ ପୁଅ ରଣଜିତ ମାଣ୍ଡୋଠିଆ। ଏହାପରେ ଗତ ୨୦୧୩ ନିର୍ବାଚନରେ କଂଗ୍ରେସ ଟିକେଟରେ ବିଜୟୀ ହୋଇଥିଲେ ଭୀମସେନଙ୍କ ସ୍ତ୍ରୀ ରାମପତି ମାଣ୍ଡୋଠିଆ। ସେ ୨୦୧୮ ଯାଏ ପୌର ପରିଷଦର ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହାପରେ ଆଉ ନିର୍ବାଚନ ହୋଇ ନ ଥିବାବେଳେ ଚଳିତ ପୌର ନିର୍ବାଚନ ପୁଣିଥରେ ଏହି ପରିବାର ହାତରେ କ୍ଷମତା ଦେବାକୁ ଯାଉଥିବା ସହରରେ ଚର୍ଚ୍ଚାର ବିଷୟ ହୋଇଛି।


ଭୀମସେନ


ରଣଜିତ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୫,୦୫,୭୮,୭୪୯ | ୬୦,୩୮,୭୯୮ | ୩୮,୪୬,୬୨,୮୪୨ |
| ଭାରତ | ୪,୨୯,୭୫,୮୮୩ | ୫,୧୫,୩୮୬ | ୪,୨୪,୧୩,୫୬୬ |
| ଓଡ଼ିଶା | ୧୨,୮୬,୨୪୫ | ୯୧୦୨(+୫୩) | ୧୨,୭୬,୧୫୦ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

**ଚିହ୍ନ ନ ଆସୁଣୁ ପୌର ନିର୍ବାଚନ ପ୍ରଚାର ଆରମ୍ଭ।**




# ବାଲି ଖାଦାନରେ ଲାଗିବ ସିସିଟିଭି କ୍ୟାମେରା

ଯାଜପୁର ଅଫିସ,୯।୩



**ଏନ୍‌ଜିଟିର ଗୁରୁତ୍ୱପୂର୍ଣ୍ଣ ରାୟ**

- ■ପରିବହନ ଗାଡ଼ିରେ ଜିପିଏସ୍, ସାଟେଲାଇଟ ଫଟୋ ବ୍ୟବହାର ହେବ
- ■ପୁନଃଭରଣ ମାପିବା ପରେ ମାଇନିଂ ପ୍ଲାନ ପ୍ରସ୍ତୁତ କରାଯିବ

ସିମେଣ୍ଟ,କଂକ୍ରିଟ୍ ନିର୍ମାଣ କାର୍ଯ୍ୟରେ ବାଲିର ବ୍ୟବହାର ଗୁରୁତ୍ୱପୂର୍ଣ୍ଣ । ଏଣୁ ରାଜ୍ୟରେ ଚାଲିଥିବା ଏପରି ନିର୍ମାଣ କାର୍ଯ୍ୟ ଯୋଗୁ ବାଲିର ଚାହିଦା ଆକାଶଛୁଆଁ ହୋଇଛି । ଏଥି ସହିତ ବେଆଇନ ବାଲି ଉଠାଣ ଓ ଚୋରା କାରବାର ବଢ଼ିଛି। ଫଳରେ ବାଲି ଉତ୍ସଗୁଡ଼ିକ କ୍ଷତିଗ୍ରସ୍ତ ହେବାକୁ ବସିଛି । ବାଲି ଖାଦାନ ଏବଂ ବେଆଇନ ବାଲି ଉଠାଣ କେବଳ ରାଜ୍ୟର ରାଜସ୍ୱ କ୍ଷତି କରୁନାହିଁ ବରଂ ନଦୀର ପ୍ରାକୃତିକ ସମତଳ ପ୍ରକ୍ରିୟାକୁ ବ୍ୟାହତ କରୁଛି । ଏହିକ୍ରମରେ ବାଲିଘାଟ ପରିଚାଳନା ଉପରେ ଏନ୍‌ଜିଟି(ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ)ର ଜୁଡିସିଆଲ ମେମ୍ବର ଜଷ୍ଟିସ ବି. ଅମିତ ସ୍ଥାଲେକର ଏବଂ ଏକ୍ସପର୍ଟ ମେମ୍ବର ଶୈବାଳ ଦାସଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ୩ ତାରିଖରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଉକ୍ତ ରାୟରେ ବାଲିଘାଟରେ ସିସିଟିଭି କ୍ୟାମେରା ବ୍ୟବହାର, ବାଲି ପରିବହନ ଗାଡ଼ିରେ ଗ୍ଲୋବାଲ ପୋଜିଶନିଂ ସିଷ୍ଟମ(ଜିପିଏସ୍), ସୋଟୋଲାଇଟ୍ ଫଟୋ, ସହନଶୀଳ ବାଲି ଖନନ ମାର୍ଗଦର୍ଶିକା ୨୦୧୬ର ଆଇନକୁ ମାନିବା, ବାଲି ଖାଦାନରେ କେତେ ପରିମାଣର ବାଲି ପୁନଃଭରଣ ହେଉଛି ତାହାକୁ ମାପିବା ପରେ ମାଇନିଂ ପ୍ଲାନ ପ୍ରସ୍ତୁତ କରିବା ଆଦି ଉପରେ ଗୁରୁତ୍ୱାରୋପ କରିଛନ୍ତି। ମହାନଦୀରେ ବେଆଇନ ବାଲି ଉତ୍ତୋଳନ ଉପରେ କଟକ ଜିଲା ଚୌଦ୍ୱାର ଥାନା ସିମିଳିହାଣ୍ଡି ଗ୍ରାମର ନବକିଶୋର ପୃଷ୍ଟି ଓ ଶ୍ରୀକାନ୍ତ କୁମାର ପାକଲଙ୍କ ପକ୍ଷରୁ ଏନ୍‌ଜିଟିରେ ରୁଜୁ ମାମଲା(ନଂ.୨୬/୨୦୨୧/ଇଜେଡ)ଉପରେ ଏହି ଶୁଣାଣି ହୋଇଛି। ସୂଚନାଯୋଗ୍ୟ, ପୂର୍ବରୁ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏକାଧିକ ନିର୍ଦ୍ଦେଶ ଓ ଗାଇଡ୍ ଲାଇନ ଜାରି କରାଯାଇଥିଲେ ମଧ୍ୟ ବେଆଇନ ବାଲି କାରବାର ବନ୍ଦ ହେଉନାହିଁ। ତେଣୁ ରାଜସ୍ୱ ବିଭାଗ ପକ୍ଷରୁ ୨୦୧୮-୧୯ ଆର୍ଥିକ ବର୍ଷରେ ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣ ଓ ଦଖଲଚ୍ୟୁତି ପ୍ରତିରୋଧ(ପିଟିଏମ୍‌ଏମଇଏ) ନାମରେ ଏକ ଯୋଜନା କାର୍ଯ୍ୟକାରୀ ହୋଇଥିଲା । ରିଜୋଲେଶନ୍ ନମ୍ବର ୨୩୨୨୫/ଆର ଆଣ୍ଡ ଡିଏମ୍/୨୮।୬।୨୦୧୮ରେ ଲାଗୁ ହୋଇଥିବା ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ସେକ୍ସନ ଅର୍ଡର ନମ୍ବର ୨୫୫୪୮/୧୧।୭।୨୦୧୮ରେ ୫ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲା । ହେଲେ ଏହି ଯୋଜନା ଏଯାଏ କାର୍ଯ୍ୟକାରୀ ହୋଇ ନ ଥିବାରୁ ବିଭିନ୍ନ ନଦୀନାଳରୁ ବେଆଇନ ବାଲି ଉତ୍ତୋଳନ ଚାଲିଛି । ଏହିକ୍ରମରେ ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଶଙ୍କରପ୍ରସାଦ ପାଣି ଏନ୍‌ଜିଟିରେ ଉପରୋକ୍ତ ମାମଲା ଦାୟର କରିଥିଲେ। ଅଭିଯୋଗରେ ସେ ଦର୍ଶାଇଥିଲେ, କଟକ ଜିଲା ଚୌଦ୍ୱାର ତହସିଲ ଅନ୍ତର୍ଗତ ନୂଆପାଟଣା ମୌଜାର ମହାନଦୀରୁ ବେଆଇନ ବାଲି ଉତ୍ତୋଳନ ହେଉଛି। ଯନ୍ତ୍ରପାତି ଲଗାଇ ବାଲି ଉତ୍ତୋଳନ ଚାଲିଛି, ଯାହାକି ଆଇନକୁ ସମ୍ପୂର୍ଣ୍ଣ ଭାବେ ଉଲ୍ଲଂଘନ କରାଯାଉଛି। ଅନୁମତିପ୍ରାପ୍ତ ଲିଜ୍ ଅଞ୍ଚଳରେ କୌଣସି ପିଲର ଲଗାଯାଇ ନାହିଁ। ଧାର୍ଯ୍ୟ ଅନୁମତି ଠାରୁ ବହୁ ଗୁଣ ଅଧିକ ବାଲି ଚାଲାଣ କରାଯାଉଛି। ଦୈନିକ ବାଲି ରେଜିଷ୍ଟର ବ୍ୟବହାର ହେଉନାହିଁ। ୧୪ ଏକର ସ୍ଥଳେ ୪୦ ଏକରରୁ ଉର୍ଦ୍ଧ୍ୱ ଅଞ୍ଚଳରୁ ବାଲି ଖନନ କରାଯାଇଛି। ଏଭଳି ଏକାଧିକ ଅଭିଯୋଗ ଉପରେ ଏନ୍‌ଜିଟିରେ ମାମଲା ରୁଜୁ ହୋଇଥିଲା । ଏହି ମାମଲା ଉପରେ ବିଚାର କରି ଏନ୍‌ଜିଟି ତାଙ୍କ ରାୟରେ ଆହୁରି ଦର୍ଶାଇଛନ୍ତି, ଉକ୍ତ ବାଲି ଖାଦାନ ପାଇଁ କୌଣସି ପରିବେଶ ଅନୁମତି ନିଆଯାଇନାହିଁ। ତେଣୁ ପରିବେଶଗତ କ୍ଷତି ପାଇଁ ଲିଜ୍‌ଧାରୀଙ୍କୁ ୩୮,୨୮,୧୨୫ ଟଙ୍କା ଜରିମାନା ଦେବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷେ ସାଧାରଣ ଭାବେ ବାଲି ଖାଦାନ ମାଇନିଂ ପ୍ଲାନ ପ୍ରସ୍ତୁତ ହେବା ପୂର୍ବରୁ ଖାଦାନରେ ମହଜୁଦ ବାଲିର ୬୦% ଉତ୍ତୋଳନ ପାଇଁ ଅନୁମତି ଦେବା ଉଚିତ। କାରଣ ଉତ୍ତୋଳନ ହୋଇଥିବା ସମପରିମାଣ ବାଲି ପରବର୍ତ୍ତୀ ସମୟରେ ପୁଣି ଭରଣା ହେବା ନିଶ୍ଚିତ ନୁହେଁ। ଏହି ଆଇନକୁ କାର୍ଯ୍ୟକାରୀ କରା ନ ଗଲେ ସମ୍ପୃକ୍ତ ଅଞ୍ଚଳବାସୀ ଜୀବନଚର୍ଯ୍ୟା ଉପରେ ଗଭୀର ପ୍ରଭାବ ପଡ଼ିବା ଆଶଙ୍କା ରହିଛି ବୋଲି ଏନ୍‌ଜିଟି କହିଛି ।

# କୋର୍ଟରେ ହାଜର ହେଲେ ଗୋବିନ୍ଦ, ରାଧେଶ୍ୟାମ

ବଲାଙ୍ଗୀର ଅଫିସ, ୯।୩

**ମମିତା ମେହେର ହତ୍ୟା ମାମଲା**


ଗୋବିନ୍ଦ ସାହୁ


ରାଧେଶ୍ୟାମ ଚଣ୍ଡୀ

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ନ୍ୟାୟିକ ପ୍ରକ୍ରିୟା ଆରମ୍ଭ ହୋଇଛି। ମାମଲାର ମୁଖ୍ୟ ଅଭିଯୁକ୍ତ ମହାଲିଙ୍ଗ ଘରୋଇ ସ୍କୁଲ ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁ ଓ ସହଯୋଗୀ ରାଧେଶ୍ୟାମ ଚଣ୍ଡୀଙ୍କୁ ବୁଧବାର କଣ୍ଟାବାଞ୍ଜି ଅତିରିକ୍ତ ଦୌରାଜଜ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। କିଛିଦିନ ତଳେ ବଙ୍ଗୋମୁଣ୍ଡା ଜେଏମ୍‌ଏଫ୍‌ସି କୋର୍ଟରୁ ମମିତା ମେହେର ହତ୍ୟା ମାମଲାକୁ କଣ୍ଟାବାଞ୍ଜି ଅତିରିକ୍ତ ଦୌରାଜଜ୍‌ଙ୍କ କୋର୍ଟକୁ ପ୍ରେରଣ (କମିଟ୍) କରାଯାଇଥିଲା। ଏହି ମାମଲା କମିଟ୍ ହେବା ପରେ ବୁଧବାର ପ୍ରଥମ ଥର ସକାଶେ ଗୋବିନ୍ଦ ଓ ରାଧେଶ୍ୟାମଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଆଗକୁ କୋର୍ଟରେ ଦୁଇ ଅଭିଯୁକ୍ତଙ୍କ ଚାର୍ଜଫ୍ରେମ୍ କରାଯିବ। ଏହାପରେ ମମିତା ମେହେର ହତ୍ୟା ମାମଲାର ଶୁଣାଣି ଆରମ୍ଭ ହେବ ବୋଲି ଜଣାପଡ଼ିଛି।

କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ୨୦୨୧ ଅକ୍ଟୋବର ୮ରୁ ଘରୁ ନିଖୋଜ ହୋଇଥିଲେ। ସିନ୍ଧେକେଲା ଥାନାରେ ଅଭିଯୋଗ ପରେ ସ୍କୁଲ ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁ ତାଙ୍କୁ ନିଜ କାର ଭିତରେ ତଣ୍ଟିଚିପି ହତ୍ୟା କରିବା ପରେ ମହାଲିଙ୍ଗସ୍ଥିତ ନିର୍ମାଣାଧୀନ ଷ୍ଟାଡିୟମରେ ଗାତ ଖୋଳି ପୋଡ଼ି ଦେଇଥିବା ଜଣାପଡ଼ିଥିଲା। ଅଭିଯୁକ୍ତ ଗୋବିନ୍ଦଙ୍କୁ ଟିଟିଲାଗଡ଼ ପୋଲିସ ବାରାକ୍‌ରେ ରଖିଥିବାବେଳେ ଅକ୍ଟୋବର ୧୭ରେ ଫେରାର ହୋଇଯାଇଥିଲେ। ୧୯ ତାରିଖରେ ପୋଲିସ ତାଙ୍କୁ ଗିରଫ କରିଥିଲା। ପରେ ରାଧେଶ୍ୟାମଙ୍କୁ ପୋଲିସ ଗିରଫ କରିଥିଲା।

## ଅବକାରୀ ଟିକସରେ ୪୫% ଅଭିବୃଦ୍ଧି

ଭୁବନେଶ୍ୱର,୯।୩(ବ୍ୟୁରୋ): ରାଜ୍ୟରେ ଅବକାରୀ ଟିକସରେ ୪୫ ପ୍ରତିଶତ ଅଭିବୃଦ୍ଧି ହୋଇଛି। ୨୦୨୧ ଫେବୃୟାରୀ ଶେଷ ସୁଦ୍ଧା ୩୨୫୫ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ବେଳେ ୨୦୨୨ ଫେବୃୟାରୀ ଶେଷ ସୁଦ୍ଧା ୪୭୪୨ କୋଟି ଟଙ୍କା ଆଦାୟ କରାଯାଇଛି। ସେହିପରି ୨୦୨୧ ଫେବୃୟାରୀ ଶେଷ ସୁଦ୍ଧା ୧୦୮୩ କୋଟି ଟଙ୍କା ମଦ ଉପରେ ମୂଲ୍ୟ ଯୁକ୍ତ ଟିକସ(ଭାଟ୍) ଆଦାୟ ହୋଇଥିବା ବେଳେ ୨୦୨୨ ଫେବୃୟାରୀ ଶେଷ ସୁଦ୍ଧା ୧୬୬୪ କୋଟି ଟଙ୍କା ଭାଟ୍ ଆଦାୟ ହୋଇଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଟିକସ ୫୩ ପ୍ରତିଶତ ବୃଦ୍ଧି ପାଇଛି ବୋଲି ଅବକାରୀ ବିଭାଗ ପ୍ରମୁଖ ସଚିବ ସୁଶୀଲ କୁମାର ଲୋହାନୀ କହିଛନ୍ତି।




# ସ୍ଥିରତା ଉପରେ ବିଶ୍ୱାସ


ଆଦିତ୍ୟ ଦାଶ,
ମ୍ୟାନେଜିଂ ଡାଇରେକ୍ଟର, ରାମ୍ସ

**ସି ଫୁଡ୍ ରପ୍ତାନି କ୍ଷେତ୍ରରେ ଓଡ଼ିଶାର ଏକ ପ୍ରତିଷ୍ଠିତ ନାମ ରାମ୍ସ। ସୂର୍ଯ୍ୟ ଗ୍ରୁପ୍ ଅଫ୍ କମ୍ପାନିଜ୍‌ର ଏହି ୟୁନିଟ୍ ଦୀର୍ଘ ୪୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସାମୁଦ୍ରିକ ଖାଦ୍ୟ ଶିଳ୍ପ ସହ ଜଡ଼ିତ। ରାମ୍ସ ପକ୍ଷରୁ ବନ୍ନାମେୟୀ ଚିଙ୍ଗୁଡ଼ି ପ୍ରଜାତିର ଫିନିସ୍ ପ୍ରଡ଼କ୍ଟ ଭାଲ୍ୟୁ ଚେନ୍ ପାଇଁ ଏକ ଉତ୍ତମ ମାଛ ଯାଆଁଳା ତିଆରି ସ୍ଥାନ ରହିଛି। ଅନ୍ୟ ପ୍ରଜାତିଗୁଡ଼ିକ ପାଇଁ ମଧ ସମାନ ଶୃଙ୍ଖଳ ପ୍ରସ୍ତୁତ କରିବାକୁ ଚାହାନ୍ତି ରାମ୍ସ ପରିଚାଳନା ନିର୍ଦ୍ଦେଶକ ଆଦିତ୍ୟ ଦାଶ। ଆକ୍ୱାକଲ୍ଚର ପ୍ରତି ତାଙ୍କର ଅନେକ ଆଗ୍ରହ ରହିଛି। ସେ ଧରିତ୍ରୀକୁ ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାର ଦେଇ ସି' ଫୁଡ୍‌ର ବଜାର ସ୍ଥିତି ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ଆଲୋଚନା କରିଛନ୍ତି।**

**➲କୋଭିଡ୍ ମହାମାରୀ ସମୟରେ ସି' ଫୁଡ୍ ଇଣ୍ଡଷ୍ଟ୍ରି କେଉଁ ପ୍ରକାର ଆହ୍ୱାନକୁ ସାମ୍ନା କରିଥିଲା?**

ମହାମାରୀ ଆରମ୍ଭରେ ଅନେକ ଅନିଶ୍ଚିତତା ଦେଖାଦେଇଥିଲା। ଚାଷୀମାନେ ଆତଙ୍କିତ ହୋଇ ସି'ଫୁଡ୍ ଅମଳ କରିଦେଇଥିବାରୁ କିଛିମାତ୍ରାରେ କ୍ଷତି ଘଟିଥିଲା। ସାଧାରଣତଃ ହୋରେକା ସେକ୍ଟର ଦ୍ୱାରା ଅଧିକ ଚିଙ୍ଗୁଡ଼ି ଉପଯୋଗ ହୋଇଥାଏ ଏବଂ ଏହା ଚିଙ୍ଗୁଡ଼ି ଚାହିଦାକୁ ବହୁ ମାତ୍ରାରେ ପ୍ରଭାବିତ କରିଥାଏ। ତେବେ ଖୁଚୁରା କ୍ଷେତ୍ରରେ ଚାହିଦାରେ ବୃଦ୍ଧି ଘଟିଥିଲା ଏବଂ ଏହା ନିଶ୍ଚିତ ଭାବରେ ଲମ୍ବା ଅବଧି ଉପଯୋଗ ପାଇଁ ଲାଭଦାୟକ। ଯେ ପର୍ଯ୍ୟନ୍ତ ରେଷ୍ଟୁରାଣ୍ଟ ଏବଂ ହୋରେକା କ୍ଷେତ୍ରରେ ସୁଧାର ଆସିନାହିଁ, ସେ ପର୍ଯ୍ୟନ୍ତ ଖୁଚୁରା ବଜାରରେ ବିକ୍ରି କରୁ ନ ଥିବା ଛୋଟ ଏବଂ ମଧ୍ୟମ ରପ୍ତାନିକାରୀଙ୍କୁ ଅସୁବିଧାର ସାମ୍ନା କରିବାକୁ ପଡ଼ିବ।

**➲କାହାର ଚାହିଦା ଅଧିକ ରହିଛି; ମାଛ ନା ଚିଙ୍ଗୁଡ଼ି?**

ଜଳୀୟ କୃଷିରେ ଅଧିକ ମାଛ ଚାଷ ହିଁ ହୋଇଥାଏ କିନ୍ତୁ ଚିଙ୍ଗୁଡ଼ିର ବଜାର ମୂଲ୍ୟ ଅଧିକ ରହିଥାଏ। ଓଡ଼ିଶାରେ ସାମୁଦ୍ରିକ ଚିଙ୍ଗୁଡ଼ିର ଚାହିଦା ଅଧିକ ରହିଛି। ଆମେ ସି'ଫୁଡ୍ ଇଣ୍ଡଷ୍ଟ୍ରିର ଘଟଣାକ୍ରମ ଅଭିବୃଦ୍ଧି ଦେଖିଛୁ। ୨୦୦୬ରେ ଏହି କ୍ଷେତ୍ରରେ ଓଡ଼ିଶାର ସର୍ବମୋଟ ଆମଦାନୀ ୫୦୦ କୋଟି ଟଙ୍କା ରହିଥିଲା, କିନ୍ତୁ ବର୍ତ୍ତମାନ ଆମେ ୫୦୦୦ କୋଟି ଟଙ୍କା ବ୍ୟବସାୟ ଲକ୍ଷ୍ୟ ଧାର୍ଯ୍ୟ କରୁଛୁ। ଚାଷରେ ବୃଦ୍ଧି ଘଟିଥିଲେ ବି ୱାଇଲ୍ଡ କଟ୍ ଉତ୍ପାଦର ବିକ୍ରି କମିଛି। ସରକାର ଏଭଳି ସ୍ଥିତି ଉପରେ ଧ୍ୟାନ ଦେବା ଆବଶ୍ୟକ।

**➲ଆପଣଙ୍କ କମ୍ପାନୀର ଭବିଷ୍ୟତ ଯୋଜନା କ'ଣ ରହିଛି?**

ମୋ କମ୍ପାନୀର ରଣନୀତି ହେଉଛି 'ସ୍ଥିରତା'। କାରଣ ଆମେ ଏହା ଉପରେ ହିଁ ବିଶ୍ୱାସ କରୁ ଏବଂ ଗ୍ରାହକ ଆମଠାରୁ 'ସ୍ଥିରତା' ହିଁ ଆଶା କରନ୍ତି।

**➲ରାଜ୍ୟ ସରକାରଙ୍କୁ କିଛି ପ୍ରସ୍ତାବ ଦେବେ କି?**

ଚିଙ୍ଗୁଡ଼ି ଚାଷ ସମ୍ବନ୍ଧରେ କହିବାକୁ ଗଲେ ଏହା ୧୯୯୫ ମସିହାରୁ ହ୍ୱାଇଟ୍ ସ୍ପଟ୍ ଭାଇରସ୍ ଭଳି ମହାମାରୀରେ ପୀଡ଼ିତ। ଏହାଛଡ଼ା ୧୪ଟି ରୋଗ ରହିଛି, ଯାହା ଚିଙ୍ଗୁଡ଼ି ଚାଷକୁ ପ୍ରଭାବିତ କରିଥାଏ। କ୍ଷୁଦ୍ର ଚାଷୀଙ୍କ ଉପରେ ୯୦% ଅତ୍ୟଧିକ ଖର୍ଚ୍ଚ ଭାର ରହିଛି। ତେଣୁ ସରକାର ରୋଗ ନିରାକରଣ ଲାବ୍ ନିର୍ମାଣ ଦିଗରେ ବିନିଯୋଗ କରିବା ଆବଶ୍ୟକ ଏବଂ ଓଡ଼ିଶାର କୃଷକମାନେ ଯେପରି ଉତ୍ତମ ପ୍ରାଣୀ ଚିକିତ୍ସା ସେବା ପାଇପାରିବେ ସେ ଦିଗରେ ସୁନିଶ୍ଚିତ କରିବା ଆବଶ୍ୟକ। ଏହି ଚାଷରେ ବର୍ତ୍ତମାନ ହେଉଥିବା କ୍ଷତି ପାଇଁ ବିଭିନ୍ନ ପ୍ରକାର ରୋଗ ଦାୟୀ। ତେଣୁ ସରକାର ହିତାଧିକାରୀଙ୍କ ସହିତ ଯୋଗାଯୋଗ କରି ଏ ସମସ୍ତ ସମସ୍ୟାର ସମାଧାନ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶାବାଦୀ। ଏହାଛଡ଼ା ପ୍ରାୟ ସମସ୍ତ ସି'ଫୁଡ୍ ଫାର୍ମ ଉପକୂଳବର୍ତ୍ତୀ ଏବଂ ଦୁର୍ଗମ ଅଞ୍ଚଳରେ ରହିଥିବାରୁ ଉକ୍ତ ଅଞ୍ଚଳର ଇଲେକ୍ଟ୍ରିସିଟି ଭିତ୍ତିଭୂମିରେ ଉନ୍ନତି ଆଣିବା ଆବଶ୍ୟକ। ବିଦ୍ୟୁତ୍ ସଂଯୋଗ ସୁବିଧାର ଅଭାବ ହିଁ ଆଜି ଆନ୍ଧ୍ର ଚାଷୀଙ୍କଠାରୁ ଓଡ଼ିଶା ଚାଷୀଙ୍କୁ ପଛରେ ପକାଇଦେଇଛି। ତେଣୁ ସରକାର ଏଥିପ୍ରତି ଧ୍ୟାନଦେବା ଆବଶ୍ୟକ। ଆକ୍ୱାକଲ୍ଚରକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ସରକାର ଆକ୍ୱାକଲ୍ଚର ଉପରେ ନିୟନ୍ତ୍ରଣ ରଖିବା ଆବଶ୍ୟକ।






**ଆଜିର ମନ୍ତବ୍ୟ**

ଦ୍ୱିପାକ୍ଷିକ ସମ୍ପର୍କ ପାଇଁ ସୀମାରେ ଶାନ୍ତି ବଜାୟ ରଖିବା ଜରୁରୀ ବୋଲି ଚାଇନାକୁ ଭାରତ ସ୍ପଷ୍ଟ ଶୁଣାଇଛି।
**-ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା, ବହିର୍ବ୍ୟାପାର ସଚିବ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ତନ୍ମୟ ତଥାଗତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅନ୍ତେ ତିକ୍ତ,ଦନ୍ତେ ଲୁଣ**
**ପେଟ ପୂରିବ ତିନିକୋଣ;**
**ମଥାରେ ପଗଡ଼ି, ପାଦରେ ତେଲ,**
**ବଇଦ ସଙ୍ଗରେ କରଇ ଗେଲ ।**

ପେଟ ପାଇଁ ପିତା ଓ ଦାନ୍ତ ପାଇଁ ଲୁଣ ଯେମିତି ଉପକାରୀ ସେମିତି ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଅଳ୍ପ ଭୋଜନ ଗ୍ରହଣୀୟ ହୋଇଥାଏ। ସେହିପରି ଖରାରୁ ରକ୍ଷା ପାଇବା ପାଇଁ ମୁଣ୍ଡରେ ଟୋପି ବା ପଗଡ଼ି ପିନ୍ଧାଯିବା ଭଳି ନୀରୋଗ ସ୍ୱାସ୍ଥ୍ୟ ପାଇଁ ପାଦରେ ନିୟମିତ ତେଲ ଲଗାଇବା ଉଚିତ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଅଖାଇ ମଙ୍ଗଳା ଚଣ୍ଡୀ;**
**ଭାତ ଖାଉନାହିଁ, ପେଯ ଖାଉନାହିଁ,**
**କେମିତି ବହିଛି ଗଣ୍ଡି ।**

ସାଧାରଣତଃ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟର ଆବଶ୍ୟକତା ରହିଥାଏ। ଖିଆପିଆ ଠିକ୍ ଭାବେ ନ କଲେ ଶରୀର କ୍ରମଶଃ ରୁଗ୍ଣ ହୋଇଯାଇଥାଏ। ଏପରିସ୍ଥଳେ ଖାଦ୍ୟ ଗ୍ରହଣ କରୁ ନ ଥିବା ବ୍ୟକ୍ତିର ଶରୀର ସୁସ୍ଥ ରହିଥିବାର ଦେଖିଲେ ଅନେକଙ୍କ ମନରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ ହୋଇଥିବା ସ୍ଥଳେ ଲୁଚେଇ ଚୋରେଇ ଖାଦ୍ୟ ଖାଉଥିବା ମହିଳାଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**

# ଶିକ୍ଷାନୁଷ୍ଠାନ ପାଇଁ ଗ୍ରୀଷ୍ମପ୍ରବାହ ଗାଇଡ୍‌ଲାଇନ ଜାରି

ଭୁବନେଶ୍ୱର, ୯ ।୩(ବ୍ୟୁରୋ) – ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଅଧିକାଂଶ ସହରରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହୁଛି। ତାପମାତ୍ରା ବଢୁଥିବାରୁ ଏହାକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଶିକ୍ଷାନୁଷ୍ଠାନ ପାଇଁ ଗ୍ରୀଷ୍ମପ୍ରବାହ ଗାଇଡ୍‌ଲାଇନ ଜାରି କରିଛି ଓଡ଼ିଶା ସ୍କୁଲ୍ ଏଜୁକେଶନ ପ୍ରୋଗ୍ରାମ ଅଥରିଟି (ଓସେପା)। ବୁଧବାର ଏ ନେଇ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା ସମସ୍ତ ଜିଲା ଶିକ୍ଷାଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ ଓ ସମଗ୍ର ଶିକ୍ଷାଙ୍କୁ ଚିଠି ଲେଖି ଜଣାଇଛନ୍ତି। ସ୍କୁଲରେ ପର୍ଯ୍ୟାପ୍ତ ପାଣି ଓ ଓଆର୍‌ଏସ୍ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ରାଜପଥ କାମ, ବିଜୁ ଏକ୍ସପ୍ରେସ୍‌ୱେ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣରେ ବିଳମ୍ବ କରନି

ଭୁବନେଶ୍ୱର, ୯।୩(ବ୍ୟୁରୋ): ଜାତୀୟ ଓ ରାଜ୍ୟ ରାଜପଥ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ଏକ ଆଭାସୀ ସମୀକ୍ଷା ବୈଠକ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜସ୍ୱ, ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ, ଜମି ଅଧିଗ୍ରହଣ, ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ, ଜୋନ୍ ଅଧିକାରୀ, ଜାତୀୟ ରାଜପଥ ପ୍ରାଧିକରଣର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଛନ୍ତି। ସେହିପରି ଜାତୀୟ ରାଜପଥ, ରାଜ୍ୟ ରାଜପଥ ଓ ବିଜୁ ଏକ୍ସପ୍ରେସ୍‌ୱେ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣରେ କୌଣସି ବିଳମ୍ବ ନ କରିବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜାତୀୟ ରାଜପଥ ପ୍ରାଧିକରଣର ବରିଷ୍ଠ ଅଧିକାରୀମାନେ ବିଗତ ସମୀକ୍ଷା ବୈଠକ ପରଠାରୁ ଜାତୀୟ ରାଜପଥ ନିମନ୍ତେ ଜମି ଅଧିଗ୍ରହଣରେ ଉନ୍ନତି ପରିଲକ୍ଷିତ ହୋଇଥିବା ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଗତ ମାସକ ମଧ୍ୟରେ ଜମି ଅଧିଗ୍ରହଣ କାର୍ଯ୍ୟରେ ବିଭିନ୍ନ ହିତାଧିକାରୀଙ୍କୁ ଜମି ଅଧିଗ୍ରହଣ ନିୟମ ଅନୁଯାୟୀ ୧୨୦ କୋଟି ଟଙ୍କା ପ୍ରାପ୍ୟ ବଣ୍ଟନ କରାଯାଇଛି। ଜାତୀୟ ରାଜପଥ ୨୩ରେ ରାଉରକେଲାରୁ ରାଜାମୁଣ୍ଡା ମଧ୍ୟରେ ଗୁରୁଣ୍ଡିଆ ତହସିଲର କୁମକେଲା ଗ୍ରାମରେ ୧୦୦ ମିଟର ଏବଂ ରାଜାମୁଣ୍ଡାରେ ୩୦୦ ମିଟର ଜାତୀୟ ରାଜପଥରେ ପୂର୍ବରୁ ସ୍ଥଗିତ ଥିବା ଜମି ଅଧିଗ୍ରହଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଜାତୀୟ ରାଜପଥ ପ୍ରାଧିକରଣକୁ ହସ୍ତାନ୍ତର କରାଯାଇଛି। ସେହିପରି ବିଶାଖାପାଟଣା ଓ ରାୟପୁର ଅର୍ଥନୈତିକ କରିଡର ଅନ୍ତର୍ଗତ ଜାତୀୟ ରାଜପଥ ୧୩୦ ସିଡିରେ ନବରଙ୍ଗପୁର ଜିଲାରେ ଶତକଡ଼ା ୯୦ ଭାଗ ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟ ଆରମ୍ଭ ହୋଇଛି। କୋରାପୁଟ ଜିଲା ମଧ୍ୟରେ ଜାତୀୟ ରାଜପଥ ୧୩୦ ସିଡିରେ କାଳିଆଗୁରାରୁ ବାଉଁଶଗୁରା ମଧ୍ୟରେ ୪୪କି.ମି. ରାସ୍ତାରେ ୮୦ ହେକ୍ଟରରୁ ୫୫ ହେକ୍ଟର ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ହୋଇଛି। ଜାତୀୟ ରାଜପଥ ୪୯ରେ ଯଶିପୁର ବାଇପାସ୍‌ରେ ମଧ୍ୟସ୍ଥ ଟ୍ରିବ୍ୟୁନାଲରେ ଥିବା ସମସ୍ତ ମାମଲାର ଶୁଣାଣି ଆରମ୍ଭ ହୋଇଛି। ସେହିପରି ଗତ ଦେଢ଼ ମାସ ମଧ୍ୟରେ ୧୦୯ ଗ୍ରାମରେ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରାପ୍ୟ ବଣ୍ଟନ କରାଯାଇ ଦାଖଲ ଖାରଜ ମାମଲା ସମ୍ପୂର୍ଣ୍ଣ ହୋଇ ଜାତୀୟ ରାଜପଥ ପ୍ରାଧିକରଣକୁ ଜମି ହସ୍ତାନ୍ତର କରାଯାଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜାତୀୟ ରାଜପଥ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଲଘୁ ଖଣିଜ ସମ୍ପଦ ଆଇନ ଅନୁଯାୟୀ ଧାର୍ଯ୍ୟ ରୟାଲଟି ଦେଇ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଲେ। ସେହିପରି ସମସ୍ତ ଲଘୁ ଖଣିଜ ସମ୍ପଦ ପ୍ରାଧିକୃତ ଲଘୁ ଖଣିଜ ଉତ୍ସରୁ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କଟକ ଓ ଅନୁଗୋଳ ମଧ୍ୟରେ ତୁରନ୍ତ ଜାତୀୟ ରାଜପଥ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଜାତୀୟ ରାଜପଥ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

**ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସମୀକ୍ଷା ବୈଠକ**

# 'ସିବିଏସ୍‌ଇ ସ୍କୁଲରେ ଏନ୍‌ସିଇଆର୍‌ଟି ବହି ବାଧ୍ୟତାମୂଳକ କରାଯାଉ'

ଭୁବନେଶ୍ୱର, ୯।୩(ବ୍ୟୁରୋ)

ସମସ୍ତ ସିବିଏସ୍‌ଇ ସ୍କୁଲ୍‌ରେ ଏନ୍‌ସିଇଆର୍‌ଟି ବହି ପ୍ରଚଳନ ପାଇଁ ଦାବି କରିଛି ଅଭିଭାବକ ମହାସଂଘ। ଏନେଇ ଗତ ୨୮ତାରିଖରେ ମହାସଂଘ ପକ୍ଷରୁ ସିବିଏସ୍‌ଇର ଭୁବନେଶ୍ୱର ଆଞ୍ଚଳିକ ଅଧିକାରୀଙ୍କୁ ଚିଠି ଲେଖାଯାଇଛି। ୧୫ଦିନ ଭିତରେ ଦାବି କାର୍ଯ୍ୟକାରୀ ନ କଲେ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଏଥିସହ ଗତ ୭ ତାରିଖରେ ମହାସଂଘର ସହ-ଅଧ୍ୟକ୍ଷ ପ୍ରସନ୍ନ ବିଶୋଇ ଓ ସାଧାରଣ ସମ୍ପାଦକ ସୂର୍ଯ୍ୟ ନାରାୟଣ ଜେନା ସିବିଏସ୍‌ଇର ଆଞ୍ଚଳିକ ଅଧିକାରୀ କେ. ଶ୍ରୀନିବାସନଙ୍କୁ ଭେଟି ଆଲୋଚନା କରିଥିଲେ। ଏଥିସହ ବୁଧବାର ସେ ନୂଆଦିଲ୍ଲୀସ୍ଥିତ ସିବିଏସ୍‌ଇ ମୁଖ୍ୟାଳୟର ସଚିବଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଜାରି କରିବାକୁ କହିଛନ୍ତି। ତାଙ୍କ କହିବା କଥା, ଦେଶର ସମସ୍ତ ଇଂଲିଶ ମିଡିୟମ ସ୍କୁଲରେ ଏନ୍‌ସିଇଆର୍‌ଟି ଓ ରାଜ୍ୟରେ ବିଭିନ୍ନ ଭାଷାରେ ଏସ୍‌ସିଇଆର୍‌ଟି ଦ୍ୱାରା ପ୍ରଚଳିତ ପୁସ୍ତକ ପଢ଼ାଇବା ପାଇଁ ପୂର୍ବରୁ ମାନବ ସମ୍ବଳ ବା ବର୍ତ୍ତମାନ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ହେଲେ ଘରୋଇ ସ୍କୁଲଗୁଡ଼ିକ ଏହି ନିର୍ଦ୍ଦେଶ ମାନୁ ନାହାନ୍ତି। ବହୁ ଘରୋଇ ପ୍ରକାଶନର ପୁସ୍ତକ ସ୍କୁଲ ଭିତରେ ବେଆଇନ ଭାବେ ବିକ୍ରି କରାଯାଉଛି। ଏହି ବହିଗୁଡ଼ିକ ଏନ୍‌ସିଇଆର୍‌ଟି ବହିର ମୂଲ୍ୟଠାରୁ ପ୍ରାୟ ୧୫ ଗୁଣ ଅଧିକ ରହୁଛି। ଅଭିଭାବକମାନେ ସ୍କୁଲର ଚାପରେ ଏସବୁ ବହି, ଖାତା ଓ ଅନ୍ୟାନ୍ୟ ପଠନ ସାମଗ୍ରୀ କିଣି ଶୋଷଣର ଶିକାର ହେଉଛନ୍ତି। ତା'ଛଡ଼ା ପିଲାମାନେ ମଧ୍ୟ ଅଯଥା ବସ୍ତାନି ବୋଝର ଶିକାର ହେଉଛନ୍ତି। ସିବିଏସ୍‌ଇ ପୂର୍ବରୁ ସମସ୍ତ ସ୍କୁଲରେ ଏନ୍‌ସିଇଆର୍‌ଟି ବହି ପ୍ରଚଳନ ପାଇଁ ନିର୍ଦ୍ଦେଶ ଦେଇସାରିଛି। ଶିକ୍ଷା ଅଧିକାର ଆଇନ ଧାରା ୨୯ର ଅଷ୍ଟମ ଅନୁଚ୍ଛେଦ ଅନୁଯାୟୀ, ସବୁ ସ୍କୁଲରେ ଏନ୍‌ସିଇଆର୍‌ଟି ବହି ଲାଗୁ ପାଇଁ ମଧ୍ୟ ନିୟମ ରହିଛି। ଘରୋଇ ସ୍କୁଲ କର୍ତ୍ତୃପକ୍ଷଙ୍କ ଏଭଳି ଶୋଷଣ ବିରୋଧରେ ଓଡ଼ିଶା ଅଭିଭାବକ ମହାସଂଘ ପୂର୍ବରୁ ବହୁବାର ଆନ୍ଦୋଳନ, ଧର୍ମଘଟ, ନ୍ୟାୟାଳୟ ତଥା ମାନବାଧିକାର ଆୟୋଗଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିବା ସେ କହିଛନ୍ତି।

**ଆଞ୍ଚଳିକ କାର୍ଯ୍ୟାଳୟ ଘେରାଉ ଚେତାବନୀ ଦେଲା ଅଭିଭାବକ ମହାସଂଘ**


# classifieds Everyday
0674-2580101, 2549302

real estate

## SALE

Plot for sale at Chhatabar per sqft. @99/-. 7381268181, 9583295832. D-23294

Sum Hospital ଘଙ୍ଘାପାଟନାରେ ସ୍ଥିତିବାନ ପ୍ଲଟ୍ ୩୦ଫୁଟ୍ ରୋଡ୍, ଇଲେକ୍ଟ୍ରି ସହ ମିଳୁଛି। 7653997595. D-73208

Rangabazar, Satyabhamapur, 1750 sqft, electricity, borewell, Rs 1850per sqft. Contact 8658386267. D-23333

**Residential plot near AIIMS, Bhubaneswar, Sole Owner, 2000 sqft. 18 Lakhs. Contact- 8917645241.** D-23305

Gharabari land 1707sqft. near AIIMS Hospital, Police Academy back side Bhubaneswar @2500/- per sqft. for sale. Contact: 9438376959. D-71478

**Bhubaneswar Vingarpur Oxford College ଛକ ନିକଟରେ ୬୦ ଫୁଟ ରାସ୍ତାକୁ ଲାଗି ସଙ୍ଗେସଙ୍ଗେ ଘର କଲାଭଳି ଘରବାଡ଼ି plot ବିକ୍ରିହେବ। 6370025920, 9937674302.** D-71793

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.-300/- ଏବଂ ତ୍ରିନାଥବଜାର ନିକଟରେ sqft.-240/- (outright). 9776974912. D-23286

**ଭୁବନେଶ୍ୱର ବାରଙ୍ଗ ଥାନାରୁ 1Km. ଦୂରରେ କୁଞ୍ଜବିହାରୀ କଲେଜ ପାଖରେ ୧୦୦ ଫୁଟ ପିଚୁରୋଡ୍‌କୁ ଲାଗି yellow zone plot sqft. 970/-. 6371801630, 9556907765.** D-73209

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର Biggest Commercial Hub "GrandBazar" ସମ୍ମୁଖରୁ ଅଳ୍ପଦୂରରେ ବାସୋପଯୋଗୀ ଘରବାରି ପ୍ଲଟ୍ ଶସ୍ତାରେ କିଣନ୍ତୁ। 8249310759. D-73204

ପିପିଲି ମେଡିକାଲଠାରୁ ପୁରୀ ଯିବା ରାସ୍ତାରେ **BSNL/ Fire Office** ନିକଟବର୍ତ୍ତୀ ଘରବାରି **boundary, road, electricpoll** ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। **9438122777, 9556622939.** D-71799

to-let

Shop room one 250sqft., one 500sqft. and one 750sqft. at Master Canteen, Bhubaneswar available for rent. 9437160289. D-70265

2250sqft. 4BHK with attached bath, modular kitchen, large hall on independent floor with all basic Amenities, Vaastu compliant and Four wheeler parking. Interested parties may contact- 9871300261. D-23339

healthcare

Ashirvaad Saloon and SPA get good massage for your health tha best therapy. 7077181074. D-71874

Herbal full body relax massage by trend lady therapist. 7008773793. D-71476

Newly opening SPA positively health benefits with expert therapist. 8917332216. D-71953

Refreshing your mind and body with the best therapy, 7873794731. D-23292

Newly open full body massage ladies and gents. 8327740003. D-71875

Newly open SPA positively health benefit with expert. Contact: 7749976301. D-71951

**Relax, Refresh your body, Mind at Saikrupa Spa with best therapies. 8984068077.** D-23343

Monalisa massage Club: All types Body massage with hiprofile smart lady rooms service available. 9708545108. D-23347

## LOST

I, Sri SUBASISH SARKHEL(59) 4734/A Nageswartangi, Ps Lingaraj, Bhubaneswar, do hereby inform that I lost our original Sale Deed executed in the year 1966-1967 as well as Settlement ROR & Patta mouza Goutam nagar khata no. 1400, plot no. 501 Original patta lost last week. If anyone finds the documents kindly contact 7682066289. D-23356

## AFFIDAVIT

By virtue of an affidavit before Notary, Bhubaneswar I have changed my name from Belabati Jena to Bela Rani Parida after marriage for all purposes. D-23361

Affidavit before Executive Magistrate, R. Udayagiri I Senapati Mandal, S/o- Late Bayadhar Mandal, Vill- Beherasahi, P.O.- Mangarajpur, P/s.- Ramagiri, Gajapati in my ROR Mouza Beherasahi, Khata No.- 42/39, Plot No.- 271/272 Kisam gharabari where my father's name recorded as Ghasi Mandal but his Voter ID & School Certificate recorded as Bayadhar Mandal. Henceforth my father known as Bayadhar Mandal for all purposes. D-23357

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ପ୍ରଥମ ପୃଷ୍ଠାରୁ...**

## ଛତ୍ରବଜାର ପୋଲ ...

ଘଟଣାସ୍ଥଳରେ ଜିଲାପାଳ ଚୟିନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ ଏବଂ ଡିସିପି ସିଂ ପହଞ୍ଚି ସୁରକ୍ଷିତ ଉଦ୍ଧାର କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇଥିଲେ। ଓଡ୍ରାଫ୍ ଟିମ୍ ଏବଂ ଅଗ୍ନିଶମ ବାହିନୀ ସ୍ଥାନୀୟ ଲୋକଙ୍କ ସହଯୋଗରେ ଜେସିବି ମାଧ୍ୟମରେ ଧସିଥିବା ମାଟି ଓ କଂକ୍ରିଟ ମଧ୍ୟରୁ ୩ଜଣଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣାରେ ରାସ୍ତା ପାର୍ଶ୍ୱରେ ବସି ପରିବା ବ୍ୟବସାୟ କରୁଥିବା କୌଣସି ବ୍ୟକ୍ତିଙ୍କ କ୍ଷତି ହୋଇନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ପୋଲ ମରାମତି ସମୟରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିବାରୁ ଏଭଳି ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧୀନରେ କାର୍ଯ୍ୟ ଚାଲୁଥିବାବେଳେ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ସେନେଇ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଘଟଣା ସମ୍ପର୍କରେ ସିଏମ୍‌ସି କମିଶନର ଦାସଙ୍କୁ ପଚାରିବାରେ ପୋଲ ତଳେ କାର୍ଯ୍ୟ ଚାଲିଥିବାବେଳେ ରାସ୍ତା ପାର୍ଶ୍ୱରେ ବସି ପରିବା ବିକିବାକୁ କାହାକୁ ଅନୁମତି ଦିଆଯାଇ ନ ଥିଲା। ସେଠାରେ ଶ୍ରମିକ ଭାବେ କାମ କରୁଥିବା କେତେଜଣ ଶ୍ରମିକ ମାଟି ତଳେ ଚାପି ହୋଇଯାଇଥିଲେ ବୋଲି ସିଏମ୍‌ସି କମିଶନର ଦାସ ସୂଚନା ଦେଇଛନ୍ତି।

## ନନ୍ଦନକାନନରେ ପଶିଲେ ...

ରାଜ୍ୟ ବାହାରୁ ଆସିଥିବା ପର୍ଯ୍ୟଟକମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ନନ୍ଦନକାନନକୁ ଚନ୍ଦକା ଜଙ୍ଗଲୀ ହାତୀ ପଶିବା ନୂଆକଥା ନୁହେଁ। ବହୁବାର ହାତୀ ସୁରକ୍ଷା ପାଚେରି ଭାଙ୍ଗି ନନ୍ଦନକାନନରେ ପଶିଛି। ଚଳିତ ବର୍ଷ ଦୁଇମାସ ଭିତରେ ୫ ଥର ହାତୀ ନନ୍ଦନକାନନରେ ପଶିଛି। ଏହି ସମୟରେ ବୋଟିଂ ପାଖ ପମ୍ପହାଉସ ଘର ପଛପଟେ ଲାଗିଥିବା କଦଳୀ ଗଛ ଓ ତାରଜାଲି ଭାଙ୍ଗିବା ସହ ଘାସଫାର୍ମରେ ବୁଲାବୁଲି କରି ବଜ୍ରକାପ୍ତା ପ୍ରଜନନ କେନ୍ଦ୍ର ତାରଜାଲି ଭାଙ୍ଗି ହାତୀଶାଳକୁ ମଧ୍ୟ ଯାଇଛି। ପ୍ରାୟତଃ ରାତିରେ ହାତୀ ପଶି ସକାଳବେଳକୁ ନିକଟସ୍ଥ ହମିରା ଟାଙ୍ଗିରେ ରହୁଥିବାବେଳେ ଏଥର କିନ୍ତୁ ହାତୀ ଦୁଇଟି ହମିରା ଟାଙ୍ଗିକୁ ନ ଯାଇ ଜିରାଫ ଏନକ୍ଲୋଜର ପାଖ ଜଙ୍ଗଲରେ ରହିଥିଲେ। ସେମାନଙ୍କୁ ଘଉଡାଯାଇଥିଲେ କାଳେ ପଶୁପକ୍ଷୀ ରହିଥିବା ଏନକ୍ଲୋଜର ଆଡକୁ ମୁହାଁଇବେ ସେଥିପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ଦିନରେ ହାତୀ ଘଉଡାଇବାରୁ ନିବୃତ୍ତ ରହିଥିଲେ। ତେବେ ନନ୍ଦନକାନନ କର୍ତ୍ତୃପକ୍ଷ ପ୍ରତିବର୍ଷ ସୁରକ୍ଷା ପ୍ରାଚୀର ମରାମତି ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ହାତୀ ଆସି ପାଚେରି ଭାଙ୍ଗିବା ଘଟଣା କାର୍ଯ୍ୟର ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ହାତୀ ନ ପଶିବା ପାଇଁ ସ୍ଥାୟୀ ପ୍ରତିକାର ନ କରିବାର କୁପରିଣାମ ଏବେ ନନ୍ଦନକାନନକୁ ଭୋଗିବାକୁ ପଡିଛି। ତେବେ ନନ୍ଦନକାନନର କର୍ମଚାରୀଙ୍କ ସହ ଚନ୍ଦକା ଓ ସିଟି ଫରେଷ୍ଟ କର୍ମଚାରୀମାନେ ସନ୍ଧ୍ୟାରୁ ହାତୀ ଘଉଡ଼ାଇବା କାର୍ଯ୍ୟରେ ଲାଗିଥିବାବେଳେ ରାତି ପ୍ରାୟ ସାଢ଼େ ୮ଟାରେ ହାତୀଦ୍ୱୟ ଜିରାଫ ଏନ୍‌କ୍ଲୋଜରୁ ବାହାରି ହମିରାଟାଙ୍ଗି ଜଙ୍ଗଲକୁ ଚାଲିଯାଇଥିବା ଏସିଏଫ୍ ଶରତଚନ୍ଦ୍ର ବେହେରା କହିଛନ୍ତି।

## ୩୨ ବର୍ଷ ପରେ ରାଜୀବ ...

ଅଦାଲତ ପେରାରିଭାଲାନଙ୍କ ସମେତ ସନ୍ଥମ୍ ଏବଂ ମୁରୁଗାନଙ୍କ ମୃତ୍ୟୁଦଣ୍ଡାଦେଶକୁ ଆଜୀବନ ଜେଲଦଣ୍ଡରେ କୋହଳ କରିଥିଲେ। ପେରାରିଭାଲାନଙ୍କ କ୍ଷମା ଆବେଦନ ଉପରେ ତାମିଲନାଡୁ ରାଜ୍ୟପାଳ ନିଷ୍ପତ୍ତି ନେବେ ବୋଲି ୨୦୨୦ ନଭେମ୍ବର ୨୦ରେ ସିବିଆଇ ସର୍ବୋଚ୍ଚ ଅଦାଲତଙ୍କୁ ସତ୍ୟପାଠ ଜରିଆରେ ଜଣାଇଥିଲେ। ପରେ ରାଜ୍ୟପାଳ କ୍ଷମା ଆବେଦନକୁ ରାଷ୍ଟ୍ରପତିଙ୍କ ବିଚାର ନିମନ୍ତେ ପଠାଇଦେଇଥିଲେ। ସେବେଠାରୁ କ୍ଷମା ଆବେଦନ ବିଚାରାଧୀନ ରହିଛି। କ୍ଷମା ଦେବାର କ୍ଷମତା ଉପରେ ନିଷ୍ପତ୍ତି ଏକ ଆଇନଗତ ପ୍ରସଙ୍ଗ ପାଲଟିଛି। ଏସବୁକୁ ଦୃଷ୍ଟିରେ ରଖି ପେରାରିଭାଲାନଙ୍କୁ ଜାମିନ ପ୍ରଦାନ କରାଗଲା ବୋଲି ଖଣ୍ଡପୀଠ କହିଛନ୍ତି।

## ୫ ରାଜ୍ୟରେ ଆଜି ...

ପାଇବା ଆଶା କରାଯାଉଛି। ଅରବିନ୍ଦ କେଜ୍‌ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିବ ବୋଲି ଅଧିକାଂଶ ଏକ୍‌ଜିଟ୍ ପୋଲ୍ ପୂର୍ବାନୁମାନ କରିଥିଲେ। ପଞ୍ଜାବର ୬ଟି ସ୍ଥାନରେ ଭୋଟ ଗଣନା କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଏସ.କରୁଣା ରାଜୁ କହିଛନ୍ତି। ରାଜ୍ୟରେ ୯୩ ମହିଳା ଓ ୨ କିନ୍ନରଙ୍କ ସମେତ ୧,୩୦୪ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଥିଲେ ଏବଂ ମୋଟ ୭୧.୯୫ ପ୍ରତିଶତ ମତଦାନ ହୋଇଥିଲା। ସେହିପରି ଗୋଆ, ମଣିପୁର ଓ ଉତ୍ତରାଖଣ୍ଡରେ ଗୁରୁବାର ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ତେବେ ଉକ୍ତ ୩ ରାଜ୍ୟରେ କୌଣସି ଦଳକୁ ସ୍ପଷ୍ଟ ବହୁମତ ମିଳିବ ନାହିଁ ବୋଲି ଏକ୍‌ଜିଟ୍ ପୋଲ୍‌ରେ ପୂର୍ବାନୁମାନ କରାଯାଇଥିଲା। ଗୋଆରେ ଶାସକ ଭାଜପା ପୁଣିଥରେ କ୍ଷମତାକୁ ଆସିବା ଲାଗି ଲକ୍ଷ୍ୟ ରଖିଥିବାବେଳେ କଂଗ୍ରେସ ୨୦୧୭ର ସ୍ଥିତିକୁ ଏଡ଼ାଇବା ଲାଗି ସ୍ପଷ୍ଟ ବହୁମତ ଚାହୁଁଛି। ୪୦ ଆସନ ବିଶିଷ୍ଟ ଗୋଆ ବିଧାନସଭା ଲାଗି ୩୦୨ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଥିଲେ।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ**
ବନ୍ଧୁ କିଛି ପଚାରିବା ପୂର୍ବରୁ କହିବା ଓଲଟା ଫଳ ପ୍ରଦାନ କରିବ। ଜମା ଭଲ ସମ୍ପର୍କ ନ ଥିବା ଲୋକଟି ସହ ଶତ୍ରୁତା ଲାଗି ରହିଥିବାରୁ ଅଧିକାଂଶ ସମୟ ମନ ଅସ୍ଥିର ରହିପାରେ। ହାତକୁ ନେଇଥିବା କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ। ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗି ରହିବ।

**ବୃଷ**
ପ୍ରତ୍ୟେକ କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। କର୍ମକ୍ଷେତ୍ରରେ ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଆନୁଷ୍ଠାନିକ କିମ୍ବା ଶୁଭ କାର୍ଯ୍ୟରେ ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଓ ଅକୁଣ୍ଠ ସମର୍ଥନ ଯୋଗୁ ଆଗେଇ ଯିବେ।

**ମିଥୁନ**
ପାରିବାରିକ ସମସ୍ୟା ସହ ଖର୍ଚ୍ଚ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। ପ୍ରଶାସନିକ ଆଲୋଚନାର ଶେଷ ସମୟରେ ନିଷ୍ପତ୍ତି ଓଲଟ ପାଲଟ ହୋଇଯିବା ଆଶଙ୍କା ରହିଛି। ଆଲୋଚନା ସମୟରେ ଆପଣଙ୍କ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ଗବେଷଣା, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**କର୍କଟ**
ଆପଣ ସମସ୍ୟାକୁ ସମାଧାନ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିବେ। ପୁନର୍ବସୁ ନକ୍ଷତ୍ର ଯେତେ ଭଲ କାମ କଲେ ମଧ୍ୟ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଘରର ବରାଦ ଅନୁଯାୟୀ ଗୃହୋପକରଣ ସାମଗ୍ରୀ କ୍ରୟ କରିବାକୁ ପଡ଼ିପାରେ।

**ସିଂହ**
ପରିବର୍ତ୍ତିତ ସମୟରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି କାମ ହାସଲ କରିବେ। ତଥାପି ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିପାରେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ।

**କନ୍ୟା**
ପରିବାରରେ ଜମିଜମାକୁ କେନ୍ଦ୍ରକରି ଭ୍ରାତୃ ସମ୍ପର୍କ କ୍ଷେତ୍ରରେ ସାମାନ୍ୟ ବ୍ୟତିକ୍ରମ ସୃଷ୍ଟି କରିବେ। ପିଲାମାନଙ୍କ କୃତି ଓ କୃତିତ୍ୱ ସକାଶେ ମାନସିକ ସ୍ତରରେ ଗର୍ବ ଅନୁଭବ କରିପାରନ୍ତି। ରାଜନୀତି କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହୋଇପାରେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବାରୁ ଧାର, କରଜ କରିପାରନ୍ତି।

**ତୁଳା**
ଆଲୋଚନା ସମୟରେ ଅପ୍ରିୟ ସତ୍ୟ କଥା କହିବା କାରଣରୁ ମିତ୍ରମାନେ ଈର୍ଷାପରାୟଣ ହୋଇପାରନ୍ତି। କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ପରିବାରରେ ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହୋଇପାରନ୍ତି। ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ବିଛା**
ଦୈହିକ ସୁସ୍ଥତା ଥିଲେ ମଧ୍ୟ କେତେକ ଅପୂରଣୀୟ କାମନା ମନକୁ ବିବ୍ରତ କରାଇବ। କର୍ମକ୍ଷେତ୍ରର ବିବାଦୀୟ ଘଟଣାରେ ଯେଉଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଗୃହସୀମା କିମ୍ବା ଘରଭଡାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ଧନୁ**
କର୍ମକ୍ଷେତ୍ରରେ ମଧ୍ୟ ବିଭିନ୍ନ ସମସ୍ୟା ଲାଗି ରହିଥିବାରୁ ମନ ଅଶାନ୍ତ ରହିବ। ଯାତ୍ରା ସମୟରେ ସତର୍କ ନ ହେଲେ ଠକାମିରେ ପଡିପାରନ୍ତି। ସାମାଜିକ ସ୍ତରରେ କେତେକ ନୂତନ କାମର ପରିକଳ୍ପନା କରି ପ୍ରଶଂସିତ ହେବେ। ପରିବାରର ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ।

**ମକର**
ଦୀର୍ଘ ଦିନରୁ ଲାଗି ରହିଥିବା ବିବାଦୀୟ ଘଟଣାରେ ବିଜୟୀ ହେବେ। କର୍ମକ୍ଷେତ୍ରରେ ମନକୁ ପାଇଲା ଭଳି କଥା କହି ପରିସ୍ଥିତିକୁ ହାଲୁକା କରିପାରନ୍ତି।ସହକର୍ମୀଙ୍କ ସହ ହୃତସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ। ଘରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**କୁମ୍ଭ**
ଆତ୍ମୀୟମାନଙ୍କ ସମ୍ବନ୍ଧରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଜମିଜମା ସମସ୍ୟା କ୍ରମଶଃ ଜଟିଳ ହେବ ମାତ୍ର ତାହା ଅସ୍ଥାୟୀ ଭଳି ମନେ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟରୁ ଲାଭବାନ ହେବେ କିନ୍ତୁ ପ୍ରତିଦ୍ୱନ୍ଦ୍ୱିତା କମିବ ନାହିଁ। ଆର୍ଥିକ ସ୍ଥିତି ପୂର୍ବବତ୍ ରହିବ, କିନ୍ତୁ କାମ ଅଟକିବ ନାହିଁ।

**ମୀନ**
ମାନସିକ ଦ୍ୱନ୍ଦ୍ୱ ବଢ଼ିବା କାରଣରୁ ତାହା ନିଷ୍ପତ୍ତି ନେବାରେ ବିଳମ୍ବିତ କରାଇବ। ବନ୍ଧୁଙ୍କ ସାହାଯ୍ୟରୁ ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଅସୁବିଧା ନ ଥିଲେ ମଧ୍ୟ ଅଫିସିଆଲି କେତେକ ସମସ୍ୟା କାରଣରୁ ମନରେ ସ୍ଥିରତା ରହି ନ ପାରେ। ଅସହିଷ୍ଣୁ ମନୋଭାବରୁ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିବେ।

# ଟ୍ରକ୍ ଧକ୍କାରେ ଜଣେ ମୃତ

## ରାଜନୈତିକ ଆକ୍ରୋଶ ରଖି ଗାଡ଼ି ଧକ୍କା କରାଯାଇଥିବା ଅଭିଯୋଗ

**ଧର୍ମଶାଳା/ଚଢ଼େଇଧରା, ୯।୩(ଡି.ଏନ.ଏ.):** ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ବାଲିସାହି ତାରିଣୀ ଛକ ନିକଟରେ ଟ୍ରକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଉକ୍ତ ଥାନା ବରମୁଣ୍ଡୁଳି ଗ୍ରାମର ଚୈତନ୍ୟ ସାମଲ(୫୦)। ଗୁରୁତର ବ୍ୟକ୍ତି ହେଲେ ସେହି ଗ୍ରାମର ଅକ୍ଷୟ ଦଲେଇ। ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ରାଜନୈତିକ ଆକ୍ରୋଶ ରଖି ଏଭଳି ଦୁର୍ଘଟଣା ଘଟା ଯାଇଥିବା ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଘଟଣା ପରେ ସ୍ଥାନୀୟ ଲୋକେ କିଛି ସମୟ ପାଇଁ ଘଟଣାସ୍ଥଳରେ ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ସୂଚନା ଅନୁସାରେ, ବୁଧବାର ଅପରାହ୍ନରେ ଉଭୟ ଏକ ବାଇକ୍ ଯୋଗେ ଚଣ୍ଡିଖୋଲରୁ ଘରକୁ ଫେରୁଥିଲେ। ବାଲିସାହି ଛକ ନିକଟରେ ପଛପଟୁ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଭାରସାମ୍ୟ ହରାଇ ଉଭୟ ପଡ଼ି ଯାଇଥିଲେ। ବାଇକ୍ ପଛରେ ବସିଥିବା ଚୈତନ୍ୟ ଅନ୍ୟ ଏକ ଟ୍ରକ୍‌ରେ ପିଟି ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଜେନାପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ପଠାଇଛି। ଏନେଇ ଥାନାରେ ନଂ.୬୦/୨୨ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ବାଇକ୍ ଓ ଟ୍ରକ୍‌କୁ ଜବତ କରି ତଦନ୍ତ ଚଳାଇଛି ବୋଲି ଥାନାଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ପ୍ରଫେଶନାଲ ଟ୍ୟାକ୍ସ ବ୍ୟବସ୍ଥା ସହଜ ହୋଇଛି

- ଅନ୍‌ଲାଇନରେ ଜମା କରି ହେବ ଟିକସ
- ଅଧିକ ସଂଖ୍ୟାରେ ସାମିଲ ହେବାକୁ କମିଶନରଙ୍କ ଆହ୍ୱାନ



ସୁଶୀଲ କୁମାର ଲୋହାନି
କମିଶନର, କମର୍ସିଆଲ ଟ୍ୟାକ୍ସ ଆଣ୍ଡ ଜିଏସ୍‌ଟି

ବୃତ୍ତିଗତ ଟିକସ (ପ୍ରଫେଶନାଲ ଟ୍ୟାକ୍ସ) ରାଜ୍ୟ ସରକାରଙ୍କର ନିଜସ୍ୱ ଟିକସର ଏକ ଅଂଶ। ରାଜ୍ୟର ସାମୂହିକ ବିକାଶରେ ଏହି ଟିକସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସରକାରୀ ଚାକିରିଆଙ୍କଠାରୁ ଆରମ୍ଭ କରି ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) କିମ୍ବା ଭାଟ୍ ଆଇନ ପଞ୍ଜୀକୃତ ସମସ୍ତ ବ୍ୟକ୍ତି ବା ବ୍ୟବସାୟ ପ୍ରତିଷ୍ଠାନ ସହ ଅନ୍ୟାନ୍ୟ ବ୍ୟକ୍ତିଗତ ବୃତ୍ତିଧାରୀ ଯଥା ମେଡିକାଲ କନ୍‌ସଲଟାଣ୍ଟ, ଦନ୍ତ ଚିକିତ୍ସକ, ରେଡିଓଲୋଜିଷ୍ଟ, ପାଥୋଲୋଜିଷ୍ଟ, ପୋଷ୍ଟାଲ ଏଜେଣ୍ଟ, ବୀମା ଏଜେଣ୍ଟ, ଲସ୍ ସର୍ଭେୟର କିମ୍ବା ଆସେସର, ଇଷ୍ଟେଟ ଏଜେଣ୍ଟ, ବ୍ରୋକର, କମିଶନ ଏଜେଣ୍ଟ, ଟେକ୍ନିକାଲ, ପ୍ରଫେଶନାଲ କନ୍‌ସଲଟାଣ୍ଟ, ଆର୍କିଟେକ୍ଟ, ଇଞ୍ଜିନିୟର, ମ୍ୟାନେଜମେଣ୍ଟ କନ୍‌ସଲଟାଣ୍ଟ, ଟ୍ୟାକ୍ସ କନ୍‌ସଲଟାଣ୍ଟ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, କଷ୍ଟ ଆକାଉଣ୍ଟାଣ୍ଟ ଏବଂ ଯେଉଁ ବ୍ୟବସାୟୀ କିମ୍ବା ବ୍ୟକ୍ତିଙ୍କ ଆୟ ବାର୍ଷିକ ୧.୬ ଲକ୍ଷରୁ ୩ ଲକ୍ଷ ଏବଂ ଏହାଠାରୁ ଅଧିକ ଥିବ ସେମାନେ ଏହି ଆଇନ ପରିସରଭୁକ୍ତ ଅଟନ୍ତି। ଏହି ବୃତ୍ତିଗତ ଟିକସ ମାସିକ ମାତ୍ର ୧୨୫ ଟଙ୍କାରୁ ବାର୍ଷିକ ସର୍ବାଧିକ ୨୫୦୦ ଟଙ୍କା ଦେବାକୁ ହୁଏ। ପ୍ରତ୍ୟେକ ବ୍ୟକ୍ତି କିମ୍ବା ବ୍ୟବସାୟ ପ୍ରତିଷ୍ଠାନ ରାଜ୍ୟର ବିକାଶରେ ସାମିଲ ହୋଇ ନିଜକୁ ପ୍ରଫେଶନାଲ ଟିକସଭୁକ୍ତ କରିବାକୁ କମିଶନର କମର୍ସିଆଲ ଟ୍ୟାକ୍ସ ଆଣ୍ଡ ଜିଏସ୍‌ଟି ସୁଶୀଲ କୁମାର ଲୋହାନି ଆହ୍ୱାନ କରିଛନ୍ତି। ସେ କହିଛନ୍ତି ଯେ, ଏହି ଟିକସଭୁକ୍ତ ହେବା ଓ ଜମା କରିବା ଅତ୍ୟନ୍ତ ସହଜ ଓ ସରଳ। ଟିକସଦାତା ଯେ କୌଣସି ସ୍ଥାନରୁ ନେଟ୍ ବ୍ୟାଙ୍କିଙ୍ଗ୍, ୟୁପିଆଇ, କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡ ଏବଂ ଏସ୍‌ବିଆଇ ଇ-ପେ ମାଧ୍ୟମରେ ଅନ୍‌ଲାଇନ ଓଡ଼ିଶା ଟ୍ରେଜେରି ପୋର୍ଟାଲ ଜରିଆରେ ପ୍ରଦାନ କରିପାରିବେ। ଏହାଛଡ଼ା ପ୍ରଫେଶନାଲ ଟିକସ ରେଜିଷ୍ଟ୍ରେଶନ କିମ୍ବା ଏନ୍‌ରୋଲମେଣ୍ଟ ନମ୍ବର କିମ୍ବା ଜିଏସ୍‌ଟିଆଇଏନ୍ ଜରିଆରେ ଟିକସ ପ୍ରଦାନ କରିହେବ। ଏତଦ୍ ବ୍ୟତୀତ https://www.odishatreasury.gov.in ଜରିଆରେ ପେମେଣ୍ଟ ସାଇଟକୁ ଯାଇ ଟିକସ ପ୍ରଦାନ କରିପାରିବେ। ଏହି ଟିକସ ଦେବା ପାଇଁ ଅନ୍ୟ କାହାର ସାହାଯ୍ୟ ଦରକାର ନାହିଁ। ନିଜେ ଇଣ୍ଟରନେଟ ଜରିଆରେ ଯେ କୌଣସି ସ୍ଥାନରୁ ଦେଇପାରିବେ। ରାଜ୍ୟରେ ଟିକସଭୁକ୍ତଙ୍କ ସଂଖ୍ୟା କମ୍ ରହିଛି। ସମସ୍ତ ବୃତ୍ତିଧାରୀ ଓ ସଂସ୍ଥା ନିଜର ନାମ ପଞ୍ଜୀକୃତ କରି ଟିକସ ପ୍ରଦାନରେ ଭାଗୀଦାରି ହେବାକୁ ଆଗେଇ ଆସିବା ସକାଶେ ସେ ନିବେଦନ କରିଛନ୍ତି। ପ୍ରଫେଶନାଲ ଟିକସ କ'ଣ ସେ ବିଷୟରେ ଅନେକେ ଜାଣନ୍ତି ନାହିଁ। କେତେ ଟିକସ ଓ କେମିତି ଦେବାକୁ ହେବ ସେ ବିଷୟରେ ଲୋହାନୀ ପ୍ରଶ୍ନ ଓ ଉତ୍ତର ମାଧ୍ୟମରେ ନିମ୍ନରେ ସରଳ ଭାବେ ବୁଝାଇଛନ୍ତି।

**ପ୍ରଶ୍ନ:** ଜିଏସ୍‌ଟି ଆଇନ ଅଧୀନରେ ମୁଁ ଜଣେ ଟିକସଦାତା। ମୋତେ ବୃତ୍ତିଗତ ଟିକସ ଦେବାକୁ ପଡ଼ିବ କି ଏବଂ କେତେ ଦେବାକୁ ହେବ ?

**ଉତ୍ତର–** ହଁ ଦେବାକୁ ହେବ। ପ୍ରତିବର୍ଷ ୨୫୦୦ ଟଙ୍କା ଜମା କରିବା ଆବଶ୍ୟକ।

**ପ୍ରଶ୍ନ:** ମୁଁ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ। ଜିଏସ୍‌ଟି କିମ୍ବା ଭ୍ୟାଟ ଆଇନ ଅଧୀନରେ ପଞ୍ଜୀକୃତ ହୋଇନାହିଁ। ମୋତେ ପ୍ରଫେଶନାଲ ଟିକସ କେତେ ଦେବାକୁ ହେବ ?

**ଉତ୍ତର–** ହଁ, ନିଜର ବାର୍ଷିକ ହାରାହାରି ଆୟ ଅନୁଯାୟୀ ୧୫୦୦ରୁ ୨୫୦୦ ଟଙ୍କା ଦେବାକୁ ହେବ। ଏହା ଇ-ପେମେଣ୍ଟ ଜରିଆରେ ପଇଠ କରାଯାଇପାରିବ।

**ପ୍ରଶ୍ନ:** ଜିଏସ୍‌ଟି ଆଇନ ଅଧୀନରେ ପଞ୍ଜୀକୃତ ହୋଇଥିବା ମୁଁ ଜଣେ ବ୍ୟବସାୟୀ। ମୋତେ କେତେ ଟଙ୍କା ପ୍ରଫେଶନାଲ ଟ୍ୟାକ୍ସ ଦେବାକୁ ପଡ଼ିବ ?

**ଉତ୍ତର–** ଜିଏସ୍‌ଟି ପଞ୍ଜୀକୃତ ହୋଇଥିବାରୁ ଆପଣଙ୍କୁ ୨୫୦୦ ଟଙ୍କା ବାର୍ଷିକ ଦେବା ଆବଶ୍ୟକ ?

**ପ୍ରଶ୍ନ:** ପ୍ରଫେଶନାଲ ଟ୍ୟାକ୍ସ ଦେବାକୁ ମୁଁ କିପରି ପଞ୍ଜୀକୃତ ହେବି। ଏଥିପାଇଁ କେଉଁ ପ୍ରମାଣପତ୍ର ଦାଖଲ କରିବା ଆବଶ୍ୟକ ?

**ଉତ୍ତର–** ଆପଣ ଅନ୍‌ଲାଇନ ଜରିଆରେ ଏହି ଟିକସ ପାଇଁ ନିଜକୁ ଇ-ରେଜିଷ୍ଟ୍ରେଶନ ମାଧ୍ୟମରେ ପଞ୍ଜୀକୃତ କରିପାରିବେ। ରାଜ୍ୟ ସରକାରଙ୍କ ୱେବ୍‌ସାଇଟ (odishatax.gov.in/portal/e-Registration/First time Registration.aspx) ଜରିଆରେ କରିପାରିବେ। ତେବେ ଏଥିପାଇଁ କୌଣସି ଡକ୍ୟୁମେଣ୍ଟ ବା ପ୍ରମାଣପତ୍ର ଦେବାର ଆବଶ୍ୟକତା ନାହିଁ।

**ପ୍ରଶ୍ନ:** ପ୍ରଫେଶନାଲ ଟିକସ ପଞ୍ଜୀକୃତ ପାଇଁ କୌଣସି ଚାର୍ଜ ଦେବାକୁ ପଡ଼େ କି? ଏହାକୁ କିପରି ଦେବାକୁ ହେବ ?

**ଉତ୍ତର–** ଏଥିପାଇଁ କୌଣସି ଚାର୍ଜ ଦେବାକୁ ପଡ଼େ ନାହିଁ। ସମ୍ପୂର୍ଣ୍ଣ ମାଗଣାରେ ପଞ୍ଜୀକରଣ କରାଯାଇ ପାରିବ।

**ପ୍ରଶ୍ନ:** ମୁଁ ଜଣେ ଘରୋଇ ପ୍ରାକ୍ଟିସ କରୁଥିବା ଡାକ୍ତର। ମୋର ବାର୍ଷିକ ଆୟ ୫ ଲକ୍ଷ ଟଙ୍କା। ମୋତେ ପ୍ରଫେଶନାଲ ଟିକସ ଦେବାକୁ ହେବ କି ?

**ଉତ୍ତର–** ହଁ, ଆପଣଙ୍କର ଆୟ ଅନୁଯାୟୀ ବାର୍ଷିକ ୨୫୦୦ ଟଙ୍କା ଜମା କରିବା ଦରକାର। ବାର୍ଷିକ ଆୟ ୧.୬ ଲକ୍ଷରୁ ୩ ଲକ୍ଷ ଯାଏ ୧୫୦୦ ଟଙ୍କା ଏବଂ ଏହା ଉପରକୁ ହେଲେ ୨୫୦୦ ଟଙ୍କା ଦେବା ଆବଶ୍ୟକ।

**ପ୍ରଶ୍ନ:** ମୁଁ ଜଣେ କ୍ୟାଟରିଂ ସର୍ଭିସ ପ୍ରୋଭାଇଡର। ମୋର ବାର୍ଷିକ ଆୟ ୭ ଲକ୍ଷ ଟଙ୍କା। ମୋତେ ପ୍ରଫେଶନାଲ ଟିକସ ଦେବାକୁ ପଡ଼ିବ କି ?

**ଉତ୍ତର–** ହଁ। ନିଜର ଆୟ ଅନୁଯାୟୀ ୨୫୦୦ ଟଙ୍କା ବାର୍ଷିକ ଦେବାକୁ ହେବ। ବାର୍ଷିକ ଆୟ ୧.୬ ଲକ୍ଷରୁ ୩ ଲକ୍ଷ ଥିଲେ ୧୫୦୦ ଟଙ୍କା ଓ ଏହାଠାରୁ ଅଧିକ ହେଲେ ୨୫୦୦ ଟଙ୍କା ଟିକସ ଦେବା ଉଚିତ।

**ପ୍ରଶ୍ନ:** ପ୍ରଫେଶନାଲ ଟିକସ ମୁଁ କିପରି ଦେଇପାରିବି ? ଏଥିପାଇଁ କିଛି ଅନ୍‌ଲାଇନ୍ ବ୍ୟବସ୍ଥା ଅଛି କି ?

**ଉତ୍ତର–** ହଁ। ପେମେଣ୍ଟ ପୋର୍ଟାଲ ଜରିଆରେ ନେଟ୍ ବ୍ୟାଙ୍କିଙ୍ଗ୍, ୟୁପିଆଇ, କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡ ଏବଂ ଏସ୍‌ବିଆଇ ଇ-ପେ) ଦେଇ ପାରିବେ।

**ପ୍ରଶ୍ନ:** ଗତ ବର୍ଷ ମୁଁ ପ୍ରଫେଶନାଲ ଟ୍ୟାକ୍ସ ଦେଇଛି। ପେମେଣ୍ଟ ବିଷୟରେ ମୁଁ କେଉଁଠୁ ଜାଣିପାରିବି ?

**ଉତ୍ତର–** କମିଶନରେଟଙ୍କ ୱେବ୍‌ପୋର୍ଟାଲକୁ ଯାଇ ପିଟି ପେମେଣ୍ଟ ଡିଟେଲ ସର୍ଚ୍ଚ କଲେ ପୂର୍ବରୁ ଦେଇଥିବା ସମସ୍ତ ପେମେଣ୍ଟ ବିଷୟରେ ଜାଣି ପାରିବେ।

**ପ୍ରଶ୍ନ:** ମୋତେ ସ୍ଥାନୀୟ ଟିକସ କାର୍ଯ୍ୟାଳୟରେ ଅନ୍‌ଲାଇନ ପେମେଣ୍ଟ ଚାଲାଣ ଦାଖଲ କରିବାକୁ ପଡିବ କି ?

**ଉତ୍ତର–** ସ୍ଥାନୀୟ ଟିକସ କାର୍ଯ୍ୟାଳୟରେ ଚାଲାଣ ଦାଖଲ କରିବା ଆବଶ୍ୟକ ନାହିଁ।

**ପ୍ରଶ୍ନ:** ପ୍ରଥମରୁ ମୁଁ ରାଜ୍ୟ ଭାଟ ଆଇନ ଓ ପ୍ରଫେଶନାଲ ଟିକସ ଆଇନ ଅଧୀନରେ ପଞ୍ଜୀକୃତ ଥିଲି। ଏବେ ଜିଏସ୍‌ଟି ପଞ୍ଜୀକୃତ ହୋଇଛି। ମୋତେ ପ୍ରଫେଶନାଲ ଟିକସ ଦେବା ବେଳେ କେଉଁ ନମ୍ବର ଦେବାକୁ ପଡିବ ?

**ଉତ୍ତର–** ଯଦି ଆପଣ ପ୍ରଫେଶନାଲ ଟିକସ ଅନ୍ତର୍ଭୁକ୍ତ ଅଛନ୍ତି ଏବଂ ଆପଣଙ୍କୁ ଟିଆଇଏନ୍ ଦିଆଯାଇଛି ସେହି ଟିଆଇଏନ କିମ୍ବା ଜିଏସ୍‌ଟିଆଇଏନ୍ ବ୍ୟବହାର କରି ଟିକସ ଦେଇପାରିବେ।

**ପ୍ରଶ୍ନ:** ମୁଁ ଜଣେ କ୍ଷୁଦ୍ର ବ୍ୟବସାୟୀ ଏବଂ ମୋର ୧୦ ଜଣ କର୍ମଚାରୀ ଅଛନ୍ତି। ସେମାନଙ୍କ ଦରମାରୁ ମୋତେ କେତେ ଟଙ୍କା ମାସିକ ଟିକସ ଦେବାକୁ ହେବ ?

**ଉତ୍ତର–** ଯଦି କର୍ମଚାରୀଙ୍କର ଦରମା ବାର୍ଷିକ ୧.୬ ଲକ୍ଷ ଟଙ୍କା ହୋଇଥିବ ତେବେ କୌଣସି ଟିକସ ଦେବାକୁ ପଡିବ ନାହିଁ। ଯଦି ୧.୬ ଲକ୍ଷରୁ ୩ ଲକ୍ଷ ଟଙ୍କା ଥିବ ତେବେ ବାର୍ଷିକ ୧୫୦୦ ଟଙ୍କା ଦେବାକୁ ହେବ। ଯଦି ୩ ଲକ୍ଷ ଟଙ୍କାରୁ ଅଧିକ ଥିବ ତେବେ ବାର୍ଷିକ ୨୫୦୦ ଟଙ୍କା ପ୍ରଫେଶନାଲ ଟ୍ୟାକ୍ସ ଦେବା ଜରୁରୀ।


# OFFICE OF THE COLLECTOR-CUM-DISTRICT MAGISTRATE, SUNDARGARH

(District Child Protection Unit)
Odisha State Child Protection Society, W&CD Department, Govt. of Odisha
Ph.: 06622-273343

Letter No. 65/DCPU/SNG/2022 Date: 08.03.2022

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁଗୁଡ଼ିକ ବର୍ତ୍ତମାନ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ସା, ଦିସା ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛନ୍ତି। ଏହି ଶିଶୁମାନଙ୍କର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନ ସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁ ତିନିଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା-୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

**ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼**
**ମୋ. ନଂ. ୯୯୩୮୧୭୦୪୫୦ / ଅଫିସ୍: ୦୬୬୨୨-୨୭୩୩୪୩**
**ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼**
**ମୋ. ନଂ. ୯୪୩୭୦୮୫୪୩୪ / ଅଫିସ୍: ୦୬୬୨୨-୨୭୨୨୬୩**

| କ୍ର.ନଂ. | ଶିଶୁର ନାମ | ଜନ୍ମ ତାରିଖ | ଲିଙ୍ଗ | ଉଦ୍ଧାର କରାଯାଇଥିବା ସ୍ଥାନ ଏବଂ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧ | ଇସାନ (ସା ଦିସା ଦ୍ୱାରା ଦିଆଯାଇଥିବା ନାମ | ୧୬।୦୧।୨୦୨୨ | ପୁଅ | କ୍ରେଡିଲ ବେବି ପଏଣ୍ଟ, ଦିସା, ସା, ତା୦୯।୦୨।୨୦୨୨, ମଧ୍ୟରାତ୍ରି |  |
| ୨ | ଲକୀ (ସା ଦିସା ଦ୍ୱାରା ଦିଆଯାଇଥିବା ନାମ) | ୧୮।୧୨।୨୦୨୧ | ପୁଅ | ଜୟଶଙ୍କର ସେବାଶ୍ରମ, ଶିଶୁ ଯତ୍ନକାରୀ ଅନୁଷ୍ଠାନ ବେଲସରା, ଗେଟ୍ ସମ୍ମୁଖରୁ, ତା୨୨।୦୨।୨୦୨୨ |  |
| ୩ | ସବୀର ଖାନ୍ | ୫ ବର୍ଷ | ପୁଅ | ଶନିମନ୍ଦିର ଛକ, ସିଭିଲ ଟାଉନସିପ୍, ରାଉରକେଲା, ସୁନ୍ଦରଗଡ଼, ତା୧୩।୦୧।୨୦୨୨ |  |

Sd./- District Child Protection Officer, Sundargarh



# TENDER SALE NOTICE

No.MM-381:- Sealed tenders on plain paper are invited by the Divisional Forest Officer, Jharsuguda K.L. Division, Badmal, Jharsuguda from the intending bidders for the tender sale of the following condemned vehicle of this Division and shall be conducted in the office of the undersigned on 29.03.2022 at 04.00 P.M. with the following terms & conditions.

## DETAILS OF CONDEMNED VEHICLE TO BE SOLD

| Registration No. | Make | Engine & Chassis No. | Location |
|---|---|---|---|
| OR-15B-4794 | Mahindra Jeep | DU-53366 CL 500 DI-4EU-DU-53366 | In the Garage inside office campus of DFO, Jharsuguda K.L. Division, Badmal, Jharsuguda |

**TERMS & CONDITIONS**

1. The sealed tender superscribed with "Tender for condemned Government Vehicle" should reach to this office of the undersigned through registered post/in person by 03.30 P.M. of 29.03.2022 after which the tenders shall not be accepted in any circumstance.
2. The intending bidders are requested to deposit earnest money of Rs.5000/- (Rupees five thousand) only for the Vehicle as E.M.D. amount in shape of Bank Draft purchased in favour of the Divisional Forest Officer, Jharsuguda K.L. Division payable at S.B.I., Jharsuguda along with the tender paper.
3. The E.M.D. amount of unsuccessful tenderers will be refunded after the tender is over.
4. In case of successful tenderer, the E.M.D amount shall be adjusted towards sale price of the vehicle.
5. The intending tenderers can inspect the vehicle lying in the garage located in the Division Office premises of DFO, Jharsuguda K.L. Division, Badmal, Jharsuguda on any working day during the office hours from the date of publication of the notice.
6. The tenderers are requested to inspect himself/themselves about the condition of the vehicle for which he/they intend for bid/offer. No complaint what so ever regarding condition of the vehicle shall be entertained afterwards.
7. The sealed tender paper will be opened in the office chamber of the undersigned on 29.03.2022 at 04.00 P.M. in presence of the tenderers or their authorized representatives.
8. If minimum price is not available by sealed tender, then action will be taken to dispose of the vehicle through negotiation.
9. The successful bidder whose bid amount is provisionally accepted shall have to deposit 25% of the tendered amount on the spot immediately after the tender is over. The rest amount shall be deposited by the tenderer within 7 (Seven) days from the date of intimation after confirmation of the sale by the competent authorities failing which 25% of the tendered amount so deposited (including earnest money) shall be forfeited to Government and the tender accepted shall be cancelled and the vehicle shall be put to fresh tender.
10. The successful tenders after payment of full amount of tendered/negotiated money shall have to remove the vehicle within 07 (Seven) days from the date of deposit of full sale value. Custody or safe guard of the vehicle after sale shall be responsibility of the tenderer/party and no claim of complaint on that account shall be admissible.
11. On failure to remove the vehicles within the stipulated time, ground rent @ 1% of the tendered/negotiated amount shall be charged for each day or part of the day till removal of the vehicles from the site.
12. The ground rent will be charged on failure to remove the vehicles till 01 (One) month from the date of deposit of full sale value. The vehicle shall thereafter become absolute property of the Govt. from all encumbrances & dispose of by fresh sale.
13. The vehicle shall not be delivered to the tenderer until after full payment & compliance with the requisite formalities. Tools, implements & spare parts shall not be delivered with the vehicles. Any arrear payment of road tax etc. shall be the liability of the successful tenderer.
14. The undersigned reserves the right to reject all or any bid or part without assigning any reasons thereof.
15. The sale is on "as is where is" basis and no complaint can be entertained after the sale is concluded.
16. The act of participating in the aforesaid tender sale would be treated as satisfaction on physical condition of the vehicle after pre-inspection of the tenderer(s). Only the court of the Jharsuguda will have the jurisdiction over all litigation that may rise on the aforesaid sale and no litigation shall be instituted in any court at any other place.

Sd./- Divisional Forest Officer, Jharsuguda KL Division
OIPR-08054/11/0004/2122


# ନିଶାବେପାରୀ ଅନିଲ ପାଣ୍ଡିଙ୍କ ୨ ଗାଡ଼ି ଜବତ

- ବାଜ୍ୟାପ୍ତି ପାଇଁ ଚିଠି ଲେଖିଲା ଏସ୍‌ଟିଏଫ୍
- ପୂର୍ବରୁ ୨ କୋଟିର ସମ୍ପତ୍ତି ଜବତ ହୋଇଥିଲା
- ଗୁଜରାଟରେ ରହିଛି ୧୧ ମାମଲା

**ଭୁବନେଶ୍ୱର,୯।୩(ବ୍ୟୁରୋ):** କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ଗଞ୍ଜେଇ କାରବାର ମାମଲାରେ ଫେରାର ଥିବା ଆନ୍ତଃରାଜ୍ୟ ନିଶାବେପାରୀ ଅନିଲ ପାଣ୍ଡିଙ୍କ ୨ଟି ୪ ଚକିଆ ଗାଡ଼ି ଜବତ କରିଛି। ଜବତ ଦୁଇ ଗାଡ଼ିର ମୂଲ୍ୟ ୨୫ ଲକ୍ଷ ହେବ। ଏହାକୁ ବାଜ୍ୟାପ୍ତି ପାଇଁ ଏସ୍‌ଟିଏଫ୍ କୋଲକାତାସ୍ଥିତ ଏନ୍‌ଡିପିଏସ୍ ଶାଖାକୁ ଚିଠି ଲେଖିଛି। ଅନୁମତି ମିଳିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଏସ୍‌ଟିଏଫ୍ ସୂଚନା ଦେଇଛି।

ଅନିଲଙ୍କ ଘର ଗଞ୍ଜାମ ଜିଲା ଦିଗାପୋହା ଥାନା ଅନ୍ତର୍ଗତ ଜଗନ୍ନାଥପୁରରେ। ବିଭିନ୍ନ ରାଜ୍ୟରେ ବ୍ରାଉନସୁଗାର, ଗଞ୍ଜେଇ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ କାରବାର କରି କୋଟି କୋଟି ଟଙ୍କାର ସମ୍ପତ୍ତି କରିଛନ୍ତି। ଦେଶର ବିଭିନ୍ନ ସ୍ଥାନରେ ତାଙ୍କର ସମ୍ପତ୍ତି ରହିଛି। ଗତ ସୋମବାର ଏସ୍‌ଟିଏଫ୍ ତାଙ୍କ ୨ କୋଟିର ସମ୍ପତ୍ତିକୁ ଜବତ କରିଥିଲା। ଏଥିସହ ଏସବୁ କାର୍ଯ୍ୟରେ ସହଯୋଗ କରୁଥିବା ତାଙ୍କ ଭାଇଙ୍କୁ ପୂର୍ବରୁ ଗୁଜରାଟ ପୋଲିସ ଗିରଫ କରିଥିଲା। ଅନ୍ୟପକ୍ଷରେ ଗୁଜରାଟରେ ଅନିଲଙ୍କ ନାମରେ ୧୧ ନିଶା କାରବାର ମାମଲା ରହିଛି। ବରାଛା ଥାନାରେ ୨, ରେଲ୍‌ୱେ ଥାନାରେ ୨, ଡିସିବି ଥାନାରେ ୨, କୋଟଡ଼ା ସଙ୍ଗାନୀ ଥାନା, ବିଲ୍‌ଖା ଥାନା, ଲିମ୍ବାୟତ ଥାନା, ପଲସାନା ଥାନା ଓ କଟାଗ୍ରାମ ଥାନାରେ ଗୋଟିଏ ଲେଖାଏ ମାମଲା ରହିଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଛି।

ସୂଚନାଯୋଗ୍ୟ, ୨୦୨୧ ଅଗଷ୍ଟ ୧୩ରେ ଏସ୍‌ଟିଏଫ୍ ବାଲେଶ୍ୱର ଜିଲା ବସ୍ତା ଅଞ୍ଚଳରେ ଚଢ଼ାଉ କରି ୯୯୦ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହ ଜଣେ ଡ୍ରାଇଭରଙ୍କୁ ଗିରଫ କରିଥିଲା। ଏହି କାରବାରର ମୁଖ୍ୟ ଅଭିଯୁକ୍ତ ଅନିଲ ବୋଲି ତଦନ୍ତରୁ ଜଣାପଡ଼ିଥିଲା। ଏନେଇ ଏସ୍‌ଟିଏଫ୍ ଅନିଲଙ୍କ ନାମରେ ମାମଲା (ନଂ.୨୯/୨୦୨୧) ରୁଜୁ କରିଥିଲା। ଏହାପରଠୁ ଦୀର୍ଘ ୮ ମାସ ହେବ ଅନିଲ ଫେରାର ଅଛନ୍ତି। ତାଙ୍କୁ ଧରିବାକୁ ଏସ୍‌ଟିଏଫ୍ ଗତ ଡିସେମ୍ବର ୨ରେ ୱାଣ୍ଟେଡ୍ ଘୋଷଣା କରିବା ସହ ତାଙ୍କ ସମ୍ପର୍କରେ ସୂଚନା ଦେଲେ ପୁରସ୍କାର ଦିଆଯିବ ବୋଲି କହିଥିଲା।

# ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ବିକ୍ରି ଉଦ୍ୟମ

**ସଜନାଗଡ଼, ୯।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବରହମପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ କରାଇଦେବାର ପ୍ରଲୋଭନ ଦେଖାଇ ବିକ୍ରି ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି। ଗାଁଲୋକେ ଏହି ଘଟଣା ଜାଣିବା ପରେ ୨ଜଣ ଦଲାଲଙ୍କୁ ମାଡ ମାରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ଏନେଇ ଯୁବତୀଙ୍କ ପରିବାର ଲୋକେ ଥାନାରେ ଏତଲା ଦେବା ପରେ ବରହମପୁର ପୋଲିସ ଖୋଳତାଡ଼ ଆରମ୍ଭ କରିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ ବୋଲି ତଦନ୍ତକାରୀ ଅଫିସର କହିଛନ୍ତି। ଯୁବତୀଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ ୫ଶହ ଟଙ୍କା ଅଗ୍ରୀମ ନେଇ ଛତ୍ରପୁର ଅଞ୍ଚଳରେ ଘରଜ୍ୱାଇଁ ହୋଇ ରହୁଥିବା ପରେଶ ଦାଶ ଓ ଅନ୍ୟ ଜଣେ ଯୁବକ ସୁଦର୍ଶନ ସେନାପତି ଗତ ୫ତାରିଖରେ ଉକ୍ତ ଯୁବତୀଙ୍କୁ ସାଙ୍ଗରେ ନେଇଥିଲେ। ହେଲେ ବିବାହ କରିବାକୁ ଥିବା ଯୁବକ ଜଣକ ନିର୍ଦ୍ଦିଷ୍ଟ ସ୍ଥାନକୁ ନ ଆସିବାରୁ ୨ ଯୁବକ ସମ୍ପୃକ୍ତ ଯୁବତୀଙ୍କୁ ଛାଡ଼ିବା ପାଇଁ ପୁଣି ଗାଁକୁ ଆଣିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଗାଁଲୋକେ ଏହା ଜାଣିପାରି ପରେଶଙ୍କୁ ଧରି ନିର୍ଘୃମ ମାଡ଼ ମାରିଥିଲେ। ବୁଧବାର ଯୁବତୀ ଏବଂ ତାଙ୍କ ବାପା ବରହମପୁର ଥାନାରେ ଆଶ୍ରୟ ନେଇଥିଲେ। ପରେଶ ଓ ସୁଦର୍ଶନଙ୍କୁ ବରହମପୁର ପୋଲିସ ଅଟକ ରଖିଛି।

# ୪ବର୍ଷର ଶିଶୁକୁ ବଳାତ୍କାର, ନାବାଳକ ଅଟକ

**ବାରିପଦା ଅଫିସ,୯।୩:** ବାରିପଦା ଟାଉନ ଥାନା ଅଞ୍ଚଳରେ ଜଣେ ୪ବର୍ଷର ଶିଶୁ କନ୍ୟାଙ୍କୁ ବଳାତ୍କାର କରାଯାଇଛି। ଏଥିରେ ପୋଲିସ ଜଣେ ନାବାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି। ମଙ୍ଗଳବାର ଶିଶୁକନ୍ୟା ଖେଳୁଥିବାବେଳେ ନାବାଳକ ତାଙ୍କୁ ନିଛାଟିଆ ଜାଗାକୁ ନେଇ ବଳାତ୍କାର କରିଥିବା ଶିଶୁକନ୍ୟାଙ୍କ ମା' ଅଭିଯୋଗ କରିଛନ୍ତି। ମାମଲା(ନଂ.୧୩୯/୨୨) ରୁଜୁ ହୋଇଛି।


# ଦେବୋତ୍ତର କାର୍ଯ୍ୟାଳୟ, ଆଠଗଡ଼

ସଂଖ୍ୟା: ୩୦ ତାରିଖ: ୦୪।୦୩।୨୦୨୨

**ନୋଟିସ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆଠଗଡ଼ ଦେବୋତ୍ତର ପରିଚାଳନାଧୀନ ସମସ୍ତ ସୈରାତ ଉତ୍ସଗୁଡ଼ିକୁ ୨୦୨୨-୨୦୨୩ ଆର୍ଥିକ ବର୍ଷ ନିମନ୍ତେ ଜଉମୁଦ ଦିଆ ଟେଣ୍ଡର ସୂତ୍ରେ ନିଲାମ କରାଯିବା ପାଇଁ ଆହ୍ୱାନ କରାଯାଉଅଛି। ସବିଶେଷ ବିବରଣୀ ଓ ସର୍ତ୍ତାବଳୀ ଦେବୋତ୍ତର କାର୍ଯ୍ୟାଳୟ ଆଠଗଡ଼ରେ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ଉପଲବ୍ଧ ହେବ, ତଥା ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ **(cuttack.nic.in)**ରେ ଉପଲବ୍ଧ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ଦେବୋତ୍ତର, ଆଠଗଡ଼



# TPWODL

**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

Tender Notice No. TPWODL/NP/O/SU/ 102 Date : 10.03.2022

TP Western Odisha Distribution Limited, invites tender (2part bidding) from eligible vendors for the following package :

**Rate Contract for Supply of 8M X 200Kg. PSC Pole.**

Interested bidders to submit Tender Participation Fee and Authorization Letter by email on or before **21st March 2022, 1500 Hrs**, after which link from e-Tender system shall be shared.

For detailed tender documents of the above mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

Sd./- Chief-Contracts and Stores


# ବିବାହିତାଙ୍କୁ ବଳାତ୍କାର ମାମଲା ଦୋଷୀଙ୍କୁ ୭ବର୍ଷ ଜେଲ

**ବାରିପଦା ଅଫିସ,୯।୩:** ମୟୂରଭଞ୍ଜ ଜିଲା ଅତିରିକ୍ତ ଓ ଦୌରାଜଜ୍‌ଙ୍କ କୋର୍ଟରେ ବୁଧବାର ଏକ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଦୁର୍ଗା ଚରଣ ମିଶ୍ର ଏହାର ବିଚାର କରି ଅଭିଯୁକ୍ତ ଜଗନ୍ନାଥ ପୂର୍ତ୍ତି(୨୫)ଙ୍କୁ ଦୋଷୀ ସାବ୍ୟସ୍ତ କରି ୭ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାବ୍ୟତୀତ ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୭ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଆଇନ ସହାୟତା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶ ଯେ, ୨୦୧୯ ଜୁନ ୨୬ ତାରିଖ ମଧ୍ୟାହ୍ନରେ ବାଙ୍ଗରିପୋଷୀ ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ଏକୁଟିଆ ପାଇ ଜଗନ୍ନାଥ ବଳାତ୍କାର କରିଥିଲେ। ଘଟଣା ଜଣାପଡ଼ିବା ପରେ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା (ନଂ.୭୧/୧୯) ରୁଜୁ କରି ଉଭୟଙ୍କ ଡାକ୍ତରୀମାଇନା କରିଥିଲା। ୧୯ଜଣଙ୍କ ସାକ୍ଷୀ ଓ ପୀଡିତାଙ୍କ ବୟାନକୁ ଭିତ୍ତି କରି ଉପରୋକ୍ତ ରାୟ ଦିଆଯାଇଛି। ସରକାରଙ୍କ ପକ୍ଷରୁ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।


# ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

always with U

ଆଞ୍ଚଳିକ କାର୍ଯ୍ୟାଳୟ: ଖୋର୍ଦ୍ଧା, ସା: ସାନପଲ୍ଲୀ, ପୋ: ପଲ୍ଲୀହାଟ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଫୋନ୍ ନଂ.: ୦୬୭୫୫-୨୯୬୨୧୩

## ଦଖଲ ନୋଟିସ୍

[ପରିଶିଷ୍ଟ-୪(ରୁଲ ୮(୧)] (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଋଣ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

୧) ଯେହେତୁ ଋଣଗ୍ରହୀତା(ମାନେ) ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ଦର୍ଶିତ ତାରିଖରେ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି।

୨) ତେଣୁ ବିଶେଷକରି ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କରନ୍ତି ତେବେ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**ର ଦାବି ମୁତାବକ ନିମ୍ନ ଦର୍ଶିତ ରାଶି ସହ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି, ଡିମାଣ୍ଡ ନୋଟିସ୍ ଜାରି ହେବା ପରେ ଡିମାଣ୍ଡ ନୋଟିସ୍ ତାରିଖ ଠାରୁ ପୈଠ ତାରିଖ ପର୍ଯ୍ୟନ୍ତ ପରିଶୋଧ ଯଦି କିଛି ଥାଏ ତାହାକୁ ଛାଡି ପ୍ରଦାନ କରିବାକୁ ବାଧ୍ୟ ହେବେ। ନିମ୍ନଦର୍ଶିତ ଦଖଲ ତାରିଖ ସୁଦ୍ଧା ବକେୟା ଦେୟ ତତ୍‌ସହିତ ପରିଶୋଧ ତାରିଖ ଯାଏ ଚୁକ୍ତିହାରରେ ପରବର୍ତ୍ତୀ ସୁଧ ଏବଂ ଚକ୍ରବୃଦ୍ଧି ସୁଧ ଏବଂ ଦେୟ ।

**୩) ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଶାଖା ନାମ / ଋଣଗ୍ରହୀତା / ସହ-ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତି ଗୁଡିକର ବିବରଣୀ | ଡିମାଣ୍ଡ / ଦଖଲ ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ |
|---|---|---|---|
| **ମହିପୁର ଶାଖା** ଋଣଗ୍ରହୀତା ଏବଂ ବନ୍ଧକଦାତା: **ଶ୍ରୀ ସନ୍ତୋଷ କୁମାର ନାୟକ,** ପିତା: ରଘୁନାଥ ନାୟକ, ସା: ଡିମିରିଝରୀ, ପୋ: ବଡଗୋଠ, ଜିଲ୍ଲା: ନୟାଗଡ, ପିନ୍-୭୫୨୦୯୪ / **ଜାମିନ୍‌ଦାର: ଶ୍ରୀ ବନମାଳି ନାୟକ,** ପିତା: ବାଙ୍କନିଧି ନାୟକ, ସା.: ଭିରୁଡ, ପୋ: ବଡଗୋଠ, ଜିଲ୍ଲା: ନୟାଗଡ, ପିନ୍-୭୫୨୦୯୪ | **ଶ୍ରୀ ସନ୍ତୋଷ କୁମାର ନାୟକଙ୍କ ନାମରେ ଥିବା ସମ୍ପତ୍ତି** (ଜମି ଏବଂ ଗୃହ)ର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୫୯/୧୩୯, ପ୍ଲଟ୍ ନଂ.: ୫୬୯/୧୦୩୩, କ୍ଷେତ୍ର: ଏକର୦.୦୩୦ଡିସିମିଲି, କିସମ: ଘରବାରି, ମୌଜା: ଡିମିରିଝରୀ, ଜିଲ୍ଲା: ନୟାଗଡ | ୧୪.୧୨.୨୦୨୧ ସୁଦ୍ଧା ଟ.୩,୩୯,୦୮୫/- / ୨୮.୦୨.୨୦୨୨ ସୁଦ୍ଧା ଟ.୩,୨୬,୨୬୨/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୧୪.୧୨.୨୦୨୧ / ୦୪.୦୩.୨୦୨୨ |
| **ଓଲସିଂହ ଶାଖା** ଋଣଗ୍ରହୀତା ଏବଂ ବନ୍ଧକଦାତାମାନେ: ୧) **ଶ୍ରୀମତୀ ଧନୀ ଦେଇ,** ସ୍ୱାମୀ: ମାଗୁଣି ଶ୍ରୀଚନ୍ଦନ, ୨) **ଶ୍ରୀ ବୃନ୍ଦାବନ ଶ୍ରୀଚନ୍ଦନ,** ପିତା: ମାଗୁଣି ଶ୍ରୀଚନ୍ଦନ / **ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: ୧) ଶ୍ରୀ ମାଗୁଣି ଶ୍ରୀଚନ୍ଦନ,** ପିତା: ୰ ବାସୁ ଶ୍ରୀଚନ୍ଦନ, ୨) **ଶ୍ରୀ ନଥୁରାମ ଶ୍ରୀଚନ୍ଦନ,** ପିତା: ମାଗୁଣି ଶ୍ରୀଚନ୍ଦନ, ୩) **ଶ୍ରୀ ଗଙ୍ଗାରାମ ଶ୍ରୀଚନ୍ଦନ,** ପିତା: ମାଗୁଣି ଶ୍ରୀଚନ୍ଦନ / **ଜାମିନ୍‌ଦାର: ଶ୍ରୀ ପ୍ରେମାନନ୍ଦ ସାହୁ,** ପିତା: କୃଷ୍ଣ ଚନ୍ଦ୍ର ସାହୁ, ସମସ୍ତଙ୍କ ଠିକଣା- ସା/ପୋ: ଓଲସିଂହ, ଭାୟା: ଜଙ୍କିଆ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୨୦ | ଶ୍ରୀ ବୃନ୍ଦାବନ ଶ୍ରୀଚନ୍ଦନଙ୍କ ନାମରେ ଥିବା ସମ୍ପତ୍ତି (ଜମି ଏବଂ ଗୃହ)ର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୭୪/୯୫, ପ୍ଲଟ୍ ନଂ.: ୮୪୬/୧୩୦୯, କ୍ଷେତ୍ର: ଏକର୦.୦୫୦ଡିସିମିଲି, କିସମ: ଘରବାରି, ମୌଜା: ଓଲସିଂହ, ଜିଲ୍ଲା: ଖୋର୍ଦ୍ଧା | ୨୭.୦୮.୨୦୨୧ ସୁଦ୍ଧା ଟ.୬,୩୯,୩୩୪/- / ୨୮.୦୨.୨୦୨୨ ସୁଦ୍ଧା ଟ.୬,୮୨,୯୮୪/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୨୭.୦୮.୨୦୨୧ / ୦୪.୦୩.୨୦୨୨ |
| **ଇଟାମାଟି ଶାଖା** ଋଣଗ୍ରହୀତା ଏବଂ ବନ୍ଧକଦାତା: **ଶ୍ରୀ ପଞ୍ଚାନନ ସାଠୁଆ,** ପିତା: ଶ୍ୟାମ ସାଠୁଆ/ ଜାମିନ୍‌ଦାରମାନେ: ୧) **ଶ୍ରୀ ସନାତନ ସାଠୁଆ,** ପିତା: ଶ୍ୟାମ ସାଠୁଆ, ୨) **ଶ୍ରୀମତୀ ପାର୍ବତୀ ସାଠୁଆ,** ସ୍ୱାମୀ: ପଞ୍ଚାନନ ସାଠୁଆ, ସମସ୍ତଙ୍କ ଠିକଣା- ସା/ପୋ: ଇଟାମାଟି (ପ୍ରଧାନ ସାହି), ଜିଲ୍ଲା: ନୟାଗଡ, ପିନ୍-୭୫୨୦୬୮ | ଶ୍ରୀ ପଞ୍ଚାନନ ସାଠୁଆଙ୍କ ନାମରେ ଥିବା ସମ୍ପତ୍ତି (ଜମି ଏବଂ ଗୃହ)ର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୩୨୧/୨୧୧୨, ପ୍ଲଟ୍ ନଂ.: ୧୭୯୬/୫୨୦୩, କ୍ଷେତ୍ର: ଏକର୦.୦୦୩ଡିସିମିଲି, କିସମ: ଘରବାରି, ମୌଜା: ଇଟାମାଟି, ଜିଲ୍ଲା: ନୟାଗଡ | ୨୦.୧୧.୨୦୨୧ ସୁଦ୍ଧା ଟ.୪,୨୮,୫୫୦/- / ୨୮.୦୨.୨୦୨୨ ସୁଦ୍ଧା ଟ.୩,୫୨,୯୯୮/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୨୦.୧୧.୨୦୨୧ / ୦୪.୦୩.୨୦୨୨ |

ତାରିଖ: ୦୪.୦୩.୨୦୨୨, ସ୍ଥାନ: ଖୋର୍ଦ୍ଧା
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

ଧରିତ୍ରୀ
DHARITRI
ଗୁରୁବାର, ୧୦ ମାର୍ଚ୍ଚ, ୨୦୨୨

ଆମ ପକ୍ଷରେ ଆଉ କୌଣସି ଆଧ୍ୟାତ୍ମିକ ପୁନରାବୃତ୍ତିର ପ୍ରଶ୍ନ ନାହିଁ। କାରଣ ସେ ସବୁ ଆମର ପୂର୍ବସୂରୀମାନେ କରି ଯାଇଛନ୍ତି। ଆମର ଆଧ୍ୟାତ୍ମିକ ଅଭିଯାନ ତାହା ପରଠାରୁ ଆରମ୍ଭ ହେବ। ଏହା ଏକ ନୂତନ ସର୍ଜନାର ପ୍ରଶ୍ନ। -ଶ୍ରୀମା



# ଶିକ୍ଷାରେ କ୍ଷତି




ସୁଶାନ ଡିର୍ନସ୍କି
ସୁଶାନ ଡିର୍ନସ୍କି, ପ୍ରାଧ୍ୟାପକ( ଶିକ୍ଷା) ହାର୍ଭାର୍ଡ ଗ୍ରାଜୁଏଟ ସ୍କୁଲ୍ ଅଫ୍ ଏଡୁକେଶନ

ରାଚେଲ ଗ୍ଲେନେର୍ଷ୍ଟର
ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ୟୁକେ ଡିପାର୍ଟମେଣ୍ଟ ଫର୍ ଇଣ୍ଟରନ୍ୟାଶନାଲ ଡେଭଲପ୍‌ମେଣ୍ଟ

କୋଭିଡ୍-୧୯ ମହାମାରୀରେ ସ୍କୁଲ୍ ବନ୍ଦ ରହିବା ଯୋଗୁ ଶିକ୍ଷାରେ ବ୍ୟାପକ କ୍ଷତି ହୋଇଛି। ବିଶ୍ୱରେ ସ୍କୁଲଗୁଡ଼ିକରେ ସୃଷ୍ଟି ହୋଇଥିବା ଉକ୍ତ ସଙ୍କଟ ଦୂର କରି କିପରି ଏକ ସନ୍ତୁଳନ ସ୍ଥିତି ଅଣାଯାଇପାରିବ ତାହା ନିର୍ଦ୍ଧାରଣ କରିବା ବାସ୍ତବରେ ଅତ୍ୟନ୍ତ କଠିନ। ଏଣୁ ଏବକାର ସ୍ଥିତିରେ ଏହା ଉପରେ ଗଭୀର ଚିନ୍ତା କରିବା ଆବଶ୍ୟକ । କିନ୍ତୁ ଏହା ନ କରି ପିଲାମାନେ ମାସ୍କ ପିନ୍ଧିବା ଆବଶ୍ୟକ କି ନାହିଁ ତାହା ଉପରେ ଆମେରିକାର ସ୍କୁଲ କର୍ତ୍ତୃପକ୍ଷମାନେ ବିତର୍କରେ ମାତିଛନ୍ତି। ମହାମାରୀ ଦେଖାଦେବା ପରଠାରୁ ପ୍ରଥମ ଥର ଉଗାଣ୍ଡାରେ ସ୍କୁଲଗୁଡ଼ିକ ପୁନର୍ବାର ଖୋଲିଛି। ଏଭଳି ଗରିବ ଦେଶଗୁଡ଼ିକର ପିଲାମାନେ ମହାମାରୀରେ ବେଶି କ୍ଷତିଗ୍ରସ୍ତ ହୋଇଛନ୍ତି ଏବଂ ଦୁର୍ଗମ ଅଞ୍ଚଳରେ ପିଲାମାନେ ପଢ଼ିବା ଲାଗି ସୁଯୋଗ ପାଇପାରି ନାହାନ୍ତି। ଫଳରେ ଆଗାମୀ ଦଶନ୍ଧିଗୁଡ଼ିକରେ ବିଶ୍ୱରେ ସାମୂହିକ ଭାବେ ସ୍କୁଲ ପିଲାମାନଙ୍କ ଉପରେ ନକାରାତ୍ମକ ପ୍ରଭାବ ପଡ଼ିବ। ଯଦି ଜରୁରୀ ପଦକ୍ଷେପ ନିଆ ନ ଯାଏ ତେବେ ସ୍କୁଲ ବନ୍ଦ କାରଣରୁ କେବଳ ଆର୍ଥିକ କ୍ଷତି ବହୁ ଟ୍ରିଲିୟନ ଡଲାର ହେବ। ପିଲାମାନଙ୍କୁ ସ୍କୁଲକୁ ଆଣି ଶ୍ରେଣୀକକ୍ଷରେ ପଢ଼ାଇବା ଏବେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପିଲାମାନଙ୍କ ପଢ଼ାରେ ହୋଇଥିବା କ୍ଷତିକୁ ଭରଣା କରିବା ଲାଗି ତ୍ୱରିତ ଏବଂ ଯୋଜନାବଦ୍ଧ ପଦକ୍ଷେପ ନେବାକୁ ପଡ଼ିବ। ଏହାସହ ନୀତିନିର୍ଦ୍ଧାରକମାନେ ସୃଷ୍ଟି କରିଥିବା ବହୁ ବିପରୀତ ସ୍ଥିତି (ବାର୍ ଓ ରେସ୍ତୋରାଁ ଖୋଲି ସ୍କୁଲ ବନ୍ଦ କରିବା) ରେ ପରିବର୍ତ୍ତନ ଆଣିବା ; ହୋଇଥିବା କ୍ଷତିର ମୂଲ୍ୟାୟନ କରିବା ଏବଂ ଭବିଷ୍ୟତରେ କୋଭିଡ୍-୧୯ ଲହର ପାଇଁ ନୀତି ନିର୍ଦ୍ଧାରଣ କରି ତାହାକୁ ଲାଗୁ କରିବା ଉପରେ ଗୁରୁତ୍ୱର ସହ ଚିନ୍ତା କରିବା ଆବଶ୍ୟକ।

ଗତବର୍ଷ ପିଲାମାନଙ୍କ ଶିକ୍ଷା ଉପରେ ମହାମାରୀର କ'ଣ ପ୍ରଭାବ ରହିଥିଲା ସେ ସମ୍ପର୍କିତ ତଥ୍ୟ ଯୋଗାଡ କରିବା ଏବଂ ସେହି କ୍ଷତିକୁ କିପରି ପୂରଣ କରାଯାଇପାରିବ ତାହା ଜାଣିବା ଲାଗି ବିଶ୍ୱସ୍ତରୀୟ ଗବେଷକଗୋଷ୍ଠୀ ସହ ଆମେ କାମ କରିଥିଲୁ। ନିମ୍ନ, ମଧ୍ୟମ ଏବଂ ଉଚ୍ଚ ଆୟବର୍ଗର ଦେଶଗୁଡ଼ିକରେ କାର୍ଯ୍ୟରତ ଗବେଷକମାନଙ୍କୁ ନେଇ ଗଠିତ କମିଟିରେ ଅର୍ଥନୀତିଜ୍ଞ, ମନସ୍ତତ୍ତ୍ୱବିତ୍ ଏବଂ ଶିକ୍ଷା ବିଶେଷଜ୍ଞମାନେ ମଧ୍ୟ ସାମିଲ ହୋଇଥିଲେ। ବିଶେଷଜ୍ଞମାନଙ୍କ ମଧ୍ୟରେ ବିଭେଦ ସତ୍ତ୍ୱେ ପ୍ରାପ୍ତ ନିର୍ଯ୍ୟାସ ସ୍ପଷ୍ଟତଃ ସମାନ ଥିଲା। ଜାଣିବାକୁ ପାଇଥିଲୁ ଯେ,ମହାମାରୀ ଯୋଗୁ ବହୁଦିନ ସ୍କୁଲ ବନ୍ଦ ହେବା ପରେ ସ୍କୁଲକୁ ଫେରିଥିବା ପିଲାମାନଙ୍କ ଶୈକ୍ଷିକ ସ୍ତର ବା ମାନ ସେମାନଙ୍କ ବୟସ ଅନୁଯାୟୀ ଯାହା ରହିବା କଥା ତାହାଠାରୁ କମ୍ ରହିଥିଲା। ପଢାରେ ଓହିଓରେ ବର୍ଷର ଏକ ତୃତୀୟାଂଶ ଏବଂ ଭାରତର କର୍ନାଟକରେ ସମ୍ପୂର୍ଣ୍ଣ ଗୋଟିଏ ବର୍ଷ କ୍ଷତି ହୋଇଥିବା ଜଣାପଡ଼ିଛି। ଥରେ ଛାତ୍ରୀଛାତ୍ରମାନେ ପାଠ୍ୟକ୍ରମର ପଛରେ ରହିଗଲେ ବିନା ସହଯୋଗରେ ସେମାନେ ତାହା ଧରିବା କଷ୍ଟକର ବୋଲି ତଥ୍ୟରୁ ଜଣାପଡ଼ିଛି । ସେଥିପାଇଁ ଏହା ଏକ ଅତ୍ୟନ୍ତ ଚିନ୍ତାଜନକ ସ୍ଥିତି। ତେବେ ମୋଟ ଉପରେ ସ୍କୁଲରେ ପଢା ବନ୍ଦ ରହିଲେ ପିଲାମାନେ ସ୍କୁଲ ଛାଡ଼ିଥାଆନ୍ତି। ଏହା ପୂର୍ବରୁ ବି ଦେଖାଯାଇଥିଲା। ଇବୋଲା ପରେ ସିଏରା ଲିଓନରେ ସ୍କୁଲ୍ ପୁନର୍ବାର ଖୋଲା ହେବା ପରେ ୧୭ % ଝିଅ ଆଉ ସ୍କୁଲକୁ ଗଲେ ନାହିଁ। ଏଭଳି ଏକ ସ୍ୱଳ୍ପମିଆଦୀ କ୍ଷତି ସ୍ଥାୟୀ ହୋଇଗଲା ; ଅର୍ଥାତ୍ ଝିଅମାନେ ସ୍କୁଲ୍ ଛାଡ଼ିବା ଧାରା ଲାଗିରହିଲା। ଅତୀତରେ ଖୁବ୍ କମ୍ ଦିନ ପାଇଁ ସ୍କୁଲ ବନ୍ଦ ହେଲେ ସେଥିରେ ପିଲାମାନଙ୍କ ଶୈକ୍ଷିକ ମାନ ହ୍ରାସ ପାଇବା ମଧ୍ୟ ଦେଖାଯାଇଛି। ଆମେରିକାରେ ଦୁଇମାସିଆ ଗ୍ରୀଷ୍ମ ଅବକାଶ ଅବସରରେ ଗରିବ ପିଲାମାନଙ୍କ ଶୈକ୍ଷିକ ମାନ ପୂର୍ବାପେକ୍ଷା ତଳକୁ ଖସିଥାଏ। ଉତ୍ତର ପାକିସ୍ତାନରେ ୨୦୦୫ରେ ସଂଘଟିତ ପ୍ରଳୟଙ୍କରୀ ଭୂମିକମ୍ପ ଯୋଗୁ ସାମୟିକ ଭାବେ ସ୍କୁଲ ବନ୍ଦ ହେବାର ୪ ବର୍ଷ ପରେ ଛାତ୍ରୀଛାତ୍ରମାନେ ସେମାନଙ୍କ ସମବୟସ୍କ ପିଲାମାନଙ୍କ ତୁଳନାରେ ଜ୍ଞାନ କ୍ଷେତ୍ରରେ ଦେଢ ବର୍ଷ ପଛରେ ରହିଥିବା ଦେଖାଯାଇଥିଲା। ସ୍କୁଲ ଖୋଲା ରହିବା ଏବଂ ଆୟ ମଧ୍ୟରେ ଥିବା ସମ୍ପର୍କକୁ ବି ଗବେଷକମାନେ ଆକଳନ କରିଛନ୍ତି। କୋଭିଡ୍-୧୯ ମହାମାରୀରେ ସ୍କୁଲ୍ ବନ୍ଦ ହେବା ଫଳରେ ଏଯାବତ ଆୟର ୧୭ ଟ୍ରିଲିୟନ ଡଲାର କ୍ଷତି ହୋଇଛି। ପୁନଶ୍ଚ ୨୦୨୨ରେ ସ୍କୁଲ ବନ୍ଦ ରହିଲେ ଆହୁରି ଅଧିକ କ୍ଷତି ହେବ।

ତେବେ ଏଭଳି କ୍ଷତିକୁ ରୋକିବା ଲାଗି ଆମେ ପ୍ରାଥମିକତାଭିତ୍ତିରେ ସ୍କୁଲ ଖୋଲିବା ଉଚିତ। ସ୍କୁଲ ବନ୍ଦ ଜନିତ କ୍ଷତି ବାସ୍ତବରେ ଅତ୍ୟଧିକ। ଶଟ୍‌ଡାଉନ ଯୋଗୁ ଅର୍ଥ ବ୍ୟବସ୍ଥାର ଅନ୍ୟସବୁ ସେକ୍ଟରରେ ହୋଇଥିବା କ୍ଷତିଠାରୁ ଏହା ଅଧିକ ହେବ। ଏହି କ୍ଷତି ବହୁଦିନ ଧରି ଲାଗିରହିବା ସମ୍ଭାବନା ରହିଛି। ତଥ୍ୟରୁ ଜଣାପଡ଼ିଛି ଯେ, କୋଭିଡ୍-୧୯ ମହାମାରୀକୁ ରୋକିବା ପାଇଁ ଉନ୍ନତ ମାନର ମାସ୍କ ପିନ୍ଧିବା, ଶିକ୍ଷକ ଓ ଯୋଗ୍ୟ ପିଲାଙ୍କୁ ଟିକା ଦେବା ଏବଂ ଯଥା ସମ୍ଭବ ଭେଣ୍ଟିଲେଶନ ଯୋଗାଇବା ଭଳି ନିଆଯାଇଥିବା ପଦକ୍ଷେପଗୁଡ଼ିକ ସ୍କୁଲ୍‌ରେ ସଂକ୍ରମଣ କମ୍ କରିପାରିବ। ସ୍କୁଲଗୁଡ଼ିକୁ ପୁନର୍ବାର ଖୋଲାଯାଇପାରେ, କିନ୍ତୁ ତା'ର ଅର୍ଥ ନୁହେଁ ଯେ ପୂର୍ବରୁ ଯେମିତି ଖୋଲାଯାଉଥିଲା ସେମିତି ଖୋଲିବ। କୋଭିଡ୍ -୧୯ ସଂକ୍ରମଣ ପଢ଼ାଇବା ଏବଂ ପଢିବା ଧାରାକୁ ଅଧିକ ଜଟିଳ କରି ଶିକ୍ଷା କ୍ଷେତ୍ରରେ ଅସମାନତା ବୃଦ୍ଧି କରିଛି। ସେଥିପାଇଁ ମହାମାରୀରେ ପିଲାମାନଙ୍କ ପଢ଼ାରେ କେତେ କ୍ଷତି ହୋଇଛି ତାହା ସ୍କୁଲଗୁଡ଼ିକ ଆକଳନ କରିବା ଉଚିତ। ପିଲାମାନଙ୍କ ଶୈକ୍ଷିକ ସ୍ତର କେତେ ରହିଛି ତାହା ବିଚାର କରି ତାହାକୁ ଅନୁକୂଳ ସ୍ଥିତିକୁ ଆଣିବା ଲାଗି ଶିକ୍ଷକମାନଙ୍କୁ ସ୍କୁଲ ପ୍ରଶାସନ ଅନୁମତି ଦେବା ଆବଶ୍ୟକ। ଏବେ କରାଯାଇଥିବା ଶିକ୍ଷାଭିତ୍ତିକ ଗବେଷଣାର ଏହା ହିଁ ହେଉଛି ମୁଖ୍ୟ ବିଷୟ। ଏହି ଦୃଷ୍ଟିକୋଣକୁ ଶିକାଗୋରେ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ଲାଗୁ କରିବା ଦ୍ୱାରା ପରୀକ୍ଷାରେ ସେମାନଙ୍କ ପ୍ରଦର୍ଶନ ୨୦% ବଢିଥିଲା। ଭାରତର ଉତ୍ତରପ୍ରଦେଶରେ ଗୋଟିଏ ପାରା କିମ୍ବା ଗପ ପଢିପାରୁଥିବା ପିଲାର ପ୍ରଦର୍ଶନ ଦୁଇଗୁଣ ବୃଦ୍ଧିପାଇଥିଲା।

ବାସ୍ତବରେ ଏଭଳି ସଫଳତା ପାଇବା ଲାଗି ଶିକ୍ଷକମାନଙ୍କ ସହଯୋଗ ଦରକାର। ଏବେ ବ୍ୟାପକ ଶୈକ୍ଷିକ ପରିଣାମକୁ ଦୃଷ୍ଟିରେ ରଖି ପିଲାମାନଙ୍କ ଶିକ୍ଷାର ମାନ ବଢାଇବା ସକାଶେ ଶିକ୍ଷକମାନେ ପୂର୍ବାପେକ୍ଷା ଶ୍ରେଣୀଗୃହ ପଢାକୁ ସାହସର ସହ ସାମ୍ନା କରିବା ଉଚିତ। ଅନେକ ଅନ୍‌ଲାଇନ ଓ ଅଫ୍‌ଲାଇନ ପଢାକୁ ଏକ ସାଙ୍ଗରେ ଆପଣାଇ ସଫଳତାର ସହ ଆଗକୁ ବଢିବା ଦରକାର। ଗବେଷଣାରୁ ଜଣାପଡ଼ିଛି ଯେ, ମାର୍ଗଦର୍ଶକ ଶିକ୍ଷା ଯୋଜନାଗୁଡ଼ିକ ଯୋଗାଇଦେବା ହିଁ ଶୈକ୍ଷିକ ପରିଣାମରେ ଉନ୍ନତି ଆଣିବାରେ ଏକ ଲାଭଦାୟକ ଉପାୟ ହୋଇପାରିବ। ଉଚ୍ଚ ଓ ନିମ୍ନ ବର୍ଗର ଦେଶଗୁଡ଼ିକରେ କରାଯାଇଥିବା ବହୁ ଅନୁଧ୍ୟାନରୁ ଜଣାପଡ଼ିଛି ଯେ,ବ୍ୟକ୍ତିଗତ କିମ୍ବା ଛୋଟ ଛୋଟ ଟ୍ୟୁଟର ଗୋଷ୍ଠୀଗୁଡ଼ିକ ଛାତ୍ରୀଛାତ୍ରମାନଙ୍କର ଶିକ୍ଷାର ମାନ ବୃଦ୍ଧି କରିବା ପାଇଁ ଚେଷ୍ଟା କରୁଛନ୍ତି।

ଶେଷରେ, କେତେକ ଅଭିନବ ଶିକ୍ଷା ପଦ୍ଧତିରୁ ଲାଭ ପାଇବାକୁ ହେଲେ ତା'ଉପରେ ଆମେ ପୁଞ୍ଜି ଖଟାଇବା ଉଚିତ, ଯାହା ଆମେ ମହାମାରୀ ସମୟରେ କରିପାରିଲେ। ପିଲାମାନଙ୍କ ଶିକ୍ଷାକୁ ମହାମାରୀ ଧୂଳିସାତ କରିଦେଇଥିବାବେଳେ ସରକାର ଏବଂ ଶିକ୍ଷାକ୍ଷେତ୍ରରେ ଥିବା ମଙ୍ଗୁଆଳମାନେ ଏବେ ଜରୁରୀ, ବ୍ୟାପକ ଏବଂ ପ୍ରଭାବୀ ପଦକ୍ଷେପ ନେବା ଉଚିତ। ଏହାଦ୍ୱାରା ଶିକ୍ଷାରେ କ୍ଷତିକୁ ରୋକାଯାଇପାରିବ। ଏଭଳି ପଦକ୍ଷେପ ବିନା ପିଲାମାନଙ୍କ ଶୈକ୍ଷିକ ମାନ ସୁଧାରିବା ସମ୍ଭବ ହେବ ନାହିଁ। ଏହା ନ ହେଲେ ଉତ୍ପାଦକତାରେ ବହୁ ଟ୍ରିଲିୟନ ଡଲାର କ୍ଷତି ହେବ । ଏକ ନୂଆ ସଙ୍କଟ ମଧ୍ୟ ଦେଖାଦେବ। ଏଭଳି ସ୍ଥିତିରେ ସ୍କୁଲ ଖୋଲିବା ଧାରା ଜାରି ରଖିବା ପାଇଁ ଏକ ଉପଯୋଗୀ ଉପାୟ ଆପଣାଇବା ହିଁ ଆମ ପିଲା ଓ ଆମ ଭବିଷ୍ୟତକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିବ।

## ଏଇ ଭାରତରେ

ପ୍ରଦୂଷଣ ରୋକିବାରେ କେରଳର ଗୋଟିଏ ଦମ୍ପତିଙ୍କ ଅଭିନବ ଉପାୟ ଏକ ଉଦାହରଣ ସୃଷ୍ଟି କରିଛି। ବିନୟ କୁମାର ବାଲ୍‌କ୍ରିଷ୍ଣନ ଏବଂ ତାଙ୍କ ସ୍ତ୍ରୀ ଇନ୍ଦିରା ଗହମ ଓ ଧାନ କୁଣ୍ଡାରୁ ଏଡିବଲ ଟେବୁଲୱେର୍ ବା ଖାଇବାଯୋଗ୍ୟ ଚାମଚ, କଣ୍ଟାଚାମଚ, କପ୍, ପ୍ଲେଟ, ଠୋଲା ଆଦି ଜିନିଷ ତିଆରି କରୁଛନ୍ତି। ଏହାଦ୍ୱାରା ପ୍ଲାଷ୍ଟିକ ବ୍ୟବହାର କମ୍ ହୋଇପାରୁଛି। ସେ ପୋଲାଣ୍ଡ ଗସ୍ତରେ ଥିବାବେଳେ ଏଭଳି ଜିନିଷ ତିଆରି କରୁଥିବା କମ୍ପାନୀ ଦେଖିଥିଲେ। ପରେ ସେଠାରୁ ଫେରି ୨୦୧୮ରେ 'ଥୁଶାନ' ସଂସ୍ଥା ଗଠନ କରି ତାଙ୍କ ସ୍ତ୍ରୀଙ୍କ ସହାୟତାରେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ସେ କାଉନ୍‌ସିଲ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ୍ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ (ସିଏସ୍‌ଆଇଆର୍) ଅଧୀନସ୍ଥ ଥିରୁଭାନନ୍ତପୁରମ୍‌ର ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଇଣ୍ଟରଡିସିପ୍ଲିନାରୀ ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜି (ଏନ୍‌ଆଇଆଇଏସ୍‌ଟି) ସହଯୋଗରେ ଦେଢ ବର୍ଷରେ ମେଶିନ୍ ତିଆରି କରି ଉତ୍ପାଦନ ଆରମ୍ଭ କରିଥିଲେ। ଏବେ ତାଙ୍କ ଫ୍ୟାକ୍ଟ୍ରିରେ ଦିନକୁ ୧,୦୦୦ ପ୍ଲେଟ୍ ସହ ଅନ୍ୟସବୁ ଜିନିଷ ତିଆରି ହେଉଛି। ଏହା ବ୍ୟତୀତ ମାଟିରେ ସହଜରେ ମିଶିଯିବା ଭଳି ଅନ୍ୟ ଜିନିଷ ମଧ୍ୟ ତିଆରି କରାଯାଉଛି। ଏହି ପ୍ଲେଟର ଦାମ୍ ଆକାର ଅନୁଯାୟୀ ୩ ଟଙ୍କାରୁ ୨୦ ଟଙ୍କା ଯାଏ ରଖାଯାଇଛି। ଏବେ କମ୍ପାନୀର ଉତ୍ପାଦକୁ କେରଳର ୧୦ଟି ଜିଲାରେ ବିକ୍ରି କରାଯାଉଛି। ଫଳରେ ସିଙ୍ଗଲ ୟୁଜ୍‌ଡ ପ୍ଲାଷ୍ଟିକ୍ ବ୍ୟବହାର ବହୁଳ ଭାବେ ହ୍ରାସ ପାଉଛି ବୋଲି କହିଛନ୍ତି ବିନୟ କୁମାର।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ମାର୍ଚ୍ଚ ୧୯୯୭

- ମଧ୍ୟପ୍ରଦେଶର ମାଭାନ ରେଳବାଇ କ୍ରସିଂର ୭ କି.ମି. ଦୂର ରୁନାଠାରୁ ଏକ ଯାତ୍ରୀବାହୀ ବସ ଗୋଟିଏ ଟ୍ରେନ୍‌କୁ ଧକ୍କା ଦେବା ଫଳରେ ୧୫ ଜଣଙ୍କ ମୃତ୍ୟୁ।
- ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ସହିତ ୭୭ ଜଣ ତ୍ରିପୁରା ମୁକ୍ତି ସଙ୍ଗଠନର ଉଗ୍ରପନ୍ଥୀଙ୍କ ଆତ୍ମସମର୍ପଣ।
- ଉତ୍ତରପ୍ରଦେଶର ପୂର୍ବତନ ରାଜ୍ୟପାଳ ବେଜୱାଡ଼ା ଗୋପାଳ ରେଡ୍ଡୀଙ୍କ ୯୦ ବର୍ଷ ବୟସରେ ପରଲୋକ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | | | 7 | 6 |
| | | | 8 | | | | 4 | |
| | 6 | 2 | | | | | | |
| 8 | 5 | | | | 3 | | | 1 |
| 3 | | | | | | | | |
| | | 9 | | 7 | 4 | | 8 | |
| | 2 | | | | | 3 | 5 | |
| | | | 1 | 9 | | 7 | | |
| | 7 | 5 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏହି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 5 | 7 | 8 | 6 | 2 | 4 | 3 |
| 2 | 6 | 7 | 4 | 9 | 3 | 1 | 8 | 5 |
| 3 | 8 | 4 | 1 | 5 | 2 | 6 | 9 | 7 |
| 9 | 7 | 3 | 2 | 6 | 4 | 5 | 1 | 8 |
| 5 | 4 | 6 | 8 | 1 | 7 | 9 | 3 | 2 |
| 8 | 1 | 2 | 9 | 3 | 5 | 7 | 6 | 4 |
| 4 | 3 | 9 | 5 | 2 | 1 | 8 | 7 | 6 |
| 7 | 5 | 8 | 6 | 4 | 9 | 3 | 2 | 1 |
| 6 | 2 | 1 | 3 | 7 | 8 | 4 | 5 | 9 |

ଗତକାଲିର ଉତ୍ତର

# ଶିଶୁ ଅନୁକୂଳ ପୋଲିସ ଷ୍ଟେଶନ



ରାଜୀବ କୁମାର ନାୟକ

ଥାନା ଏବଂ କୋର୍ଟର ନାଁ ଶୁଣିଲେ କିଏ ନ ଡରେ। ଶିଶୁମାନଙ୍କ କଥା ଛାଡ଼, ବଡ଼ ଲୋକଙ୍କୁ ବି ଥାନା ଏବଂ କୋର୍ଟକୁ ଟିକେ କେହି ଯିବା ପାଇଁ ଡାକିଲେ କୁଣ୍ଠା ପ୍ରକାଶ କରନ୍ତି। ଏହା ଭିତରେ ଓଡ଼ିଶା ସରକାରଙ୍କ ଶିଶୁ ଅନୁକୂଳ ପୋଲିସ ଥାନା ପ୍ରତିଷ୍ଠା କରିବା ନିଷ୍ପତ୍ତି ବାସ୍ତବିକ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ରାଜ୍ୟରେ ମୋଟ ୩୪ଟି ପୋଲିସ ଜିଲା ରହିଥିବାବେଳେ ପ୍ରତ୍ୟେକ ଜିଲାରେ ପ୍ରଥମ ଥର ସକାଶେ ଅନ୍ତତଃପକ୍ଷେ ଗୋଟିଏ କରି ଶିଶୁ ଅନୁକୂଳ ପୋଲିସ ଷ୍ଟେଶନ ପ୍ରତିଷ୍ଠା କରିବା ପାଇଁ ସରକାର ଚିନ୍ତା କରିଛନ୍ତି। ଥରେ ଗୋଟିଏ ନିଷ୍ପତ୍ତି ନିଆଗଲା ଅର୍ଥ ପରବର୍ତ୍ତୀ ସମୟରେ ଏଥିରେ ଅଧିକରୁ ଅଧିକ ସଂଖ୍ୟାରେ ଥାନା ଯୋଡ଼ି ହେବ ବୋଲି ଆଶା କରାଯାଏ। ଏହି ନିଷ୍ପତ୍ତି ଦ୍ୱାରା ଶିଶୁ ଅଧିକାର କର୍ମୀମାନଙ୍କର ଏକ ଦୀର୍ଘ ଦିନର ସ୍ୱପ୍ନ ସାକାର ହୋଇଛି। କିଶୋର ନ୍ୟାୟ (ଯତ୍ନ ଏବଂ ସୁରକ୍ଷା) ଅଧିନିୟମ ୨୦୧୫ରେ ଶିଶୁ ଅନୁକୂଳ ପରିବେଶ କଥାକୁ ଗୁରୁତ୍ୱ ଦିଆଯାଇଅଛି। ଯଦ୍ୱାରା ପିଲାମାନଙ୍କ ବିଚାର କୋର୍ଟରେ ନ ହୋଇ କିଶୋର ନ୍ୟାୟ ବୋର୍ଡରେ ହେଉଛି। କିଶୋର ନ୍ୟାୟ ବୋର୍ଡ କୋର୍ଟ ପରିସର ବାହାରେ ରହିବାର ପ୍ରାବଧାନତା ଥିବା ବେଳେ ଅନେକ ସ୍ଥାନରେ ଏହା ଅନ୍ୟତ୍ର ମଧ୍ୟ କାର୍ଯ୍ୟକାରୀ ହେଉଛି। କୋର୍ଟ ଭଳି ଉଚ୍ଚ ମଞ୍ଚ ରହୁନାହିଁ। ପରିସରକୁ ଶିଶୁ ଅନୁକୂଳ କରିବା ନିମିତ୍ତ କାନ୍ଥରେ ସୁନ୍ଦର ଚିତ୍ର ସହିତ କିଛି ଶିକ୍ଷଣୀୟ ବିଷୟ ରଖିବାକୁ ପ୍ରୟାସ ଜାରି ରହିଛି। ଓକିଲ କିମ୍ବା ବୋର୍ଡର ସଭ୍ୟାସଭ୍ୟ ସାଦା ପୋଷାକରେ ରହୁଛନ୍ତି। ଠିକ୍ ସେହିପରି ପୋଲିସ ଅଧିକାରୀ ମଧ୍ୟ ସାଦା ପୋଷାକରେ ଆସୁଛନ୍ତି। ଶିଶୁ ଅନୁକୂଳ ପରିବେଶ ନିମିତ୍ତ ଏଭଳି ଅନେକ ପରିବର୍ତ୍ତନ ହୋଇଥିବାବେଳେ ଆଜି ପର୍ଯ୍ୟନ୍ତ ଥାନାରେ ସେଭଳି ପରିବେଶ ସୃଷ୍ଟି ହୋଇ ପାରି ନ ଥିଲା। ଓଡ଼ିଶା ସରକାରଙ୍କ ନିଷ୍ପତ୍ତିକ୍ରମେ ଏବେ ଥାନାରେ ଶିଶୁମାନଙ୍କ ସକାଶେ ସ୍ୱତନ୍ତ୍ର ସୁବିଧା କରାଯିବ। ଏଥିରେ ବିଭିନ୍ନ ପ୍ରକାରର ପୁସ୍ତକ, ପତ୍ରପତ୍ରିକା, ସମ୍ବାଦପତ୍ର ରଖାଯିବ। ଏହା ସହିତ ଶିଶୁ ଅଧିକାର ସମ୍ପର୍କିତ ବିଭିନ୍ନ ଫଳକ, ପୋଲିସ କ'ଣ କରିବ କ'ଣ କରିବ ନାହିଁ, ଥାନାରେ ଚୟନ କରାଯାଇଥିବା ଶିଶୁ ମଙ୍ଗଳ ପୋଲିସ ଅଧିକାରୀ ଭିନ୍ନ ଜିଲା ଶିଶୁ ସୁରକ୍ଷା ଅଧିକାରୀ, କିଶୋର ନ୍ୟାୟ ବୋର୍ଡ, ଶିଶୁ ମଙ୍ଗଳ ସମିତି ସ୍ୱତନ୍ତ୍ର କିଶୋର ନ୍ୟାୟ ପୋଲିସ ୟୁନିଟ୍ ଇତ୍ୟାଦିର ଠିକଣା ତଥା ଫୋନ୍ ନମ୍ବର ସହିତ ଅନ୍ୟାନ୍ୟ ସୂଚନା ଥିବା ଫଳକ, ପିଲାଙ୍କ ଖେଳନା ଇତ୍ୟାଦି ରଖାଯିବ। ଥାନା ପରିସରକୁ ଶିଶୁ ଅନୁକୂଳ କରିବା ନିମିତ୍ତ କାନ୍ଥରେ ସୁନ୍ଦର ଚିତ୍ର ସବୁ ରଖିବା ସହିତ କିଛି ଶିକ୍ଷଣୀୟ ବିଷୟ ସ୍ଥାନ ପାଇବ। ଥାନାକୁ ଯାଉଥିବା ଶିଶୁମାନଙ୍କର ମାନସିକ ଚାପ ହ୍ରାସ କରିବା ନିମିତ୍ତ ଶିଶୁ ଅନୁକୂଳ ଥାନା ପ୍ରତିଷ୍ଠା ବେଶ୍ ସହାୟକ ହେବ ନିଶ୍ଚୟ। ଏଥିନିମିତ୍ତ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠ ରହିବ, ଯାହା ଆଦୌ ଥାନା ଭଳି ପ୍ରତୀୟମାନ ହେବ ନାହିଁ। ପୋଲିସ କୌଣସି ଶିଶୁକୁ ହାତକଡ଼ି ଲଗାଇ ପାରିବ ନାହିଁ। ପୋଲିସ କୌଣସି ଶିଶୁକୁ ନିଜ ଅକ୍ତିଆରକୁ ଆଣିଲେ ମାତାପିତା/ଅଭିଭାବକଙ୍କୁ ନୋଟିସ୍ ପଠାଇ ନିଶ୍ଚିତ ରୂପେ ଅବଗତ କରାଇବ। ଶିଶୁକୁ ପଚରା ଉଚୁରା କଲାବେଳେ ବାହାର ଲୋକ କେହି ରହିବେ ନାହିଁ, ଯଦ୍ୱାରା ଶିଶୁ ଅସ୍ୱାଭାବିକ ମନେକରିବ। ମା'ବାପାଙ୍କ ମଧ୍ୟରୁ କେହି ରହିପାରନ୍ତି ଶିଶୁକୁ ସହଜ କରିବା ନିମିତ୍ତ। ଶିଶୁ ଅନୁକୂଳ ପୋଲିସ ଷ୍ଟେଶନର ପରିକଳ୍ପନା ଫଳରେ ପୋଲିସମାନେ ଶିଶୁମାନଙ୍କର ଅଧିକାର ସମ୍ବନ୍ଧରେ ଅଧିକ ସଚେତନ ରହିବେ, ଶିଶୁମାନଙ୍କୁ ସାମ୍ନା କଲାବେଳେ ଅଧିକ ଦାୟିତ୍ୱବାନ୍ ହେବେ, ଯଦ୍ୱାରା ଶିଶୁମାନଙ୍କ ପ୍ରତି ହେଉଥିବା ହିଂସା ଅନେକ ମାତ୍ରାରେ କମିବାରେ ଏହା ସହାୟକ ହେବ।

ଶିଶୁ ଅନୁକୂଳ ଏହା ସୂଚାଏ ଯେ ଶିଶୁଙ୍କ ନିମିତ୍ତ ସ୍ୱତନ୍ତ୍ର ସ୍ଥାନର ବ୍ୟବସ୍ଥା, ଶିଶୁ ସହିତ ସହଜ ହେଲା ଭଳି ଭାଷା ବ୍ୟବହାର, କେବଳ ଶିଶୁ ସମ୍ପର୍କିତ ମାମଲା ବୁଝିବାକୁ ଶିଶୁ ମଙ୍ଗଳ ପୋଲିସ ଅଧିକାରୀ, ଗୁଣାତ୍ମକ ସେବା, ଉପଯୁକ୍ତ ପ୍ରକ୍ରିୟା ଅବଲମ୍ବନ, ଆଇନ ସହାୟତା ସୁବିଧା ତଥା ଶିଶୁର ଇଚ୍ଛାକୁ ସମ୍ମାନ ଦେବା ଇତ୍ୟାଦିକୁ ପ୍ରାଥମିକତା ଦେବା କଥା। ପୃଥିବୀର ସମସ୍ତ ରାଷ୍ଟ୍ର ମଧ୍ୟରୁ ଭାରତବର୍ଷରେ ସବୁଠାରୁ ଅଧିକ ଶିଶୁ ବସବାସ କରନ୍ତି। ଶିଶୁମାନେ ହେଉଛନ୍ତି ଦେଶର ବହୁତ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି ଏବଂ ସମ୍ମାନର ସହିତ ତାଙ୍କର ଦେଖାଶୁଣା ହେବା ଉଚିତ। ଯେଉଁଠାରେ ସେମାନେ ସୁରକ୍ଷିତ ରହିବା ସହିତ ତାଙ୍କୁ ସମସ୍ତ ପ୍ରକାର ସୁବିଧା ମିଳିବ, ଯଦ୍ୱାରା ତାଙ୍କର ଉପଯୁକ୍ତ ବିକାଶ ସମ୍ଭବପର ହେବ। ତେଣୁ ତାଙ୍କର ସର୍ବୋତ୍ତମ ସ୍ୱାର୍ଥକୁ ଅଣଦେଖା କରା ଯାଇ ନ ପାରେ। ଉଭୟ ଯତ୍ନ ଏବଂ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ତଥା ଆଇନ ସହିତ ଦ୍ୱନ୍ଦ୍ୱରେ ଥିବା ଶିଶୁଙ୍କ ଅସୁବିଧା ସମୟରେ ଶିଶୁର ପ୍ରଥମ ସମ୍ପର୍କ ସ୍ଥାପନର ବିନ୍ଦୁ ହେଉଛି ପୋଲିସ। ତେଣୁ କିଶୋର ନ୍ୟାୟ (ଯତ୍ନ ଏବଂ ସୁରକ୍ଷା) ଅଧିନିୟମ ୨୦୧୫ରେ ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ ପ୍ରତ୍ୟେକ ଜିଲାରେ ରହିବାର ପ୍ରାବଧାନତା ରହିଛି। ଏହା ମୁଖ୍ୟତଃ ଜଣେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ପ୍ରତ୍ୟେକ ଥାନାର ଶିଶୁ ମଙ୍ଗଳ ପୋଲିସ ଅଧିକାରୀ ଏବଂ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ରେ ଥିବା ୨ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ଗଠିତ ହୋଇଥାଏ। ପ୍ରତ୍ୟେକ ଥାନା ନିଜ ତରଫରୁ ଜଣକୁ ମୁଖ୍ୟତଃ ଶିଶୁମାନଙ୍କ କଥା ବୁଝିବାକୁ ଶିଶୁ ମଙ୍ଗଳ ପୋଲିସ ଅଧିକାରୀ ଚୟନ କରିବାର ବ୍ୟବସ୍ଥା ମଧ୍ୟ ରହିଛି। ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟର ସଭ୍ୟାସଭ୍ୟଙ୍କୁ ଶିଶୁମାନଙ୍କ କଥା ଉପଯୁକ୍ତ ଭାବରେ ଶୁଣିବା ନିମିତ୍ତ ସ୍ୱତନ୍ତ୍ର ତାଲିମ ପ୍ରଦାନ, ନିର୍ଦ୍ଦେଶାବଳୀ ପ୍ରଣୟନ, ଶିଶୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ଶିଶୁର କଥା ଶୁଣିବା ଇତ୍ୟାଦି ଶିଶୁ ଅନୁକୂଳ ପୋଲିସ ଷ୍ଟେଶନ ଗଠନର ଅଂଶବିଶେଷ। ଶିଶୁର ଚାରୋଟି ମୌଳିକ ଅଧିକାର ଯଥା- ବଞ୍ଚିବାର ଅଧିକାର, ବିକାଶର ଅଧିକାର, ସୁରକ୍ଷାର ଅଧିକାର ଏବଂ ସହଭାଗିତାର ଅଧିକାରକୁ ଆଖି ଆଗରେ ରଖି ଏଣିକି ପ୍ରତ୍ୟେକ ଥାନାରେ ସୁରକ୍ଷିତ ପରିବେଶ ରହିବ। ଏହି କ୍ରମରେ କିଛି ମୌଳିକ ସୁବିଧା ଯଥା- ଉପଯୁକ୍ତ ପିଇବା ପାଣି, ପରିମଳ ବ୍ୟବସ୍ଥା, ଖାଦ୍ୟ ତଥା ଚିତ୍ତ ବିନୋଦନର ବ୍ୟବସ୍ଥା ରହିବ। ଫାଷ୍ଟ ଏଡ୍ ବାକ୍ସ ତଥା ଅଭିଯୋଗ ବାକ୍ସ ମଧ୍ୟ ଶିଶୁ ଅନୁକୂଳ ପୋଲିସ୍ ଷ୍ଟେଶନ୍‌ରେ ରହିବା ବାଞ୍ଛନୀୟ।

ଆଗରୁ ଓଡ଼ିଶାର ଥାନାମାନଙ୍କରେ ମହିଳା ଏବଂ ଶିଶୁ ଡେସ୍କର ପ୍ରାବଧାନତା ଥିଲା, ଯଦ୍ୱାରା କିଛି ପୋଲିସ ଅଧିକାରୀ ମହିଳା ଏବଂ ଶିଶୁଙ୍କ ସୁରକ୍ଷା ନିମିତ୍ତ ସବୁବେଳେ ସଜାଗ ରହୁଥିଲେ। ଥାନାମାନଙ୍କରେ ମହିଳା ଓ ଶିଶୁ ଡେସ୍କ ଅଭ୍ୟର୍ଥନା ପ୍ରକୋଷ୍ଠ ନାମରେ ଏକ ସ୍ୱତନ୍ତ୍ର କକ୍ଷ ଉଦ୍ଦିଷ୍ଟ ରହୁଥିଲା। ଏବେ ଶିଶୁ ଅନୁକୂଳ ଥାନା ପ୍ରତିଷ୍ଠା ପରିକଳ୍ପନା ଫଳରେ ଏଥିରେ ଆଉ ଏକ ଫର୍ଦ୍ଦ ଯୋଡ଼ି ହେଲା ବୋଲି କୁହାଯାଇପାରେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଶିଶୁ ଅନୁକୂଳ ପୋଲିସ ଷ୍ଟେଶନର ସଫଳ କାର୍ଯ୍ୟକାରିତା ଥାନାରେ କାର୍ଯ୍ୟରତ ପୋଲିସ ଅଧିକାରୀମାନଙ୍କର ଆନ୍ତରିକତା ଉପରେ ଅନେକ ମାତ୍ରାରେ ନିର୍ଭର କରେ। ଏଥିନିମିତ୍ତ ସରକାରଙ୍କ ତରଫରୁ ମଧ୍ୟ ଆବଶ୍ୟକୀୟ ସହଯୋଗ ପ୍ରଦାନ କରାଯିବା ଉଚିତ।

ପଦରପଡ଼ା, ବୌଦ୍ଧ
ମୋ: ୯୪୩୭୫୬୭୧୮୩୧

# ପରିବେଶ ସୁରକ୍ଷା ଆଜିର ଆହ୍ୱାନ



ବିମଳ ପ୍ରସନ୍ନ ଦାସ

ଆଜିର ଅତ୍ୟାଧୁନିକ ଯୁଗରେ ମଣିଷ-କୃତ ପ୍ରଦୂଷଣ ପ୍ରଭାବରେ ବାୟୁମଣ୍ଡଳରେ ଅମ୍ଳଜାନ ପରିବର୍ତ୍ତେ ଅଙ୍ଗାରକାମ୍ଳ ଗ୍ୟାସ ପରିମାଣ ବଢ଼ିବାରେ ଲାଗିଛି। ଏହାର ପରିମାଣ ଅଧିକ ହେବା ଯୋଗୁ ଭୂପୃଷ୍ଠର ତାପମାତ୍ରା ବୃଦ୍ଧି ପାଉଛି, ଫଳରେ ସମୁଦ୍ରର ଜଳସ୍ତର ବଢ଼ିବାରେ ଲାଗିଛି। ଏଥିପାଇଁ କେତେକ ଦ୍ୱୀପପୁଞ୍ଜ ପାଣିରେ ବୁଡ଼ି ଯାଇଛି ଏବଂ ସମୁଦ୍ରର ଜଳସ୍ତର ବଢ଼ିଚାଲିଛି।

ବିଜ୍ଞାନ ପତ୍ରିକା 'ନେଚର'ରେ ପ୍ରକାଶିତ ତଥ୍ୟ ଅନୁସାରେ 'ଏଭରେଷ୍ଟ'ରେ ଗତ ୨୦୦୦ (ଦୁଇହଜାର) ବର୍ଷ ମଧ୍ୟରେ ଯେଉଁ ବରଫ ଜମିଥିଲା, ୨୫ (ପଚିଶ) ବର୍ଷ ମଧ୍ୟରେ ସେଥିରୁ ୧୮୦ (ଏକଶହ ଅଶୀ) ଫୁଟ ପର୍ଯ୍ୟନ୍ତ ତରଳିଛି। ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନ ଯୋଗୁ ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତା ସମୁଦ୍ର ଗର୍ଭରେ ଲୀନ ହେବାକୁ ବସିଲାଣି। କେବଳ ଏତିକି ନୁହେଁ, ଭୂପୃଷ୍ଠର ଜଳୀୟଭାଗ ସହ ଜୈବ ସଂପଦ ହ୍ରାସ ପାଉଛି ; ଯାହା ଅତ୍ୟନ୍ତ ଦୁଃଖଦ- ଏ ଦିଗରେ ଚାଇନା ଓ ଆମେରିକା ପରେ ଭାରତ ହେଉଛି ତୃତୀୟ। ଜଳବାୟୁ ପରିବର୍ତ୍ତନର ପ୍ରଭାବ ଛୋଟ ପିଲାମାନଙ୍କ ଉପରେ ପଡୁଛି। ସେମାନଙ୍କଠାରେ ଶାରୀରିକ ସହିତ ମାନସିକ ସମସ୍ୟା ଦେଖାଦେଉଛି। ମନୋବିଜ୍ଞାନୀମାନଙ୍କ କହିବା ଅନୁସାରେ ପିଲାଙ୍କଠାରେ ଚିନ୍ତା, ଅବସାଦ, ଦୁଃଖ, ହଠାତ ରାଗିଯିବା ଓ ଚିଡ଼ଚିଡ଼ାପଣ ଦେଖାଯାଉଛି। ମନୋବିଜ୍ଞାନୀମାନେ ଏପରି ପରିବର୍ତ୍ତନକୁ 'ଇକୋ-ଆଙ୍କ୍‌ଜାଇଟ' ଭାବରେ ଅଭିହିତ କରିଛନ୍ତି।

ପରିବେଶ ପ୍ରଦୂଷଣ ଓ ଏଥିଯୋଗୁ ଘଟୁଥିବା ଜଳବାୟୁ ପରିବର୍ତ୍ତନ ଏବଂ ଏହାର ନିରାକରଣ ଦିଗରେ କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ସ୍ୱିଡେନର 'ଗ୍ରେଟା ଥନବର୍ଗ', ଆଠ ବର୍ଷ ବୟସରୁ ଜଳବାୟୁ ପରିବର୍ତ୍ତନ ବିଷୟରେ ଜାଣିବା ପାଇଁ ସେ ଅତି ଅସମ୍ଭବ ଭାବରେ ଉତ୍କଣ୍ଠିତ ହୋଇ ଉଠିଥିଲେ। ଏହା ନିଶ୍ଚିତ ଏକ ବିରଳ ଦୃଷ୍ଟାନ୍ତ। ୨୦୧୮ରେ ନବମ ଶ୍ରେଣୀରେ ପଢୁଥିବାବେଳେ ସେ ସ୍କୁଲ ବନ୍ଦ କରି ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗରେ 'ସ୍ୱିଡେନ ସଂସଦ' ଆଗରେ ଧାରଣା ଦେଇଥିଲେ। ତାଙ୍କ ହାତରେ ଗୋଟିଏ ମାତ୍ର 'ପ୍ଲାକାର୍ଡ'ସେ ଧରିଥିଲେ। ସେଥିରେ ଲେଖାଥିଲା "ସ୍କୁଲ ଷ୍ଟ୍ରାଇକ ଫର କ୍ଲାଇମେଟ ଚେଞ୍ଜ"। ଏହା ପରଦିନ ସେହି 'ପ୍ଲାକାର୍ଡ' ଧରି ସ୍ୱିଡେନ ସଂସଦ ଭବନ ସମ୍ମୁଖରେ ଆସୁଥିଲେ, ଯେଉଁ ସମୟରେ ସ୍ୱିଡେନର ତାପମାତ୍ରା ୨୬୦ ବର୍ଷର ରେକର୍ଡ ଭାଙ୍ଗିଥିଲା। ଦୁର୍ଭାଗ୍ୟ ଯେ ସେତେବେଳେ କେହି ବି ତାଙ୍କୁ ସମର୍ଥନ କରି ନ ଥିଲେ। ତଥାପି ନିଜ ଲକ୍ଷ୍ୟ ପଥରେ ଆପଣାର ଉଦ୍ୟମ ଅବ୍ୟାହତ ରଖି ଠିକ୍ ବର୍ଷକ ପରେ ସେ ଚର୍ଚ୍ଚାକୁ ଆସିଲେ। ତାଙ୍କ ପରିବେଶ ଆନ୍ଦୋଳନ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିଲା। ସୋସିଆଲ୍ ମିଡିଆରେ "ଫ୍ରାଇଡେ ଫର ଫିଉଚର ଫଣ୍ଡ" କରି ପରିବେଶକୁ ବଞ୍ଚାଇବା ପାଇଁ ଏକ ଅଭିଯାନ ଆରମ୍ଭ କଲେ। ନ୍ୟୁୟର୍କରେ ଅନୁଷ୍ଠିତ "ୟୁଏନ୍ କ୍ଲାଇମେଟ ଚେଞ୍ଜ୍ ଆକ୍ସନ ସମିଟ'ରେ ଯୋଗ ଦେବାକୁ ସେ ବୋଟ ଦ୍ୱାରା ଯାଇଥିଲେ। ସେଠାରେ ପହଞ୍ଚିବାକୁ ତାଙ୍କୁ ଦୁଇ ସପ୍ତାହ ଲାଗିଥିଲା। ସେଇଠି ତାଙ୍କର ଓଜସ୍ୱିନୀ ଭାଷଣ ଶୁଣି ବିଶ୍ୱ ନେତୃବୃନ୍ଦ ଏବଂ ଅନ୍ୟ ରାଜନେତାମାନେ ବିସ୍ମିତ ହୋଇଯାଇଥିଲେ। ଏପରି କାର୍ଯ୍ୟ ପାଇଁ ୨୦୧୯ରେ 'ଟାଇମ' ମାଗାଜିନରେ ତାଙ୍କୁ 'ପର୍ସନ ଅଫ ଦି ଇଅର' ଭାବରେ ମନୋନୀତ କରାଯାଇଥିଲା। କମ ବୟସରେ ଜଳବାୟୁ ପରିବର୍ତ୍ତନ ଓ ପରିବେଶ ପାଇଁ କାର୍ଯ୍ୟ କରୁଥିବାରୁ ସେ ସମଗ୍ର ବିଶ୍ୱରେ ପରିବେଶ ସୁରକ୍ଷା ଦିଗରେ ଆଦର୍ଶ ସୃଷ୍ଟି କରିଥିବା ଜଣେ 'ରୋଲ ଆଇକନ' ଭାବରେ ପରିଚିତ ହେବାର ବିରଳ ସୌଭାଗ୍ୟ ଅର୍ଜନ କରିଛନ୍ତି।

ତାଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ପରିବେଶ ସୁରକ୍ଷା ଅଭିଯାନରେ ୧୮୫ଟି ଦେଶର ୭କୋଟିରୁ ଅଧିକ ଲୋକ, ୧୬ଟି ଦେଶରୁ ଅଧିକ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। 'ଗ୍ରେଟା' ମଧ୍ୟ ବିମାନରେ ଯାତ୍ରା କରିବା ବନ୍ଦ କରି ଦେଇଥିଲେ। ତାଙ୍କର ମତ ହେଲା ବିମାନରେ ଇନ୍ଧନ ଜଳିବା ଦ୍ୱାରା ବହୁ ପରିମାଣର ଦୂଷିତ ଓ କ୍ଷତିକାରକ ଗ୍ୟାସ ନିର୍ଗତ ହୁଏ, ଯାହା 'ଗ୍ଲୋବାଲ ୱାର୍ମିଂ' ର କାରଣ ହୋଇଥାଏ।

ସେ କହୁଥିଲେ ଘର ବା ବିଦ୍ୟାଳୟ ଚାରିପଟେ ଗଛ ଲଗାଇଲେ ଅମ୍ଳଜାନ ମାତ୍ରା ବୃଦ୍ଧି ପାଇବା ଆବଶ୍ୟକ ନ ଥିଲେ ନିଜ ଘରେ ଲାଇଟ, ଫ୍ୟାନ, କମ୍ପ୍ୟୁଟର, ଲ୍ୟାପଟପ ଆଦି ଅଯଥା ଜଳ ନଷ୍ଟ କରିବା ଅନୁଚିତ। ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ପଶୁପକ୍ଷୀମାନଙ୍କ ପ୍ରତି ଯତ୍ନବାନ ହେବା ଆବଶ୍ୟକ। ଆମେ ନିଜେ ପରିବେଶ ସମ୍ପର୍କରେ ସଚେତନ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କଲେ ସାମୂହିକ ସମ୍ବେଦନା ପରିବେଶ ସମ୍ପର୍କରେ ଜାଗ୍ରତ ହେବ, ଯାହା ଆମ ସହିତ ପରପିଢ଼ି ପାଇଁ ଅପରିହାର୍ଯ୍ୟ।

ମୋ :୯୪୩୮୧୮୬୨୨୬

## ପାଠକ ଶ୍ରେଷ୍ଠ ବିଚାରକ

### ସମ୍ପତ୍ତି ଠୁଳ ନିଶା ଘାରୁଛି

ମହାଶୟ,

ଜୀବନ ଜଞ୍ଜାଳ ସମ୍ଭାଳିବା ପାଇଁ ପ୍ରତ୍ୟେକଙ୍କର ଅର୍ଥ ଆବଶ୍ୟକ ରହିଛି । ଆବଶ୍ୟକତା ପୂରଣ ଦିଗରେ ସଚ୍ଚୋଟତା ଏବଂ ସଂଯମ ମଧ୍ୟ ଜରୁରୀ । ମାତ୍ର ବର୍ତ୍ତମାନ ସମୟରେ ଦେଖାଯାଉଛି, ବ୍ୟକ୍ତି ନିଜର ଆବଶ୍ୟକତାକୁ ସୀମା ଭିତରେ ଆବଦ୍ଧ ନ ରଖି ଏହାକୁ ଅତ୍ୟଧିକ ବଢ଼ାଇ ଚାଲିଛି । ଏଥିପାଇଁ ବିପୁଳ ଅର୍ଥ ଠୁଳ କରିବାର ନିଶା ଘାରୁଛି । ଯେତେ ପାଇଲେ ମଧ୍ୟ ଆହୁରି ଅଧିକ ପାଇବାର ଇଚ୍ଛା ବଢୁଛି । ଫଳରେ ବ୍ୟକ୍ତି ଅବାଟରେ ଯାଇ ଅନୈତିକ ଉପାୟରେ ଅର୍ଥ ଉପାର୍ଜନ କରୁଛି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଛନ୍ଦିହୋଇ କେତେଜଣ କାଠଗଡ଼ାରେ ଛିଡ଼ାହେଉଥିବା ଦେଖି ମଧ୍ୟ ଅନ୍ୟମାନେ ସତର୍କ ହେଉନାହାନ୍ତି । ସାଧାରଣ ଜୀବନ ବିତାଉଥିବା ବ୍ୟକ୍ତି ହଠାତ୍ କ୍ଷମତା ପାଇଗଲେ, ନିଜକୁ ଭୋଗବିଳାସରେ ବୁଡ଼ାଇ ରଖିବାକୁ ଚାହୁଁଛି । ଭଲମନ୍ଦର ବିଚାର ନ କରି କେବଳ ଅର୍ଥ ପଛରେ ଦୌଡ଼ିବା ହିଁ ଏକମାତ୍ର ଚିନ୍ତା ହୋଇଯାଉଛି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଏକ ଅପରାଧ ଭାବେ ପରିଗଣିତ ହେଉଥିବା ବେଳେ କେତେଜଣଙ୍କର ଏଥିପ୍ରତି ଆଦୌ ଭ୍ରୂକ୍ଷେପ ନାହିଁ । ଅଧିକ ସମ୍ପତ୍ତି ଆହରଣ ହିଁ ଜୀବନକୁ ସଫଳ କରିବ ବୋଲି ଧରିନେଇ ସେମାନେ ଅବାଟକୁ ବାଛି ନେଉଛନ୍ତି । ଏଥିପାଇଁ ଦିନକୁ ଦିନ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ବହୁ ଅଧିକାରୀ ଛନ୍ଦି ହେଉଛନ୍ତି । ଅନ୍ୟକୁ ନିଜର ବଡ଼ପଣିଆ ଦେଖାଇଦେବାକୁ ଚାହୁଁଥିବା ଲୋକେ ହିଁ ଆବଶ୍ୟକତାଠାରୁ ବହୁ ଅଧିକ ଅର୍ଥ ଠୁଳରେ ମାତିଯାଉଛନ୍ତି । ଏହା ଆଦୌ ଠିକ୍ ବିଚାର ନୁହେଁ ।

-ସୁଧାଂଶୁ ମହାପାତ୍ର, ନୀଳାଦ୍ରିବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଗାଇ ବିଦାୟର ଡାକ
ନୀଡ଼େ ଫେରେ ଶୁଣ କାକ
ସନ୍ଧ୍ୟା ମେଘରେ ଗଭୀର ବିଷାଦେ,
ଦୂରଗ୍ରାମେ ଜଳେ ଦୀପ
ଦୂର ବନଗିରି ନୀପ
ମଉଳେ କିବା ଅବସାଦେ!
-(ଆଶ୍ଳେଷ ସ୍ୱର୍ଗ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୫୫ହଜାର ଛୁଇଁଲା ସୁନା ଦର

**ନୂଆଦିଲ୍ଲୀ:** ପ୍ରାୟ ୨ ବର୍ଷ ପରେ ପୁଣି ଥରେ ସୁନା ଦର ୫୫ ହଜାର ଟଙ୍କା ଛୁଇଁଛି। ରୁଷିଆ ଓ ୟୁକ୍ରେନ୍ ମଧରେ ଚାଲିଥିବା ଯୁଦ୍ଧ ଭିତରେ ଆମେରିକା ଏବଂ ତା'ର ସହଯୋଗୀ ଦେଶ ପକ୍ଷରୁ ରୁଷିଆ ଉପରେ ପ୍ରତିବନ୍ଧକ ଲଗାଯିବା ଫଳରେ ସୁନା ଦର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ମଲ୍ଟି କମୋଡିଟି ଏକ୍ସଚେଞ୍ଜ(ଏମ୍‌ସିଏକ୍ସ) ଉପରେ ଗୋଲ୍ଡ ଫ୍ୟୁଚର ୧.୬୪% ବୃଦ୍ଧି ଘଟି ୫୫,୧୧୧ଟଙ୍କାରେ ପହଞ୍ଚିଛି। ବୁଧବାର ସୁନା ଦରରେ ୭୩୫ ଟଙ୍କା ବୃଦ୍ଧି ହୋଇଥିବା ବେଳେ ରୁପା ମୂଲ୍ୟ ମଧ କି.ଗ୍ରା. ପ୍ରତି ୯୮୮ଟଙ୍କା ବୃଦ୍ଧି ଘଟି ୭୨, ୯୫୦ ଟଙ୍କାରେ ପହଞ୍ଚିଛି।

# 'ଟେଲ୍ସ ଅଫ୍ ଡିଫରେଣ୍ଟ ଟେଲ୍ସ'ର ବୁକ୍ ସିରିଜ ଉନ୍ମୋଚିତ

ନୂଆଦିଲ୍ଲୀ,୯।୩



ସୋନାଲିକା ପବ୍ଲିକେଶନ ଦେଶର ପ୍ରତିଟି କୋଣ ଅନୁକୋଣରେ ପହଞ୍ଚିବା ପାଇଁ ସମାବେଶୀ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେଇଛି । ପାଠ୍ୟକ୍ରମଗୁଡ଼ିକୁ ଯଥା ସମ୍ଭବ ସରଳ ଏବଂ ସୁବିଧାଜନକ କରିବାକୁ ସରଳୀକରଣ ଉପରେ ମଧ ଧ୍ୟାନ ଦେଇଛି । ଏହି ଦିଗରେ ସୋନାଲିକା ପବ୍ଲିକେଶନ ଆଉ ଏକ ପଦକ୍ଷେପ ଗ୍ରହଣ କରିଛି ଏବଂ ଏହାର ପୁସ୍ତକଗୁଡ଼ିକୁ ଦ୍ୱିଭାଷୀ ଯଥା ଇଂଲିଶ ଏବଂ ହିନ୍ଦୀରେ ଉପଲବ୍ଧ କରାଉଛି। ପରିବେଶର ସ୍ଥାୟିତ୍ୱ ହେଉଛି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଯାହାକୁ ସୋନାଲିକା ପବ୍ଲିକେଶନ ଅତ୍ୟଧିକ ଗୁରୁତ୍ୱ ଦେଇଥାଏ । ତେଣୁ ଏହାର ସମସ୍ତ ପୁସ୍ତକକୁ ପୁନଃ ଚକ୍ରଣ ହୋଇଥିବା କାଗଜରୁ ପ୍ରସ୍ତୁତ କରାଯାଇଛି। ପ୍ରଥମ ପ୍ରକାଶନଠାରୁ ହିଁ ସୋନାଲିକା ପବ୍ଲିକେଶନ ଯୁବ ପାଠକଙ୍କ ମନକୁ ଏଭଳି ଆକର୍ଷିତ କରିବା ସୁନିଶ୍ଚିତ କରିଛି, ଯାହାକି ସେମାନଙ୍କୁ ଅନୁପ୍ରାଣିତ କରିବ । ତେଣୁ ଏହା 'ଟେଲ୍ସ ଅଫ୍ ଡିଫରେଣ୍ଟ ଟେଲ୍ସ' ନାମକ ଏକ ନୂଆ ସିରିଜ ସହିତ ପୁଣି ଥରେ ପାଠକଙ୍କ ନିକଟକୁ ଫେରିଆସିଛି , ଯାହା ଆବଶ୍ୟକ ମୂଲ୍ୟବୋଧକୁ ଦର୍ଶାଇଥାଏ ଯେଭଳି କି ଆପଣଙ୍କର ଅନ୍ତର୍ନିହିତ ଛୋଟ ଛୁଆକୁ ବଞ୍ଚାଇ ରଖିବା ଏବଂ ଆନନ୍ଦଭରା ଜୀବନ ଜିଇଁବା । 'ଟେଲ୍ସ ଅଫ୍ ଡିଫରେଣ୍ଟ ଟେଲ୍ସ' ହେଉଛି ଆମ ହୃଦୟରେ ପିଲାଳିଆମିର ଏକ ଉତ୍ସବ, ଯାହାକି ଅନନ୍ତ ମିତ୍ତଲ ଏବଂ ତାଙ୍କ ମା' ସୁର୍ଭି ମିତ୍ତଲଙ୍କ ଦ୍ୱାରା ଲେଖାଯାଇଛି । ଏ ସମ୍ପର୍କରେ ସୋନାଲିକା ଗ୍ରୁପ୍ ସିଏସ୍ଆର୍ ଡାଇରେକ୍ଟର ସୁର୍ଭି ମିତ୍ତଲ କହିଛନ୍ତି, ଆମେ ବିଶ୍ୱାସକରୁ ଯେ ଆଜିର ଡିଜିଟାଲ ଯୁଗରେ ପୁସ୍ତକଗୁଡ଼ିକ ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ ଏବଂ ଶକ୍ତିଶାଳୀ ହୋଇପାରିଛି ।

# ଏସ୍‌ବିଆଇ ପକ୍ଷରୁ ନୀତିନ୍ ଚୁଗ୍‌ଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର,୯।୩

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ (ଏସ୍‌ବିଆଇ)ର ଡେପୁଟି ମ୍ୟାନେଜିଂ ଡାଇରେକ୍ଟର (ଡିଏମ୍‌ଡି) ଓ ମୁଖ୍ୟ ଡିଜିଟାଲ ବ୍ୟାଙ୍କିଙ୍ଗ୍ ଭାବେ ନୀତିନ୍ ଚୁଗ୍‌ଙ୍କୁ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ଡିଜିଟାଲ ଚ୍ୟାନେଲଗୁଡ଼ିକରେ ଗ୍ରାହକଙ୍କୁ ସାମିଲ କରିବା ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା ଏବଂ ଡିଜିଟାଲ ରଣନୀତି ନିର୍ଦ୍ଧାରଣ କରି ତାହାକୁ କାର୍ଯ୍ୟକାରୀ କରିବା ଦାୟିତ୍ୱରେ ରହିବେ। ଚୁଗ୍ ହେଉଛନ୍ତି ଜଣେ ବିଶିଷ୍ଟ ବ୍ୟାଙ୍କର ଓ ଜଣେ ଡିଜିଟାଲ ବ୍ୟାଙ୍କିଙ୍ଗ୍ ବିଶେଷଜ୍ଞ। ତାଙ୍କ ନିକଟରେ ପ୍ରାୟ ୩ ଦଶନ୍ଧିର ଅଭିଜ୍ଞତା ରହିଛି। ଏସ୍‌ବିଆଇରେ ଯୋଗଦେବା ପୂର୍ବରୁ ସେ ଉଜ୍ଜୀବନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କର ଏମ୍‌ଡି ଓ ସିଇଓ ଭାବେ କାର୍ଯ୍ୟ କରୁଥିଲେ। ସେହିଭଳି ଏଚ୍‌ଡିଏଫ୍‌ସି ବ୍ୟାଙ୍କରେ ଦୀର୍ଘ ୧୮ ବର୍ଷର ପ୍ରଭାବଶାଳୀ ତଥା ଲମ୍ବା ସମୟ ଧରି ସେ ରିଟେଲ ବ୍ୟାଙ୍କିଙ୍ଗ୍‌ର ବିଭିନ୍ନ ନେତୃତ୍ୱ ନେଇ କାର୍ଯ୍ୟ କରିଛନ୍ତି।

# କାନାରା ବ୍ୟାଙ୍କର ଦିନିକିଆ ମେଗା ରିଟେଲ ଏକ୍ସପୋ

ଭୁବନେଶ୍ୱର,୯।୩

କାନାରା ବ୍ୟାଙ୍କ ପକ୍ଷରୁ ନିକଟରେ ରାଜ୍ୟର ସମସ୍ତ ଶାଖାରେ ଏକ ଦିନିକିଆ ମେଗା ରିଟେଲ ଏକ୍ସପୋ ଭୁବନେଶ୍ୱର ଅଞ୍ଚଳ ମହାପ୍ରବନ୍ଧକ ବି.ଏଲ୍. ମୀନାଙ୍କ ନେତୃତ୍ୱରେ ଆୟୋଜିତ ହୋଇଯାଇଛି। ବ୍ୟାଙ୍କର ବରିଷ୍ଠ ଅଧିକାରୀ ବି.ଏଲ୍. ମୀନା ଏକ୍ସପୋକୁ ଉଦ୍‌ଘାଟନ କରିଥିଲେ। ବିଶ୍ୱ ମହିଳା ଦିବସ ଅବସରରେ ମହିଳାମାନଙ୍କ ନିମନ୍ତେ ଗୃହ ଋଣରେ ବିଶେଷ ରିହାତି ମିଳିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଥିଲା। ଏହି ଅବସରରେ ମହାପ୍ରବନ୍ଧକ ମୀନା, ଉପ ମହାପ୍ରବନ୍ଧକ ଜି.ଏନ୍. ମୂର୍ତ୍ତି, ସହାୟକ ମହାପ୍ରବନ୍ଧକ ସୁଶୀଲ କୁମାର, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ-୧ର ମୁଖ୍ୟ ପ୍ରକାଶ ପ୍ରଧାନ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ-୨ର ମୁଖ୍ୟ ଏସ୍. ରାଜଶେଖର, ମୁଖ୍ୟ କାର୍ଯ୍ୟାଳୟ ପ୍ରତିନିଧି ମଣ୍ଡଳ ପ୍ରବନ୍ଧକ ସୁଶାନ୍ତ କୁମାର, ଆର୍‌ଏଏଚ୍ ଭୁବନେଶ୍ୱର ମୁଖ୍ୟ କୁମାର ସଞ୍ଜୀବ, ମଣ୍ଡଳ ପ୍ରବନ୍ଧକ ବିବେକ ପାଟଣୀ ଏବଂ ବ୍ୟାଙ୍କର ଶାଖା ମୁଖ୍ୟମାନେ ଯୋଗଦେଇଥିଲେ। କ୍ଷେତ୍ରୀୟ କାର୍ଯ୍ୟାଳୟ-୧ ଓ ୨ ଅଧୀନରେ ଥିବା ସମସ୍ତ ଶାଖା ଏଥିରେ ଭାଗନେଇଥିଲେ।



କାନାରା ବ୍ୟାଙ୍କ୍‌ର ଅଞ୍ଚଳ କାର୍ଯ୍ୟାଳୟ ପରିସରରେ ମେଗା ରିଟେଲ୍ ଏକ୍ସପୋର ଶୁଭାରମ୍ଭ।

ବିବାହ ବାର୍ଷିକୀ ଶୁଭେଚ୍ଛା



ପ୍ରଶାନ୍ତ ସହିତ ମଞ୍ଜୁ
ଲୋଧାରୁଆ, ରଣପୁର, ନୟାଗଡ଼
ଆଜି ଏହି ଦଶମ ବିବାହ ବାର୍ଷିକ ଶୁଭ ଅବସରରେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ ତୁମ ଦୁଇ ଜଣଙ୍କ ଜୀବନ ସଦା ସର୍ବଦା ସୁଖମୟ ଓ ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ବାପା, ବୋଉ, ଭାଇ, ଭାଉଜ, ବନ୍ଧୁବାନ୍ଧବ ଓ ପରିବାରବର୍ଗ ।
D-71876

# ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୯।୩

ଗତ କିଛିଦିନ ହେବ ବଜାର କାରବାର ଆଶା ଓ ଆଶଙ୍କା ମଧ୍ୟରେ ରହିଥିଲା। ହେଲେ କ୍ରମାଗତ ବଜାର କାରବାର ଭଲ ସାଙ୍ଗକୁ ଦଲାଲ ଷ୍ଟ୍ରିଟ୍‌ର ନିବେଶ ମଧ ବୃଦ୍ଧି ପାଇଛି। ଫଳରେ ଶେୟାର ବଜାରରେ ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ସପ୍ତାହର ତୃତୀୟ କାରବାରର ଫଳାଫଳ ମଧ ଭଲ ରହିଛି। ଏପରିକି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍ (ବିଏସ୍ଇ) ରେ କାରବାର ଆରମ୍ଭ ଶେଷ ପର୍ଯ୍ୟନ୍ତ ବୃଦ୍ଧି ଘଟିଛି। ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ ଖବର ଆସୁଛି ଯେ ରୁଷିଆର ସର୍ତ୍ତ ଅନୁସାରେ ୟୁକ୍ରେନ୍ ନାଟୋରେ ସାମିଲ ନ ହୋଇ ଉପକୂଳବର୍ତ୍ତୀ ଦେଶ ଭାବରେ ନିଜ ପରିଚୟ ବଜାୟ ରଖିବ। ଏହି ସଙ୍କେତ ପରେ ବଜାର କାରବାରରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ବୁଧବାର ବଜାର କାରବାର ଶେଷ ହେବା ବେଳକୁ ସେନ୍‌ସେକ୍ସରେ ୧୨୨୩.୨୪ ପଏଣ୍ଟ ବୃଦ୍ଧି ଘଟି ୫୪,୬୪୭.୩୩ ଅଙ୍କରେ ବନ୍ଦ ରହିଛି। ଅନ୍ୟପଟେ ନିଫ୍ଟି ୫୦ରେ ୩୩୧.୯୦ ପଏଣ୍ଟ ବୃଦ୍ଧି ଘଟି କାରବାର ଶେଷ ବେଳକୁ ତାହା ୧୬,୩୪୫.୩୫ ଅଙ୍କରେ ବନ୍ଦ ହୋଇଛି। ଚଳିତ ମାସ ୯ ତାରିଖର ଶେୟାର ବଜାର ନିବେଶକମାନେ ୪.୭ ଲକ୍ଷ କୋଟି ଟଙ୍କାର ଲାଭ ପାଇଛନ୍ତି।

# ଓଏମ୍‌ସିକୁ ଜାତୀୟ ଖଣି ନିରାପତ୍ତା ପୁରସ୍କାର



ନୂଆଦିଲ୍ଲୀ,୯।୩

ଓଡ଼ିଶା ଖଣି ନିଗମ (ଓଏମ୍‌ସି)ର ସାଉଥ କାଳିଆପାଣି କ୍ରୋମାଇଟ ଖଣିକୁ ୨୦୧୮ ଓ ୨୦୨୦ ପ୍ରତିଯୋଗିତା ବର୍ଷ ଲାଗି କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ଖଣି ନିରାପତ୍ତା ପୁରସ୍କାର ପ୍ରଦାନ କରାଯାଇଛି। ନିକଟରେ ସ୍ଥାନୀୟ ବିଜ୍ଞାନ ଭବନ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଏମ୍‌ସିର ପ୍ରତିନିଧିଙ୍କୁ ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ସରକାରଙ୍କ ଅଧୀନ ଓଏମ୍‌ସିର ସମସ୍ତ କାର୍ଯ୍ୟକ୍ଷେତ୍ରରେ ନିରାପତ୍ତାକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି। ନିଗମର ଖଣିଗୁଡ଼ିକର ନିରାପତ୍ତା ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଯେପରି ଭାବରେ ସୁଦୃଢ଼ ହୋଇପାରିବ, ତାହା ସୁନିଶ୍ଚିତ କରିବା ଲାଗି ବିଭିନ୍ନ ସତର୍କତାମୂଳକ ତଥା ସଚେତନତା କାର୍ଯ୍ୟକ୍ରମ ନିରନ୍ତର ଭାବେ ହାତକୁ ନିଆଯାଉଛି।

# ଆକ୍ସିସ ବ୍ୟାଙ୍କ-ଏୟାରଟେଲ ମଧ୍ୟରେ ସହଭାଗିତା

ଭୁବନେଶ୍ୱର,୯।୩

ଦେଶର ଦୁଇ ପ୍ରମୁଖ ସଂସ୍ଥା ଏୟାରଟେଲ ଓ ଆକ୍ସିସ ବ୍ୟାଙ୍କ ମଧ୍ୟରେ ଏକ ରଣନୈତିକ ସହଭାଗିତା ସମ୍ପର୍କରେ ଘୋଷଣା କରାଯାଇଛି। ଏହାଦ୍ୱାରା ଅନେକ ପ୍ରକାର ଆର୍ଥିକ ସମାଧାନ ବିଶେଷକରି ଭାରତର ଡିଜିଟାଲ ଇକୋସିଷ୍ଟମର ବିକାଶକୁ ମଜଭୁତ କରାଯାଇପାରିବ । ଏ ସମ୍ପର୍କରେ ଭାରତୀ ଏୟାରଟେଲର ଏମ୍‌ଡି ଏବଂ ସିଇଓ (ଭାରତ ଏବଂ ଦକ୍ଷିଣ ଏସିଆ) ଗୋପାଲ ଭିଟଲ କହିଛନ୍ତି ,ଆକ୍ସିସ ବ୍ୟାଙ୍କ ସହ ହାତ ମିଳାଇ ଆମେ ଆନନ୍ଦିତ। ସେହିଭଳି ଆକ୍ସିସ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଅମିତାଭ ଚୌଧୁରୀ କହିଛନ୍ତି ,ଏହି ଧରଣର ସହଭାଗିତା ଏୟାରଟେଲର ୩୪୦ ନିୟୁତ ଗ୍ରାହକଙ୍କ ପାଇଁ ଆକ୍ସିସ ବ୍ୟାଙ୍କର କ୍ରେଡିଟ୍ ଏବଂ ବିବିଧ ଡିଜିଟାଲ ଆର୍ଥିକ ସୁବିଧାଗୁଡ଼ିକର ପହଞ୍ଚକୁ ବଢ଼ାଇବାରେ ସହାୟକ ହେବ ।

# ନୀତା ଅମ୍ବାନୀଙ୍କ 'ହର-ସର୍କଲ'ର ହିନ୍ଦୀ ଆପ୍ ଉନ୍ମୋଚିତ

ମୁମ୍ବାଇ,୯।୩



ଆନ୍ତର୍ଜାତିକ ମହିଳା ଦିବସ ଅବସରରେ 'ରିଲାଏନ୍ସ ଫାଉଣ୍ଡେଶନ'ର ଅଧ୍ୟକ୍ଷା ନୀତା ଅମ୍ବାନୀଙ୍କ 'ହର-ସର୍କଲ'ର ହିନ୍ଦୀ ଆପ୍‌ର ଉନ୍ମୋଚନ ହୋଇଯାଇଛି। ଏହା ମହିଳାମାନଙ୍କ ଲାଗି ଏକ ବିଶିଷ୍ଟ ପ୍ଲାଟ୍‌ଫର୍ମ। ମହିଳାମାନଙ୍କ ସଶକ୍ତୀକରଣ ପାଇଁ କାର୍ଯ୍ୟ କରୁଛି। ବର୍ଷକ ପୂର୍ବରୁ ଉନ୍ମୋଚନ କରାଯାଇଥିବା ଏହି ପ୍ଲାଟ୍‌ଫର୍ମ ବର୍ଷକ ମଧ୍ୟରେ ୪.୨ କୋଟିରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିପାରିଛି। ଏହା ହେଉଛି ଭାରତରେ ମହିଳାମାନଙ୍କ ମଧ୍ୟରେ ସବୁଠୁ ଦ୍ରୁତଗତିରେ ବୃଦ୍ଧି ପାଉଥିବା ଏକ ପ୍ଲାଟ୍‌ଫର୍ମ। 'ହର-ସର୍କଲ' ହିନ୍ଦୀ ଆପ୍‌ର ଉନ୍ମୋଚନ ଅବସରରେ ନୀତା ଅମ୍ବାନୀ କହିଛନ୍ତି, ଯେକୌଣସି କ୍ଷେତ୍ର ଓ ଭାଷାର ମହିଳାମାନଙ୍କ ଲାଗି ହର-ସର୍କଲ ହେଉଛି ଏକ ଉଦୀୟମାନ ପ୍ଲାଟ୍‌ଫର୍ମ। ମୁଁ ଚାହୁଁଛି ଆମର ଉପସ୍ଥିତି ଓ ସମର୍ଥନ ବିନା କୌଣସି ପ୍ରତିବନ୍ଧକରେ ଆଗକୁ ବଢ଼ିବା ଜାରି ରହୁ। ଅଧିକରୁ ଅଧିକ ମହିଳାଙ୍କ ନିକଟରେ ସେମାନଙ୍କ ଭାଷାକୁ ପହଞ୍ଚାଇବା ଲାଗି ଆମେ ହର-ସର୍କଲକୁ ହିନ୍ଦୀ ଭାଷାରେ ଉନ୍ମୋଚନ କରିଛୁ। ମୁଁ ଆଶା କରୁଛି, ବର୍ତ୍ତମାନ ସୁଦ୍ଧା ଇଂଲିଶ ପ୍ଲାଟ୍‌ଫର୍ମରେ ଏହାକୁ ଯେତିକି ଭଲ ପାଇବା ମିଳିଛି ହିନ୍ଦୀ ପ୍ଲାଟ୍‌ଫର୍ମରେ ମଧ ତାହା ମିଳିବ। ହର-ସର୍କଲ୍ ଡିଜିଟାଲ ନେଟ୍‌ୱର୍କକୁ ବ୍ୟବହାର କରି ହଜାର ହଜାର ମହିଳାଙ୍କ ଲାଗି ଠିକ୍ କ୍ୟାରିୟର ଓ ସୁଯୋଗ ସୃଷ୍ଟି କରିଛି। ପେସାଦାର ମେକ୍‌ଅପ୍ ଆର୍ଟିଷ୍ଟ, ଫୁଡ୍ ଷ୍ଟାଇଲିଷ୍ଟ, ଫିଟ୍‌ନେସ୍ ଟ୍ରେନର, ଡଗ୍ ଟ୍ରେନର, ରେଡିଓ ଜକି ଭଳି କ୍ୟାରିୟର ବିଷୟରେ ଏଥିରେ ବହୁ ବଢ଼ିଆ ବିବରଣୀ ଉପଲବ୍ଧ ରହିଛି। ହର-ସର୍କଲ୍ ନେଟ୍‌ୱର୍କକୁ ୩୦,୦୦୦ ପଞ୍ଜୀକୃତ ଉଦ୍ୟୋଗୀଙ୍କ ସମର୍ଥନ ମଧ ମିଳିଛି। ମହିଳାମାନଙ୍କ ସମ୍ପର୍କିତ ସାମଗ୍ରୀ ପ୍ରଦାନ କରିବା ଲାଗି ହର-ସର୍କଲକୁ ଏକ ୱାନ୍-ଷ୍ଟପ୍ ଡେଷ୍ଟିନେଶନ ଭାବେ ପ୍ରସ୍ତୁତ କରାଯାଇଛି। ଏହି ସେବା ଦ୍ୱାରା ହଜାର ହଜାର ମହିଳା ଉପକୃତ ହୋଇଛନ୍ତି। ଫିଟ୍‌ନେସ୍ ଓ ପୁଷ୍ଟି, ପ୍ରଜନନ କ୍ଷମତା, ଗର୍ଭାବସ୍ଥାର ସହ ବିତ୍ତୀୟ ଆବଶ୍ୟକତା ପାଇଁ ପର୍ସନଲାଇଜଡ୍ ଆପ୍‌କୁ ୧.୫୦ ଲକ୍ଷ ଲୋକ ବ୍ୟବହାର କରିଛନ୍ତି।

## ଫୁର୍‌ସତ୍

# ୧୦୬ ବର୍ଷ ପରେ ଜାହାଜ ଠାବ




**ଜୋହାନେସବର୍ଗ:** ଦୀର୍ଘ ୧୦୬ ବର୍ଷ ପୂର୍ବେ ୱେଡେଲ ସମୁଦ୍ରର ଅକାତ ଜଳରାଶି ଭିତରେ ହଜିଥିବା ଶକଲେଟୋନଙ୍କ ଏଣ୍ଡୁରାନ୍ସ ଜାହାଜର ସନ୍ଧାନ ମିଳିଛି। ଜାହାଜ ଖୋଜିବାରେ ଏକ ସ୍ୱତନ୍ତ୍ର ଟିମ୍‌କୁ ନିୟୋଜିତ କରାଯାଇଥିବାବେଳେ ୩୦୦୮ ମିଟର ଗଭୀର ବରଫାବୃତ୍ତ ସମୁଦ୍ର ଜଳ ତଳେ ଜାହାଜ ଥିବା ଜଣାପଡ଼ିଛି। ସନ୍ଧାନକାରୀ ଦଳରେ ୬୪ ଜଣଙ୍କୁ ମିଶାଇ ୪୬ ଜଣିଆ କ୍ରିଉ ମଧ ଏହି ସର୍ଚ୍ଚ ଅପରେଶନରେ ସାମିଲ ହୋଇଥିଲେ। ୧୯୧୫ ନଭେମ୍ବରରେ ଏଣ୍ଡୁରାନ୍ସ କେପ୍ ଟାଉନ୍‌ରୁ ଫେରିବା ସମୟରେ ୱେଡେଲ ସମୁଦ୍ରରେ ବୁଡ଼ି ଯାଇଥିଲା। ଫରବାବୃତ୍ତ ସମୁଦ୍ର ଜଳରେ ଜାହାଜଟି ଫସିଯିବା କାରଣରୁ କ୍ରିଉ ମେମ୍ବର ଜାହାଜକୁ ସମୁଦ୍ରରେ ଛାଡ଼ି ଚାଲିଆସିଥିଲେ ; ଯାହାପରେ ଏହା ଧୀରେ ଧୀରେ ସମୁଦ୍ର ଜଳ ଭିତରକୁ ଚାଲିଯାଇଥିଲା। ଶକଲେଟୋନଙ୍କ ଏଣ୍ଡୁରାନ୍ସ ଜାହାଜ ପାଣିରେ ବୁଡ଼ିଯାଇଥିଲେ ସୁଦ୍ଧା ଜାହାଜରେ ଉପସ୍ଥିତ ୨୭ କ୍ରିଉ ମେମ୍ବର ସୁରକ୍ଷିତ ଭାବେ ଜାହାଜରୁ ବାହାରି ଆସିଥିଲେ। ୧୪୪ ଫୁଟ ଲମ୍ବ ଏହି ଜାହାଜର କୌଣସି ବିଶେଷ ଧରଣର କ୍ଷତି ହୋଇ ନଥିବା ଅନୁସନ୍ଧାନକାରୀ ଦଳର ନିର୍ଦ୍ଦେଶକ ମେନସୁନ ବୋଣ୍ଡ୍ କହିଛନ୍ତି। ସେହିପରି ଜାହାଜରେ ବ୍ୟବହୃତ କାଠ ସବୁ ପୂର୍ବ ପ୍ରକାରେ ରହିଥିବାବେଳେ କୌଣସି ପ୍ରକାର କୀଟ ଏହାକୁ ନଷ୍ଟ କରି ନ ଥିବା ସେ କହିଛନ୍ତି। ୧୦୦ ବର୍ଷ ପରେ ଏହି ଜାହାଜର ସନ୍ଧାନ ମିଳିବା ଏକ ଐତିହାସିକ ଉପଲବ୍ଧି ବୋଲି ଭୌଗୋଳିକବିତ୍ ଡ. ଜନ୍ ଶିଅର କହିଛନ୍ତି। ଏ ନେଇ ୧୦ ମିଲିୟନ୍ ଡଲାର ଖର୍ଚ୍ଚ ହୋଇଥିବାବେଳେ ତିନି ବର୍ଷ ଧରି ଏହି ଅଭିଯାନ ବିଫଳ ହୋଇ ଆସୁଥିଲା।

# ଏକାକୀ ୨୭୦୦ କି.ମି. ଗଲେ ବାଳକ




## ବିନା ଟିକେଟରେ ବିମାନ ଯାତ୍ରା

**ବ୍ରାସିଲିଆ:** ଇଣ୍ଟରନେଟ୍ ଯୁଗରେ ପ୍ରତିଟି କାମ କ୍ଷଣିକରେ ହୋଇଯାଉଛି। ଏହା ଦ୍ୱାରା ଏବେ ସମସ୍ତ କାମ ସହଜ ଓ ସରଳ ହୋଇପାରିଛି। ଘରେ ଥାଇ ମଧ ସବୁପ୍ରକାର ସୁବିଧା ଉପଭୋଗ କରି ହେଉଛି। ବର୍ତ୍ତମାନ ସମୟରେ ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଏହା ଉପରେ ଏକ ପ୍ରକାର ନିର୍ଭରଶୀଳ ହୋଇପଡ଼ିଛନ୍ତି। ଇଣ୍ଟରନେଟ୍‌କୁ ବ୍ୟବହାର କରି ଜଣେ ୯ ବର୍ଷର ବାଳକ ବିନା ବିମାନ ଟିକେଟରେ ୨୭୦୦ କି.ମି ଯାତ୍ରା କରିଥିବା ଖବର ଏବେ ସମସ୍ତଙ୍କୁ ଭ୍ରମରେ ପକାଇ ଦେଇଛି। ଉତ୍ତର-ପଶ୍ଚିମ ବ୍ରାଜିଲର ମାନାଉସରେ ଇମାନୁଏଲ୍ ମାରକ୍ୱେସ୍ ଓଲିଭେଇରାଙ୍କ ଘର। ଇମାନୁଏଲ ଲଟମ ବିମାନ ଯୋଗେ ଗୁଆରୁଲୋସ୍ ପଳାଇଥିଲେ। ସାଓ ପାଉଲୋ ଦକ୍ଷିଣ-ପୂର୍ବ ରାଜ୍ୟରେ ଅବସ୍ଥିତ ଗୁଆରୁଲୋସ୍; ଯାହା ମାନୁଏଲଙ୍କ ଘରଠାରୁ ୨୭୦୦ କି.ମି ଦୂରରେ ଅବସ୍ଥିତ। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ବିନା ଟିକେଟରେ କିପରି ବିମାନ ଯାତ୍ରା କରିହେବ ସେ ନେଇ ମାନୁଏଲ ନେଟ୍‌ରେ ସର୍ଚ୍ଚ କରିଥିଲେ। ଏହାପରେ ଲଟମ ବିମାନରେ ସେ ସାଓ ପାଉଲୋ ଯାଇଥିଲେ। ବିମାନ ଚଳାଚଳ ବିଭାଗ ପକ୍ଷରୁ ଘଟଣାର ଯାଞ୍ଚ କରାଯିବା ପରେ ଜଣାପଡ଼ିଲା ଯେ, ମାନୁଏଲ କୌଣସି ବିଶେଷ କାରଣ ପାଇଁ ନୁହେଁ ବରଂ ତାଙ୍କ ସମ୍ପର୍କୀୟଙ୍କୁ ଭେଟିବା ପାଇଁ ସାଓ ପାଉଲୋ ଯାଇଥିଲେ।

# 'ମିଶନ ମଞ୍ଜୁ' ଜରିଆରେ ବଲିଉଡ୍ ଡେବ୍ୟୁ



ରଶ୍ମିକା ମନ୍ଦାନ୍ନା

**ମୁମ୍ବାଇ:** ପ୍ରଥମ ଥର ପାଇଁ ବଡ଼ ପରଦାରେ ନଜରକୁ ଆସିବେ ସାଉଥ୍ ସୁପରଷ୍ଟାର ରଶ୍ମିକା ମନ୍ଦାନ୍ନା। ଶାନ୍ତନୁ ବାଗ୍‌ଚୀଙ୍କ ଦ୍ୱାରା ନିର୍ଦ୍ଦେଶିତ 'ମିଶନ ମଞ୍ଜୁ' ଫିଲ୍ମ ଜରିଆରେ ରଶ୍ମିକା ବଲିଉଡ୍ ଡେବ୍ୟୁ କରିଛନ୍ତି। ନିକଟରେ ଫିଲ୍ମର ରିଲିଜ୍ ତାରିଖ ଘୋଷଣା ହୋଇଯାଇଛି। ଚଳିତ ବର୍ଷ ଜୁନ ୧୦ରେ ଫିଲ୍ମ ପ୍ରେକ୍ଷାଳୟକୁ ଆସିବ। କାହାଣୀଟି ୧୯୭୦ ଦଶକର ଗୋଇନ୍ଦା-ଥ୍ରିଲର ଉପରେ ଆଧାରିତ। ଏଥିରେ ସିଦ୍ଧାର୍ଥ ଜଣେ ର' ଏଜେଣ୍ଟ ଭୂମିକାରେ ନଜରକୁ ଆସିବେ, ଯେଉଁଥିରେ ସେ ପାକିସ୍ତାନରେ ଗୁପ୍ତ ଅପରେଶନର ନେତୃତ୍ୱ ନେଇଥିବା ଦର୍ଶାଯାଇଛି। ତେବେ ସିଦ୍ଧାର୍ଥଙ୍କ ପୂର୍ବ ଫିଲ୍ମ 'ଶେରଶାହ' ଏବଂ ରଶ୍ମିକାଙ୍କ ଫିଲ୍ମ 'ପୁଷ୍ପା' ବକ୍ସ ଅଫିସରେ ହିଟ୍ ହୋଇସାରିଛି। ଦୁହିଁଙ୍କର କେମେଷ୍ଟ୍ରିରେ ଏହି ସିନେମାଟି ଧମାଲ୍ କରିବ ବୋଲି ଆଶା କରାଯାଉଛି। ଏଥିରେ ସିଦ୍ଧାର୍ଥ, ରଶ୍ମିକାଙ୍କ ସମେତ ଶାରିବ ହାସମୀ ଏବଂ କୁମୁଦ ମିଶ୍ରାଙ୍କୁ ମୁଖ୍ୟ ଚରିତ୍ରରେ ଦେଖିବାକୁ ମିଳିବ। ଫିଲ୍ମଟି ଚଳିତ ବର୍ଷ ମେ ୧୩ରେ ରିଲିଜ୍ ହେବାର ଥିଲା କିନ୍ତୁ କୋଭିଡ୍ କାରଣରୁ ମୁଭିର ରିଲିଜ୍ ତାରିଖ ଘୁଞ୍ଚାଇ ଦିଆଯାଇଥିଲା।

# ଫ୍ଲିପ୍‌କାର୍ଟ କ୍ଷମା ମାଗିଲା

**ମୁମ୍ବାଇ:** ଗ୍ରାହକଙ୍କୁ ଆକର୍ଷଣୀୟ ଅଫର ଦେଇ ନିଜ ଆଡକୁ ଆକୃଷ୍ଟ କରିବା ଅନେକ ଅନ୍‌ଲାଇନ୍ ଶପିଂ ଆପ୍‌ଙ୍କ ନିତିଦିନିଆ ଘଟଣା। ଏପରି ଉପାୟ ଅବଲମ୍ବନ କରି କେତେକ କମ୍ପାନୀଙ୍କୁ ମହଙ୍ଗା ମଧ ପଡ଼ିଛି। ତେବେ ଏପରି କିଛି ଘଟଣା ଅନ୍‌ଲାଇନ୍ ଶପିଂ ଆପ୍ ଫ୍ଲିପ୍‌କାର୍ଟ ସହ ଦେଖିବାକୁ ମିଳିଛି। ବିଶ୍ୱ ମହିଳା ଦିବସ ଅବସରରେ ଅଫର ଦେଇ ଅଡୁଆରେ ପଡ଼ିଛି ଫ୍ଲିପ୍‌କାର୍ଟ। ଏନେଇ ପରେ ତାକୁ କ୍ଷମା ମାଗିବାକୁ ପଡ଼ିଛି। ପ୍ରକୃତରେ ମହିଳା ଦିବସରେ ଫ୍ଲିପ୍‌କାର୍ଟ କେତେଜଣଙ୍କ ମୋବାଇଲକୁ ଏକ ମେସେଜ ଶେୟାର କରିଥିଲା। ସେଥିରେ ସେ ରୋଷେଇ ସାମଗ୍ରୀ ଉପରେ ସ୍ୱତନ୍ତ୍ର ଅଫର ଦେଇଥିଲା। ଏହା ତାକୁ ଭାରି ପଡ଼ିଛି। ମେସେଜ୍‌ରେ ଲେଖା ଥିଲା, 'ପ୍ରିୟ ଗ୍ରାହକଙ୍କୁ ମହିଳା ଦିବସକୁ ଶୁଭେଚ୍ଛା, ଆସନ୍ତୁ, ଏହି ଦିବସରେ ଘରକୁ ଆଣିବା ୨୯୯ ଟଙ୍କାରେ ସମସ୍ତ ରୋଷେଇ ସାମଗ୍ରୀ'। ଫ୍ଲିପ୍‌କାର୍ଟର ଏପରି ପ୍ରଚାର ପାଇଁ ଲୋକେ ତାକୁ ସମାଲୋଚନା କରିଥିଲେ। ଏହାପରେ ଫ୍ଲିପ୍‌କାର୍ଟ ଟୁଇଟର ମାଧ୍ୟମରେ କ୍ଷମା ପ୍ରାର୍ଥନା କରିଛି। ସେ ଲେଖିଛି, 'ଏପରି ଭୁଲ୍ ପାଇଁ ଆମେ ଦୁଃଖିତ, ପୂର୍ବରୁ ଦିଆଯାଇଥିବା ମହିଳା ଦିବସର ମେସେଜ ପାଇଁ ଆମେ କ୍ଷମା ପ୍ରାର୍ଥନା କରୁଛୁ'।

ମନେ ପଡ଼ନ୍ତି

ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ବିନୋଦିନୀ ଶତପଥୀ
ବରିଷ୍ଠ ଶିକ୍ଷୟିତ୍ରୀ
ଗ୍ରାମ: ଦଳବାଡ଼, ଫୁଲନଖରା, କଟକ
ତିରୋଧାନ- ୨୦।୦୩।୨୦୧୩
ନଅ ବର୍ଷ ପୂରି ଦଶବର୍ଷ ହେଲା କେଉଁ ପୁରେ ଗଲ ଜୀବନ ସାଥୀ। ବିଚ୍ଛେଦ ଯନ୍ତ୍ରଣା ବଡ଼ ଦୁର୍ବିଷହ ସନ୍ତାପିତ ପ୍ରାଣ ଝୁରଇ ନିତି। ସବୁ ସ୍ୱପ୍ନ ତୁମ ସ୍ୱପ୍ନରେ ରହିଲା ଅଧା ସବୁ ରଖିଗଲ । ଶୋକ ସାଗରରେ ଭସାଇ ସଭିଙ୍କୁ ପର କରି ଦେଇଗଲ। ନିଷ୍କଳଙ୍କ ମନ ପବିତ୍ର ହୃଦୟ ମଣିଷ ଟିଏତ ଥିଲ। ସମସ୍ତଙ୍କ ମନ ହୃଦୟରେ ତୁମେ ଛାପ ହୋଇ ରହିଗଲ। ଜାଣନ୍ତି ସଭିଏଁ ଚାଲିଯିବେ ଦିନେ ସବୁ କରି ଦେଇ ପର। ତଥାପି କାହିଁକି ଶୁଖୁନି ଆଖିରୁ ଅମାନିଆ ଲୁହ ଧାରା ।
ଇତି: ତୁମର ହତଭାଗ୍ୟ ସ୍ୱାମୀ: ସୁଭାଷ ଚନ୍ଦ୍ର ଶତପଥୀ
ଫୋନ୍ ନଂ.- 9437147350
ଧ-୨୩୩୫୫

ଦଶାହ ଉପଲକ୍ଷେ



ସ୍ୱର୍ଗତ ବୁଦ୍ଧିନାଥ ସାହୁ
ଭଗବାନପୁର, ପାତ୍ରପଡ଼ା, ଭୁବନେଶ୍ୱର
ଆବିର୍ଭାବ: ୧୬।୦୫।୧୯୩୪ (ଅକ୍ଷୟ ତୃତୀୟା)
ତିରୋଧାନ: ୦୧।୦୩।୨୦୨୨ (ମହା ଶିବରାତ୍ରି)
ଆଜିର ତିଳତର୍ପଣ ଅବସରରେ ଆପଣଙ୍କ ମହାନ୍ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ, ସ୍ୱର୍ଗବାସ ଶାନ୍ତିପ୍ରଦ ହେଉ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ନିବେଦନ ।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ: ସ୍ତ୍ରୀ: ଉଲ୍ଲାସ, ପୁଅ: ରବି, ବୋହୂ: ଚଞ୍ଚଳା, ଝିଅ/ଜ୍ୱାଇଁ: ଲକି, ବିୟୁଟି, ଚନ୍ଦନ ଓ ସାହୁ ପରିବାରବର୍ଗ ।
ଧ-୨୩୩୫୨

ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ମୁକ୍ତି ପରିଡ଼ା
ଭୁବନେଶ୍ୱର
ଆବିର୍ଭାବ : ୧୪.୦୮.୧୯୪୮
ତିରୋଧାନ : ୦୨.୦୩.୨୦୨୦
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଶୋକସନ୍ତପ୍ତ:
ପୁତ୍ର : ସମିତ୍-ଶକ୍ତି,
ପୁତ୍ରବଧୂ: ରଶ୍ମି-ରେଶ୍ମୀ
ଝିଅ: ସମିତା, ଜ୍ୱାଇଁ: ମନୋରଞ୍ଜନ,
ନାତି, ନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ-୭୩୩୦୧

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ଗୁରୁବାର, ମାର୍ଚ୍ଚ ୧୦/୨୦୨୨ Dhenkanal, Thursday, March 10/ 2022

# ଇଂଲଣ୍ଡକୁ ହରାଇଲା ୱେଷ୍ଟଇଣ୍ଡିଜ



ୱେଷ୍ଟଇଣ୍ଡିଜ ମହିଳା କ୍ରିକେଟ ଦଳର ଖେଳାଳିମାନେ ଖୁସି ମୁହୂର୍ତ୍ତରେ।

## ମହିଳା କ୍ରିକେଟ ବିଶ୍ୱକପ

**ଡୁନେଡିନ୍, ୯।୩**

ଚଳିତ ଆଇସିସି ମହିଳା କ୍ରିକେଟ ବିଶ୍ୱକପର ବୁଧବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ଲିଗ୍ ମ୍ୟାଚରେ ୱେଷ୍ଟଇଣ୍ଡିଜ ଗତଥରର ଚାମ୍ପିୟନ ଇଂଲଣ୍ଡକୁ ୭ ରନରେ ହରାଇ ଦେଇଛି। ୱେଷ୍ଟଇଣ୍ଡିଜ ପକ୍ଷରୁ ଧାର୍ଯ୍ୟ ୨୨୬ ରନ ବିଜୟ ଲକ୍ଷ୍ୟର ପିଛା କରି ଇଂଲଣ୍ଡ ୪୭.୪ ଓଭରରେ ୨୧୮ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ବିଶ୍ୱକପରେ ଇଂଲଣ୍ଡ ବିପକ୍ଷରେ ୱେଷ୍ଟଇଣ୍ଡିଜର ଏହାଥିଲା ପ୍ରଥମ ମ୍ୟାଚ ବିଜୟ। ଏହି ବିଜୟ ସହ ପଏଣ୍ଟ ଟେବୁଲରେ ଅଷ୍ଟ୍ରେଲିଆ ପଛକୁ ୱେଷ୍ଟଇଣ୍ଡିଜ ଦ୍ୱିତୀୟ ସ୍ଥାନରେ ପହଞ୍ଚି ଯାଇଛି। ଉଭୟ ଦଳ ୪ ପଏଣ୍ଟ ଲେଖାଏ ପାଇଛନ୍ତି। ଇଂଲଣ୍ଡ ଖେଳିଥିବା ୨ଟି ଯାକ ମ୍ୟାଚ ହାରି ୬ଷ୍ଠ ସ୍ଥାନକୁ ଖସି ଆସିଛି।

ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ୫୦ ଓଭରରେ ୬ ଉଇକେଟ ହରାଇ ୨୨୫ ରନ କରିଥିଲା। ଡିଅଣ୍ଡ୍ରା ଡୋଟିନ (୩୧ ରନ) ଓ ହିଲି ମାଥ୍ୟୁସ (୪୫) ଓପନିଂ ଯୋଡ଼ିରେ ୮୧ ରନ ଯୋଗକରି ଦଳକୁ ଭଲ ଆରମ୍ଭ ଦେଇଥିଲେ। କିସିଆ ନାଇଟ ଓ ଅଧିନାୟିକା ଷ୍ଟାଫାନେ ଟେଲର ଫେଲ୍ ମାରିଥିଲେ ହେଁ ଶେମାଇନ୍ କ୍ୟାମ୍ପବେଲ (୬୬) ଓ ଚେଡେନ ନେଶନ (୪୯*) ଦୃଢ଼ ବ୍ୟାଟିଂ କରି ଦଳକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଦୁହେଁ ୫ମ ଉଇକେଟରେ ୧୨୩ ରନ ଯୋଗ କରିଥିଲେ। ଅତିରିକ୍ତଭାବେ ଇଂଲଣ୍ଡ ବୋଲର ୨୮ ରନ ବ୍ୟୟ କରିଥିଲେ। ସୋଫି ଏକଲେଷ୍ଟୋନ ୨୦ ରନ ଦେଇ ୩ଟି ଉଇକେଟ ନେଇଥିଲେ। ନ୍ୟାଟ୍ ସ୍କିଭରଙ୍କୁ ଗୋଟିଏ ଉଇକେଟ ମିଳିଥିଲା। ଜବାବରେ ଇଂଲଣ୍ଡ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲେ ହେଁ ସୋଫି ଏକଲେଷ୍ଟୋନ (୩୩*) ଓ କେଟ୍ କ୍ରସ୍ (୨୭)ଙ୍କ ୯ମ ଉଇକେଟରେ ୬୧ ରନର ଭାଗୀଦାରି ବଳରେ ବିଜୟର ଦ୍ୱାରରେ ପହଞ୍ଚି ଯାଇଥିଲା। ମାତ୍ର ଏହି ଯୋଡ଼ି ଭାଙ୍ଗିବା ସହ ଦଳ ଆହୁରି ୧୪ଟି ବଲ୍ ବାକିଥାଇ ୨୧୮ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ଅନ୍ୟ ଇଂଲଣ୍ଡ ବ୍ୟାଟରଙ୍କ ମଧ୍ୟରେ ଟିମ୍ ବିଉମଣ୍ଟ ସର୍ବାଧିକ ୪୬, ସୋଫିଆ ଡଙ୍କଲେ ୩୮ ଓ ଡାନି ୱାଟ୍ଟ ୩୩ ରନ ସ୍କୋର କରିଥିଲେ। ୱେଷ୍ଟଇଣ୍ଡିଜ ବୋଲରଙ୍କ ମଧ୍ୟରେ ଶାମିଲା କର୍ନେଲ ୩ଟି ଏବଂ ହିଲି ମାଥ୍ୟୁସ ଓ ଅନିସା ମହମ୍ମଦ ୨ଟି ଲେଖାଏ ଉଇକେଟ ନେଇଥିଲେ। ଶେମାଇନ୍ କ୍ୟାମ୍ପବେଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ସଚେତନତାକୁ ଗୁରୁତ୍ୱ

'ସ୍ୱାସ୍ଥ୍ୟ ହିଁ ସମ୍ପଦ' ଏହା ଆମେ ସମସ୍ତେ ଏଇ ବିଗତ ଦୁଇ ବର୍ଷର କରୋନା ମହାମାରୀ ଜନିତ ଭୟଙ୍କର ପରିସ୍ଥିତି ମଧ୍ୟରେ ଭଲ ଭାବରେ ଅନୁଭବ କରିସାରିଛେ। ତେଣୁ ନିଜର ତଥା ଅନ୍ୟମାନଙ୍କର ସ୍ୱାସ୍ଥ୍ୟ ରକ୍ଷା ଆମ ସମସ୍ତଙ୍କର ନୈତିକ କର୍ତ୍ତବ୍ୟ। ବିଶ୍ୱସ୍ତରରେ କିଡ୍‌ନୀ ସମ୍ବନ୍ଧୀୟ ସଚେତନତାର ଆଭିମୁଖ୍ୟ ନେଇ ପ୍ରତିବର୍ଷ ମାର୍ଚ୍ଚ ମାସର ଦ୍ୱିତୀୟ ଗୁରୁବାର 'ବିଶ୍ୱ କିଡ୍‌ନୀ ଦିବସ' ପାଳନ କରାଯାଉଛି। ଦିନକୁ ଦିନ ବହୁଳ ଭାବରେ ବୃଦ୍ଧି ପାଉଥିବା କିଡ୍‌ନୀ ରୋଗର କାରଣ, ଚିହ୍ନଟ, ଚିକିତ୍ସା ଓ ନିରାକରଣ ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରାଇବା ହିଁ ଏହାର ମୁଖ୍ୟ ଉଦ୍ଦେଶ୍ୟ।

ଆମ ଶରୀରରେ ବିନ୍ ଆକୃତିର, ନିଜ ହାତମୁଠା ଆକାରରେ ଦୁଇଟି କିଡ୍‌ନୀ ମେରୁଦଣ୍ଡର ଦୁଇପାର୍ଶ୍ୱରେ ଅବସ୍ଥିତ। ଏହା ଆମ ଶରୀରେ ରକ୍ତକୁ ପରିଷ୍କାର କରେ ଏବଂ ପରିସ୍ରା ମାଧ୍ୟମରେ ବର୍ଜ୍ୟବସ୍ତୁ ଓ ଅତିରିକ୍ତ ଜଳ ବାହାର କରେ। ଏହା ଶରୀରରେ ସୋଡ଼ିୟମ୍,ପଟାସିୟମ୍, କ୍ୟାଲସିୟମ୍, ଫସ୍‌ଫରସ୍ ଆଦିର ସନ୍ତୁଳନକୁ ରକ୍ଷାକରେ। କିଡ୍‌ନୀ ଆମ ରକ୍ତଚାପକୁ ନିୟନ୍ତ୍ରଣ ରଖେ। ଏହା ଲୋହିତ ରକ୍ତ କୋଷ ତିଆରି କରିବାରେ ସାହାଯ୍ୟ କରିବା ସହ ଏହା ଆମ ହାଡ଼କୁ ସୁସ୍ଥ ରଖିଥାଏ। ଯେତେବେଳେ କିଡ୍‌ନୀ ଏହିସବୁ କାର୍ଯ୍ୟ କରିବାରେ ଅସମର୍ଥ ହୁଏ, ତଥା ରକ୍ତରୁ ବର୍ଜ୍ୟବସ୍ତୁ ଏବଂ ଅତିରିକ୍ତ ଜଳ ନିଷ୍କାସନ କରିବାରେ ସମର୍ଥ ହୋଇପାରେ ନାହିଁ, ସେତେବେଳେ କିଡ୍‌ନୀ ରୋଗ ହୋଇଛି ବୋଲି ବୁଝିବାକୁ ପଡ଼େ।

କ୍ରନିକ୍ କିଡ୍‌ନୀ ଡିଜିଜ୍ (ସିକେଡି)ଗତ କିଛିବର୍ଷ ମଧ୍ୟରେ ଅତ୍ୟଧିକ ମାତ୍ରାରେ ବୃଦ୍ଧି ପାଇଛି ଏବଂ ଏହାର ମୁଖ୍ୟ କାରଣ ହେଉଛି ମଧୁମେହ ବା ଡାଇବେଟିସ୍ ଓ ଉଚ୍ଚ ରକ୍ତଚାପ। 'ସିକେଡି'ର ସଠିକ୍ ଉପଚାର ନ କରାଗଲେ, ଏହା କିଡ୍‌ନୀ ଫେଲ୍ୟୁୟରରେ ପରିଣତ ହୋଇଥାଏ। କେବଳ ଏତିକି ନୁହେଁ, 'ସିକେଡି' ହୃଦରୋଗର ଆଶଙ୍କା ସୃଷ୍ଟି ବଢାଏ। ଏହାଦ୍ୱାରା ମୃତ୍ୟୁହାର ବୃଦ୍ଧି ପାଇଥାଏ।

ଚଳିତବର୍ଷ ବିଶ୍ୱ କିଡ୍‌ନୀ ଦିବସର ବାର୍ତ୍ତା ରହିଛି- 'ସମସ୍ତଙ୍କ ପାଇଁ କିଡ୍‌ନୀ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ'ର ବାର୍ତ୍ତା ବହନ କରେ। ତେବେ ନିମ୍ନଲିଖିତ ଉପାୟ ମାଧ୍ୟମରେ କିଡ୍‌ନୀ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଜାଣିବା ଓ ଯଥା ସମ୍ଭବ ସଚେତନତା ସୃଷ୍ଟି କରିବା।



ପ୍ରଥମତଃ ମଧୁମେହ ଏବଂ ଉଚ୍ଚ ରକ୍ତଚାପ ଓ କିଡ୍‌ନୀ ଉପରେ ଏହାର ପ୍ରଭାବ ବିଷୟରେ ବହୁଳ ଭାବରେ ଜନସଚେତନତା ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି। ଏହାସହିତ ଏକ ସୁସ୍ଥ ଜୀବନଶୈଳୀ, ସନ୍ତୁଳିତ ଆହାର, ନିୟମିତ ବ୍ୟାୟାମ, ଯଥେଷ୍ଟ ନିଦ୍ରା ଗ୍ରହଣର ଆବଶ୍ୟକତାକୁ ଧ୍ୟାନ ଦେବା। କିଡ୍‌ନୀ ସ୍ୱାସ୍ଥ୍ୟକୁ ଠିକ୍ ରଖିବା ପାଇଁ କେତେକ ସାଧାରଣ ନିୟମ ପାଳନ କରାଯିବା ଆବଶ୍ୟକ। ଯେପରିକି ନିଜର ଓଜନକୁ ନିୟନ୍ତ୍ରଣରେ ରଖିବା, ପେନ୍‌କିଲ ଟାବ୍‌ଲେଟ୍‌ସର ଅତ୍ୟଧିକ ବ୍ୟବହାର ନ କରିବା, ଅତ୍ୟଧିକ ମଦ୍ୟପାନ ଓ ଧୂମପାନ ନ କରିବା, ଅତ୍ୟଧିକ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ନ ଖାଇବା ଏବଂ ଯଥେଷ୍ଟ ପରିମାଣରେ ପାଣି ପିଇବା ଇତ୍ୟାଦି।

ଦ୍ୱିତୀୟରେ, ଆମେ କିଡ୍‌ନୀ ରୋଗର ବିଭିନ୍ନ ଲକ୍ଷଣଗୁଡ଼ିକ ସମ୍ପର୍କରେ ଜାଣିବା। ଯେପରିକି, ଗୋଡ଼ ଫୁଲିବା, ପରିସ୍ରାରେ ଫେଣ ହେବା, ପରିସ୍ରାରେ ରକ୍ତ ପଡ଼ିବା, ଅନିୟନ୍ତ୍ରିତ ଉଚ୍ଚ ରକ୍ତଚାପ ଦେଖାଯିବା, ପରିସ୍ରାରେ ପ୍ରୋଟିନ୍ ଆସିବା, ରକ୍ତରେ ସେରମ୍ କ୍ରିଏଟିନ ଓ ୟୁରିଆର ମାତ୍ରା ବଢ଼ିଯିବା ଇତ୍ୟାଦି। ଏହସବୁ ଲକ୍ଷଣ ଦେଖାଯିବା ମାତ୍ରେ ତୁରନ୍ତ କିଡ୍‌ନୀ ବିଶେଷଜ୍ଞଙ୍କ ସହ ପରାମର୍ଶ କରି ଚିକିତ୍ସା ପ୍ରଣାଳୀ ଗ୍ରହଣ କରିବା ଆବଶ୍ୟକ।

ଯେଉଁମାନେ କିଡ୍‌ନୀ ସମ୍ବନ୍ଧୀୟ ରୋଗରେ ଆକ୍ରାନ୍ତ, ସେମାନେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ନିଜର ଜୀବନଶୈଳୀରେ ଉନ୍ନତି ଆଣିବା ସହ ଖାଦ୍ୟରେ ପ୍ରୋଟିନ୍‌ର ମାତ୍ରାକୁ କମ୍ କରିବା, ପଟାସିୟମ୍ ଓ ୟୁରିକ୍ ଏସିଡ୍‌କୁ ନିୟନ୍ତ୍ରଣରେ ରଖିବା, ଯଦି ଗୋଡ଼ ଫୁଲୁଥାଏ ତେବେ ପାଣି ପିଇବାକୁ କମ୍ କରିବା, ନିୟମିତ ସୁଚାରୁରୂପେ ଔଷଧ ସେବନ କରିବା ଦ୍ୱାରା କିଡ୍‌ନୀ ରୋଗକୁ କିଛିମାତ୍ରାରେ ରୋକାଯାଇ ପାରେ।

ଆଧୁନିକ ଚିକିତ୍ସା ଅନୁସନ୍ଧାନ ଓ ଅଗ୍ରଗତି ମାଧ୍ୟମରେ End stage kidney disease ରେ Kidney Transplantକୁ ଅତି ସଫଳ ଚିକିତ୍ସା ପ୍ରଣାଳୀ ଭାବେ ଗ୍ରହଣ କରାଯାଏ। ଏଥିସହ ଏହା Organ donation ବା ଅଙ୍ଗଦାନ ପରି ଏକ ମହତ କାର୍ଯ୍ୟ ପାଇଁ ମଧ୍ୟ ଅନୁପ୍ରେରିତ କରିଥାଏ।

ତେବେ ଆଜିର ଏହି ବିଶେଷ ଦିନରେ ନିଜେ ସୁସ୍ଥ ରହିବା ସହ ଏକ ସୁସ୍ଥ ସମାଜ ଗଠନର ସଂକଳ୍ପ ନେବା।

**-ଡା. ବିବେକାନନ୍ଦ ପଣ୍ଡା**
ବରିଷ୍ଠ କିଡ୍‌ନୀ ରୋଗ ବିଶେଷଜ୍ଞ
ମୋ: ୯୪୩୮୦୩୯୭୬୭

## ବିଶ୍ୱ କିଡ୍‌ନୀ ଦିବସ ବାର୍ତ୍ତା

ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଉଛି କିଡ୍‌ନୀ ବା ବୃକ୍କ। ଏହାର କାର୍ଯ୍ୟଧାରା ବାଧାପ୍ରାପ୍ତ ହେଲେ ତାହା ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଏପରି ସ୍ୱାସ୍ଥ୍ୟ ସମସ୍ୟାର ଲକ୍ଷଣ ସମ୍ପର୍କରେ ଅବଗତ ହେବା ଜରୁରୀ। ଏହାର ଲକ୍ଷଣ ବିଷୟରେ ଜାଣିବା ମାତ୍ରେ ଅଭିଜ୍ଞ ଡାକ୍ତରଙ୍କର ପରାମର୍ଶ ଅନୁସାରେ ଚିକିତ୍ସିତ ହେବା ଦରକାର। ଜନସାଧାରଣଙ୍କୁ ଏ ନେଇ ସଚେତନ କରିବା ଲାଗି ପ୍ରତିବର୍ଷ ମାର୍ଚ୍ଚ ମାସର ଦ୍ୱିତୀୟ ଗୁରୁବାରକୁ 'ବିଶ୍ୱ କିଡ୍‌ନୀ ଦିବସ' (ୱାର୍ଲ୍ଡ କିଡ୍‌ନୀ ଡେ') ଭାବରେ ପାଳନ କରାଯାଇଥାଏ। ପ୍ରତିବର୍ଷ ଏହି ଦିବସ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଏକ ସ୍ଲୋଗାନ ଘୋଷିତ ହୋଇଥାଏ। ଚଳିତ ବର୍ଷର ସ୍ଲୋଗାନଟି ହେଲା 'କିଡ୍‌ନୀ ହେଲ୍‌ଥ ଫର ଅଲ୍'। ଅର୍ଥାତ୍ 'ସମସ୍ତଙ୍କ ପାଇଁ କିଡ୍‌ନୀ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ'।




## କିଡ୍‌ନୀ: କିଛି କଥା

କିଡ୍‌ନୀ(ବୃକ୍କ) ହେଉଛି ଦୁଇଟି ବିନ୍ ଆକୃତିର ଅଙ୍ଗ, ଯାହାକି ମୂତ୍ରଯନ୍ତ୍ର ରୂପେ କାର୍ଯ୍ୟ କରେ। ଏହା ଶରୀରରୁ ପରିସ୍ରା ଭାବରେ ବର୍ଜ୍ୟ ନିଷ୍କାସନ କରିବା ସହ ରକ୍ତକୁ ବିଶୁଦ୍ଧ କରିବାରେ ସାହାଯ୍ୟ କରିଥାଏ। ଭାରତରେ ମୋଟ୍ ଜନସଂଖ୍ୟାର ୧୨ ପ୍ରତିଶତ ଲୋକଙ୍କଠାରେ ବୃକ୍କ ପଥର ବା କିଡ୍‌ନୀ ଷ୍ଟୋନ୍ ଦେଖାଯାଏ। ତେବେ ଦୀର୍ଘକାଳୀନ କିଡ୍‌ନୀ ରୋଗ ଦେଶବ୍ୟାପୀ ଅସୁସ୍ଥତା ଏବଂ ମୃତ୍ୟୁ ହାରର ଅନ୍ୟତମ କାରଣ ଭାବେ ଉଭା ହେଲାଣି।

**ଲକ୍ଷଣ**

- ଅଧିକ କ୍ଲାନ୍ତ ଅନୁଭବ କରିବା।
- ଚର୍ମ ଶୁଖିଲା ପଡ଼ିବା ଏବଂ କୁଣ୍ଡେଇ ହେବା।
- ଅଧିକ ଥର ପରିସ୍ରା କରିବା।
- ପରିସ୍ରାରେ ରକ୍ତ ପଡ଼ିବା।
- ପରିସ୍ରା ଫେଣଯୁକ୍ତ ହେବା।

**କ'ଣ ଖାଇବେ ନାହିଁ**

କିଡ୍‌ନୀ ଷ୍ଟୋନ୍ ନ ହେବା ଲାଗି ଗୋମାଂସ, ଚିକେନ୍, ଅନ୍ୟ ମାଂସ,ଅଣ୍ଡା,ମାଛ, କ୍ଷୀର, ପନିର ସହିତ ଅନ୍ୟାନ୍ୟ ଦୁଗ୍ଧଜାତ ଦ୍ରବ୍ୟ ଏବଂ ମଦ୍ୟପାନଠାରୁ ଦୂରେଇ ରହିବେ।

**କ'ଣ ଖାଇବେ**

ବିନ୍ସ, ଶୁଖିଲା ମଟର, ମସୁରଡାଲି, ଚିନାବାଦାମ, କାଜୁବାଦାମ, ସୂର୍ଯ୍ୟମୁଖୀ ମଞ୍ଜି।

**ସତର୍କତା**

- ପ୍ରଚୁର ତରଳ ପଦାର୍ଥ, ବିଶେଷକରି ପାଣି ପିଅନ୍ତୁ, ଅତି କମରେ ୨-୩ ଲିଟର।
- ଭିଟାମିନ 'ସି' ଯୁକ୍ତ ଖାଦ୍ୟ ଲେମ୍ବୁ, କମଳା, ଅଙ୍ଗୁର ଇତ୍ୟାଦି ଖାଆନ୍ତୁ।

**-ଡା. ଦେବବ୍ରତ ସାବତ**




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



**ପରିଣୀତିଙ୍କ ହ୍ୟାଟ୍ରିକ୍**

ଏକାଥରେ ୩ଟି ଫିଲ୍ମରେ ସାଇନ୍ କରି ଚର୍ଚ୍ଚାକୁ ଆସିଛନ୍ତି ବଲିଉଡ ନାୟିକା ପରିଣୀତି ଚୋପ୍ରା। ପୁଣି ଏହି ତିନୋଟି ଫିଲ୍ମ ଯାକ ନୂଆ ବ୍ୟାନର୍‌ରେ ପ୍ରସ୍ତୁତ ହେବ।

୦୭

୦୮

**ଶୀର୍ଷରେ ଜାଡେଜା**

ମୋହାଲି ଟେଷ୍ଟରେ ଚମତ୍କାର ପ୍ରଦର୍ଶନ ପାଇଁ ଆଇସିସି ଅଲ୍‌ରାଉଣ୍ଡର ର‌୍ୟାଙ୍କିଙ୍ଗର ଶୀର୍ଷସ୍ଥାନ ଅଧିକାର କରିଛନ୍ତି ଭାରତର ରବୀନ୍ଦ୍ର ଜାଡେଜା।



## ଏନ୍‌ଇଇଟି ୟୁଜି: ସର୍ବୋଚ୍ଚ ବୟସସୀମା ହଟିଲା

ନୂଆଦିଲ୍ଲୀ,୯।୩

ଏନ୍‌ଇଇଟି-ଅଣ୍ଡରଗ୍ରାଜୁଏଟ୍ ୨୦୨୨ ପରୀକ୍ଷା ଦେବାକୁ ଥିବା ସମସ୍ତ ପ୍ରାର୍ଥୀଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମାକୁ ଜାତୀୟ ମେଡିକାଲ କମିଶନ (ଏନ୍‌ଏମ୍‌ସି) ହଟାଇ ଦେଇଛନ୍ତି। ୨୦୧୭ରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଅଣସଂରକ୍ଷିତ ପ୍ରାର୍ଥୀଙ୍କ ପାଇଁ ସର୍ବୋଚ୍ଚ ବୟସସୀମା ୨୫ ବର୍ଷ ଓ ସଂରକ୍ଷିତ ପ୍ରାର୍ଥୀଙ୍କ ଲାଗି ୩୦ ବର୍ଷ ଧାର୍ଯ୍ୟ କରିଥିଲେ। ଗତବର୍ଷ ଅକ୍ଟୋବର ୨୧ରେ ଏନ୍‌ଏମ୍‌ସିର ଚତୁର୍ଥ ବୈଠକରେ ଏନ୍‌ଇଇଟି-ୟୁଜି ଲାଗି କୌଣସି ସର୍ବୋଚ୍ଚ ବୟସସୀମା ଧାର୍ଯ୍ୟ ହେବା ଉଚିତ ନୁହେଁ ବୋଲି କୁହାଯାଇଥିଲା ବୋଲି କମିଶନ ସଚିବ ଡ. ପୁଲକେଶ କୁମାର କହିଛନ୍ତି। ଏନ୍‌ଇଇଟି ୟୁଜି ସୂଚନା ବୁଲେଟିନ୍‌ରୁ ସର୍ବୋଚ୍ଚ ବୟସସୀମା ମାନଦଣ୍ଡ ହଟାଇଦେବାକୁ ସେ ଜାତୀୟ ପରୀକ୍ଷା ସଂସ୍ଥା (ଏନ୍‌ଟିଏ)କୁ ଚିଠି ଲେଖିଛନ୍ତି। ସର୍ବୋଚ୍ଚ ବୟସସୀମା ମାନଦଣ୍ଡକୁ ନେଇ ପୂର୍ବରୁ ସୁପ୍ରିମକୋର୍ଟ ଓ କେତେକ ହାଇକୋର୍ଟ ମଧ୍ୟ ପ୍ରଶ୍ନ ଉଠାଇଥିଲେ। ବୟସସୀମା ହଟାଇ ଦିଆଯାଇଥିବାରୁ ଡାକ୍ତରୀ ପଢ଼ିବାକୁ ଚାହୁଁଥିବା ଛାତ୍ରୀଛାତ୍ର ଏକାଧିକ ଥର ମେଡିକାଲ ପ୍ରବେଶିକା ପରୀକ୍ଷା ଦେଇପାରିବେ।

## ନିର୍ବାହୀଯନ୍ତ୍ରୀଙ୍କ କବାଟ ଭାଙ୍ଗି ଭିଜିଲାନ୍ସ ଚଢ଼ାଉ



ନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ସେଠୀ

- ୬ କୋଟିରୁ ଊର୍ଦ୍ଧ୍ୱ ସମ୍ପତ୍ତି ଠାବ
- ଘରୁ ମିଳିଲା ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା



ବ୍ରହ୍ମପୁର ଗଜପତି ନଗରସ୍ଥିତ ନିର୍ବାହୀ ଯନ୍ତ୍ରୀଙ୍କ ବାସଭବନ।

ବ୍ରହ୍ମପୁର ଅଫିସ,୯।୩

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବ୍ରହ୍ମପୁର ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି ବ୍ରହ୍ମପୁର ଗ୍ରାମ୍ୟ ନିର୍ମାଣ (ବୈଦ୍ୟୁତିକ) ବିଭାଗ ଆମ୍ଭପୁଆ କାର୍ଯ୍ୟାଳୟର ନିର୍ବାହୀଯନ୍ତ୍ରୀ ଜଗନ୍ନାଥ ସେଠୀ। ବୁଧବାର ଭିଜିଲାନ୍ସ ବିଭାଗ ପକ୍ଷରୁ ନିର୍ବାହୀ ଯନ୍ତ୍ରୀ ଜଗନ୍ନାଥଙ୍କ ବ୍ରହ୍ମପୁର ଗଜପତି ନଗର ୪ର୍ଥ ଲେନ୍‌ରେ ଚଢ଼ାଉ ସମୟରେ ସେ ଭିତରପଟୁ କବାଟ ବନ୍ଦ କରି ଦେଇଥିଲେ। ଫଳରେ ଭିଜିଲାନ୍ସ ଟିମ୍‌କୁ କିଛି ସମୟ ପାଇଁ ନାକେଦମ ହେବାକୁ ପଡ଼ିଥିଲା। ଶେଷରେ କବାଟ ଭାଙ୍ଗି ଟିମ୍ ଘରେ ପଶି ଚଢ଼ାଉ କରିଥିଲା। ଜଗନ୍ନାଥଙ୍କ ବାସଭବନ ସମେତ ୫ଟି ସ୍ଥାନରେ ଭିଜିଲାନ୍ସ ଏକକାଳୀନ ଚଢ଼ାଉ କରିଥିଲା। ପ୍ରାଥମିକ ଯାଞ୍ଚ ପରେ ନିର୍ବାହୀଯନ୍ତ୍ରୀ ଓ ତାଙ୍କ ପରିବାରବର୍ଗଙ୍କ ନାମରେ ମୋଟ ୬ କୋଟି ୮୪ ଲକ୍ଷ ୪୬ ହଜାର ୨୫୩ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିବା ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ତ୍ରିଲୋଚନ ସ୍ୱାଇଁ ସୂଚନା ଦେଇଛନ୍ତି। ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ତରଫରୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ☞ପୃଷ୍ଠା-୫

# ୬ ଦିନରେ ୧୭,୦୦୦ ଅସ୍ତ୍ର

## ରୁଷିଆ ବିରୋଧରେ ୟୁକ୍ରେନ୍‌କୁ ଟ୍ୟାଙ୍କ ନିରୋଧୀ ଅସ୍ତ୍ର ଯୋଗାଉଛି ନାଟୋ

ୱାଶିଂଟନ,୯।୩

ଆମେରିକା ଓ ଏହାର ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ସହଯୋଗୀ ୬ ଦିନ ମଧ୍ୟରେ ୟୁକ୍ରେନ୍‌କୁ ୧୭,୦୦୦ ଆଣ୍ଟାଇ-ଟ୍ୟାଙ୍କ ଅସ୍ତ୍ର ଯୋଗାଇଛନ୍ତି। କାର୍ଗୋ ବିମାନଗୁଡ଼ିକ ଆମେରିକା ସମେତ ୟୁରୋପର ବିଭିନ୍ନ ଭାଗରୁ ଏହି ଯୁଦ୍ଧାସ୍ତ୍ର ସବୁକୁ ନେଇ ୟୁକ୍ରେନ୍‌ର ପଡ଼ୋଶୀ ଦେଶ ପୋଲାଣ୍ଡ ଓ ରୋମାନିଆର ବିଭିନ୍ନ ଭାଗରେ ଅବତରଣ କରୁଛି, ଯେଉଁଠୁ ସୀମା ଦେଇ ଯୁଦ୍ଧ ପ୍ରଭାବିତ ଦେଶକୁ ସେଗୁଡ଼ିକୁ ପ୍ରେରଣ କରାଯାଉଛି। ଏହି ପୂର୍ବ ୟୁରୋପୀୟ ରାଷ୍ଟ୍ରର ସୁରକ୍ଷା ବଳଙ୍କୁ ଟ୍ୟାଙ୍କ ନିରୋଧୀ ଅସ୍ତ୍ର ଯୋଗାଣ ପଛର ଉଦ୍ଦେଶ୍ୟ ହେଉଛି ରୁଷିଆ ସେନା ୟୁକ୍ରେନ୍ ଭୂଖଣ୍ଡର ଏକ ବଡ଼ ଭାଗକୁ ଦଖଲ କରିବା ପୂର୍ବରୁ ତାକୁ ପ୍ରତିହତ କରି ଶକ୍ତ ଆଘାତ ଦେବା।

ଏଷ୍ଟୋନିଆ ଉତ୍ତର ଭାଗରେ ଥିବା ଆମ୍‌ରି ଏୟାର ବେସ୍‌ର ଏକ ହିମ ଆଚ୍ଛାଦିତ ଟର୍ମେକ୍ (ବିମାନ ଉଡ଼ାଣ-ଅବତରଣ ପାଇଁ ପ୍ରସ୍ତୁତ କ୍ଷେତ୍ର)ରେ ରବିବାର ସକାଳେ ଗୁଳିଗୋଳା, ବନ୍ଧୁକ ଓ ଅନ୍ୟ ଅସ୍ତ୍ରଶସ୍ତ୍ର ସବୁକୁ ବିଶ୍ୱର ଅନ୍ୟତମ ବୃହତ୍ କାର୍ଗୋ ପ୍ଲେନ୍‌ରେ ଭର୍ତ୍ତି କରାଯାଉଥିଲା। ତାହା ଥିଲା ୟୁକ୍ରେନ୍ ବାୟୁସେନାର ଆଣ୍ଟୋନୋଭ୍ ଏଏନ୍-୧୨୪। ଶୀତଳଯୁଦ୍ଧ ବେଳେ ନିର୍ମିତ ଏହି ବିମାନକୁ ସୋଭିଏତ୍ ସଂଘରେ ୟୁକ୍ରେନ୍ ଥିବାବେଳେ କିଣାଯାଇଥିଲା। ଆମେରିକା ଓ ୟୁରୋପୀୟ ଅଧିକାରୀମାନେ ଏହାକୁ ଏକ ବ୍ୟାକୁଳ ଦୌଡ଼ ଆଖ୍ୟା ଦେଇଛନ୍ତି। ଏହି ବିଶାଳ ଏୟାରଲିଫ୍ଟର ଅଂଶ ଭାବେ ଯୁଦ୍ଧାସ୍ତ୍ର ପରିବହନକାରୀ ବିମାନକୁ ଏବେ ରୁଷିଆର ୟୁକ୍ରେନ୍ ଆକ୍ରମଣ ବିରୋଧରେ ନିୟୋଜିତ କରାଯାଇଛି। ୟୁକ୍ରେନ୍ ସେନାକୁ ସଶକ୍ତ କରିବା ପାଇଁ ଅନ୍ୟ ବାଟ ଥିଲେ ବି ପର୍ଯ୍ୟାପ୍ତ ଅସ୍ତ୍ର ଯୋଗାଇବା ଲାଗି ସେମାନେ ଏହି ପନ୍ଥା ଆପଣାଇଛନ୍ତି।

ଦୃଶ୍ୟ ସବୁ ଏପରି ଥିଲା। ବର୍ଲିନ୍ ଏୟାରଲିଫ୍ଟର ସ୍ମୃତି। ☞ପୃଷ୍ଠା-୫



ଲିଥୁଆନିଆ ପକ୍ଷରୁ ୟୁକ୍ରେନ୍‌କୁ ବୋରିସ୍ପିଲ ଅନ୍ତର୍ଜାତୀୟ ବିମାନବନ୍ଦରରେ ଆଣ୍ଟାଇ ଏୟାରକ୍ରାଫ୍ଟ ମିଶାଇଲ ସମେତ ଅନ୍ୟ ସାମରିକ ସହାୟତା ଦିଆଯାଉଛି।




**ଟ୍ରକ୍ ସହ ପିଟିହେଲା କାର୍: ୫ ମୃତ**

ଉତ୍ତର ପ୍ରଦେଶ ଇଟାୱା ଜିଲା ଅନ୍ତର୍ଗତ ନାଗଲା ରାଥୋଡ ଗ୍ରାମରେ ବୁଧବାର ବଡ଼ ଧରଣର ଦୁର୍ଘଟଣା ଘଟିଛି। ଏକ କାର୍ ଟ୍ରକ୍ ସହ ପିଟିହେବା ଫଳରେ ୫ ଜଣଙ୍କର ମୃତ୍ୟୁ ହେବା ସହ ୫ ଗୁରୁତର ଆହତ ହୋଇଛନ୍ତି। ଇଟାୱାର ଜଶୱନ୍ତନଗରରେ ଥିବା ରାଧିକା ଫଟୋ ଷ୍ଟୁଡିଓରେ ମୃତ ୫ ଜଣ କାମ କରୁଥିବା ଜଣାପଡ଼ିଛି। ସୈଫେଁ ଡାକ୍ତରଖାନାରେ ଆହତ ଚିକିତ୍ସିତ ହେଉଛନ୍ତି।

# ୟୁକ୍ରେନ୍ ସରକାର ପତନ ଚାହୁଁନି ରୁଷିଆ

## ନାଟୋ ସଦସ୍ୟତାକୁ ନେଇ ଜେଲେନ୍‌ସ୍କିଙ୍କ ପଛଘୁଞ୍ଚା ପରେ ନରମିଲା ମସ୍କୋ

ମସ୍କୋ/କ୍ୱିଭ୍, ୯।୩

ଆମେରିକା ନେତୃତ୍ୱରେ ପାଶ୍ଚାତ୍ୟ ଦେଶକୁ ନେଇ ଗଠିତ ସାମରିକ ମେଣ୍ଟ ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ସଦସ୍ୟତା ପାଇଁ ୟୁକ୍ରେନ୍‌ର ଇଚ୍ଛା କମିବା ପରେ ରୁଷିଆ ସାମାନ୍ୟ ନରମିଛି। ୨ ସପ୍ତାହ ଧରି ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ରୋକିବାରେ ଆମେରିକା ଓ ନାଟୋ ବିଫଳ ହୋଇଥିବାରୁ ଏହି ପୂର୍ବ ୟୁରୋପୀୟ ଦେଶର ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ନାଟୋରେ ସାମିଲ ହେବାକୁ ଚାହୁଁ ନ ଥିବା ଏବଂ ଡୋନ୍‌ବାସ୍ ଅଞ୍ଚଳର ଡୋନେସ୍କ ଓ ଲୁହାନ୍‌ସ୍କ ଉପରେ ରୁଷିଆ ସହ ଆଲୋଚନା କରିବାକୁ ପ୍ରସ୍ତୁତ ଥିବା କହିଛନ୍ତି। ଫଳରେ ରୁଷିଆ ମଧ୍ୟ ୟୁକ୍ରେନ୍ ସରକାରଙ୍କୁ ହଟାଇବାକୁ କୌଣସି ଯୋଜନା ନାହିଁ ବୋଲି କହିଛି। ମସ୍କୋ ଏବଂ କ୍ୱିଭ୍ ପ୍ରତିନିଧିଙ୍କ ମଧ୍ୟରେ ୩ ପର୍ଯ୍ୟାୟ ଆଲୋଚନା ପରେ ସ୍ଥିତିରେ ସାମାନ୍ୟ ସୁଧାର ଆସିଛି। ୟୁକ୍ରେନ୍ ସରକାର ଭାଙ୍ଗିବା ପାଇଁ ରୁଷୀୟ ସୈନ୍ୟଙ୍କ କୌଣସି ଯୋଜନା ନ ଥିବା ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାରିଆ ଜାଖାରୋଭା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଲଢ଼େଇ ରୋକିବା ପାଇଁ ଉଭୟ ପକ୍ଷର ଅଧିକାରୀଙ୍କ ମଧ୍ୟରେ ଆଲୋଚନା ଚାଲିଛି। ଏଥିସହ ମାନବୀୟ କରିଡର ନିର୍ମାଣ ନିମନ୍ତେ ଆଉ ଏକ ବୈଠକ ଆୟୋଜନ କରାଯିବାକୁ ପ୍ରସ୍ତୁତି ଚାଲିଥିବା ସେ ପ୍ରକାଶ କରିଛନ୍ତି।

ୟୁକ୍ରେନ୍‌ର ନାଟୋ ସଦସ୍ୟତାକୁ ରୁଷିଆର ଆରମ୍ଭରୁ ବିରୋଧ କରିଆସୁଛି। ତେବେ ଏହି ମେଣ୍ଟରେ ସାମିଲ ହେବା ପାଇଁ ୟୁକ୍ରେନ୍ ଆଗକୁ ବଢ଼ିବାରେ ଲାଗିବାରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଫେବୃୟାରୀ ୨୪ରେ ଏହା ଉପରେ ଆକ୍ରମଣ ନିର୍ଦ୍ଦେଶ ଦେଇଥିଲେ। ସୈନ୍ୟ ସହାୟତା, ୟୁକ୍ରେନ୍‌କୁ ନୋ-ଫ୍ଲାଏ ଜୋନ୍ ଘୋଷଣା କରିବାକୁ ଜେଲେନ୍‌ସ୍କିଙ୍କ ବାରମ୍ବାର ନିବେଦନ ସତ୍ତ୍ୱେ ସେପରି କିଛି ସହଯୋଗ ମିଳିନାହିଁ। ରୁଷିଆର ଆକ୍ରମଣ ପ୍ରତିବାଦରେ ଆମେରିକା ଏବଂ ୟୁରୋପୀୟ ଦେଶ କେବଳ କଟକଣା ଜାରି କରିବାରେ ଲାଗିଛନ୍ତି। ଫଳରେ ଦିନକୁ ଦିନ ୟୁକ୍ରେନ୍‌ର ସ୍ଥିତି ବିଗିଡ଼ିବାରେ ଲାଗିଛି। ପୂର୍ବ ୟୁକ୍ରେନ୍‌ର ଡୋନେସ୍କ ଓ ଲୁହାନ୍‌ସ୍କକୁ ରୁଷିଆ ସ୍ୱାଧୀନ ମାନ୍ୟତା ଦେବା ସହ ଗୋଟିଏ ପରେ ଗୋଟିଏ ସହରକୁ କବ୍‌ଜା କରି ଚାଲିଛି। ୟୁକ୍ରେନ୍‌କୁ ଗ୍ରହଣ କରିବାକୁ ନାଟୋ ପ୍ରସ୍ତୁତ ନ ଥିବା ଏସବୁରୁ ବୁଝାପଡୁଛି ବୋଲି ଜେଲେନ୍‌ସ୍କି ଏକ ଟେଲିଭିଜନ ବାର୍ତ୍ତାରେ କହିଛନ୍ତି। କାହା ଆଗରେ ଆଣ୍ଠେଇ ୟୁକ୍ରେନ୍ ସାହାଯ୍ୟ ମାଗିବାକୁ ଚାହୁଁନି କିମ୍ବା ସେ ନିଜେ ଏଭଳି ବ୍ୟକ୍ତିତ୍ୱ ଥିବା ରାଷ୍ଟ୍ରପତି ହେବାକୁ ଇଚ୍ଛା କରୁ ନ ଥିବା ଜେଲେନ୍‌ସ୍କି କହିଛନ୍ତି।



କ୍ୱିଭ୍‌ର ଇଣ୍ଡିପେଣ୍ଡେନ୍ସ ସ୍କୋୟାରଠାରେ କ୍ଲାସିକ୍-ସିମ୍ଫୋନି ଅର୍କେଷ୍ଟ୍ରା ପକ୍ଷରୁ ବୁଧବାର ୟୁକ୍ରେନ୍‌ର ଜାତୀୟ ସଙ୍ଗୀତ ଗାନ କରାଯାଇଛି। ଅର୍କେଷ୍ଟ୍ରାର ଜଣେ ମ୍ୟୁଜିସିଆନ ଏଥିପାଇଁ ବାଦ୍ୟଯନ୍ତ୍ର ବଜାଉଛନ୍ତି।

# ଆମ କଟକଣା ବେଶି ବାଧିବ



## ପାଶ୍ଚାତ୍ୟକୁ ରୁଷିଆର ଚେତାବନୀ

ରୁଷିଆ ଉପରେ ଅଧିକ କଟକଣା ଲଗାଇ ଏହାର ଅର୍ଥନୀତି ଉପରେ ପ୍ରଭାବ ପକାଇବାକୁ ଆମେରିକା ଓ ପାଶ୍ଚାତ୍ୟ ଦେଶ ଯୋଜନା କରିବାରେ ଲାଗିଥିବାବେଳେ ବୁଧବାର ମସ୍କୋ ୟୁରୋପୀୟ ଦେଶଗୁଡ଼ିକୁ ଚେତାବନୀ ଦେଇଛି। ରୁଷିଆ ଉପରେ ଲାଗିଥିବା କଟକଣାର ଜବାବ ଦେବା ପାଇଁ ପ୍ରସ୍ତୁତି ଚାଲିଛି ଏବଂ ଏହା ୟୁରୋପୀୟ ଦେଶକୁ ବେଶି ବାଧିବ ବୋଲି ମସ୍କୋ ପକ୍ଷରୁ କୁହାଯାଇଛି। ୧୯୯୧ରେ ସୋଭିଏଟ ସଂଘ ଭାଙ୍ଗିବା ପରଠାରୁ ରୁଷିଆର ଅର୍ଥବ୍ୟବସ୍ଥା ଏବେ ସବୁଠୁ ଗମ୍ଭୀର ସ୍ଥିତି ଦେଇ ଗତି କରୁଛି। ରୁଷିଆ ଏବେ ସର୍ବାଧିକ ବାସନ୍ଦ ଦେଶ ପାଲଟିଛି। ସୋସାଇଟି ଫର୍ ୱାର୍ଲ୍ଡ ୱାଇଡ୍ ଇଣ୍ଟରବ୍ୟାଙ୍କ ଫାଇନାନ୍ସିଆଲ ଟେଲିକମ୍ୟୁନିକେଶନ (ସ୍ୱିଫ୍ଟ)ରୁ ରୁଷିଆର ପ୍ରମୁଖ ବ୍ୟାଙ୍କ ବାଦ ପଡ଼ିବା, ଜର୍ମାନୀ ନର୍ଡ ଷ୍ଟ୍ରିମ୍-୧ ପାଇପ୍‌ଲାଇନ ପ୍ରୋଜେକ୍ଟ ବାତିଲ କରିବା, ଆମେରିକା ରୁଷିଆରୁ ତୈଳ ଓ ଗ୍ୟାସ୍ ଆମଦାନୀ ବନ୍ଦ କରିବା, ବିଭିନ୍ନ ବୈଶ୍ୱିକ କମ୍ପାନୀ ରୁଷିଆରେ ସେବା ବାତିଲ ସହ ଅନେକ କଟକଣା ଲାଗୁ ହେବା ପରେ ଏବେ ମସ୍କୋ ପ୍ରତିକ୍ରିୟାଶୀଳ ହୋଇ ଏପରି ଚେତାବନୀ ଦେଇଛି।

ରୁଷିଆ କହିବା ଅନୁସାରେ, ୟୁରୋପ ପ୍ରତିବର୍ଷ ପ୍ରାୟ ୫୦୦ ମିଲିୟନ ଟନ୍ ତୈଳ ଆବଶ୍ୟକ କରିଥାଏ। ସେଥିରୁ କେବଳ ରୁଷିଆ ଏହାର ୩୦ ପ୍ରତିଶତ ବା ୧୫୦ ମିଲିୟନ ଟନ୍ ତୈଳ ଏବଂ ପ୍ରାୟ ୮୦ ମିଲିୟନ ଟନ୍ ପେଟ୍ରୋକେମିକାଲ ୟୁରୋପକୁ ଯୋଗାଇଥାଏ। ତେଣୁ ରୁଷିଆ ୟୁରୋପକୁ ତୈଳ ଓ ଗ୍ୟାସ୍ ଯୋଗାଣ ଉପରେ କଟକଣା ଲଗାଇଲେ ପାଶ୍ଚାତ୍ୟ ଦେଶଗୁଡ଼ିକ ଉପରେ ଏହାର ବ୍ୟାପକ ପ୍ରଭାବ ଦେଖିବାକୁ ମିଳିବ।

# ଚେର୍ନୋବିଲ୍ ନ୍ୟୁକ୍ଲିଅର ପାୱାର ପ୍ଲାଣ୍ଟ ସହ ଆଇଏଇଏର ଯୋଗାଯୋଗ ବିଚ୍ଛିନ୍ନ

ଭିଏନା, ୯।୩

ୟୁକ୍ରେନ୍‌ର ଚେର୍ନୋବିଲ୍ ନ୍ୟୁକ୍ଲିଅର ପାୱାର ପ୍ଲାଣ୍ଟକୁ ରୁଷୀୟ ସୈନ୍ୟ କବ୍‌ଜା କରି ନେଇଥିବାବେଳେ ଏବେ ସେଠାରୁ କୌଣସି ଡାଟା ପ୍ରେରଣ କରାଯାଉ ନ ଥିବା ଜାତିସଂଘର ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ) କହିଛି। ଫଳରେ ସେଠାରେ ରୁଷିଆ ସୈନ୍ୟଙ୍କ ଅଧୀନରେ କାମ କରୁଥିବା ପ୍ରାୟ ୨୧୦ ୟୁକ୍ରେନ୍ କର୍ମଚାରୀଙ୍କ ସୁରକ୍ଷାକୁ ନେଇ ଆଇଏଇଏ ଚିନ୍ତା ବ୍ୟକ୍ତ କରିଛି। ଚେର୍ନୋବିଲ୍ ସାଇଟ୍ ଏବେ କାର୍ଯ୍ୟକ୍ଷମ ନାହିଁ। ଏହି କେନ୍ଦ୍ରରେ ନିଷ୍କ୍ରିୟ ରିଆକ୍ଟର ସହ ରେଡିଓଆକ୍ଟିଭ୍ ବର୍ଜ୍ୟ ପରିଚାଳନା ପ୍ରକଳ୍ପ ରହିଛି। ଚେର୍ନୋବିଲ୍ ଏନ୍‌ପିପିରେ ସ୍ଥାପିତ ମନିଟରିଂ ସିଷ୍ଟମରୁ ଡାଟା ଟ୍ରାନ୍ସମିଶନ ବନ୍ଦ ହୋଇଯାଇଥିବା ଆଇଏଇଏ ମହାନିର୍ଦ୍ଦେଶକ ରାଫେଲ ଗ୍ରୋସି କହିଛନ୍ତି। ଏହା ବେଶ୍ ଚିନ୍ତାଜନକ। ଘଟଣା ଉପରେ ନଜର ରଖାଯାଇଛି ଏବଂ ଖୁବଶୀଘ୍ର ଏ ବାବଦରେ ଅପ୍‌ଡେଟ୍ ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।



କ୍ୱିଭ୍ ନିକଟସ୍ଥ ଇର୍‌ପିନ୍ ସହରରେ ଜଣେ ୟୁକ୍ରେନ୍ ସୈନ୍ୟ ଲଢ଼େଇକୁ ଯିବା ପୂର୍ବରୁ ତାଙ୍କ ପୁଅଠାରୁ ବିଦାୟ ନେଉଛନ୍ତି।

# 'ମୋ ପିଲାକୁ କିଏ ଫେରାଇବ'



ୟୁକ୍ରେନ୍ ସହ ଲଢ଼େଇବେଳେ ନିହତ ହୋଇଥିବା ଜଣେ ରୁଷୀୟ ସୈନ୍ୟଙ୍କ ମସ୍କୋରେ ଶେଷକୃତ୍ୟବେଳେ ତାଙ୍କ ଶୋକାକୁଳ ପରିବାର ।

'ସପ୍ତାହେରୁ ଊର୍ଦ୍ଧ୍ୱ ହେଲା ନାତିର ସ୍ୱର ଶୁଣିନି। ଶେଷ ଥର ଫୋନ୍ କଲ୍‌ରେ ସେ ବେଲାରୁଷ-ୟୁକ୍ରେନ୍ ସୀମାରେ ଥିବା କହିଥିଲା। ଖୁବ୍‌ଶୀଘ୍ର ଘରକୁ ଫେରିବ ବୋଲି ଆଶ୍ୱାସନା ଦେଇଥିଲା। ଏହା ପରଠାରୁ ତାର ଆଉ ଖୋଜଖବର ନାହିଁ। ମିଲିଟାରୀ ୟୁନିଟ୍‌କୁ ଫୋନ୍ କଲେ କହୁଛନ୍ତି, ପୁଅ ରୁଷିଆରୁ କେଉଁଆଡେ ଯାଇନି। ରୁଷୀୟ ସୈନ୍ୟଙ୍କୁ କେଉଁଠିକୁ ପଠାଯାଇଛି ତାହାର ତଥ୍ୟ କାହା ପାଖରେ ନାହିଁ। ମୋ କଥାର କେହି ଉତ୍ତର ଦେଉନାହାନ୍ତି ଯେ ମୋ ପିଲା କେଉଁଠି, ତାକୁ କିଏ ଫେରାଇ ଆଣିବ'। ଏହା ହେଉଛି ରୁଷିଆର ଜଣେ ମହିଳାଙ୍କ ଆର୍ତ୍ତନାଦ, ଯାହାଙ୍କ ନାତି ୟୁକ୍ରେନ୍‌ରେ ଲଢ଼ିବା ପାଇଁ ଯିବା ପରଠାରୁ ଆଉ ପରିବାର ସହ ଯୋଗାଯୋଗ କରିନାହାନ୍ତି। ରୁଷିଆରେ ୧୮ରୁ ୨୭ ବର୍ଷ ବୟସ ବର୍ଗର ସମସ୍ତ ପୁରୁଷଙ୍କ ନିମନ୍ତେ ଏକ ନିୟମ ରହିଛି। ଏହି ସମୟରେ ସେମାନେ ପାଠପଢ଼ା, କୌଣସି ପିଲାଙ୍କ ଯତ୍ନ ନେବା କିମ୍ବା ଅନ୍ୟ କୌଣସି କାର୍ଯ୍ୟରେ ସାମିଲ ହୋଇପାରିବେ ନାହିଁ। ଏଥିସହ ବର୍ଷକ ପାଇଁ ସେମାନଙ୍କୁ ସେନାରେ ଚୁକ୍ତିଭିତ୍ତିକ କାର୍ଯ୍ୟ କରିବାକୁ ପଡ଼ିବ। ଉକ୍ତ ମହିଳାଙ୍କ କହିବା ଅନୁଯାୟୀ, ତାଙ୍କ ନାତି ସେନାରେ କାମ କରିବାର ମାତ୍ର କିଛି ଦିନପରେ ମିଲିଟାରୀ ଅଧିକାରୀ ତାଙ୍କ ନିକଟକୁ ଆସି ତାଙ୍କୁ ଠିକା ସୈନିକ ଭାବେ ରଖିବା ଏବଂ ଏ ବାବଦରେ ଦରମା ଦେବାକୁ କହିଥିଲେ। ହେଲେ ଏବେ ତାଙ୍କର କୌଣସି ଖୋଜଖବର ନାହିଁ। ଏହା କେବଳ ଜଣଙ୍କ କାହାଣୀ ନୁହେଁ ଏପରି ଅନେକ ରୁଷୀୟ ସୈନ୍ୟଙ୍କ କୌଣସି ପତ୍ତା ନ ଥିବା କିମ୍ବା ସେମାନଙ୍କ ସହ ପରିବାର ଯୋଗାଯୋଗ କରିପାରୁ ନ ଥିବା ଜଣାଯାଇଛି। ୟୁକ୍ରେନ୍ ସହ ଲଢ଼େଇରେ ରୁଷିଆର ୧୨ ହଜାରରୁ ଊର୍ଦ୍ଧ୍ୱ ସୈନ୍ୟଙ୍କ ଜୀବନ ଯାଇଥିବା କ୍ୱିଭ୍ ଦାବି କରିଛି। ତେବେ ରୁଷିଆର ୪୯୮ ସୈନ୍ୟ ନିହତ ହୋଇଥିବା ଗତ ୩ ତାରିଖରେ ମସ୍କୋ ସ୍ୱୀକାର କରିଛି।

# ରୁଷିଆର ସ୍ୱସ୍ତିକ 'ଜେଡ୍'




ୟୁକ୍ରେନ୍ ଉପରେ ଆକ୍ରମଣ କରୁଥିବା ଯୁଦ୍ଧବାହନଗୁଡ଼ିକରେ ଇଂଲିଶ ବର୍ଣ୍ଣ 'ଜେଡ୍' ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। କେତେଜଣ ରୁଷୀୟ 'ଜେଡ୍' ଲେଖାଥିବା ଟି-ସର୍ଟ ପିନ୍ଧୁଥିବାବେଳେ ଅନେକେ ସେମାନଙ୍କ ବ୍ୟବହାର୍ଯ୍ୟ ସାମଗ୍ରୀରେ ଏହି ଚିହ୍ନ ଲଗାଉଥିବା ଦେଖିବାକୁ ମିଳିଛି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ସମର୍ଥନ କରି ସେମାନେ ଜେଡ୍ ଚିହ୍ନର ବ୍ୟବହାର କରୁଥିବା କୁହାଯାଉଛି। ରୁଷିଆ ବର୍ଣ୍ଣମାଳାରେ ଜେଡ୍ ନ ଥିବାବେଳେ ଏହାକୁ ବିଭିନ୍ନ ମିଲିଟାରୀ ଗାଡ଼ିରେ ଚିହ୍ନିତ କରାଯାଇଛି। କେହି ଜେଡ୍ ଫର୍ ଜା ପୋବେଡି (ବିଜୟ ପାଇଁ) ପାଇଁ ଏହାକୁ ବ୍ୟବହାର କରାଯାଉଥିବା କହୁଥିବାବେଳେ କେହି ଜେଡ୍‌ର ଫର୍ ଜାପଡ(ପାଶ୍ଚାତ୍ୟ) କହୁଛନ୍ତି। ସିରିଆ ଗୃହ ଯୁଦ୍ଧ ବେଳେ ମଧ୍ୟ ରୁଷୀୟ ଟ୍ୟାଙ୍କରେ 'ଜେଡ୍'କୁ ଚିହ୍ନଟ କରାଯାଇଥିଲା। ସୂଚନାଯୋଗ୍ୟ, ବିଂଶ ଶତାବ୍ଦୀରେ ଜର୍ମାନୀର ନାଜି ପାର୍ଟି 'ସ୍ୱସ୍ତିକ'କୁ ନିଜର ଚିହ୍ନ ଭାବେ ଦର୍ଶାଇଥିଲା।

# 'ଦେଶର ପ୍ରତିଷ୍ଠା ବିପଦରେ, ଚାଇନା ଯିବେ ନିବେଶକ'



ଚିତ୍ରା ରାମକ୍ରିଷ୍ଣା / ଆନନ୍ଦ ସୁବ୍ରମଣ୍ୟମ

ନୂଆଦିଲ୍ଲୀ, ୯।୩

୨୦୧୮ ମସିହାର ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍ଏସ୍ଇ)ର କୋ-ଲୋକେଶନ ଘଟଣାର ତଦନ୍ତରେ ମନ୍ଥରଗତିକୁ ନେଇ କେନ୍ଦ୍ରୀୟ ତଦନ୍ତକାରୀ ବ୍ୟୁରୋ (ସିବିଆଇ) ଉପରେ କ୍ଷୁବ୍ଧ ହୋଇଛନ୍ତି ଦିଲ୍ଲୀର ଏକ କୋର୍ଟ। ଏହା ଏକ ବଡ଼ ଧରଣର ଦୁର୍ନୀତି। ଏହା ଦ୍ୱାରା ଦେଶର ପ୍ରତିଷ୍ଠା ବିପଦରେ ପଡ଼ିଛି। ଯଦି ତଦନ୍ତ ବର୍ଷ ବର୍ଷ ଧରି ଚାଲେ ତେବେ ନିବେଶକମାନେ ଚାଇନା ମୁହାଁ ହେବେ ବୋଲି ସ୍ୱତନ୍ତ୍ର ବିଚାରପତି ସଞ୍ଜୀବ ଅଗ୍ରୱାଲ କହିଛନ୍ତି। ଏଥିସହ ଏନ୍ଏସ୍ଇର ପୂର୍ବତନ ଗ୍ରୁପ୍ ଅପରେଟିଂ ଅଫିସର (ଜିଓଓ) ଆନନ୍ଦ ସୁବ୍ରମଣ୍ୟମଙ୍କୁ ମାର୍ଚ୍ଚ ୨୩ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ସୂଚନାଯୋଗ୍ୟ,

## ୧୪ ଦିନ ପାଇଁ ଜେଲ ଗଲେ ଆନନ୍ଦ ସୁବ୍ରମଣ୍ୟମ

ସୁବ୍ରମଣ୍ୟମ ଏନ୍ଏସ୍ଇର ପୂର୍ବତନ ସିଇଓ ଚିତ୍ରା ରାମକ୍ରିଷ୍ଣାଙ୍କ ସହଯୋଗୀ। ଏହା ପୂର୍ବରୁ ଚିତ୍ରାଙ୍କୁ ମାର୍ଚ୍ଚ ୧୪ ପର୍ଯ୍ୟନ୍ତ ସିବିଆଇ ରିମାଣ୍ଡରେ ନେଇଛି।

ସୂଚନାଯୋଗ୍ୟ, ଦେଶର ବୃହତ୍ତମ ଷ୍ଟକ୍ ଏକ୍ସଚେଞ୍ଜରେ ଗୁରୁତର ଅନିୟମିତତା ହୋଇଥିବା ଅଭିଯୋଗରେ ଚିତ୍ରାଙ୍କୁ ଗିରଫ କରାଯାଇଛି। ସେ ତଥାକଥିତ ହିମାଳୟ ଯୋଗୀଙ୍କ ଦ୍ୱାରା ପ୍ରଭାବିତ ହୋଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଉଥିଲେ, ଯେଉଁଥିପାଇଁ ଏନ୍ଏସ୍ଇର ବିପୁଳ କ୍ଷତି ଘଟିଛି। ଚିତ୍ରାଙ୍କୁ ପରାମର୍ଶ ଦେଉଥିବା 'ଯୋଗୀ' ଭାବେ ସିବିଆଇ ସୁବ୍ରମଣ୍ୟମଙ୍କୁ ଚିହ୍ନଟ କରିଥିଲା।

# ପଡ଼ୋଶୀଙ୍କ ସହଯୋଗ ବୃଦ୍ଧି ଜରୁରୀ: ଡୋଭାଲ

## ସାମୁଦ୍ରିକ ନିରାପତ୍ତା ଚ୍ୟାଲେଞ୍ଜ

ମାଲେ,୯।୩(ପି.ଟି.)

ଭାରତ ମହାସାଗରୀୟ ଅଞ୍ଚଳରେ ରହୁଥିବା ଦେଶଗୁଡ଼ିକର ସୁରକ୍ଷା ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ଏହାକୁ ପ୍ରତିହତ କରିବାକୁ ହେଲେ ଉକ୍ତ ଅଞ୍ଚଳରେ ରହିଥିବା ସାମୁଦ୍ରିକ ପଡୋଶୀମାନଙ୍କ ସହ ସହଯୋଗକୁ ମଜଭୁତ କରିବା ଲାଗି ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ୍ ଡୋଭାଲ ବୁଧବାର ଆହ୍ୱାନ ଦେଇଛନ୍ତି। ମାଳଦ୍ୱୀପରେ ୫ମ ଏନ୍ଏସ୍ଏ ସ୍ତରୀୟ କଲମ୍ବୋ ସୁରକ୍ଷା ସମ୍ମିଳନୀରେ ଯୋଗଦେଇ ଡୋଭାଲ ଏହା କହିଛନ୍ତି। ଏହି ଦୁଇଦିନିଆ ସମ୍ମିଳନୀରେ ଭାରତ, ଶ୍ରୀଲଙ୍କା, ମାଳଦ୍ୱୀପ, ମରିସସ୍, ବାଂଲାଦେଶ ଓ ସିଚେଲ୍ସର ଏନ୍ଏସ୍ଏ ଏବଂ ପ୍ରତିନିଧିମାନେ ଯୋଗ ଦେଇଥିଲେ। ସୁରକ୍ଷା ସହଯୋଗ ଲାଗି ଭାରତ, ଶ୍ରୀଲଙ୍କା ଓ ମାଳଦ୍ୱୀପ ମଧ୍ୟରେ ତ୍ରିପାକ୍ଷିକ ସୁରକ୍ଷା ଢାଞ୍ଚା ଭାବେ କଲମ୍ବୋ ସୁରକ୍ଷା କନ୍‌କ୍ଲେଭ୍ ପ୍ରତିଷ୍ଠା ହୋଇଥିଲା।



# ଏନ୍ଏଲ୍ଏମ୍‌ସିକୁ କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ,୯।୩(ପି.ଟି.)

ବଳକା ଜମି ଏବଂ ଘରୋଇକରଣ ହେଉଥିବା କିମ୍ବା ବନ୍ଦ ହେବାକୁ ଥିବା ସରକାରୀ ସଂସ୍ଥା ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବିଲ୍ଡିଂଗୁଡ଼ିକୁ ଅଧିଗ୍ରହଣ କରି ସେଗୁଡ଼ିକ ପୁଞ୍ଜିରେ ପରିଣତ ପାଇଁ ଏକ କମ୍ପାନୀ ଗଠନ କରାଯିବ। କେନ୍ଦ୍ର କ୍ୟାବିନେଟ ବୁଧବାର ଉକ୍ତ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛି। ନ୍ୟାଶନାଲ ଲ୍ୟାଣ୍ଡ ମନିଟାଇଜେଶନ କର୍ପୋରେଶନ (ଏନ୍ଏଲ୍ଏମ୍‌ସି) ଭାରତ ସରକାରଙ୍କ ସମ୍ପୂର୍ଣ୍ଣ ମାଲିକାନାରେ ରହିବ। ଅବ୍ୟବହୃତ ଜମି ଓ ସମ୍ପତ୍ତିକୁ ପୁଞ୍ଜିରେ ପରିଣତ କରାଯିବା ଦ୍ୱାରା ସରକାର ଅତିରିକ୍ତ ରାଜସ୍ୱ ସଂଗ୍ରହ କରିପାରିବେ। ଏହା ଅର୍ଥନୈତିକ କାରବାରକୁ ବଢ଼ାଇବାରେ ସହାୟକ ହୋଇପାରିବ। ସମ୍ପତ୍ତି ମୁଦ୍ରୀକରଣ ସରକାରଙ୍କ ରାଜସ୍ୱ ସଂଗ୍ରହର ଏକ ନୂଆ ଉତ୍ସ ହେବ ବୋଲି କୁହାଯାଇଛି।

# ବାରାଣସୀ ଏଡିଏମ୍ ନିଲମ୍ବିତ

## ଇଭିଏମ୍ ଜାଲିଆତି ଅଭିଯୋଗ

ଲକ୍ଷ୍ନୌ,୯।୩ (ପି.ଟି.)

ଉତ୍ତରପ୍ରଦେଶରେ ଇଭିଏମ୍‌ରେ ଜାଲିଆତି କରାଯାଇଥିବା ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ଅଭିଯୋଗ ଆଣିବାର ଦିନକ ପରେ ବାରାଣସୀ ଏଡିଏମ୍‌ଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଇଭିଏମ୍ ସ୍ଥାନାନ୍ତର ବେଳେ ନିୟମ ଉଲ୍ଲଂଘନ କାରଣରୁ ଏଡିଏମ୍ ନଳିନୀକାନ୍ତ ସିଂଙ୍କୁ ନିର୍ବାଚନ ଡ୍ୟୁଟିରୁ ହଟାଇ ଦିଆଯାଇଛି ବୋଲି ବାରାଣସୀ ଜିଲାପାଳ କୌଶଲରାଜ ଶର୍ମା କହିଛନ୍ତି। ଅତିରିକ୍ତ ଜିଲାପାଳ ସଞ୍ଜୟ କୁମାରଙ୍କୁ ଇଭିଏମ୍ ନୋଡାଲ ଅଫିସର ନିଯୁକ୍ତ କରାଯାଇଛି।

ମଙ୍ଗଳବାର ଇଭିଏମ୍ ସ୍ଥାନାନ୍ତର ବେଳେ ପ୍ରୋଟୋକଲ୍ ପାଳନ ହୋଇ ନ ଥିବା ଜଣେ ଅଧିକାରୀ ସ୍ୱୀକାର କରିଥିବାବେଳେ ଉକ୍ତ ଭିଡିଓ କ୍ଲିପ୍‌କୁ ଏସ୍‌ପି ଏହାର ଟୁଇଟର ହ୍ୟାଣ୍ଡେଲ୍‌ରେ ଅପ୍‌ଲୋଡ୍ କରିଥିଲା। ବିଭିନ୍ନ ଜିଲାରେ ଇଭିଏମ୍‌ରେ ହେରାଫେରି ହୋଇଥିବା ରିପୋର୍ଟ ଏସ୍‌ପିର ହସ୍ତଗତ ହୋଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚାପ ପକାଯାଇଥିଲା କି ଏବଂ ନିର୍ବାଚନ କମିଶନ ଏହା ଉପରେ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଦଳ ପକ୍ଷରୁ ଟୁଇଟର୍‌ରେ କୁହାଯାଇଥିଲା। ଭାଜପା ଭୋଟ ଚୋରି କରିବାକୁ ଉଦ୍ୟମ କରୁଥିବା ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ମଙ୍ଗଳବାର ଅଭିଯୋଗ କରିଥିଲେ। ଅଭିଯୋଗ ପରେ ନିର୍ବାଚନ କମିଶନଙ୍କ ପକ୍ଷରୁ ସ୍ପଷ୍ଟୀକରଣରେ କୁହାଯାଇଛି, ଟ୍ରକ୍‌ରେ ଯାଉଥିବା ଇଭିଏମ୍‌ଗୁଡ଼ିକରେ 'ତାଲିମ ପାଇଁ' ବୋଲି ଉଲ୍ଲେଖ ଥିଲା। ତାହା ନିର୍ବାଚନରେ ବ୍ୟବହାର ହୋଇ ନ ଥିଲା ବୋଲି ଇସି କହିଛନ୍ତି। ଇଭିଏମ୍‌ଗୁଡ଼ିକ ଭୋଟିଂରେ ବ୍ୟବହୃତ ହୋଇଥିଲା ବୋଲି କେତେକ ରାଜନୈତିକ ଦଳ ପକ୍ଷରୁ ଗୁଜବ ପ୍ରଚାର କରାଯିବାରୁ ବାରାଣସୀର ଜିଲା ନିର୍ବାଚନ ଅଧିକାରୀ ସେଗୁଡ଼ିକର ଯାଞ୍ଚ କରିଥିଲେ। ତଦନ୍ତ ବେଳେ ଇଭିଏମ୍‌ରେ ତାଲିମ୍ ପାଇଁ ଲେଖାଥିବା ଜଣାପଡ଼ିଛି। ଏଥିସହିତ ନିର୍ବାଚନ ନିୟମର ଉଲ୍ଲଂଘନ କରିଥିବା ବାରାଣସୀ ଏଡିଏମ୍ ସିଂଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ନିର୍ବାଚନ କମିଶନ ବୁଧବାର ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ଏକ ଟ୍ରକ୍‌ରେ ଯାଉଥିବା ଇଭିଏମ୍ ବାକ୍ସକୁ ଏସ୍‌ପି କର୍ମୀମାନେ ଯାଞ୍ଚ କରୁଛନ୍ତି।

# କାନ୍ଦାହାର ବିମାନ ଅପହରଣକାରୀଙ୍କୁ ହତ୍ୟା

**ନୂଆଦିଲ୍ଲୀ,୯।୩:** ଭାରତୀୟ ବିମାନ ଆଇସି-୮୧୪କୁ ୧୯୯୯ରେ ଅପହରଣ କରିଥିବା ୫ ଆତଙ୍କବାଦୀଙ୍କ ମଧ୍ୟରୁ ମିସ୍ତ୍ରି ଜହୁର ଇବ୍ରାହିମ୍‌ଙ୍କୁ ପାକିସ୍ତାନର କରାଚୀଠାରେ ଗୁଳିକରି ହତ୍ୟା କରାଯାଇଛି। କାଠମାଣ୍ଡୁରୁ ଦିଲ୍ଲୀ ଆସୁଥିବା ଏହି ବିମାନକୁ ଅପହରଣ କରି କାନ୍ଦାହାର ନିଆଯାଇଥିଲା। ବିମାନ ଭିତରେ ଜଣେ ଯୁବକଙ୍କୁ ଇବ୍ରାହିମ୍ ଗଳାକାଟି ହତ୍ୟା କରିଥିଲେ। ଜେଇଏମ୍ ଆତଙ୍କବାଦୀ ବହୁବର୍ଷ ହେଲା 'ଜାହିଦ୍ ଅଖୁନ୍ଦ' ମିଛ ପରିଚୟରେ ରହୁଥିଲେ। ମାର୍ଚ୍ଚ ୧ରେ କରାଚୀର ଅଖତର କଲୋନିରେ ଅଜଣା ବନ୍ଧୁକଧାରୀ ଗୁଳି ଚଳାଇଥିଲେ।



**୬ ହକି ଖେଳାଳି ଅସୁସ୍ଥ**

ଢେଙ୍କାନାଳ ଅଫିସ୍: ଢେଙ୍କାନାଳ ଷ୍ଟାଡିୟମ୍‌ରେ ଚାଲିଥିବା ୨ୟ ଓଡ଼ିଶା ନାଭାଲ ଟାଟା ହକି ପ୍ରତିଯୋଗିତାରେ ଯୋଗଦେଇଥିବା ନୟାଗଡ଼ ଜିଲା ରଣପୁରର ୬ ମହିଳା କ୍ରୀଡ଼ାବିତ୍ ବୁଧବାର ରାତିରେ ହଠାତ୍ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖେଳାଳିମାନେ ପେଟରେ ଯନ୍ତ୍ରଣା ଅନୁଭବ କରୁଛନ୍ତି। ଖାଦ୍ୟ ବିଷକ୍ରିୟା ଯୋଗୁ ଖେଳାଳିମାନେ ଅସୁସ୍ଥ ହୋଇପଡ଼ିଥିବା ଅନୁମାନ କରାଯାଉଛି। ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଖେଳାଳିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

## ସଂକ୍ଷେପରେ

### ବେଆଇନ ବାଲିଚାଲାଣ: ୧୧ ଗିରଫ



**ପରଜଙ୍ଗ, ୯।୩ (ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗ ବ୍ରିଜ୍ ନିକଟ ବାଲିଘାଟରେ ମଙ୍ଗଳବାର ସନ୍ଧ୍ୟାରେ ତହସିଲଦାର ଖଗେଶ୍ୱର ପାତ୍ର ଏବଂ ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସଦଳବଳ ଅତର୍କିତ ଚଢ଼ାଉ କରି ୮ ଭାରିଯାନ ସମେତ ୨ ଚେନ୍ ମେଶିନ ଜବତ କରିଛନ୍ତି। ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ୧୧ ଜଣ ଗିରଫ ହୋଇଛନ୍ତି।ଜବତ ଯାନଗୁଡ଼ିକୁ ସରାଙ୍ଗ ଫାଣ୍ଡିରେ ରଖାଯାଇଛି। ଏ ନେଇ ପରଜଙ୍ଗ ଥାନାରେ ନଂ. ୧୧୭/୨୨ରେ ଏକ ମାମଲା ରୁଜୁ କରାଯାଇଛି। ଉକ୍ତ ବାଲିଘାଟ ନିଲାମ ଦିଆଯାଇଥିବାବେଳେ ଧାର୍ଯ୍ୟଠାରୁ ଅଧିକ ବାଲି ଉଠାଣ ହେଉଥିବା ଅଭିଯୋଗ ହୋଇଥିଲା। ଏପରି କି ବିନା ଓଆଇ ଫର୍ମରେ ବାଲି ଚାଲାଣ ହେଉଥିଲା। ବ୍ଲକର ବିଭିନ୍ନ ବାଲିଘାଟରେ ଏଭଳି ବେଆଇନ ବାଲି ଉଠାଣ ହେଉଛି। ତେବେ ଧରପଗଡ଼ରେ ତହସିଲ ପ୍ରଶାସନ ପକ୍ଷରୁ ସେଭଳି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବାରୁ ବିପୁଳ ରାଜସ୍ୱ ହାନି ହେଉଥିବା ଅଞ୍ଚଳର ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି।

### ନଦୀ ପାଣିରେ ବିଦ୍ୟୁତ୍ ଚାର୍ଜ ହୋଇ ଯୁବକ ମୃତ

**ଭୁବନ, ୯।୩(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଭୁବନ ଥାନା ଅନ୍ତର୍ଗତ ଗୋବିନ୍ଦବିଦ୍ୟାଧରପୁର ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ଶୌଚ ହେବାକୁ ରାମିଆଳ ନଦୀକୁ ଯାଉଥିବାବେଳେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପଏଣ୍ଟକୁ ସଂଯୋଗ ହୋଇଥିବା ତାର ଛିଣ୍ଡି ପାଣିରେ ବିଦ୍ୟୁତ୍ ଚାର୍ଜ ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ପବିତ୍ର ମଲ୍ଲିକ (୨୨)। ଏହି ଘଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ପୋଲିସ ସୂଚନା ଅନୁଯାୟୀ, ପବିତ୍ର ସକାଳେ ରାମିଆଳ ନଦୀକୁ ଶୌଚ ହେବାକୁ ଯାଇଥିଲେ। କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଏକ ତାର ଛିଣ୍ଡି ନଦୀରେ ପଡ଼ିଥିବାବେଳେ ଅସାବଧାନତାବଶତଃ ପବିତ୍ର ଏହାର ସଂସ୍ପର୍ଶରେ ଆସିଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ପରିବାର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ପବିତ୍ରଙ୍କୁ ପାଣିରୁ ବାହାର କରିଥିଲେ। ପୋଲିସ ପହଞ୍ଚି ତାଙ୍କୁ ମଠକରଗୋଳା ଡାକ୍ତରଖାନାକୁ ନେଇଥିଲା। ତେବେ ସେତେବେଳକୁ ପବିତ୍ରଙ୍କ ମୃତ୍ୟୁ ହୋଇସାରିଥିଲା। ଏ ସଂକ୍ରାନ୍ତରେ ପରିବାର ସଦସ୍ୟ ସୁରପ୍ରତାପପୁର ଫାଣ୍ଡିରେ ଅଭିଯୋଗ କରିଛନ୍ତି। କାମାକ୍ଷାନଗର ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାରକୁ ହସ୍ତାନ୍ତର କରିଛି। ଖବର ଲେଖାଯିବା ସୁଦ୍ଧା ମାମଲା ରୁଜୁ ହୋଇ ନ ଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି।

### ଜନଜାତି ନିୟମ ସମ୍ପର୍କିତ ସଚେତନତା

**ଢେଙ୍କାନାଳ ଅଫିସ, ୯।୩:** ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୁଧବାର ଭର୍ଚୁଆଲ ମୋଡ୍‌ରେ ଅନୁସୂଚିତ ଜାତି/ଜନଜାତି ନିୟମ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଶରତ କୁମାର ଦେହୁରୀଙ୍କ ନିର୍ଦ୍ଦେଶରେ ପ୍ରିୟ, ସିପି, ଲାଉଲାଇ ଏମ୍‌ଆର ରିହାବିଲିଟେଶନ ସେଣ୍ଟରର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା ଯୋଗଦେଇ ଏସ୍‌ସି/ଏସ୍‌ଟି ବର୍ଗ ଉପରେ ହେଉଥିବା ନିର୍ଯାତନା ରୋକିବା ଲାଗି ରହିଥିବା ଆଇନ ବିଷୟରେ ଆଲୋକପାତ କରିଥିଲେ। ପାରାଲିଗାଲ ଭଲ୍ୟୁଣ୍ଟିୟର ଟଙ୍କଧର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନାରୀ ପରିବାରର ମୂଳଭିତ୍ତି

**ଢେଙ୍କାନାଳ ଅଫିସ, ୯।୩:** ଢେଙ୍କାନାଳ ଉତ୍ଫୁଲ୍ଲ ପକ୍ଷରୁ ବିଶ୍ୱ ମହିଳା ଦିବସ ଉପଲକ୍ଷେ ଏକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଅଧ୍ୟକ୍ଷ ମନୋରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ସୁକାନ୍ତି ସାହୁ, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ ଯୋଗଦେଇ କହିଲେ, ନାରୀ ପରିବାରର ମୂଳଭିତ୍ତି। ମହିଳା ଶିକ୍ଷିତ ହେଲେ ଦେଶର ସାମଗ୍ରିକ ଉନ୍ନତି ହେବ। ତମ୍ବରୁଧର ପଣ୍ଡା, ସମୀର ସାହୁ, ବାହାଦୁର ପାଟସାହାଣୀ, ମଞ୍ଜୁଶ୍ରୀ ମୁଖୀ, ସରୋଜ ଶତପଥୀ, ଶକ୍ତି ପ୍ରସାଦ ପଟ୍ଟନାୟକ, ଦମୟନ୍ତୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ରହିଲେ ୮୫ କାଉନ୍‌ସିଲର, ୭ ନଗରପାଳ ପ୍ରାର୍ଥୀ

**ଢେଙ୍କାନାଳ ଅଫିସ, ୯।୩**



■ପୌର ନିର୍ବାଚନ ନାମାଙ୍କନ ଯାଞ୍ଚ ପ୍ରକ୍ରିୟା ଶେଷ
■୧୮ନଂ. ୱାର୍ଡ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ନାକଚ

ଢେଙ୍କାନାଳ ପୌର ନିର୍ବାଚନ ଲାଗି ପ୍ରାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟା ବୁଧବାର ଶେଷ ହୋଇଛି। ଯାଞ୍ଚ ପରେ ୨୩ ୱାର୍ଡର ୮୫ କାଉନ୍‌ସିଲର ଏବଂ ୭ ନଗରପାଳ ପ୍ରାର୍ଥୀଙ୍କ ନାମାଙ୍କନ କାଏମ ରହିଛି। ସେହିପରି ୧୮ନଂ. ୱାର୍ଡର କଂଗ୍ରେସ କାଉନ୍‌ସିଲର ପ୍ରାର୍ଥୀ ଲକ୍ଷ୍ମୀ ଦେହୁରୀଙ୍କ ମନୋନୟନ ପତ୍ର ନାକଚ ହୋଇଯାଇଛି। ଜାତିଗତ ପ୍ରମାଣପତ୍ର ଦେଖାଇ ନ ପାରିବାରୁ ତାଙ୍କର ନାମାଙ୍କନ ନାକଚ ହୋଇଥିବା ଜିଲା କଂଗ୍ରେସ ସଭାପତି ସରୋଜ ପଟ୍ଟନାୟକ ସୂଚନା ଦେଇଛନ୍ତି। ପୂର୍ବରୁ ଦଳ ୭ ୱାର୍ଡରେ ପ୍ରାର୍ଥୀ ଦେଇପାରି ନ ଥିଲା। ଲକ୍ଷ୍ମୀଙ୍କ ନାମାଙ୍କନ ନାକଚ ପରେ କଂଗ୍ରେସ ଚଳିତ ୨୩ ୱାର୍ଡ ମଧ୍ୟରୁ ମାତ୍ର ୧୫ଟିରେ ଲଢ଼ିବ ବୋଲି ସ୍ପଷ୍ଟ ହୋଇଛି।

ଅପରପକ୍ଷେ ନଗରପାଳ ପ୍ରାର୍ଥୀ ଭାବେ ବିଜେଡିର ଅନିମା ନାୟକ, ଭାଜପାର ଜୟନ୍ତୀ ପାତ୍ର, କଂଗ୍ରେସର ସ୍ମିତାରାଣୀ ସାମଲ, ଏଏପିର ସୋନାଲି ରାଉତ, ଓଜେପିର ରାଜଲକ୍ଷ୍ମୀ ବେହେରା, ସ୍ୱାଧୀନ ପ୍ରାର୍ଥୀ ଗୁଡିଆ ଶର୍ମା ଏବଂ ମାଳତି ପାଣିଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ବୁଧବାର ଅପରାହ୍ଣ ୩ଟା ଯାଏ ଯାଞ୍ଚ ପ୍ରକ୍ରିୟା ଚାଲିଥିବାବେଳେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତାଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।

## ୫ ୱାର୍ଡ କଂଗ୍ରେସ ଶୂନ୍ୟ

**ଭୁବନ ଏନ୍‌ଏସି**

**ଭୁବନ, ୯।୩(ଡି.ଏନ୍.ଏ.):** ଭୁବନ ଏନ୍‌ଏସିରେ ନାମାଙ୍କନ ପତ୍ର ଯାଞ୍ଚ ପରେ କଂଗ୍ରେସକୁ ଶକ୍ତ ଧକ୍କା ଲାଗିଛି। ପୂର୍ବରୁ ୧୦ନଂ. ୱାର୍ଡରେ ଦଳ ପ୍ରାର୍ଥୀ ଦେଇ ନ ଥିବାବେଳେ ଯାଞ୍ଚ ପ୍ରକ୍ରିୟାରେ ୪ ଜଣ ଦଳୀୟ କାଉନ୍‌ସିଲର ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ ହୋଇଯାଇଛି। ଫଳରେ ଚଳିତ ପୌର ନିର୍ବାଚନରେ ୫ଟି ୱାର୍ଡ କଂଗ୍ରେସ ଶୂନ୍ୟ ରହିଛି। ଏସବୁ ୱାର୍ଡରେ ବିଜେଡି-ଭାଜପା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଅପରପକ୍ଷେ ୭ ନଗରପାଳ ପ୍ରାର୍ଥୀଙ୍କ ପ୍ରାର୍ଥୀତ୍ୱ କାଏମ ରହିଛି। ଭୁବନ ଏନ୍‌ଏସିର ୧୫ଟି ୱାର୍ଡରୁ କାଉନ୍‌ସିଲର ପଦବୀରେ ମୋଟ ୪୪ଟି ନାମାଙ୍କନ ଦାଖଲ ହୋଇଥିଲା। ବିଭିନ୍ନ କାରଣରୁ ୧ନଂ. ୱାର୍ଡର ଚନ୍ଦନ ସେଠୀ, ୫ନଂ. ୱାର୍ଡର ଟୁକୁନା ସାହୁ, ୭ନଂ. ୱାର୍ଡର ସୁକାନ୍ତ ସାହୁ, ୧୫ନଂ. ୱାର୍ଡର ଲିଲି ନାଏକଙ୍କ ପ୍ରାର୍ଥୀପତ୍ର ଯାଞ୍ଚରେ କଟିଯାଇଛି। ସମ୍ପୃକ୍ତ ୪ଜଣ କଂଗ୍ରେସ ପକ୍ଷରୁ ନାମାଙ୍କନ ଦାଖଲ କରିଥିଲେ। ସୂଚନାଯୋଗ୍ୟ, ଗତ ନିର୍ବାଚନରେ ଲିଲି ୧ନଂ. ୱାର୍ଡର କାଉସିଲର ଭାବେ ବିଜୟୀ ହୋଇଥିଲେ। ତେବେ ଚଳିତ ନିର୍ବାଚନରେ ପ୍ରାର୍ଥୀପତ୍ର ନାକଚ ହୋଇଯିବାରୁ ସେ ନିରାଶ ହୋଇଛନ୍ତି।

## ସମସ୍ତ ପ୍ରାର୍ଥୀତ୍ୱ କାଏମ

**କାମାକ୍ଷାନଗର ଏନ୍‌ଏସି**

**କାମାକ୍ଷାନଗର, ୯।୩(ଡି.ଏନ୍.ଏ.)**

ପୌର ନିର୍ବାଚନ ପାଇଁ ବୁଧବାର ନାମାଙ୍କନ ପତ୍ର ଯାଞ୍ଚ ସରିଛି। କାମାକ୍ଷାନଗର ଏନ୍‌ଏସିର ୧୫ଟି ୱାର୍ଡରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ୩୦ କାଉନ୍‌ସିଲର ପ୍ରାର୍ଥୀ ଏବଂ ୫ ନଗରପାଳ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବା ରିଟର୍ନିଂ ଅଫିସରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

କାମାକ୍ଷାନଗର ଏନ୍‌ଏସିରେ ଚଳିତ ପୌର ନିର୍ବାଚନରେ ୧୫ଟି ୱାର୍ଡ ମଧ୍ୟରୁ ୧୪ଟିରେ ବିଜେଡି ପ୍ରାର୍ଥୀ ଦେଇଛି। ସେହିପରି ଭାଜପା ୧୧ ଏବଂ କଂଗ୍ରେସ ମାତ୍ର ୪ ୱାର୍ଡରେ ପ୍ରାର୍ଥୀ ଦେବାରେ ସକ୍ଷମ ହୋଇଛି। ୧୫ନମ୍ବର ୱାର୍ଡର କାଉନ୍‌ସିଲର ପଦବୀ ଅନୁସୂଚିତ ଜାତି ପାଇଁ ସଂରକ୍ଷଣ ଥିବାବେଳେ ଉକ୍ତ ବର୍ଗର କେହି ନାହାନ୍ତି। ତେଣୁ ୧୫ନଂ. ୱାର୍ଡ ଫାଙ୍କା ପଡ଼ିଛି। ଅନ୍ୟପଟେ ନିର୍ବାଚନ ପୂର୍ବରୁ ବିଜେଡି ୩ ସିଟ୍ ହାତେଇ ନେଇଛି। କେହି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ୧ନଂ. ୱାର୍ଡର ଶୁକଦେବ ସାହୁ, ୬ନଂ. ୱାର୍ଡର ଅଭିମନ୍ୟୁ ପରିଡ଼ା, ୭ନଂ. ୱାର୍ଡର ରିଙ୍କି ବେହେରା ନିର୍ଦ୍ୱନ୍ଦ୍ୱ ଅଛନ୍ତି। ଅପରପକ୍ଷେ ନାମାଙ୍କନ ଯାଞ୍ଚ ପ୍ରକ୍ରିୟା ସରିବା ପରେ ନଗରପାଳ ଦୌଡ଼ରେ ବିଜେଡିର ଧର୍ମାନନ୍ଦ ପରିଡ଼ା, ଭାଜପାର ରଣଜିତ୍ ସାହୁ, କଂଗ୍ରେସର ସନ୍ତୋଷ ମହାରଣା, ଏଏପିର ସୁବୋଧ ବେହେରା ଏବଂ ସ୍ୱାଧୀନ ପ୍ରାର୍ଥୀ ଅଭିମନ୍ୟୁ ନାଏକ ଅଛନ୍ତି। ନାମାଙ୍କନ ଦାଖଲ ଦିନରୁ ପ୍ରାର୍ଥୀମାନେ ପ୍ରଚାର ଆରମ୍ଭ କରିଦେଇଛନ୍ତି। ନାମାଙ୍କନ ପ୍ରତ୍ୟାହାର ପରେ ୧୪ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ଏହାପରେ ପ୍ରଚାର ଆହୁରି ଜୋର୍‌ଦାର ହେବ। ୨୪ ତାରିଖରେ ମତଦାନ ହେବାକୁ ଥିବାବେଳେ ଏହାକୁ ନେଇ ସହରାଞ୍ଚଳ ରାଜନୀତି ଚଳଚଞ୍ଚଳ ହୋଇଉଠିଛି।

# ବାଲ୍ୟବିବାହ ମୁକ୍ତ ଗ୍ରାମ ଆହ୍ୱାନ




ବାଲ୍ୟବିବାହ ରୋକିବା ଲାଗି ଆୟୋଜିତ ସଚେତନଧର୍ମୀ କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୯।୩**

ଢେଙ୍କାନାଳ ଜିଲାର ଆଦିବାସୀ ବହୁଳ ଗ୍ରାମରେ ଏବେ ବି ବାଲ୍ୟ ବିବାହ ଭଳି କୁପ୍ରଥା ପ୍ରଚଳିତ ଅଛି। ଏହାକୁ ରୋକିବା ଲାଗି ସାମୂହିକ ଉଦ୍ୟମ ଜରୁରୀ ବୋଲି ଗଁଦିଆ ବ୍ଲକ ବେଗା ପଞ୍ଚାୟତର ନେହେଙ୍ଗେରା ଗ୍ରାମରେ ବିଶ୍ୱ ମହିଳା ଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ଏହି ଉପଲକ୍ଷେ ଭୁବନେଶ୍ୱରସ୍ଥିତ ରାଷ୍ଟ୍ରୀୟ ଶ୍ରମିକ ଶିକ୍ଷା ବୋର୍ଡ ଆନୁକୂଲ୍ୟରେ ୧୨୦ ଆଦିବାସୀ ମହିଳାଙ୍କୁ ନେଇ ନେହେଙ୍ଗେରା ଗୋଠତଳ, ଶ୍ରୀମଦପୁରରେ ଜାଗୃତି ଶିବିର ଆୟୋଜିତ ହୋଇଥିଲା। 'ସ୍ୱାଧୀନତା ସଂଗ୍ରାମରେ ମହିଳାଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ରରେ ଆଞ୍ଚଳିକ ନିର୍ଦ୍ଦେଶିକା ସସ୍ମିତା ଭଞ୍ଜ, ଶିକ୍ଷାଧିକାରୀ ବସନ୍ତ କୁମାର ପାତ୍ର, ରାଜେନ୍ଦ୍ର ପାଢ଼ୀ, ନେହେରୁ ଯୁବକେନ୍ଦ୍ରର ଜିଲା ଡେପୁଟି ନିର୍ଦ୍ଦେଶକ ଅଶୋକ କୁମାର ଦାସ ପ୍ରମୁଖ ଭାଗ ନେଇଥିଲେ। ବ୍ଲକ ସମନ୍ୱିତ ଶିଶୁ ପ୍ରକଳ୍ପ ଅଧିକାରୀ ଉର୍ମିଳା ଦେହୁରୀ, ପରିଦର୍ଶିକା ନମିତା ମୁଣ୍ଡା, ଜ୍ୟୋତ୍ସ୍ନା ଶତପଥୀ, ବସନ୍ତ ମଞ୍ଜରୀ ତ୍ରିପାଠୀ, କବିତା ଦାସ, ପ୍ରଭାତୀ ନଳିନୀ ମିଶ୍ର ଆଲୋଚନାରେ ଭାଗନେଇ ଅର୍ଥନୈତିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେବାକୁ ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ। ଆଦିବାସୀ ନେତା ଅର୍ଜୁନ ଚାତାର, ଅଙ୍ଗନୱାଡି କର୍ମୀ ସୁଲୋଚନା ମାହନ୍ତ, ଆଶା କର୍ମୀ ଉର୍ବଶୀ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମାଜିକ କର୍ମୀ ଟଙ୍କଧର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୁସଂସ୍କାର ରୋକିବାକୁ ସଚେତନ କରିବ ପ୍ରଶାସନ

**ଢେଙ୍କାନାଳ ଅଫିସ, ୯।୩**

**ଶିଶୁକନ୍ୟାଙ୍କୁ କୁକୁର ସହ ବିବାହ ଘଟଣା**

ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କରଗୋଳା ପଞ୍ଚାୟତର ଜଣେ ୧୦ବର୍ଷୀୟା ଶିଶୁକନ୍ୟାଙ୍କୁ କୁକୁର ସହିତ ବିବାହ କରାଯିବା ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏଭଳି ସ୍ପର୍ଶକାତର ଘଟଣା ଜିଲା ପ୍ରଶାସନର ଚିନ୍ତା ବଢ଼ାଇଥିବାବେଳେ ଆଦିବାସୀବହୁଳ ଅଞ୍ଚଳରେ କୁସଂସ୍କାର ରୋକିବା ଲାଗି ସଚେତନମୂଳକ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ ବୋଲି ଜିଲାପାଳ ସରୋଜ କୁମାର ସେଠୀ କହିଛନ୍ତି। ଆଦିବାସୀ ବହୁଳ କଙ୍କଡ଼ାହାଡ଼ ବ୍ଲକ ଅଞ୍ଚଳରେ ଘଟିଥିବା ଘଟଣା ଅଭାବନୀୟ। ବ୍ଲକରେ କୁସଂସ୍କାର ରୋକିବା ଲାଗି ସଚେତନତାମୂଳକ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବ। ଏଥିଲାଗି ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି।

## ସଶକ୍ତ ମହିଳା ଦେଶର ଗର୍ବ



କାର୍ଯ୍ୟକ୍ରମରେ ଜିଲାପାଳ, ଏସ୍‌ପିଙ୍କ ସମେତ ଉପସ୍ଥିତ ଅନ୍ୟ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୯।୩**

ସଶକ୍ତ ନାରୀ ଦେଶର ଗର୍ବ। ସେମାନେ ଆତ୍ମନିର୍ଭର ହେଲେ ରାଜ୍ୟ ଆଗକୁ ବଢ଼ିବ ବୋଲି ଢେଙ୍କାନାଳ ମହିଳା କଲେଜରେ ମଙ୍ଗଳବାର ଆୟୋଜିତ ବିଶ୍ୱ ମହିଳା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ସରୋଜ କୁମାର ସେଠୀ କହିଛନ୍ତି। ଇଶୋ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏସ୍‌ପି ଏଲ୍. ଦିବ୍ୟା ଭି. ଯୋଗଦେଇ ମହିଳା ହିଂସାରୁ ମୁକ୍ତି ସମ୍ପର୍କରେ ସଚେତନ କରାଇଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଡିଏସ୍‌ପି ଅଞ୍ଜନା ଟୁଡୁ, ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ ଚନ୍ଦ୍ର ମହାପାତ୍ର, ଶିଶୁ କଲ୍ୟାଣ କମିଟି ସଭ୍ୟ ଭାନୁମତୀ ପାଣି ପ୍ରମୁଖ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଗୋପବନ୍ଧୁ ଟାଉନ୍‌ହଲଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ପୌର ନିର୍ବାହୀ ଅଧିକାରୀ ଅତନୁ ସାମନ୍ତ, ଜିଲା ରେଡ୍‌କ୍ରସ ଉପସଭାପତି ବିରଞ୍ଚି ନାରାୟଣ ପାଣି, ଡ. ସରୋଜିନୀ ଦାସ, ଲିନା ଗୋଚ୍ଛାୟତ, ଡ. ରଘୁନାଥ ସାହୁ, ପ୍ରଜ୍ଞା ପରମିତା ମାଝି, ଡ. ରାମଚନ୍ଦ୍ର ମଲ୍ଲ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଇଶୋ ସମ୍ପାଦିକା ପୁଷ୍ପାଞ୍ଜଳି ଜେନା, ସୌମ୍ୟବ୍ରତ ସାହୁ, କଲେଜ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ମଲ୍ଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୃତୀ ପ୍ରତିଯୋଗୀ ପୁରସ୍କୃତ




ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୯।୩**

ଢେଙ୍କାନାଳସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ସ୍ୱଧାର ଗୃହ ପରିସରରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ମୁଖ୍ୟ ପ୍ରୋଗ୍ରାମ ମ୍ୟାନେଜର ଶୁଭ୍ରା ପ୍ରିୟଦର୍ଶିନୀ ସାହୁ, ମୁଖ୍ୟବକ୍ତା ଭାବେ ବିଭୂତି ଭୂଷଣ ଦାସ ଯୋଗଦେଇ କହିଲେ, ମହିଳାମାନେ ସବୁ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କଲେଣି। ରାଜନୀତିଠାରୁ ଆରମ୍ଭ କରି ଅର୍ଥନୀତି ପର୍ଯ୍ୟନ୍ତ ସେମାନେ ସୁନାମ ଅର୍ଜିଛନ୍ତି। ଧରାବନ୍ଧା ଜୀବନରୁ ବାହାରି କିଛି ନିଆରା କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରାମର୍ଶଦାତା ସଂଘମିତ୍ରା ରାଉତ, ରଶ୍ମିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବର୍ଦ୍ଧିତ ହେଲେ ସଫଳ ଉଦ୍ୟୋଗୀ

**ଢେଙ୍କାନାଳ ଅଫିସ, ୯।୩**



ସଫଳ ଗ୍ରାମୀଣ ମହିଳା ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଢେଙ୍କାନାଳ ଜିଲା ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ବିଶ୍ୱ ମହିଳା ଦିବସ ଉପଲକ୍ଷେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ମହିଳା ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏ ନେଇ ପ୍ଲାଣ୍ଟ ନିକଟବର୍ତ୍ତୀ ନୂଆଗାଁରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନୁଗୋଳ ଜିଲା ସହକାରୀ ଜିଲାପାଳ ମଧୁସ୍ମିତା ବିଶି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବା ଚାଷୀ ବିନ୍ଦୁସାଗର କରଣ, ତରଳ ଡିସ୍‌ୱାସ ପ୍ରସ୍ତୁତକାରୀ ପୁଷ୍ପଲତା ସାହୁ, ଷ୍ଟେଶନାରି ଦୋକାନୀ ସୁମିତ୍ରା ଭୋଇଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଫିନାଇଲ ପ୍ରସ୍ତୁତିରେ ସ୍ୱାବଲମ୍ବୀ ହୋଇଥିବା ମା' ଅନ୍ନପୂର୍ଣ୍ଣା, ମତ୍ସ୍ୟ ଚାଷ ଲାଗି ମା' ବନଦେବୀ ଏସ୍‌ଏଚ୍‌ଜିକୁ ସମ୍ମାନିତ କରାଯାଇଥିଲା। ଟାଟାଷ୍ଟିଲ୍ ଓଡ଼ିଶାର ସିଏସ୍‌ଆର ମୁଖ୍ୟ ଡ. ଅମ୍ବିକା ନନ୍ଦ, ମେରାମଣ୍ଡଳୀର ସିଏସ୍‌ଆର ମୁଖ୍ୟ ଦିବ୍ୟହାସ ରାୟ, ମେଡିକାଲ ସର୍ଭିସେସ୍ ବରିଷ୍ଠ ରେଜିଷ୍ଟ୍ରର ଡା. ଆତ୍ମଜା ପଟ୍ଟନାୟକ, ସିଏସ୍‌ଆର ବିଭାଗ ବରିଷ୍ଠ ପ୍ରବନ୍ଧକ ଆଶୁତୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଟାଟାଷ୍ଟିଲ୍ ମେରାମଣ୍ଡଳୀ ସହାୟତାରେ ୧,୪୩୫ ସଦସ୍ୟଙ୍କୁ ନେଇ ଗୃହଲକ୍ଷ୍ମୀ ସମବାୟ ସମିତି ଗଠନ କରାଯାଇଛି। ମହିଳାଙ୍କୁ କୁକୁଡ଼ା ଚାଷ, ଛତୁଚାଷ, ଧୂପକାଠି, ଫିନାଇଲ, ମାସ୍କ ପ୍ରସ୍ତୁତି, ଡେଜରାତି ଦୋକାନ, ଲୁଗା ଦୋକାନ, ପନିପରିବା ମଣ୍ଡି, ସିଲାଇ କାମ ଲାଗି ପ୍ରୋତ୍ସାହିତ କରାଯାଉଛି।

DSPL-419

**ବିଶ୍ୱ ଗ୍ଲୁକୋମା (କଳାମୋତିଆ) ସପ୍ତାହ**
୬ - ୧୨ ମାର୍ଚ୍ଚ, ୨୦୨୨

ଗ୍ଲୁକୋମା(କଳାମୋତିଆ)ର ନିୟନ୍ତ୍ରଣ ଓ ସଚେତନତା ପାଇଁ ପ୍ରତି ବର୍ଷ "ବିଶ୍ୱ ଗ୍ଲୁକୋମା ସପ୍ତାହ" ପାଳନ କରାଯାଉଅଛି। ଉପଯୁକ୍ତ ସଚେତନତା ଓ ଡାକ୍ତରୀ ଚିକିତ୍ସା ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରାଯାଇପାରିବ।

"ସୁନ୍ଦର ବିଶ୍ୱକୁ ଦେଖିବା ତେବେ, ଦୃଷ୍ଟି ସୁରକ୍ଷିତ ରହିବ ଯେବେ"

- କଳାମୋତିଆ ବା ଗ୍ଲୁକୋମାରେ ଆକ୍ରାନ୍ତ ହେଲେ ଆଖି ଭିତରର ସ୍ନାୟୁଗୁଡିକ ନଷ୍ଟ ହୋଇ ରୋଗୀ ସବୁଦିନ ପାଇଁ ସମ୍ପୂର୍ଣ୍ଣ ଅନ୍ଧ ହୋଇଯାଇଥାଏ।
- ଏଥିରେ ଆରମ୍ଭରୁ ପ୍ରାୟ କିଛି ଲକ୍ଷଣ ଦେଖାଯାଇନଥାଏ। ତେବେ କେତେକ କ୍ଷେତ୍ରରେ ବଲବ୍ ଚାରିପଟେ ରଙ୍ଗୀନ ଗୋଲ ଦେଖାଯିବା, ଆଖିରେ ଯନ୍ତ୍ରଣା ବା ମୁଣ୍ଡବିନ୍ଧିବା ଇତ୍ୟାଦି ଲକ୍ଷଣ ପ୍ରକାଶ ପାଇଥାଏ।
- ସାଧାରଣତଃ ୪୦ ବର୍ଷ ବା ତଦୁର୍ଦ୍ଧ ଲୋକମାନଙ୍କୁ (ବିଶେଷ କରି ଯାହାଙ୍କ ପରିବାରରେ କଳାମୋତିଆ ରୋଗ ଥିବାର ପ୍ରମାଣ ଥିବ) ବା ଯେଉଁମାନେ ଡାଇବେଟିସ୍, ରକ୍ତଚାପ ଆଦି ରୋଗରେ ପୀଡିତ ଥିବେ ସେମାନଙ୍କୁ ଏହି ରୋଗ ହେବାର ସମ୍ଭାବନା ଅଧିକ ଥାଏ।
- ୪୦ ବର୍ଷ ବା ତଦୁର୍ଦ୍ଧ ପ୍ରତ୍ୟେକ ବ୍ୟକ୍ତି କଳାମୋତିଆ ପାଇଁ ଚକ୍ଷୁପରୀକ୍ଷା ନିଶ୍ଚୟ କରାଇ ନିଅନ୍ତୁ ଓ ଆବଶ୍ୟକ ସ୍ଥଳେ ନିୟମିତ ଚିକିତ୍ସାରେ ରୁହନ୍ତୁ।
- କଳା ମୋତିଆର ଚିହ୍ନଟ ସରକାରୀ ଚକ୍ଷୁଚିକିତ୍ସା କେନ୍ଦ୍ରମାନଙ୍କରେ ଉପଲବ୍ଧ।

ସଠିକ୍ ଚିହ୍ନଟ, ସଠିକ୍ ଉପଚାର, କଳାମୋତିଆକୁ ନଥିବ ଡର।

ସର୍ବଦା କରୋନା ସମ୍ବନ୍ଧୀୟ ସତର୍କତା ନିଶ୍ଚୟ ପାଳନ କରନ୍ତୁ
ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚୟ ନିଅନ୍ତୁ।

ଅଧିକ ସୂଚନା ପାଇଁ ନିକଟସ୍ଥ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
OIPR-10003/13/0151/2122

# ଜଟିଳ ହେଉଛି ପରିକ୍ରମା ପ୍ରକଳ୍ପ ବିବାଦ

- ସମ୍ପୂର୍ଣ୍ଣ ପ୍ରକଳ୍ପକୁ ମିଳିନାହିଁ ଅନୁମୋଦନ: ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ
- ପ୍ରଶାସନର ବୟାନକୁ ନେଇ ସନ୍ଦେହ: ଶ୍ରୀଜଗନ୍ନାଥ ଭକ୍ତ ପରିଷଦ

ପୁରୀ ଅଫିସ,୯।୩

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିବାଦ ଜଟିଳ ହେବାରେ ଲାଗିଛି। ପ୍ରକଳ୍ପ କାର୍ଯ୍ୟ ପାଇଁ ଜାତୀୟ ସ୍ମାରକୀ ପ୍ରାଧିକରଣ (ଏନ୍ଏମ୍ଏ)ର ଅନୁମୋଦନ ରହିଛି ବୋଲି ପୁରୀ ଜିଲାପାଳ ସମର୍ଥ ବର୍ମା କହିଥିବାବେଳେ ଏନେଇ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ଆପତ୍ତି ଉଠାଇଛି। ସମ୍ପୂର୍ଣ୍ଣ ପ୍ରକଳ୍ପକୁ ଅନୁମୋଦନ ନ ଥିବା ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ବୁଧବାର ସ୍ପଷ୍ଟ କରିବା ପରେ ଜିଲା ପ୍ରଶାସନର ବୟାନକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଆଇନ ଅନୁଯାୟୀ ମେଘନାଦ ପ୍ରାଚୀରଠାରୁ ଶହେ ମିଟର ପର୍ଯ୍ୟନ୍ତ ନିଷିଦ୍ଧାଞ୍ଚଳ। ସମ୍ପୃକ୍ତ ଅଞ୍ଚଳରେ ଭିତ୍ତିଭୂମିର ସଂରକ୍ଷଣ ଓ ପୁନରୁଦ୍ଧାର କରାଯାଇପାରିବ। ମାତ୍ର ନୂତନ ନିର୍ମାଣ କରାଯାଇପାରିବ ନାହିଁ। ସେହିଭଳି ପରବର୍ତ୍ତୀ ୨୦୦ ଶହ ମିଟର ନିୟନ୍ତ୍ରିତ ଅଞ୍ଚଳ। ଏଠାରେ ଯେକୌଣସି ନିର୍ମାଣ ପାଇଁ ଅନୁମତି ଆବଶ୍ୟକ ହେବ। ତେବେ ଶ୍ରୀମନ୍ଦିର ମେଘନାଦ ପାଚେରିର ଶହେ ମିଟର ମଧ୍ୟରେ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଶୌଚାଳୟ, କ୍ଲକ୍ ରୁମ୍, ଇଲେକଟ୍ରିକ୍ ରୁମ୍ ଓ ବସିବା ସ୍ଥାନ ଇତ୍ୟାଦି ନିର୍ମାଣ ଲାଗି ଜାତୀୟ ସ୍ମାରକୀ ପ୍ରାଧିକରଣ (ଏନ୍ଏମ୍ଏ)ର ଅନୁମୋଦନ ରହିଛି। ଏହାବ୍ୟତୀତ ଅନ୍ୟ କୌଣସି ନିର୍ମାଣ କାର୍ଯ୍ୟ ନିମନ୍ତେ ଅନୁମତି ଦିଆଯାଇନାହିଁ।

ଅନ୍ୟପକ୍ଷରେ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ଅନୁମତି ରହିଛି ବୋଲି ଜିଲାପାଳ ବର୍ମା ଗତ ୭ତାରିଖରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି କହିଥିଲେ। ଅନୁମୋଦନ ସଂକ୍ରାନ୍ତ ଏକ ଚିଠିର କିଛି



ଅଂଶକୁ ସେ ଦେଖାଇଥିଲେ। ତେବେ ସମ୍ପୂର୍ଣ୍ଣ ଚିଠି ନ ଦେଖାଇବା ନେଇ ସାଧାରଣରେ ଅଭିଯୋଗ ଉଠିଥିଲା। ଏନ୍ଏମ୍ଏ ଏବଂ ଏଏସ୍ଆଇ ଅନୁମୋଦନ ବିନା ପ୍ରକଳ୍ପ କାର୍ଯ୍ୟ ହେଉଥିବା ବିଭିନ୍ନ ଅନୁଷ୍ଠାନ ଅଭିଯୋଗ ଆଣି ବିରୋଧ କରିଥିଲେ।

ଏବେ ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟଙ୍କ ବୟାନ ପରେ ବିବାଦ ଆହୁରି ଜଟିଳ ଆଡ଼କୁ ମୁହାଁଉଛି। ଶ୍ରୀମନ୍ଦିର ଚାରିପାଖରେ ଚାଲିଥିବା ବ୍ୟାପକ ଖନନ କାର୍ଯ୍ୟ ଓ ଭାଇବ୍ରେଟର ମେଶିନ୍ ବ୍ୟବହାରକୁ ନେଇ ବିରୋଧ ଜୋର ଧରିଛି। ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ଆବାହକ ସୂର୍ଯ୍ୟନାରାୟଣ ରଥ କହିଛନ୍ତି, ଯେଉଁସବୁ କାର୍ଯ୍ୟ ପାଇଁ ଅନୁମତି ନ ଥିବା ଏଏସ୍ଆଇ କହୁଛି, ସେସବୁ ନୋ ଅବ୍ଜେକ୍ସନ ସାର୍ଟିଫିକେଟ (ଏନ୍ଓସି) ପାଇ ପ୍ରଶାସନ କାର୍ଯ୍ୟ କରୁଥିବା ଦାବି କରୁଛି। ଶ୍ରୀମନ୍ଦିର ୮ଶହରୁ ଊର୍ଦ୍ଧ୍ୱ ବର୍ଷର ସ୍ମାରକୀ ହୋଇଥିବାରୁ ଏହାର ଭିତ୍ତିଭୂମି ସୁରକ୍ଷା ସମ୍ପର୍କରେ ମଧ୍ୟ ବିଚାର କରାଯିବା ଦରକାର। ପ୍ରକଳ୍ପ କାର୍ଯ୍ୟ ପାଇଁ ଏନ୍ଏମ୍ଏ ଅନୁମୋଦନ ନ ଦେବା କଥାରୁ ଏହା ସ୍ପଷ୍ଟ ହେଉଛି ଯେ, ଏଭଳି ଖନନ ଓ ବଡ଼ ବଡ଼ କୋଠାବାଡ଼ି ନିର୍ମାଣ ଫଳରେ ଶ୍ରୀମନ୍ଦିର ଭିତ୍ତିଭୂମି ପ୍ରଭାବିତ ହେବ। ଏଣୁ ରାଜ୍ୟ ସରକାର ଏ ସଂକ୍ରାନ୍ତରେ ପୁଣି ଥରେ ବିକଳ୍ପ ଚିନ୍ତା କରନ୍ତୁ। ସେହିପରି ଜିଲା ଓକିଲ ସଂଘକୁ ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଏକ ଚିଠି ଲେଖିଛନ୍ତି। ମେଘନାଦ ପାଚେରି ନିକଟରେ ଚାଲିଥିବା ଖନନ କାର୍ଯ୍ୟ ସମ୍ପର୍କରେ ଏଥିରେ ସେ ଅବଗତ କରାଇ ଆଇନଗତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ସରକାରଙ୍କ ପାଖରେ ରଘୁନନ୍ଦନ ଲାଇବ୍ରେରି କିମ୍ବା ରିସେପ୍ସନ୍ ସେଣ୍ଟର ନିର୍ମାଣ ସକାଶେ ଅନୁମୋଦନ ଥିବାର ପ୍ରମାଣ ଜିଲାପାଳ ଦେଇପାରିନାହାନ୍ତି। ଯେଉଁ ସବୁ ନିର୍ମାଣ ପାଇଁ ଅନୁମୋଦନ ରହିଛି ବୋଲି ଜିଲାପାଳ ଚିଠି ଦେଖାଇ କହିଥିଲେ, ଆଇନ ଅନୁଯାୟୀ ସେହି ନିର୍ମାଣ କାର୍ଯ୍ୟ ହେବା କଥା। ମାତ୍ର ଠିକ୍ ଭାବେ ଆଇନ ପାଳନ କରାଯାଉନାହିଁ। ବେଆଇନ ଭାବେ ବିଭିନ୍ନ ନିର୍ମାଣ କାର୍ଯ୍ୟ ଚାଲିଛି ବୋଲି ଆଇନଜୀବୀ ଚିନ୍ମୟ ଦାଶ ଅଭିଯୋଗ ଆଣିଛନ୍ତି। ତେବେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଯେଉଁ କାର୍ଯ୍ୟ ପାଇଁ ଅନୁମତି ରହିଛି, ସମ୍ପୃକ୍ତ ନିର୍ମାଣ କାର୍ଯ୍ୟ ଚାଲିଛି। ବିନାନୁମତିରେ କୌଣସି କାର୍ଯ୍ୟ ହେଉନାହିଁ। ପ୍ରକଳ୍ପ କାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବ। ସମସ୍ତ ଅଂଶୀଦାରଙ୍କ ଅନୁମତିରେ ଏବଂ ଅନୁମୋଦନ କ୍ରମେ କାର୍ଯ୍ୟ କରାଯିବ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ଆଶିଷ

## ବିଶ୍ୱ ଐତିହ୍ୟ, ଇତିହାସ ପ୍ରଶ୍ନର ଉତ୍ତର ଅଳ୍ପ ସେକେଣ୍ଡରେ କହୁଛନ୍ତି

ବାଲୁଗାଁ, ୯।୩(ଡି.ଏନ୍.ଏ.)

ବୟସ ମାତ୍ର ୫ବର୍ଷ। ହେଲେ ଏହି ବୟସରେ ପ୍ରଖର ସ୍ମରଣଶକ୍ତିର ଅଧିକାରୀ ହୋଇପାରିଛନ୍ତି ଖୋର୍ଦ୍ଧା ଜିଲାର ବିସ୍ମୟ ବାଳକ ଆଶିଷ କୁମାର ରଣସିଂହ। ଯେଉଁ ବୟସରେ ଖେଳକୁଦ କରିବା କଥା ସେହି ସମୟରେ ଜଣେ ଏହି ଶିଶୁ ସମଗ୍ର ରାଜ୍ୟ, ଦେଶ ଓ ବିଶ୍ୱର ଐତିହ୍ୟ, ଇତିହାସ ଏବଂ ଅନେକ ଗାଥା ମାତ୍ର ଅଳ୍ପ କେଇ ସେକେଣ୍ଡରେ ପ୍ରକାଶ କରି ଆଜି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇବାରେ ସଫଳତା ଅର୍ଜନ କରିଛନ୍ତି। କୁନି ପାଟିରେ ଖଇ ଫୁଟୁଥିବା କଥାଗୁଡ଼ିକୁ ଶୁଣିବାକୁ ଯେତିକି ମଧୁର ଲାଗୁଛି, ପ୍ରତ୍ୟେକ ପ୍ରଶ୍ନର ଉତ୍ତର ମଧ୍ୟ ସେତେ ଶୀଘ୍ର ଶୁଣିବାକୁ ମିଳୁଛି।

ସୂଚନା ଅନୁଯାୟୀ, ବାଲୁଗାଁ ନିକଟସ୍ଥ ଚାଷଙ୍ଗରା



ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ସହ ଆଶିଷ।

ଗ୍ରାମର ପ୍ରସନ୍ନ କୁମାର ରଣସିଂହ ଓ ଗୀତାଞ୍ଜଳିଙ୍କ ପୁତ୍ର ଆଶିଷ। ମା' ଗୃହିଣୀ ହୋଇଥିବାବେଳେ ବାପା ଜଣେ ସରକାରୀ କର୍ମଚାରୀ। ଆଶିଷକୁ ତା'ର ମା' ଘରେ ଶିକ୍ଷାଦାନ କରୁଥିଲେ। ତିନିବର୍ଷ ମଧ୍ୟରେ ସେପରି କିଛି ଲକ୍ଷଣ ଦେଖାଯାଉ ନ ଥିବାବେଳେ ପରେ ହଠାତ୍ ଆଶିଷର ପାଠପଢ଼ା ପ୍ରତି ଆଗ୍ରହ ବଢ଼ିଥିଲା। ଯାହା ବି ଶିକ୍ଷା ଲାଭ କରେ ସମସ୍ତ କଥାକୁ ମନେ ରଖିବା ସହ ବିଭିନ୍ନ ପ୍ରଶ୍ନର ଉତ୍ତର ଫଟାଫଟ୍ ଦେବାକୁ ଆରମ୍ଭ କରିଥିଲା। ଫଳରେ ଆଶିଷକୁ ବାଲୁଗାଁସ୍ଥିତ ଡିଏଭି ଗୁରୁକୁଳରେ ନାମ ଲେଖାଇଥିଲେ ପରେ ମଧ୍ୟ ପିଲାଟିର ପଢ଼ା ପ୍ରତି ଆଗ୍ରହ ଦେଖି ଶିକ୍ଷୟିତ୍ରୀ ଶିକ୍ଷକ ଆଶ୍ଚର୍ଯ୍ୟ ହେଉଥିଲେ। ମାତ୍ର ଖୁବ କମ୍ ସମୟ ମଧ୍ୟରେ ଓଡ଼ିଶାର ୩୦ଟି ଜିଲାର ନାମ, ଭାରତର ସମସ୍ତ ରାଜ୍ୟ ଓ ଏହାର ରାଜଧାନୀର ନାମ, ବିଭିନ୍ନ ମହାସାଗରର ନାମ, ଋତୁର ନାମ ଏଭଳି ଅନେକ ପ୍ରଶ୍ନର ଉତ୍ତର ତତ୍କ୍ଷଣାତ ଆଶିଷ ଦେଇଥିଲେ। ଆଶିଷର ଏହି ପ୍ରତିଭା ଦେଖି ତାଙ୍କ ମା' ଏହାର ଏକ ଭିଡିଓ କ୍ଲିପିଙ୍ଗ କରି ୟୁଟ୍ୟୁବ୍ ମାଧ୍ୟମରେ ଅପ୍‌ଲୋଡ୍ କରିବା ପରେ ଏହା ଭାଇରାଲ ହୋଇଥିଲା। ପରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ପକ୍ଷରୁ ଆଶିଷଙ୍କ ପରୀକ୍ଷା କରାଯିବାରୁ ଉତ୍ତୀର୍ଣ୍ଣ ହେବାପରେ ଗତ ଜାନୁୟାରୀ ୨୨ରେ ଏହି ରେକର୍ଡସ ତାଙ୍କୁ ପ୍ରଦାନ କରାଯାଇଥିଲା। ଆଗକୁ ଆହୁରି ଅଧିକ ରେକର୍ଡର ଅଧିକାରୀ ହୋଇପାରିବେ ବୋଲି ଆଶିଷଙ୍କ ମାତାପିତା ଆଶାବାଦୀ ଅଛନ୍ତି।

---

## ତହସିଲଦାରଙ୍କ କାର୍ଯ୍ୟାଳୟ, ସାଲେପୁର, କଟକ

ପତ୍ର ସଂଖ୍ୟା: ୧୩୦୭ — ତା ୦୭।୦୩।୨୦୨୨ରିଖ

**ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦି ଲିଜ୍ ନିମନ୍ତେ ବିଜ୍ଞାପନ**

No. F-323: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି କଟକ ଜିଲ୍ଲା ଅନ୍ତର୍ଗତ ସାଲେପୁର ତହସିଲ ଅଧୀନରେ ଥିବା ବିରୂପା ବାଲିଘାଟ, ବଡ଼ଭିମରାଜପୁର ସଇରାତ ଉତ୍ସର ଆଗାମୀ ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘ ମିଆଦି ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ସଇରାତ ଉତ୍ସଗୁଡ଼ିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ କଟକ ଜିଲ୍ଲା ୱେବସାଇଟ୍ **cuttack.nic.in**ରେ ଉପଲବ୍ଧ ହେବ। ବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ତହସିଲ କାର୍ଯ୍ୟାଳୟ, ସାଲେପୁର ସହ ଯେ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରିବେ।

**ସ୍ୱା./- ତହସିଲଦାର, ସାଲେପୁର**
OIPR-24233/11/0002/2122

---

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## MINOR IRRIGATION DIVISION, SAMBALPUR

Phone No. (0663)-2412791, E-mail: eemisbp@yahoo.co.in

**'e' Procurement Notice**

**Bid Reference No. EE MID SBP 12/2021-22**

**eemisbp@yahoo.co.in**

**No.776// MID // date.03.03.2022**

**No. A-867:-** Bid documents consisting of Work, Estimated cost, Cost of tender paper, Bid Security Declaration, Time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal **https://tendersodisha.gov.in.**

| | | |
|---|---|---|
| 1 | Name of the works :- | Civil construction works. |
| 2 | No. of works :- | 5 (Five) Nos. |
| 3 | Estimated cost :- | Varies approximately from **Rs.55.00 lakh to Rs.88.00 lakh** |
| 4 | Period of completion | 04 (Four) Calendar months |
| 5 | Date and Time of availability of bid documents in the portal :- | From **Dt.14.03.2022** at 10.00 AM to **Dt.23.03.2022** up to 5.30 PM. |
| 6 | Last date / time of receipt of bids in the portal :- | **Dt.23.03.2022** up to 5.30 PM |
| 7 | Date of opening of Bid:- | **Dt.24.03.2022** at 11.00 AM onwards |
| 8 | Name and address of the OIT:- | Executive Engineer, Minor Irrigation Division, Sambalpur. |

** Further details can be seen from the e-Procurement market place **http://tendersodisha.gov.in**

**Sd./- Executive Engineer, M.I. Division, Sambalpur**
OIPR-32036/11/0006/2122

---

## OFFICE OF THE CHIEF CONSTRUCTION ENGINEER
## RAYAGADA (R&B) CIRCLE, RAYAGADA

**e-mail ID- sepwd_rgda@yahoo.com**
**Phone/ Fax No.- 06856-223049**

**e-Procurement Notice**

**Bid Identification No. C.C.E. (RANDB) RGDA-07/2021-22 (Online)**

**No.260 Date 08.03.2022**

No.B-1041:- **INVITATION FOR BIDS**

| | | | |
|---|---|---|---|
| 1 | The Chief Construction Engineer, Rayagada (R&B) Circle, Rayagada on behalf of Governor of Odisha invites percentage rate bids in double cover mode to be received in online mode only for the construction of works as detailed in the table below. | | |
| 2 | Nature of work | : | Building work |
| 3 | No. of work | : | 01 (One) No. of work |
| 4 | Estimated cost (Approximately) | : | Rs.653.71 lakh |
| 5 | Bid cost | : | Rs.10,000/- (each) |
| 6 | Class of contractor | : | 'Special' and 'Super' Class as per Financial Eligibility |
| 7 | Availability of bid documents in the website | : | 11.00 hrs. of Dt.11.03.2022 to 16.00 hrs. of Dt.25.03.2022 |
| 8 | Date of opening of bid | : | 11.00 hrs. of Dt.28.03.2022 |
| 9 | The bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

**Sd./- Chief Construction Engineer**
**Rayagada (R&B) Circle, Rayagada**
OIPR-34154/11/0002/2122

---

## GOVERNMENT OF ODISHA
No. B-1039
## OFFICE OF THE SUPERINTENDING ENGINEER
## PANIKOILI (R&B) DIVISION, PANIKOILI

Phone/Fax: 06726 240120, Email: eepwd.pkl@rediffmail.com

**Budgetary Quotation Call Notice for Basic Rate of materials for 2022 for undivided Cuttack District**

1. Name of the work:- **Ascertaining/evaluating market rates of items (as per enclosed statement) for undivided Cuttack District for preparation of schedule of rates 2022.**
2. Total Numbers of items:- **176 Nos.**
3. Date & Time of availability of bid document in Office of Superintending Engineer, Panikoili (R&B) Division as well as Govt. portal www.odisha.gov.in:- **From 11.00 A.M. of dt.07.03.2022 to 05.00 P.M. of dt.14.03.2022.**
4. Last Date/Time for receipt of bids in the portal:- **05.00 P.M. of dt.14.03.2022**
5. Date of opening of bid:- **11.30 A.M. of dt.15.03.2022**
6. Name and address of the officer inviting Bid:- **Superintending Engineer, Panikoili (R&B) Division, Panikoili**

The Budgetary Quotation call notice with enclosure can be download from website: www.odisha.gov.in.

**Sd./- Superintending Engineer, Panikoili (R&B) Division**
OIPR-34067/11/0031/2122

---

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ପ୍ଲଟ ନଂ. ଏ/୩୨, ଗୃହ ନିର୍ମାଣ ଭବନ, ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

**ପ୍ରେସ୍ ଇସ୍ତାହାର**

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର ଭୁବନେଶ୍ୱର ୟୁନିଟ୍ – ୩, ମାଳିସାହିସ୍ଥିତ 'ଚନ୍ଦ୍ରମା ଆପାର୍ଟମେଣ୍ଟ'**
**(Chandrama Apartment, Malisahi, Bhubaneswar)**
**ଯୌଥ ପ୍ରକଳ୍ପ ସମ୍ବନ୍ଧୀୟ**

**Notice No. 2585** — **Date: 08.03.2022**

No. CAD-3107: ଏତଦ୍ଦ୍ୱାରା ସର୍ବସାଧାରଣ ତଥା ବିଲ୍‌ଡର ଶେୟାରରୁ କିଣିଥିବା ଉପଭୋକ୍ତାମାନଙ୍କୁ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ୧୯୯୮ ମସିହାରେ ରାଜ୍ୟ ସରକାରଙ୍କର ସାଧାରଣ ପ୍ରଶାସନ ବିଭାଗରୁ ଭୁବନେଶ୍ୱର ଖାରବେଳ ନଗର ମୌଜାରେ ଖାତା ନଂ. ୪୪୧ ଅନ୍ତର୍ଗତ ୧୫୭ ନଂ ପ୍ଲଟରେ ପାଇଥିବା ଏ୩.୮୨୫ ଡିସିମିଲ୍ ଜମି (ମାଳିସାହିର) ଉପରେ M/s. B. Engineers & Builderଙ୍କ ସହଭାଗିତାରେ ୩ଟି ରେସିଡେନ୍‌ସିଆଲ ବ୍ଲକରେ ୨୪୬ଟି ଫ୍ଲାଟର ନିର୍ମାଣ କରାଯାଇଅଛି। ଇତିମଧ୍ୟରେ B. Engineers & Builder ଓ ରାଜ୍ୟ ଗୃହ ନିର୍ମାଣ ସଂସ୍ଥାଙ୍କ ମଧ୍ୟରେ ଚୁକ୍ତିନାମା ଖିଲାଫ ବାବଦରେ ମାନ୍ୟବର Arbitratorଙ୍କ ପାଖରେ ଆର୍‌ବିଟ୍ରେସନ ମୋକଦ୍ଦମା ନଂ. 1(H)/2019ର ତା୪।୬।୨୦୨୧ରେ Award ପାସ୍ ହୋଇସାରିଛି। ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଏହି Arbitration Awardର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ M/s B. Engineersଙ୍କୁ ଅନୁରୋଧ କରିଅଛନ୍ତି। ମାତ୍ର କିଛି ଆପାର୍ଟମେଣ୍ଟ କ୍ରେତାଙ୍କ ସହ ଆଲୋଚନା ବେଳେ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଜାଣିବାକୁ ପାଇଛି ଯେ, B. Engineers & Builders ବୋର୍ଡ଼ର ବିନା ସ୍ୱୀକୃତିରେ ବିଲ୍‌ଡରଙ୍କଠାରୁ ଆପାର୍ଟମେଣ୍ଟ କିଣିବା ପାଇଁ କରିଥିବା ଏଗ୍ରିମେଣ୍ଟ ଆଧାରରେ ତୃତୀୟ ପକ୍ଷଙ୍କୁ ବିକ୍ରୟ କରିବା ପାଇଁ ପୁନଃ ଚୁକ୍ତିନାମାମାନ ସ୍ୱାକ୍ଷର କରୁଛନ୍ତି।

ଏହି ଆଇନ୍ ମତେ ବୈଧ ଓ ଗ୍ରହଣୀୟ ନୁହେଁ। ଏହି ପ୍ରେସ୍ ଇସ୍ତାହାର ମାଧ୍ୟମରେ ଆମ୍ଭେ ସର୍ବସାଧାରଣ ଓ ବିଲ୍‌ଡରଙ୍କଠାରୁ କିଣିଥିବା ସମସ୍ତ ଆପାର୍ଟମେଣ୍ଟ କ୍ରେତାମାନଙ୍କୁ ଅନୁରୋଧ କରୁଅଛୁ କି, ଏହିଭଳି ତୃତୀୟ ପକ୍ଷ କ୍ରୟ ଓ ବିକ୍ରୟରୁ ଦୂରେଇ ରୁହନ୍ତୁ। କୌଣସି କ୍ରେତା ଓ ବିକ୍ରେତା ଜାଣି ବୁଝି କ୍ରୟ ଓ ବିକ୍ରୟ କଲେ କୌଣସି ପରିଣାମ ପାଇଁ ଉତ୍ତରଦାୟୀ ରହିବେ। ଏହିଭଳି କୌଣସି କ୍ରୟ ବା ବିକ୍ରୟ ବାବଦରେ ଭବିଷ୍ୟତରେ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା କୌଣସି ପ୍ରକାରର ଉତ୍ତରଦାୟୀ ରହିବେ ନାହିଁ।

OIPR-13030/11/0452/2122 — **ସ୍ୱା./- ସଚିବ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

---

## Government of Odisha
## Office of the Chief Construction Engineer
## RURAL WORKS CIRCLE, Bhawanipatna

**NOTICE**

**FOR PRADHAN MANTRI GRAM SADAK YOJANA (PMGSY)**
**NATIONAL COMPETITIVE BIDDING THROUGH "e"-Procurement**
**Bid identification No. BPT/Online-19/2021-22**

**No.O-1794:**The Chief Construction Engineer, R. W. Circle, Bhawanipatna on behalf of Odisha State Rural Road Agency invites the percentage rate bids in electronic tendering system for construction of roads under Pradhan Mantri Gram Sadak Yojana in the districts of Kalahandi for 01 (One) number of package with estimated cost totaling to Rs.0.76 Cr. including their maintenance for five years from the eligible contractors registered with State PWD / CPWD / MES / Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract. Date of release of Invitation for Bids through e-procurement dtd. 11.03.2022. Availability of Bid Documents and mode of submission: The bid document is available online and should be submitted online in www.pmgsytenders.gov.in. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved format,(c) original affidavit regarding correctness of information furnished with bid document as per provisions of Clause 4.4B(a)(ii) of ITB with C.C.E,, R. W. Circle, Bhawanipatna/ Concerned Executive Engineers, R.W.Division (as per Tender Call Notice) on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.Last Date/ Time for receipt of bids through e-procurement: 25.03.2022 upto 5.00 PM. For further details please log on to www.pmgsytenders.gov.in

**Sd./- Chief Construction Engineer, R.W. Circle, Bhawanipatna**
**OIPR-25102/11/0022/2122**

---

See Career Appointment on every Wednesday & Saturday

---

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## RURAL WORKS DIVISION, ROURKELA

E.Mail-rw_rourkela@yahoo.co.in

No.O-1812:- **TENDER CALL NOTICE**

**BID IDENTIFICATION NO. ONLINE SERKL-30 OF 2021-22**

1. Name of the work: Building works. 2. Total No. of work: 3 (Three) Nos. 3. Estimated cost: Rs.12.86 lakhs to Rs.15.41 lakhs. 4. Class of contractor: 'D' & 'C' class. 5. Period of completion: 04 (Four) calendar months. 6. Type of tender: Single cover. 7. Other details.

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Rourkela | Online- SERKL-30 of 2021-22 | 11.03.2022 from 10.00 A.M. | 21.03.2022 upto 5.00 P.M. |

Further details can be seen from the website **www.tendersorissa.gov.in**

**Sd./- Superintending Engineer, RW Division, Rourkela**
OIPR-25067/11/0036/2122

---

## ODISHA PUBLIC SERVICE COMMISSION
### CUTTACK
### NOTICE

**No.2369/PSC Dt.08.03.2022**
**(1R-95-21/22) (DR-V)**

No. D-351: It is for information of all concerned that, the candidates bearing following PPSAN are called for interview as per the programme drawn below for recruitment to the post of **Professor in "Population Studies"**, pursuant to the advertisement No. 10 of 2021-2022

| Date | Time of Interview | PPSAN |
|---|---|---|
| 22.03.2022 | 03.30 P.M. | 00110828 & 00111912 = **02 Candidates** |

**The candidates are advised to produce following documents at the time of interview:**
1. All Original Research Publication/Books.
2. Photocopy of front and back cover pages of published books - 04 sets.
3. Photocopies of 10 best original publication - 04 sets.

In case the candidate suffering from COVID they should intimate the same to the Commission in advance so that special arrangement may be made by the Commission for their interview.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are further advised to report in the office of the Commission **half an hour before the commencement of interview** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the interview process.

**OIPR-12002/11/0282/2122** — **Sd.- Secretary**

---

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS DIVISION-I, MALKANGIRI

**e-mail : rwd_malkangiri@yahoo.co.in**

**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 17/MKG/2021-22**

**No.O-1805:**1. Name of the work : Road works (Detailed in Annexure). 2 . Total Number of Works : 14 (Fourteen) Number. 3. Tender Cost : Rs. 58.41 Lakhs to 90.27 Lakhs. 4. Class of Contractor : 'B' & 'A' Class contractors. 5. Period of Completion : (As Per Detailed in Annexure). 6. Other Details:-

| Procurement Officer | Bid Identification No. | No. of Works | Availability of Tender online for bidding | | Last Date & Time of seeking tender clarification | Date and time of opening of tender | |
|---|---|---|---|---|---|---|---|
| | | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 8 |
| Superintending Engineer, Rural Works Division-I, Malkangiri | Online Tender/17 / RWD-I, MKG/ 2021-22 | 14 (Fourteen) Nos. of Road works | 09.03.2022 from 11.00 A.M. | 16.03.2022 upto 5.00 P.M. | 15.03.2022 upto 5.00 P.M. | 17.03.2022 at 11.00 AM | 18.03.2022 at 11.00 AM |

Further details can be seen from the Website **www.tenderorissa.gov.in.**

**OIPR-25058/11/0017/2122**

---

## Government of Odisha, e- Procurement Notice
### INVITATION FOR BIDS (IFB)
### Bid Identification No. C.C.E.Dkl (R&B) 20/2021-22

Email Id:sedklpwd@gmail.com
Letter No.541/Dt.04.03.2022

**No.B-1035:**The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate Bids in double cover system to be received in ONLINE MODE from eligible contractors for construction of Road/Building works as detailed below:

1. Name of the Work : Road/Building Works
2. No. of Works : 05 (Five) Nos.
3. Estimated Cost : Rs.1,62,57,239/- to Rs.8,50,61,157/- (as given in column No. 03 of table)
4. Cost of Tender Paper : Rs.10,000.00
5. Class of Contractor : 'B', 'A', 'Special' & 'Super' (as given in Column No. 06 of table)
6. Period of Completion of Work : 05 (Five) to 11 (Eleven) Calendar Months (as given in column No.07 of table)
7. Date and Time of availability of bid document in the website : From Dt.11.03.2022 to 5.30 P.M. of Dt.25.03.2022
8. Date of Opening of Bid : Dt.28.03.2022 at 11.30 hours.

The bidders have to participate in ONLINE bidding only, further details can be seen from the e-Procurement Portal:www.tendersodisha.gov.in. Any addendum/corrigendum/cancellation of tender can also be seen in the said website.

**Sd./-Chief Construction Engineer, Dhenkanal(R&B) Circle, Dhenkanal**
**OIPR-34132/11/0020/2122**

---

## ODISHA PUBLIC SERVICE COMMISSION
### CUTTACK
### NOTICE

**No.2381/PSC Dt.08.03.2022**
**(1R-93-21/22) (DR-V)**

No. D-353: It is for information of all concerned that, the candidates bearing following PPSAN are called for interview as per the programme drawn below for recruitment to the post of **Associate Professor in "Public Administration"**, pursuant to the advertisement No. 06 of 2021-2022

| Date | Time of Interview | PPSAN |
|---|---|---|
| 22.03.2022 | 10.30 A.M. | 00109353, 00109586, 00110366, 00086786, 00110125, 00109228, 00094634 & 00110709 = **08 Candidates** |

**The candidates are advised to produce following documents at the time of interview:**
1. All Original Research Publication/Books.
2. Photocopy of front and back cover pages of published books - 04 sets.
3. Photocopies of 10 best original publications - 04 sets.

In case the candidate suffering from COVID they should intimate the same to the Commission in advance so that special arrangement may be made by the Commission for their interview.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are further advised to report in the office of the Commission **half an hour before the commencement of interview** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the interview process.

**OIPR-12002/11/0284/2122** — **Sd.- Secretary**

---

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SAMBALPUR

**Tel-0663-2548268, E-mail id- serwcirclesbp@yahoo.com**

**Bid Identification No. Building Tender Online-RWCSBP-50/2021-22 No.: 507 Dated: 07.03.2022**

**No. O-1803:-** The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 1 (One) number of **building work under World Bank Assistance Programme (OHEPEE) Phase-II in the district of Deogarh.**

**1. Name of work: Infrastructure Development of Panchayat Degree College, Kalla under World Bank Assistance Programme (OHEPEE) Phase-II in the district of Deogarh. 2. No. of works:** 01 as per Annexure. **3. Estimated Cost:** Approximately Rs.223.47 lakhs. **4. Class of Contractor:** B & A. **5. Cost of tender paper and mode of deposit:** Rs.10,000/- per set. (to be deposited online) in favour of concerned Executive Engineer. **6. Mode of submission of tender:** Tender should be submitted only Online in website **www.tendersorissa.gov.in**. (https//tendersodisha.gov.in). **7. EMD and mode of deposit:** Bid Security Declaration as per format appearing in DTCN.

**8. Summary of key dates are provided below:**

| Procurement Officer | Bid Identification No. | Availability of Tender online for bidding | | Last date & time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Building Tender Online-RWCSBP-50/ 2021-22 | 11.03.2022 at 11.00 AM | 28.03.2022 upto 5.00 PM | 23.03.2022 upto 4.00 PM | 29.03.2022 at 11.00 AM | To be intimated later |

- Further details can be seen from the e-procurement portal **www.tendersorissa.gov.in** (https//tendersodisha.gov.in). • Subsequent modification/corrigendum/addendum if required shall appear in website only. • The amount put to bid is exclusive of GST.

**Sd./- Chief Construction Engineer, Rural Works Circle, Sambalpur**
OIPR-25091/11/0066/2122

---

## OFFICE OF THE SUPERINTENDING ENGINEER, RWS&S DIVISION, BHANJANAGAR-761126

**Phone No.06821-241026 (O)/241079(R) Fax No-06821-241026/240056**
**e-mail-eerwss_bnj@nic.in<eerwssbnj2009@gmail.com**

**Govt. of Orissa "e" Procurement Notice**
**Bid Identification No. S.E.RWS&S 49/2021-22**

**No.O-1806:**1.The Superintending Engineer, RWS&S Division, Bhanjanagar, Ganjam on behalf of Governor of Odisha invites percentage rate/G2 bid in Double Cover system according to the norm of "e" Procurement system in online mode for different PWS Schemes in Ganjam District from the eligible contractors as per DTCN. 2.Nature of Work : Construction, testing, Commissioning of RCC ESR/OGR construction of Pump House, Compound Wall, Valve chamber, providing 100% FHTC, laying of distribution of pipeline etc.for PWS to different village in the Ganjam District.3.No.of Tender : 02 Nos. 4. Tender Paper Cost:Rs.10000/-. 5. Tender Cost: 301.19 Lakhs to 303.38 Lakhs. 6. Class of Contractor : A & Special Class. 7. Date and time of availability of bid document in the portal : Dt.10.03.2022 at 11.00 A.M. to 25.03.2022 upto 5.00 P.M. 8. Date of Opening of Bid : Dt.28.03.2022 at 11.00 A.M. 9. Period of Completion : 360 (Three Hundred Sixty) days. 10. The bidders have to participate in online bidding only. Further details can be seen from the website **https://tendersodisha.gov.in.**

**Sd./- Superintending Engineer,**
**RWS&S Division, Bhanjanagar**
**OIPR-25021/11/0039/2122**

## ସଂକ୍ଷେପରେ

### ମାରପିଟ ଘଟଣାରେ ଜଣେ ଗିରଫ

**ପବିତ୍ରନଗର, ୯।୩(ଡି.ଏନ.ଏ.):** କଣିହାଁ ବ୍ଲକ ସମଲ ଥାନା କଟରାପଡା ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଗଣ୍ଡଗୋଳ ଓ ମାରପିଟ ଘଟଣାରେ ପୋଲିସ ଟିହିଁକା ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ଜମିବାଡି ସଂକ୍ରାନ୍ତୀୟ ସମସ୍ୟା ନେଇ ଗ୍ରାମର ସଞ୍ଜୟ ଦେହୁରୀ ଓ ଟିହିଁକାଙ୍କ ମଧରେ ବଚସା ହୋଇ ମାରପିଟର ରୂପ ନେଇଥିଲା। ଏଥିରେ ସଞ୍ଜୟଙ୍କ ଭାଇ ଶିବରାମ ବୁଝାଶୁଝା କରିବାକୁ ଚେଷ୍ଟା କରୁଥିବା ବେଳେ ଟିହିଁକା ଉତ୍ତେଜିତ ହୋଇ ଆକ୍ରମଣ କରିବାରୁ ଶିବରାମଙ୍କ ମୁଣ୍ଡ ଫାଟି ଯାଇଥିଲା। ସଞ୍ଜୟ ଅଭିଯୋଗ କରିବା ପରେ ନଂ. ୭୬/୨୨ରେ ମାମଲା ରୁଜୁ କରାଯାଇଛି। ଅପରପକ୍ଷରେ ଟିହିଁକା ମଧ ସଞ୍ଜୟ ଓ ଶିବରାମଙ୍କ ପରିବାର ବିରୋଧରେ ଅଭିଯୋଗ କରିଛନ୍ତି।

### ଯୁବ କ୍ଲବକୁ ପୁରସ୍କାର



**ଅନୁଗୋଳ ଅଫିସ,୯।୩:** ଅନୁଗୋଳ ଜିଲାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାମେଶ୍ୱର ଯୁବ କ୍ଲବ ଖଲାରୀକୁ ଚଳିତ ବର୍ଷ ପାଇଁ ନେହେରୁ ଯୁବକେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ୨୫ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଛି। ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ରାମେଶ୍ୱର ଯୁବ କ୍ଲବକୁ ଏହି ଅର୍ଥ ରାଶି ପ୍ରଦାନ କରିବା ସହ ଜିଲାରେ ଯୁବକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ପରାମର୍ଶ ଦେଇଥିଲେ।

### ୪ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ,୯।୩:** ଅନୁଗୋଳ ଜିଲାରୁ ବୁଧବାର ୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୮ ହଜାର ୫୪୧ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧରେ ଅନୁଗୋଳ ବ୍ଲକ ଅଞ୍ଚଳରୁ ୨ଜଣ, ଅନୁଗୋଳ ପୌରାଞ୍ଚଳରୁ ଜଣେ ଓ କିଶୋରନଗର ବ୍ଲକ ଅଞ୍ଚଳରୁ ଜଣେ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ନିଜ ଘରେ ସଙ୍ଗରୋଧରେ ରଖାଯାଇ ନିରୀକ୍ଷଣ କରାଯାଉଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି। ସେହିପରି ଦିନକରେ ଜିଲାରୁ ୫ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୪୧୮ ଜଣଙ୍କ ମୃତ୍ୟୁ କୋଭିଡ୍ କାରଣରୁ ହୋଇଛି।

### ହାତୀ ଉପଦ୍ରବ, ଚାଷୀ ଚିନ୍ତାରେ

**ବଇଣ୍ଡା,୯।୩(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ମଇମୁରା, କଂସାବ, ବିପ୍ରଡିହ, କୋରାବ ଅଞ୍ଚଳରେ କିଛିଦିନ ହେଲା ୫ ରୁ ୭ଟି ହାତୀ ଉପଦ୍ରବ ଚଳାଇଛନ୍ତି। ହାତୀପଲ ପନିପରିବା ଫସଲ ଖାଇଯିବା ସହ କଦଳୀ, ଆମ୍ବ ଗଛଗୁଡିକ ଭାଙ୍ଗି ସମ୍ପୂର୍ଣ୍ଣ ନଷ୍ଟ କରିଦେଉଛନ୍ତି। ଏ ନେଇ ଚାଷୀମାନେ ଆତଙ୍କିତ ଅବସ୍ଥାରେ ଥିବାବେଳେ ବନବିଭାଗ ହାତୀ ଘଉଡାଉ ନ ଥିବା ବିପ୍ରଡିହ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ବନବିଭାଗ ପକ୍ଷରୁ ଦୃଷ୍ଟି ଦେଇ ପଦେକ୍ଷେପ ନେବାକୁ ଦାବି ହୋଇଛି। ଧଣ୍ଡାତୋପା ରେଞ୍ଜର ଆର୍ ମହାନ୍ତି କହିଛନ୍ତି, ହାତୀ ଘଉଡାଇବା ପାଇଁ ପଦକ୍ଷେପ ନିଆଯାଉଛି।

### ଅବକାରୀ ଚଢ଼ାଉ, ୩ ଗିରଫ

**ବଇଣ୍ଡା,୯।୩(ଡି.ଏନ.ଏ.):** କିଶୋରନଗର ଥାନାର ବିଭିନ୍ନ ଗ୍ରାମରେ ବୁଧବାର ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୧୦୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ପୁରୁଷୋତ୍ତମପୁର ଗ୍ରାମର କବିତା ମିର୍ଦ୍ଧା, ସଞ୍ଜାମୁରା ଗ୍ରାମର ଅନୁ ବେହେରା ଏବଂ ମୁଣ୍ଡାବିଡା ଗ୍ରାମର କବିତା ପ୍ରଧାନଙ୍କୁ ଗିରଫ କରାଯାଇଛି। ସେମାନେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ବଇଣ୍ଡା ଅବକାରୀ ଅଧିକାରୀ ବଲବୀର ଗଡନାୟକ ପ୍ରମୁଖ ଚଢାଉ କରିଥିଲେ।

### ଜଳିଗଲା ୨ କୁକୁଡ଼ା ଫାର୍ମ

**ବଇଣ୍ଡା,୯।୩(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା କମରେଇ ନିକଟରେ ଥିବା କେଦାରଧର ନାୟକଙ୍କ ୨ଟି କୁକୁଡା ଫାର୍ମ ବୁଧବାର ଜଳିଯାଇଛି। ନିକଟସ୍ଥ ଜଙ୍ଗଲରେ ଲାଗିଥିବା ନିଆଁ କୁକୁଡା ଫାର୍ମକୁ ବ୍ୟାପିଯାଇଥିଲା। ଏହି ଫାର୍ମରେ କୁକୁଡା ନ ଥିବାବେଳେ ସମସ୍ତ ଆସବାପତ୍ର ଜଳିଯାଇଛି। ଖବରପାଇ ବାମୁର ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ଘଟିଥିବାରୁ ତୁରନ୍ତ କ୍ଷତିଗ୍ରସ୍ତ ଫାର୍ମ ମାଲିକଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

# ବ୍ଲକ ଅଧ୍ୟକ୍ଷ ନିର୍ବାଚନ ନେଇ ଉତ୍କଣ୍ଠା

**କଣିହାଁ,୯।୩(ଡି.ଏନ.ଏ.)**



କଣିହାଁ ପଞ୍ଚାୟତ ସମିତି

ଅନୁଗୋଳ ଜିଲା କଣିହାଁ ବ୍ଲକ ଅଧକ୍ଷ ନିର୍ବାଚନକୁ ନେଇ ବିଜେଡି ଓ ଭାଜପା ମଧରେ ବଳ କଷାକଷି ଆରମ୍ଭ ହୋଇଛି। ଆସନ୍ତା ୧୨ ତାରିଖ ଭୋଟଗ୍ରହଣ ପୂର୍ବରୁ କିପରି ୧୪ ସମିତି ସଭ୍ୟଙ୍କ ସମର୍ଥନ ଯୋଗାଡ଼ କରାଯିବ ସେ ନେଇ ଉଭୟ ଦଳ ପକ୍ଷରୁ ସତର୍କତାର ସହ ଗୋଟି ଚାଳନା କରାଯାଉଛି। ଫଳରେ ବ୍ଲକ ଅଧକ୍ଷ ପଦ କେଉଁ ଦଳ ହାତେଇବ, ତାହାକୁ ନେଇ ସାଧାରଣରେ ଉତ୍କଣ୍ଠା ପ୍ରକାଶ ପାଇଛି।

କଣିହାଁ ବ୍ଲକର ୨୭ ପଞ୍ଚାୟତ ମଧ୍ୟରୁ ୧୯ଟି ପାଲଲହଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ରହିଛି। ଅନ୍ୟ ୮ ପଞ୍ଚାୟତ ତାଳଚେର ବିଧାନସଭା ନିର୍ବାଚନମଣ୍ଡଳୀରେ ଅନ୍ତର୍ଭୁକ୍ତ। ତେଣୁ ଏହି ବ୍ଲକ ଅଧକ୍ଷ ପଦବୀ ଅକ୍ତିଆର କରିବା ପାଲଲହଡ଼ା ଓ ତାଳଚେର ବିଧାୟକଙ୍କ ପାଇଁ ନିଶ୍ଚିତ ସମ୍ମାନର ପ୍ରଶ୍ନ ବୋଲି କୁହାଯାଉଛି। ଏହି କାରଣରୁ ପଞ୍ଚାୟତ ନିର୍ବାଚନ ଫଳ ପ୍ରକାଶ ପରଠାରୁ ୨ ବିଧାୟକଙ୍କ ଶିବିରରେ ତତ୍ପରତା ଦେଖିବାକୁ ମିଳୁଛି। ଏପରି କି ୨୭ ସମିତି ସଭ୍ୟଙ୍କ ମଧ୍ୟରୁ ୧୫ ଜଣ ପାଲଲହଡ଼ା ଓ ତାଳଚେର ବିଧାୟକଙ୍କ ଶିବିର ସହ ଯୋଗାଯୋଗରେ ଥିବା ଆଲୋଚନା ହେଉଛି। ସେମାନଙ୍କ ସମର୍ଥନ ଯେପରି ନିଶ୍ଚିତ ବିଜେଡି ସପକ୍ଷରେ ଯିବ, ସେ ନେଇ ଦଳ ପକ୍ଷରୁ ଉଦ୍ୟମ ଜାରି ରହିଛି। ଅପରପକ୍ଷରେ ଗତ ୨୦୧୭ ନିର୍ବାଚନରେ ଭାଜପା କଣିହାଁ ବ୍ଲକ ଅଧକ୍ଷ ପଦ ଅକ୍ତିଆର କରିଥିଲା। ହେଲେ ଚଳିତ ପଞ୍ଚାୟତ ନିର୍ବାଚନରେ ଦଳକୁ ଏଠାରେ ସେପରି ସଫଳତା ମିଳିନାହିଁ। କଣିହାଁ ବ୍ଲକର ୩ ଜିଲା ପରିଷଦ ଆସନରେ ଦଳ ଭଲ ପ୍ରଦର୍ଶନ କରି ନ ଥିବାବେଳେ ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟଙ୍କ ସଂଖ୍ୟା ମଧ ବିଜେଡି ତୁଳନାରେ କମ୍ ରହିଛି। ତଥାପି ବ୍ଲକ ଅଧକ୍ଷ ପଦରେ ଦଳ କିପରି ବିଜୟୀ ହେବ, ତାହାକୁ ନେଇ ଅଙ୍କକଷା ଚାଲିଛି। ୨୭ ସମିତି ସଭ୍ୟଙ୍କ ମଧ୍ୟରୁ ୧୨ ଜଣ ଭାଜପା ଶିବିର ସହ ଯୋଗାଯୋଗରେ ଥିବାରୁ କ୍ରସ୍ ଭୋଟିଂ ହେଲେ ଦଳ ପାଇଁ ଏହା ସହାୟକ ହେବ ବୋଲି ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ କଣିହାଁ ବ୍ଲକ ବିଜେଡି ସଭାପତି କୈଳାସ ସାହୁ କହିଛନ୍ତି, ରାଜ୍ୟରେ ବିଜେଡିର ବିଜୟ ଧାରା ଜାରି ରହିଛି। ସବୁ ଅଧକ୍ଷ ପଦ ବିଜେଡି ସମର୍ଥିତ ପ୍ରାର୍ଥୀ ଦଖଲ କରିବେ। କଣିହାଁ ବ୍ଲକରେ ମଧ ବିଜେଡିକୁ ନିଶ୍ଚିତ ସଫଳତା ମିଳିବ ବୋଲି ବ୍ଲକ ସଭାପତି ପ୍ରକାଶ କରିଛନ୍ତି।

## ଜଗନ୍ନାଥ ଖଣି ମହାପ୍ରବନ୍ଧକଙ୍କୁ ଦାବିପତ୍ର

**ତାଳଚେର,୯।୩(ନି.ପ୍ର.)**

ତାଳଚେରସ୍ଥିତ ଏମ୍‌ସିଏଲ୍ ପରିଚାଳନାଧୀନ ଡିଏଭି ସ୍କୁଲର ପୁନଃ ପ୍ରବେଶିକା ଦେୟ ବାବଦରେ ଖଣି କର୍ତ୍ତୃପକ୍ଷଙ୍କ ଭେଦଭାବ ନୀତିକୁ ନେଇ ତାଳଚେର ଜନବିକାଶ କଲ୍ୟାଣ ସଂଘ ପକ୍ଷରୁ ଏକ ଦାବିପତ୍ର ଜଗନ୍ନାଥ ଖଣି ମହାପ୍ରବନ୍ଧକ ପି.ବି ରେଡ୍ଡୀଙ୍କୁ ପ୍ରଦାନ କରାଯାଇଛି। ସେଥିରେ ଉଲ୍ଲେଖ ରହିଛି, ଖଣି ଅଞ୍ଚଳରେ କାର୍ଯ୍ୟରତ ଠିକାଦାର ଏବଂ ଠିକା କର୍ମଚାରୀଙ୍କ ଝିଅପୁଅଙ୍କ ଡିଏଭି ସ୍କୁଲରେ ପୁନଃ ପ୍ରବେଶିକା ଦେୟ କୋହଳ ପାଇଁ ଅଭିଭାବକ ଆବେଦନ କରିଥିଲେ, ଯାହାକୁ ସ୍କୁଲ କର୍ତ୍ତୃପକ୍ଷ ଗ୍ରହଣ କରିଛନ୍ତି। କିନ୍ତୁ ଖଣି ପ୍ରଭାବିତ ଓ ବିସ୍ଥାପିତ ଅଞ୍ଚଳର ଅଭିଭାବକଙ୍କ ବିଗତ ଦିନର ଆବେଦନକୁ ଗ୍ରହଣ କରାଯାଇ ନାହିଁ। ଏହାର ପୁନଃ ବିଚାର କରା ନ ଗଲେ ଛାତ୍ରୀଛାତ୍ରଙ୍କ ମୌଳିକ ଅଧିକାରକୁ ନେଇ ଆଗାମୀଦିନରେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଦାବିପତ୍ରପ୍ରଦାନ ବେଳେ ସଭାପତି ଭୁପେନ ଅନ୍ଧ, ସରୋଜ ଧର, ଜିତେନ୍ଦ୍ର ମହାପାତ୍ର, ହିମାଂଶୁ ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଲକ୍ଷ୍ମୀ ହୋଣ୍ଡାରେ ମହିଳା ଦିବସ

**ଅନୁଗୋଳ ଅଫିସ,୯।୩**

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ଅନୁଗୋଳସ୍ଥିତ ଅଧିକୃତ ବିକ୍ରେତା ଲକ୍ଷ୍ମୀ ହୋଣ୍ଡାଠାରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏଫ୍‌ଇଏସ୍‌ର ମୁଖ୍ୟ ତଥା ସାମାଜିକ କର୍ମୀ ସ୍ୱପ୍ନାଶ୍ରୀ ଷଡ଼ଙ୍ଗୀ ଏବଂ କ୍ରୀଡ଼ାବିତ୍ ତପସ୍ୱିନୀ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ହୋଣ୍ଡା କମ୍ପାନୀର ସେଲ୍ସ ଏରିଆ ଇନଚାର୍ଜ ଅମିତ ମହାପାତ୍ର, କଷ୍ଟମର ସର୍ଭିସ ଏରିଆ ଇନଚାର୍ଜ କୁମାର ସୁରେନ୍ଦ୍ର ଏବଂ ସେଫ୍ଟି ଏରିଆ ଇନଚାର୍ଜ ସଙ୍ଗୀତ ସିଂ ଉପସ୍ଥିତ ଥିଲେ। ଲକ୍ଷ୍ମୀ ହୋଣ୍ଡା ତରଫରୁ ଗ୍ରାହକମାନଙ୍କ ପାଇଁ ଫ୍ରି ସର୍ଭିସ କ୍ୟାମ୍ପ ସହ ମହିଳାମାନଙ୍କ ନିମନ୍ତେ ମେହେନ୍ଦି ଲଗାଇବାର ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ କରୋନା ସମୟରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୁଖ୍ୟ ଅତିଥି ଷଡ଼ଙ୍ଗୀ ଏବଂ ଜାତୀୟସ୍ତରରେ ସଫଳତା ନିମନ୍ତେ କ୍ରୀଡ଼ାବିତ୍ ପ୍ରଧାନଙ୍କୁ ଲକ୍ଷ୍ମୀ ହୋଣ୍ଡା ପକ୍ଷରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ଲକ୍ଷ୍ମୀ ହୋଣ୍ଡାର ସମସ୍ତ କର୍ମଚାରୀ ଉପସ୍ଥିତ ଗ୍ରାହକମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନଙ୍କ ସହ ମହିଳା ଗ୍ରାହକମାନେ।

## ପାଉଁଶ ବ୍ୟବହାରକାରୀଙ୍କ ବାର୍ଷିକ ସମ୍ମିଳନୀ

**କଣିହାଁ,୯।୩(ଡି.ଏନ.ଏ.)**

କଣିହାଁସ୍ଥିତ ଏନ୍‌ଟିପିସି ପକ୍ଷରୁ ମହାନଦୀ କ୍ଲବଠାରେ ପାଉଁଶ ବ୍ୟବହାରକାରୀଙ୍କ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀନିବାସ ରାଓ ଏହାକୁ ଉଦ୍‌ଘାଟନ କରିଥିଲେ। ପାଉଁଶ ବ୍ୟବହାର କରୁଥିବା ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଏବଂ ପାଉଁଶ ଇଟା ନିର୍ମାତାଙ୍କ ସମେତ ଅନ୍ୟ ବ୍ୟବହାରୀକାରୀମାନେ ଏହି ସମ୍ମିଳନୀରେ ଯୋଗଦେଇଥିଲେ। ପାଉଁଶ ବ୍ୟବହାର କରିବା ପାଇଁ ଏନ୍‌ଟିପିସି ଶତପ୍ରତିଶତ ଉଦ୍ୟମ ଚଳାଇଛି। ଏଥିସକାଶେ ପାଉଁଶ ବ୍ୟବହାରକାରୀଙ୍କଠାରୁ ଆବଶ୍ୟକ ପରାମର୍ଶ ଲୋଡାଯିବା ସହ କମ୍ପାନୀ ପକ୍ଷରୁ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଜିଏମ୍ ବିଜୟ ଗୋଏଲ, ରାଜେନ୍ଦ୍ରନାଥ ଦାସ, ଏଚ୍.ଏନ୍ ଚକ୍ରବର୍ତ୍ତୀ, ମୁରଲୀ କ୍ରିଷ୍ଣା, ସତ୍ୟ ରାମକ୍ରିଷ୍ଣ, ପ୍ରେମ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।




ବାର୍ଷିକ ସମ୍ମିଳନୀରେ ଉପସ୍ଥିତ ଅତିଥି ଓ ଅଧିକାରୀମାନେ।

## ଜବରଦଖଲ ଉଚ୍ଛେଦ କଲେ ତହସିଲଦାର

**ଛେଣ୍ଡିପଦା,୯।୩(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଡାହିବର ଗ୍ରାମରେ ଥିବା ସରକାରୀ ଜମିରୁ ବୁଧବାର ଜବରଦଖଲ ଉଚ୍ଛେଦ କରାଯାଇଛି। ତହସିଲଦାର ଡାନିଏଲ ଏକ୍କା, ଛେଣ୍ଡିପଦା ଥାନା ଏସ୍‌ଆଇ ସତ୍ୟବ୍ରତ ରାଉତଙ୍କ ଉପସ୍ଥିତିରେ ବେଆଇନ ଭାବେ ନିର୍ମିତ ଘରକୁ ଭାଙ୍ଗି ଦେଇଛନ୍ତି। ପ୍ରକାଶ ଯେ, ଡାହିବର ଗ୍ରାମରେ ଥିବା ୯ଟି ସରକାରୀ ପ୍ଲଟକୁ କେତେଜଣ ବ୍ୟକ୍ତି ଜବରଦଖଲ କରିଥିଲେ। ଗ୍ରାମସଭା କରାଯାଇ ସେମାନଙ୍କୁ ନୋଟିସ କରାଯାଇଥିଲା। ତହସିଲରେ ଅଭିଯୋଗ ହୋଇଥିଲା। କିନ୍ତୁ ପଦକ୍ଷେପ ନିଆ ନ ଯିବା ଦେଖି ଜବରଦଖଲକାରୀ ଘର ନିର୍ମାଣ କରୁଥିଲେ। ଏହାର ପ୍ରତିବାଦରେ ଗ୍ରାମବାସୀ ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ପରେ ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟକୁ ଆଧାରକରି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

## ବଦଳିପାରେ ୨୦ ବର୍ଷର ସମୀକରଣ

**ପରଜଙ୍ଗ, ୯।୩(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲାର ୨୭ ଜିଲା ପରିଷଦ ଜୋନ୍‌ରୁ ୨୬ଟି କବ୍‌ଜା କରିଛି ବିଜେଡି। ଦଳକୁ ବିପୁଳ ଜନସମର୍ଥନ ମିଳିଛି ସତ, ହେଲେ ପରଜଙ୍ଗ ବ୍ଲକ ସମିତି ଗଠନକୁ ନେଇ ଯେଉଁ ଚିତ୍ର ଆସିଛି, ତାହା ଶାସକ ଦଳକୁ ଚିନ୍ତାରେ ପକାଇଛି। କାରଣ ବ୍ଲକରେ ୨୯ ସମିତିସଭ୍ୟ ପଦବୀ ଥିବାବେଳେ ବ୍ଲକ ଅଧକ୍ଷ ପଦବୀ ଲାଗି ମ୍ୟାଜିକ୍ ସଂଖ୍ୟା ହେଉଛି ୧୫। ଭାଜପା ଶିବିରରେ ୧୭ ସମିତିସଭ୍ୟ ଥିବାବେଳେ ବିଜେଡି ପାଖରେ ୧୨ ଜଣଙ୍କ ସମର୍ଥନ ରହିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ତେବେ ସମିତି ଅଧକ୍ଷ ପଦବୀ ଭାଜପା ଅକ୍ତିଆର କରିବ ବୋଲି ମଣ୍ଡଳ ସଭାପତି ସନ୍ତୋଷ କୁମାର ସାହୁ ଦୃଢ଼ୋକ୍ତି ପ୍ରକାଶ କରିବା ପରେ ୨୦ ବର୍ଷର ସମୀକରଣ ବଦଳିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।




■ପରଜଙ୍ଗ ବ୍ଲକ ଅଧକ୍ଷ ନିର୍ବାଚନ

■ଭାଜପା ଶିବିରରେ ୧୭ ସମିତିସଭ୍ୟ

ଦୀର୍ଘ ୨୦ବର୍ଷ ହେଲା ପରଜଙ୍ଗ ବ୍ଲକ ବିଜେଡି କବ୍‌ଜାରେ ରହିଆସିଛି। ତେବେ ଚଳିତ ପଞ୍ଚାୟତ ନିର୍ବାଚନରେ ଅଧିକାଂଶ ପଞ୍ଚାୟତରେ ଭାଜପା ସମର୍ଥିତ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଅଧକ୍ଷ ପଦବୀ ମହିଳାଙ୍କ ଲାଗି ସଂରକ୍ଷିତ ରହିଛି। ଭାଜପା ସମର୍ଥିତ ୧୭ ସମିତିସଭ୍ୟ ଅଜ୍ଞାତବାସରେ ଥିବାବେଳେ ୧୨ ତାରିଖରେ ହେବାକୁ ଥିବା ନିର୍ବାଚନ ସମୟରେ ସେମାନେ ସିଧାସଳଖ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବେ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ଯଦି ଭାଜପା ସମିତି ଗଠନ କରେ, ତେବେ ଦଳୀୟ ନେତ୍ରୀ ତଥା କଙ୍କଡ଼ାସୋଡ଼ା ପଞ୍ଚାୟତର ବିଜୟୀ ସମିତିସଭ୍ୟା ଶର୍ମିଷ୍ଠା ଦଳବେହେରା ଅଧକ୍ଷା ହେବେ। ଆପାତତଃ ତାଙ୍କ ନାମ ଚୂଡ଼ାନ୍ତ ହୋଇସାରିଥିବା ସନ୍ତୋଷ କହିଛନ୍ତି। ଅପରପକ୍ଷେ ଏ ନେଇ ସମିତି ଗଠନକୁ ନେଇ ବିଜେଡି ନୀରବତା ଅବଲମ୍ବନ କରୁଥିବାରୁ କାହାରି ମତାମତ ମିଳିପାରିନାହିଁ।

## ଶ୍ରମ ଆଇନ ସମ୍ପର୍କରେ ସଚେତନତା

**ବଣ୍ଡରପାଳ,୯।୩(ଡି.ଏନ.ଏ.)**




ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ବଣ୍ଡରପାଳ ବ୍ଲକ ନାଲ୍‌କୋନଗର ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ବୁଧବାର ଭାରତ ସରକାର ଓ ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ ପକ୍ଷରୁ ଆଜାଦୀ କି ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟ ଶ୍ରମ ଆୟୁକ୍ତ(କେନ୍ଦ୍ରୀୟ) ଶକୁନ୍ତଳା ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିଲେ। ମଞ୍ଚାସୀନ ଅତିଥି ଭାବେ ଆଞ୍ଚଳିକ ଶ୍ରମ ଆୟୁକ୍ତ ପ୍ରଦ୍ୟୁମ୍ନ କୁମାର ରଣା, ସାହାୟକ ଶ୍ରମ ଆୟୁକ୍ତ ରାଜେଶ କୁମାର ଗୁପ୍ତା, ଶ୍ରମ ପ୍ରବର୍ତ୍ତନ ଅଧିକାରୀ ଅଜିତ କୁମାର ସାହୁ, ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମ୍ବିକା ପ୍ରସାଦ ପଣ୍ଡା, ଜିଜିଏମ୍ ମାନବ ସମ୍ବଳ ସତ୍ୟାନନ୍ଦ ସାହୁ, ନାଲ୍‌କୋ ସିପିପି ପ୍ଲାଣ୍ଟ ଡିଜିଏମ୍ ସୁନୀଲ କୁମାର ମହାପାତ୍ର ଉପସ୍ଥିତ ଥିଲେ। ସିପିପି ପ୍ଲାଣ୍ଟ ଡିଜିଏମ୍ ସୁନୀଲ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରମ ଆଇନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରମପ୍ରବର୍ତ୍ତନ ଅଧିକାରୀ ଅଜିତ କୁମାର ସାହୁ ଶ୍ରମିକମାନଙ୍କ ଅଧିକାର ଉପରେ ଆଲୋଚନା କରିଥିଲେ। ନାଲ୍‌କୋ ସିପିପି ଓ ସ୍ମେଲଟର ପ୍ଲାଣ୍ଟ, ଏଫ୍‌ସିଆଇ ସାର କାରଖାନା, ତାଳଚେର କୋଇଲା ଖଣି ଓ ଏନ୍‌ଟିପିସିରେ କାର୍ଯ୍ୟ କରୁଥିବା ୨୦୦ରୁ ଉର୍ଦ୍ଧ୍ୱ ଠିକାଶ୍ରମିକ ଆଲୋଚନାରେ ସାମିଲ ହୋଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାଲ୍‌କୋ ପ୍ଲାଣ୍ଟ ଜି.ଏମ୍. ଏଚ.ଆର୍. ଚନ୍ଦ୍ରମୋହନ ମହନ୍ତ ଅତିଥି ପରିଚୟ ଦେଇଥିଲେ। ଏଥିରେ ଏନ୍‌ଟିପିସି କଣିହାଁ, ତାଳଚେର ସାରକାରଖାନା, ଭାରୀଜଳ କାରଖାନା, ପାୱାର ଗ୍ରୀଡ୍ କର୍ପୋରେଶନ, ଗେଲ୍ ଇଣ୍ଡିଆ, ଭାରତ ଗ୍ୟାସ୍, ଏମ୍‌ସିଏଲ୍‌ରେ କାର୍ଯ୍ୟରତ ଠିକାଦାର ଓ ମୁଖ୍ୟ ନିଯୁକ୍ତି ଦାତାମାନେ ଉପସ୍ଥିତ ଥିଲେ। ସିପିପି ପ୍ଲାଣ୍ଟ ଡିଜିଏମ୍ ସୁନୀଲ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଶିଶୁଙ୍କ ବୌଦ୍ଧିକ ବିକାଶ ସମ୍ପର୍କିତ ଆଲୋଚନାଚକ୍ର

**ଛେଣ୍ଡିପଦା,୯।୩(ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ କୋଶଳା ସରସ୍ୱତୀ ବିଦ୍ୟା ମନ୍ଦିର ପରିସରରେ ଶିଶୁମାନଙ୍କ ବୌଦ୍ଧିକ ବିକାଶ ସହ ଶୈକ୍ଷିକ ଅଭିବୃଦ୍ଧି ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଗୁରୁଜୀ ବିଦ୍ୟାଧର ଶତପଥୀଙ୍କ ତତ୍ତ୍ୱାବଧାନରେ ଅୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟି ସଭାପତି ପବିତ୍ର ମୋହନ ସାହୁ, ସମ୍ମାନିତ ଅତିଥି ଭାବେ ଉପସଭାପତି ଦିଲୀପ ସାହୁ, ସମ୍ପାଦକ କମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଶତାଧିକ ଅଭିଭାବକ ଯୋଗଦେଇ ବିଦ୍ୟାଳୟର ଉନ୍ନତି ଓ ଶିଶୁମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଗୁରୁଜୀ ତ୍ରିଲୋଚନ ବେହେରା ପରିଚାଳନା କରିଥିବାବେଳେ ବିଜୟ ବେହେରା, ହିମାଂଶୁ ପ୍ରଧାନ, ପଞ୍ଚାନନ ସାହୁ ସହଯୋଗ କରିଥିଲେ। ଉପସଭାପତି ଧନ୍ୟବାଦ ଦେଇଥିଲେ।

## ଭାଜପାରେ ମିଶିଲେ ବିଜେଡି, କଂଗ୍ରେସ ନେତା

**ଅନୁଗୋଳ ଅଫିସ,୯।୩**

ଅନୁଗୋଳ ଜିଲା ବିଜେଡି ଓ କଂଗ୍ରେସର କେତେଜଣ ନେତା ଦିଲ୍ଲୀଯାଇ ଭାଜପାରେ ସାମିଲ ହୋଇଛନ୍ତି। ନୂଆଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ନିଜ ସରକାରୀ ବାସଭବନରେ ଆୟୋଜିତ ମିଶ୍ରଣ ପର୍ବରେ ବିଜେଡିର ବରିଷ୍ଠ ନେତା ତଥା ପୌରପରିଷଦ ପୂର୍ବତନ ସଦସ୍ୟ ସୁନୀଲ ସାହୁ, ସଞ୍ଜୟ ସାହୁ, ସଙ୍ଗୀତ ଷଡ଼ଙ୍ଗୀ, ଅନୁଗୋଳ ବାର୍ ଆସୋସିଏଶନର ପୂର୍ବତନ ସଭାପତି ଦିଲୀପ ଦାସ, କଂଗ୍ରେସ ନେତା ଶରତ ମୁଖୀ ପ୍ରମୁଖଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣକାରୀ କାର୍ଯ୍ୟରେ ପ୍ରଭାବିତ ହୋଇ ଦଳରେ ମିଶିଥିବା ନୂତନ କାର୍ଯ୍ୟକର୍ତ୍ତାଙ୍କୁ କେନ୍ଦ୍ରମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ଏହି ମିଶ୍ରଣ ପର୍ବରେ ଓବିସି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ପ୍ରଧାନ, ଭାଜପା ନେତା ବୀରେନ ସାମଲ, ଯୁବନେତା ଚନ୍ଦ୍ରକାନ୍ତ ଧଳ, ଅନୁଗୋଳ ନଗର ସଭାପତି ପ୍ରଦୀପ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ନୂତନ କାର୍ଯ୍ୟକର୍ତ୍ତାଙ୍କୁ କେନ୍ଦ୍ରମନ୍ତ୍ରୀ ସ୍ୱାଗତ କରୁଛନ୍ତି।

## ନାରୀମାନଙ୍କ ଭୂମିକା ଉପରେ ଦୃଷ୍ଟିପାତ

**ବଣ୍ଡରପାଳ,୯।୩ (ଡି.ଏନ.ଏ.)**

ନାଲ୍‌କୋର ଅନୁଗୋଳସ୍ଥିତ ସ୍ମେଲଟର ଓ ପାୱାର କମ୍ପ୍ଲେକ୍ସଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏସ୍ ଆଣ୍ଡ ପି ଟ୍ରେନିଂ ସେଣ୍ଟରସ୍ଥିତ ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାମାଜିକ କର୍ମୀ ତଥା ଗାନ୍ଧୀବାଦୀ କୃଷ୍ଣା ମହାନ୍ତି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍ ଆଣ୍ଡ ପି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମ୍ବିକା ପ୍ରସାଦ ପଣ୍ଡା, ମାନବ ସମ୍ବଳ ବିଭାଗ ଜିଜିଏମ୍ ସତ୍ୟାନନ୍ଦ ସାହୁଙ୍କ ସହ ସମସ୍ତ ଜିଜିଏମ୍ ଓ ନାଲ୍‌କୋ ଲେଡିଜ କ୍ଲବ ଭାଇସ୍ ପ୍ରେସିଡେଣ୍ଟ ପୁଷ୍ପମିତ୍ରା ଚୌଧୁରୀ, ବରିଷ୍ଠ ସଦସ୍ୟା ଅନିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସାମ୍ପ୍ରତିକ ସମାଜରେ ନାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ମୁଖ୍ୟଅତିଥି ଦୃଷ୍ଟିପାତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏସ୍ ଆଣ୍ଡ ପି ୱେଲଫେୟାର କମିଟି ସଦସ୍ୟ ରାଜରାମ ମିଶ୍ର, ମଣିରଞ୍ଜନ ପଟ୍ଟନାୟକ, କିଶୋର ବେହେରାଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ଜେର୍ଲିନା ବାକ୍ସଲା, ମୌସୁମୀ ପ୍ରଧାନ, ରଶ୍ମିତା ଜେନା ପ୍ରମୁଖ ସଂଯୋଜନା କରିଥିଲେ। ସୁପ୍ରିୟା ଦିଗମ୍ବର ଛବନ ସଞ୍ଚାଳନ କରିଥିଲେ।



କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ସୁରକ୍ଷିତ ସମାଜ ଗଠନ ଆହ୍ୱାନ



ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ମହିଳା ଦିବସ ପାଳନ କରାଯାଉଛି।

**ଅନୁଗୋଳ ଅଫିସ,୯।୩**

ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍) ଏବଂ ଏହାର ସାମାଜିକ ଦାୟିତ୍ୱବୋଧ ଶାଖା ରୂପେ କାର୍ଯ୍ୟ କରୁଥିବା ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଅନେକଗୁଡ଼ିଏ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜେଏସ୍‌ପିଏଲ୍ କ୍ୟାମ୍ପସ ପରିସରରେ କର୍ମଜୀବୀ ମହିଳାଙ୍କ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ଫାଉଣ୍ଡେଶନ ଅଧକ୍ଷା ଶାଲୁ ଜିନ୍ଦଲଙ୍କ ବାର୍ତ୍ତା ପଠନ କରାଯାଇଥିଲା। ନିଜ ବାର୍ତ୍ତାରେ ଅଧକ୍ଷା ମହିଳାମାନଙ୍କ ସାହସ, ବୁଦ୍ଧିକୁ ପ୍ରଶଂସା କରିବା ସହ ଏକ ସୁନ୍ଦର ଏବଂ ସୁରକ୍ଷିତ ବିଶ୍ୱ ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ଇଡିପି ମାନବ ସମ୍ବଳ ରବି ଶଙ୍କର ଏବଂ ଯୋଗଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ ଯୋଗଦେଇ ରାଷ୍ଟ୍ର ଅଭିବୃଦ୍ଧିରେ ଜେଏସ୍‌ପିଏଲ୍ ମହିଳା କର୍ମଚାରୀଙ୍କ ଯୋଗଦାନର ଭୂୟସୀ ପ୍ରଶଂସା କରିଥିଲେ। ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ, ବ୍ରହ୍ମ କୁମାରୀ ମୀନତି, ଅନୁଗୋଳ ମହିଳା ମହାବିଦ୍ୟାଳୟ ଅଧକ୍ଷା ନୀରଜା ସାହୁ, ଯଦୁନାଥ ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ ନାରାୟଣ ଚନ୍ଦ୍ର ପଣ୍ଡା, ପତଞ୍ଜଳି ଯୋଗ ସମିତି ଯୋଗାଚାର୍ଯ୍ୟ ଅଭୟ ରାୟ ଏବଂ ଜିଏମ୍ ସିଏସ୍‌ଆର୍ ପୁଷ୍ପଲତା ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଛାତ୍ରୀ ତପସ୍ୱିନୀ ନାଏକ ଏବଂ ଲିଜାରାଣୀ ସାମଲଙ୍କୁ ଫାଉଣ୍ଡେଶନ ପକ୍ଷରୁ ସ୍ୱୟଂପ୍ରଭା ପୁରସ୍କାର ପ୍ରଦାନ କରାଯାଇଥିଲା।

## ଆଚରଣବିଧି ଉଲ୍ଲଂଘନ: ଏଏସ୍‌ଆଇ ନିଲମ୍ବିତ

**ଢେଙ୍କାନାଳ ଅଫିସ, ୯।୩**

ସ୍ତ୍ରୀଙ୍କୁ ପ୍ରାର୍ଥୀପତ୍ର ଦାଖଲରେ ସହାୟତା କରି ଅଡୁଆରେ ଛନ୍ଦିହୋଇ ପଡ଼ିଥିବା ଢେଙ୍କାନାଳ ଜିଲା ପୋଲିସ ବିଭାଗରେ କାର୍ଯ୍ୟରତ ଯୋରନ୍ଦା ଫାଣ୍ଡି ଏଏସ୍‌ଆଇ ବିଚିତ୍ରାନନ୍ଦ କରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିବା ବିଭାଗର ଜଣେ ପଦସ୍ଥ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ସୂଚନାଯୋଗ୍ୟ, ନାମାଙ୍କନ ଦାଖଲର ଅନ୍ତିମ ଦିବସରେ ଢେଙ୍କାନାଳ ମ୍ୟୁନିସିପାଲିଟିର ୨୧ନଂ. ୱାର୍ଡରୁ ବିଜେଡି କାଉନ୍‌ସିଲର ପ୍ରାର୍ଥୀ ଭାବେ ସନ୍ଧ୍ୟାରାଣୀ ପଣ୍ଡା ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏହି ସମୟରେ ସେଠାରେ ସାଦା ପୋଷାକରେ ଏଏସ୍‌ଆଇ ବିଚିତ୍ରାନନ୍ଦ ଉପସ୍ଥିତ ରହି ତାଙ୍କୁ ଆବଶ୍ୟକ ସହାୟତା କରିଥିଲେ। ଏହାର ଫଟୋ ଏବଂ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବା ପରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଥିଲା।

# ଭଲ ବେଳା ଆସିଛି

ନବାଗତା ନମ୍ରତା ସିଂଦେଓ। ତାଙ୍କ ଅଭିନୀତ 'ମନେ ମନେ ମନ ଖୋଜୁଥିଲା' ଏବଂ 'ତୋ ପାଇଁ ଫେରିବି ବସୁଧା ଚିରି' ରିଲିଜ ହୋଇସାରିଛି। ଏହି ଫିଲ୍ମଦ୍ୱୟ ତାଙ୍କ ଆକ୍ଟିଂ କ୍ୟାରିୟରକୁ ବେଶ୍ ମାଇଲେଜ ଦେଇଛି କହିଲେ ଆଦୌ ଭୁଲ୍ ହେବ ନାହିଁ। ଏବେ ସେ ଅଭିନୟ କରିଥିବା 'ଟୋଟାଲ ବାଲୁଙ୍ଗା' ରିଲିଜ ଅପେକ୍ଷାରେ ରହିଛି। ଅନ୍ୟପକ୍ଷରେ ତାଙ୍କ ହାତରେ ଆଉ ୩-୪ଟି ଅଫର ମଧ୍ୟ ଅଛି। ଏ ନେଇ ନମ୍ରତା କହନ୍ତି, 'ମୋତେ ଯେମିତି ଲାଗୁଛି ଏବେ ଭାଗ୍ୟଦେବୀ ମୋ ପ୍ରତି ପ୍ରସନ୍ନ ହୋଇଛନ୍ତି। 'ଟୋଟାଲ ବାଲୁଙ୍ଗା'ରେ ମୋତେ ଏକ ରୋମାଣ୍ଟିକ ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ଟି. ଗଣେଶଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ମୋ ଅପୋଜିଟ୍‌ରେ ନବାଗତ ଶୁଭ୍ରାଂଶୁ ଏବଂ ଚିନ୍ମୟ ଅଛନ୍ତି। ଦେଖୁଦେଖୁ ପାଞ୍ଚ ବର୍ଷ ବିତିଗଲାଣି। ଆଉ ୟା ଭିତରେ ଯେଉଁ କେତୋଟି ସିନେମାରେ ସେ ଅଭିନୟ କରିଛନ୍ତି ତାହା ମୋ ଆତ୍ମବିଶ୍ୱାସକୁ ଆହୁରି ଦୃଢ଼ କରିଛି। ଓଲିଉଡ୍‌ରେ ମୋ କ୍ୟାରିୟରକୁ ନେଇ ମୁଁ ବେଶ୍ ସଚେତନ। ଯେ କୌଣସି ଭୂମିକା ତୁଲାଇବାକୁ ମୋ ନିକଟରେ ଦକ୍ଷତା ରହିଛି। ଏବେ ମୋ ହାତରେ ଯେଉଁ ଅଫରଗୁଡିକ ଅଛି ତାହାକୁ ଭଲ ଭାବରେ ତର୍ଜମା କରୁଛି।' 'ରିୟାଲିଟି ଶୋ 'ମିଠା ମିଠା ଯୋଡ଼ି' ପରେ ମୋତେ ବ୍ରେକ୍ ମିଳିଥିଲା 'ଓଡ଼ିଆ ସିନେମା 'ଆଖି ଖୋଲିଲେ ତୁ ହି ତୁ'ରେ। ତେବେ ଓଡ଼ିଆ ସିନେମାରେ ନିଜକୁ ନାୟିକା ଦୌଡରେ ସାମିଲ କରିବାକୁ ଆଶା ରଖିଥିବା ନମ୍ରତା ନିଜର ସ୍ୱପ୍ନକୁ କେତେ ସାକାର କରୁଛନ୍ତି ତାହା ଆଗକୁ ଜଣାପଡିବ।


ନମ୍ରତା ସିଂଦେଓ

# ଏଥର ଡିଜିଟାଲ ପ୍ଲାଟଫର୍ମ


ଈଶା ଦେଓଲ

ହେମା ତନୟା ଈଶା ଦେଓଲ। ଯେଉଁ କେତୋଟି ସିନେମାରେ ଅଭିନୟ କଲେ ତାହା ତାଙ୍କୁ ନାୟିକା ଦୌଡରେ ସାମିଲ ହେବା ପାଇଁ ସହାୟକ ହେଲା ନାହିଁ। ଏବେ ସେ ପୁଣି ଥରେ ଦର୍ଶକଙ୍କ ସାମନାକୁ ଆସୁଛନ୍ତି। ହେଲେ ଏଥର ସାହାରା ହେଉଛି ଡିଜିଟାଲ ପ୍ଲାଟଫର୍ମ। କାରଣ କରୋନା ସମୟରେ ଏହାର ଚାହିଦା କାହିଁରେ କେତେ। ୱେବ୍ ସିରିଜ୍ 'ରୁଦ୍ର'ରେ ତାଙ୍କୁ ଦେଖିବାକୁ ମିଳିବ। ଏ ନେଇ ଈଶା କହନ୍ତି, 'ଯେତେବେଳ ଏ ସମ୍ପର୍କରେ ମୋତେ ଅଜୟ ଦେବଗନ ସୂଚନା ଦେଲେ ସେତେବେଳେ ମୁଁ ଆଖିବୁଜି ହଁ ଭରିଥିଲି। କାରଣ ଏହି ସିରିଜ୍‌ରେ ସେ ମଧ୍ୟ ଅଭିନୟ କରୁଛନ୍ତି। ବର୍ତ୍ତମାନ ଡିଜିଟାଲ ପ୍ଲାଟଫର୍ମର ଚାହିଦା ରହିଛି। ମୁଁ ପ୍ରଥମ ଥର ପାଇଁ ଏପରି ସିରିଜରେ ଅଭିନୟ କରୁଛି। ତେଣୁ ଏ ନେଇ ବେଶ୍ ଉତ୍ସାହିତ ଅଛି।' ବ୍ରିଟିଶ ସାଇକୋଲୋଜିକାଲ କ୍ରାଇମ୍ ଡ୍ରାମା 'ଲୁଥର'ର ଏହା ହେଉଛି ରିମେକ୍ ସିରିଜ। ଈଶା ଯେତେବେଳ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ତାଙ୍କର ବୟସ ହୋଇଥିଲା ମାତ୍ର ୧୮ ବର୍ଷ। ଆଉ ଫିଲ୍ମଟି ଥିଲା 'କୋଇ ମେରେ ଦିଲ୍ ସେ ପୁଛେ'। ତେବେ ଏହି ସିରିଜ୍ ଈଶାଙ୍କ କ୍ୟାରିୟରକୁ କି ମୋଡ ଦେଉଛି ତାହା ଦେଖିବାକୁ ବାକି ରହିଲା।

# ପରିଣିତିଙ୍କ ହ୍ୟାଟ୍ରିକ୍

ସତରେ ଏହାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢ଼ାଳିବା। ଦେଖୁନାହାନ୍ତି, ପରିଣିତି ଚୋପ୍ରା କେମିତି ଲଗାତର ତିନୋଟି ନୂଆ ସିନେମା ସାଇନ୍ କରିଛନ୍ତି। ପୁଣି ଏପରି ସଂଯୋଗ ଯେ ଏହି ଫିଲ୍ମଗୁଡିକ ଏକ ନୂଆ ବ୍ୟାନରେ ନିର୍ମିତ ହେବ। ପରିଣିତି ସିନା ଏକାଥରେ ହ୍ୟାଟ୍ରିକ ମାରିଛନ୍ତି, ହେଲେ ସେପଟେ ଶୁଣିବାକୁ ମିଳୁଛି ଯେ ସେ ଏଥିପାଇଁ କୁଆଡେ ନିଜର ପାରିଶ୍ରମିକ ବଢ଼ାଇ ଦେଇଛନ୍ତି। ଏପରି କଥା ଶୁଣିବା ପରେ ପରିଣିତି ବା କେମିତି ଚୁପ ହୋଇ ବସିଥାଆନ୍ତେ କହୁନାହାନ୍ତି ? ଶେଷରେ ଏ ବିଷୟରେ ସଫେଇ ଦେଇ ସେ କହନ୍ତି, 'ଏକଥା ସତ ଯେ, ମୁଁ ଏକାଥରେ ତିନୋଟି ସିନେମା ସାଇନ୍ କରିଛି। ହେଲେ ଏଗୁଡିକର ଶୁଟିଂ ଗୋଟିଏ ପରେ ଗୋଟିଏ ହେବ। ମୁଁ କୁଆଡେ ଏବେ ମୋ ପାରିଶ୍ରମିକ ବଢ଼ାଇ ଦେଇଛି ବୋଲି ଆଲୋଚନା ହେଉଛି। ହେଲେ ଏପରି କଥା ପଛରେ ଆଦୌ ସତ୍ୟତା ନାହିଁ। କାରଣ ମୋ ପାଇଁ ସେ ସମୟ ଆସିନାହିଁ। ବର୍ତ୍ତମାନ ମୋ କ୍ୟାରିୟର କେମିତି ଆଗକୁ ଯିବ ସେ ନେଇ ମୁଁ ବେଶ୍ ସଚେତନ।'


ପରିଣିତି

## ନୀରବତା ପରେ..

ବିଶିଷ୍ଟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ। କିଛି ବର୍ଷର ନୀରବତା ପରେ ସେ ପୁଣି ଥରେ ଚଳଚ୍ଚିତ୍ର ଜଗତରେ ଏଣ୍ଟ୍ରି କରିଛନ୍ତି। 'ନନ୍ଦିନୀ ଆଇ ଲଭ୍


ପ୍ରଶାନ୍ତ ପାଢ଼ୀ

ୟୁ'ରୁ ଆରମ୍ଭ ହୋଇଥିଲା ତାଙ୍କର ଏହି ଯାତ୍ରା। ତା'ପରେ 'ପ୍ରେମ ରୋଗୀ', 'ସଞ୍ଜୁ ଆଉ ସଞ୍ଜନା', 'ମନ ମୋର ପ୍ରଜାପତି', 'ମୁଁ ପ୍ରେମୀ ମୁଁ ପାଗଳ', 'ସପନର ନାୟିକା', 'ଭୁଲ ବୁଝିବନି ମୋତେ', 'ତୁ ମୋ ସୁନା ତୁ ମୋ ହୀରା', 'ଶପଥ', 'ଦିୱାନା ଦିୱାନୀ', ''ଡ୍ରିମ ଗର୍ଲ', 'କିଡନାପ୍', 'କଲେଜ ଟାଇମ୍' ଆଦି ୨୦ରୁ ଅଧିକ ସିନେମାରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇସାରିଛନ୍ତି। କେବଳ ସେତିକି ନୁହେଁ ତାଙ୍କର ସ୍ୱରାୟିତ ଚଳଚ୍ଚିତ୍ର ଗୀତଗୁଡିକ ଶ୍ରୋତାଙ୍କୁ ଦେଇଛି ନିଆରା ଚାର୍ମ। ଏବେ ସେ ଆଉ ଏକ ସିନେମାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି, ଯାହାର ଟାଇଟଲ ରହିଛି 'ପାଣିଗ୍ରହଣ'। ଏ ନେଇ ପ୍ରଶାନ୍ତ କହନ୍ତି, 'ବଡ ପରଦା ଠାରୁ ମୁଁ ସିନା କିଛି ବର୍ଷ ଦୂରେଇ ରହିଥିଲି, ହେଲେ ତା' ଭିତରେ ଭଜନ ପରିବେଷଣ କାର୍ଯ୍ୟକ୍ରମ ଚାଲୁ ରହିଥିଲା। କୌଣସି ମ୍ୟୁଜିକକୁ ମୁଁ ସ୍ୱର ଦେବା ପୂର୍ବରୁ ଶ୍ରୋତାଙ୍କ ମାନସିକତାକୁ ସବୁବେଳେ ଗୁରୁତ୍ୱ ଦିଏ।' ଜି ସାର୍ଥକ ଦ୍ୱାରା ପ୍ରସ୍ତୁତ ଏହି ଫିଲ୍ମର ଲାଇନ୍ ପ୍ରଯୋଜନା ବିନି ସାମଲ ଏବଂ ନୀହାର ସାମଲ କରିଥିବା ବେଳେ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ହିମାଂଶୁ ପରିଜା (ଚଣ୍ଡୀ)। ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଦେବେ ମହାଶ୍ୱେତା ରାୟ। ତାଙ୍କ ବ୍ୟତୀତ ଅଭିଷେକ ରଥ ଏବଂ ସୂର୍ଯ୍ୟମୟୀ ଲିଡ୍ ରୋଲରେ ଅଛନ୍ତି।

# ପାଞ୍ଚ ଶହରୁ ଜଣେ


ଆଲିୟା

ମହେଶ ତନୟା ଆଲିୟା ଭଟ୍ଟଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଷ୍ଟୁଡେଣ୍ଟ ଅଫ ଦ ଇୟର'। କିନ୍ତୁ ଏହି ଫିଲ୍ମଟି ସାଇନ୍ କରିବାକୁ ତାଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ପ୍ରଥମ କଥା ହେଲା ଏହାର ଫିମେଲ ଲିଡ୍ ପାଇଁ ଯେଉଁ ଅଡିଶନ ଅନୁଷ୍ଠିତ ହୋଇଥିଲା ସେଥିରେ ୫୦୦ ନବାଗତା ଅଂଶ ଗ୍ରହଣ କରିଥିଲେ। ହେଲେ ଶେଷରେ ହାତୀ ଜଣକ ମୁଣ୍ଡରେ ସୁନା କଳସ ଢ଼ାଳିଥିଲା। ସେହି ଭାଗ୍ୟବତୀ ନବାଗତା ଜଣକ ଥିଲେ ଆଲିୟା। ଅନ୍ୟପକ୍ଷରେ ତାଙ୍କର ଏହି ଡେବ୍ୟୁ ଭୂମିକା ପଛରେ ଆଉ ଏକ ରୋମାଞ୍ଚକର କଥା ଲୁଚି ରହିଥିଲା। ତାହା କ'ଣ ଜାଣନ୍ତି ? ଏହି ରୋଲ୍ ପାଇଁ ପ୍ରଯୋଜକ କରନ୍ ଜୋହର ତାଙ୍କୁ ୧୬ କିଗ୍ରା ଓଜନ କମାଇବାକୁ କହିଥିଲେ। ଏ ନେଇ ଆଲିୟା କହନ୍ତି, 'ଏହି ଫିଲ୍ମର ଅଡିଶନ ଦେବା ପରେ ମୁଁ କେବେ ଭାବି ନ ଥିଲି ଯେ ପ୍ରଯୋଜକ ମୋତେ ସିଲେକସନ କରିବେ। ଯେତେବେଳେ ମୋତେ ଏ ସମ୍ପର୍କରେ ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଗଲା ସେତେବେଳେ ମୋର ଖୁସିର ସୀମା ରହି ନ ଥିଲା। ତା'ସହ ଏହି ଫିଲ୍ମ ପାଇଁ ମୋତେ ୧୬ କିଗ୍ରା ଓଜନ କମାଇବାକୁ ପଡିଥିଲା।'

# ମିଳିଗଲେ ଷ୍ଟଣ୍ଟ ଗୁରୁ

କ୍ୟାଟ୍ରିନାଙ୍କ ମୁହଁରେ ଏବେ ଜଣଙ୍କର ପ୍ରଶଂସା। ହେଲେ ସେ ଏମିତି କାହାର ପ୍ରଶଂସା କରୁଛନ୍ତି ତାକୁ ନେଇ ଏତେ ଚର୍ଚ୍ଚା। କଥା କ'ଣ କି କ୍ୟାଟ୍ରିନା କୈଫ ବର୍ତ୍ତମାନ ସଲମାନଙ୍କ ପ୍ରଶଂସାରେ ଶତମୁଖ। କାରଣ ସେ ଯାହାକୁ ନେଇ ଟେନସନରେ ଥିଲେ ତାହାକୁ ସଲମାନ୍ ଦୂର କରିଦେଇଛନ୍ତି। ନିକଟରେ କ୍ୟାଟ୍ରିନା ଏକ ନୂଆ ସିନେମା ସାଇନ୍ କରିଛନ୍ତି, ଯାହାର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ଏଥିରେ ତାଙ୍କୁ ଆକ୍ସନ ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ତେଣୁ ଏପରି ରୋଲକୁ ତୁଲାଇବାକୁ ସେ ନିଜର ମନୋବଳକୁ ଦୃଢ଼ କରିସାରିଛନ୍ତି। ହେଲେ କେତୋଟି କଥାକୁ ନେଇ ସେ ଟେନସନରେ ଥିଲେ, ଯାହାକୁ ନିମିଷକ ମଧ୍ୟରେ ସମାଧାନ କରିଦେଇଛନ୍ତି ସଲମାନ୍। ଏ ସମ୍ପର୍କରେ କ୍ୟାଟ୍ରିନା କହନ୍ତି, 'ଏପରି ଆକ୍ସନ ଭୂମିକାରେ ମୋତେ କେତୋଟି ଷ୍ଟଣ୍ଟ ସଟ୍ ଦେବାକୁ ପଡିବ। ତେଣୁ ଏ ନେଇ ନିଜକୁ କେମିତି ପ୍ରିପାୟାର କରିବି ସେଥିପାଇଁ ସଲମାନ୍‌ଙ୍କ ସହଯୋଗ ଲୋଡିଥିଲି। ସେ ମୋତେ ଏ ନେଇ ଯେଉଁ ଟିପ୍ସ ଦେଇଛନ୍ତି ତାହା ମୋ ଟେନସନକୁ ଦୂର କରିଦେଇଛି।' ସୂଚନାଯୋଗ୍ୟ ନିର୍ମାଣାଧୀନ 'ଟାଇଗର-୩'ରେ ସଲମାନ-କ୍ୟାଟ୍ରିନା ଯୋଡିକୁ ଦର୍ଶକ ଖୁବ୍ ଶୀଘ୍ର ପରଦା ଉପରେ ଦେଖିବାକୁ ପାଇବେ।


କ୍ୟାଟ୍ରିନା

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ଗୁରୁବାର, ମାର୍ଚ୍ଚ ୧୦/୨୦୨୨ Dhenkanal, Thursday, March 10/ 2022

# ଭାରତୀୟ ଦଳରେ ଓଡ଼ିଶାର ଦୀପ୍‌ଗ୍ରେସ୍, ମାରିଆନା

ଭୁବନେଶ୍ୱର, ୯।୩ (କ୍ରୀଡ଼ା ପ୍ରତିନିଧି)



ଜର୍ମାନୀ ବିପକ୍ଷ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ ପାଇଁ ବୁଧବାର ମନୋନୀତ ଭାରତୀୟ ମହିଳା ହକି ଦଳ।

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ହକି ଦଳ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଜର୍ମାନୀକୁ ଭେଟିବ। ଆସନ୍ତା ୧୨ ଓ ୧୩ ତାରିଖରେ ହେବାକୁ ଥିବା ୨ଟି ମ୍ୟାଚ ପାଇଁ ବୁଧବାର ୨୨ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୨ ଖେଳାଳି ଦୀପ୍‌ଗ୍ରେସ୍ ଏକ୍କା

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମହିଳା ହକି**

ଓ ମାରିଆନା କୁଜୁର ସାମିଲ ହୋଇଛନ୍ତି। ଅନ୍ୟତମ ଓଡ଼ିଆ ଖେଳାଳି ନମିତା ଟପ୍ପୋ ଷ୍ଟାଣ୍ଡବାଇ ତାଲିକାରେ ରହିଛନ୍ତି। ଦୀପ୍‌ଗ୍ରେସ୍ ପୂର୍ବପରି ଉପଅଧିନାୟିକା ଦାୟିତ୍ୱ ତୁଲାଇବେ ବୋଲି ହକି ଇଣ୍ଡିଆ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଗୋଲକିପର ସବିତା ଅଧିନାୟିକା ପଦରେ ଅପରିବର୍ତ୍ତିତ ରହିଛନ୍ତି। ସିନିୟର ଦଳରେ ୨ ଜଣ ନୂଆ ମୁହଁ ଦେଖିବାକୁ ମିଳିଛି। ସେମାନେ ହେଲେ ମହାରାଷ୍ଟ୍ର ଯୁବ ଡିଫେଣ୍ଡର ଅକ୍ଷତା ଆବାସୋ ଧେକାଲେ ଓ ହରିୟାଣା ଷ୍ଟ୍ରାଇକର ଦୀପିକା ଜୁନିୟର। ନିକଟରେ ଅନୁଷ୍ଠିତ ଜାତୀୟ ଚାମ୍ପିୟନଶିପ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଥିବାରୁ ଏ ଦୁଇ ଖେଳାଳିଙ୍କୁ ସିନିୟର କୋର୍ ଗ୍ରୁପ୍‌ରେ ସାମିଲ କରାଯାଇଥିଲା। ଦଳ ଚୟନ ସମ୍ପର୍କରେ ମହିଳା ହକି ମୁଖ୍ୟ କୋଚ୍ ଜାନେକ ସ୍କୁପମାନ କହିଛନ୍ତି ଯେ, ‘‘ଘରୋଇ ପରିବେଶରେ ଏକ ଶକ୍ତିଶାଳୀ ଦଳ ବିପକ୍ଷରେ ପୁଣି ୨ଟି ପ୍ରୋ ଲିଗ୍ ମ୍ୟାଚ ଖେଳିବାକୁ ଆମ ମଧ୍ୟରେ ଉତ୍ସୁକତା ରହିଛି। ପ୍ରଦର୍ଶନରେ ସ୍ଥିରତା ଏବଂ ମୌଳିକ ଦକ୍ଷତା ଦୃଷ୍ଟିରୁ ଜର୍ମାନୀ ସମ୍ଭବତଃ ବିଶ୍ୱର ସବୁଠାରୁ ଶ୍ରେଷ୍ଠ ଦଳ। ଏହି ଦଳ ଉତ୍ତମଭାବେ ଡିଫେଣ୍ଡ କରିବା ସହ ଶୀଘ୍ର ଆକ୍ରମଣର ଦକ୍ଷତା ରଖିଛି। ସ୍ପେନ ବିପକ୍ଷରେ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଆମେ ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଏକ ସନ୍ତୁଳିତ ଦଳ ଗଠନ କରିଛୁ’’।

**ଭାରତୀୟ ଦଳ**

ଗୋଲକିପର: ସବିତା (ଅଧିନାୟିକା), ବିଚ୍ଛୁ ଦେବୀ ଖରିବାମ୍। ଡିଫେଣ୍ଡର: ଦୀପ୍ ଗ୍ରେସ୍ ଏକ୍କା (ଉପ ଅଧିନାୟିକା), ଗୁରଜିତ କୌର, ନିକ୍କି ପ୍ରଧାନ, ଉଦିତା, ଅକ୍ଷତା ଆବାସୋ ଧେକାଲେ। ମିଡ୍‌ଫିଲ୍ଡର: ନିଶା, ସାଲିମା ଟେଟେ, ଜ୍ୟୋତି, ମୋନିକା, ନେହା, ନବଜୋତ କୌର, ସୋନିକା। ଫରୱାର୍ଡ: ରାଜବିନ୍ଦର କୌର, ଶର୍ମିଳା ଦେବୀ, ନବନୀତ କୌର, ଲାଲରେମସିଆମି, ସଙ୍ଗୀତା କୁମାରୀ, ମାରିଆନା କୁଜୁର, ଦୀପିକା। ଷ୍ଟାଣ୍ଡବାଇ: ରଜନୀ ଇଟିମାରପୁ, ଇଶିକା ଚୌଧାରୀ, ନମିତା ଟପ୍ପୋ।

# ଜାଡେଜା ନମ୍ବର ୱାନ

ଦୁବାଇ, ୯।୩ (ପି.ଟି.)





ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ଟେଷ୍ଟ ର‍୍ୟାଙ୍କିଙ୍ଗ୍‌ରେ ଭାରତର ରବୀନ୍ଦ୍ର ଜାଡେଜା ନମ୍ବରୱାନ ଅଲ୍‌ରାଉଣ୍ଡର ହୋଇଛନ୍ତି। ମୋହାଲିରେ ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ମ୍ୟାଚ ବିଜୟୀ ପ୍ରଦର୍ଶନ ଲାଗି ସେ ନମ୍ବରୱାନ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଶ୍ରୀଲଙ୍କା ବିପକ୍ଷରେ ଭାରତର ଟେଷ୍ଟ ବିଜୟରେ ପ୍ରଭାବୀ ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଜାଡେଜା ର‍୍ୟାଙ୍କିଙ୍ଗ୍‌ରେ ନମ୍ବରୱାନ ସ୍ଥାନ ଅଧିକାର କରିଛନ୍ତି ବୋଲି ଆଇସିସି ପକ୍ଷରୁ ପ୍ରକାଶ କରାଯାଇଛି। ମୋହାଲି ଟେଷ୍ଟରେ ଜାଡେଜା ୧୭୫ ରନ କରିବା ସହ ୯ ଉଇକେଟ ଅକ୍ତିଆର କରିଥିଲେ। ଫଳରେ ସେ ବ୍ୟାଟର ର‍୍ୟାଙ୍କିଙ୍ଗ୍‌ରେ ୧୭ଟି ସ୍ଥାନ ଉପରକୁ ଉଠି ୫୪ରୁ ୩୭ରେ ପହଞ୍ଚିଥିବାବେଳେ ବୋଲର ତାଲିକାରେ ୧୭ତମ ସ୍ଥାନକୁ ଉଠିଛନ୍ତି। ମୋହାଲି ପ୍ରଦର୍ଶନ ତାଙ୍କୁ ପୂର୍ବରୁ ନମ୍ବରୱାନ ସ୍ଥାନରେ ଥିବା ୱେଷ୍ଟଇଣ୍ଡିଜର ଜାସନ ହୋଲ୍ଡରଙ୍କୁ ପଛରେ ପକାଇବାରେ ପର୍ଯ୍ୟାପ୍ତ ହୋଇଥିଲା। ୨୦୨୧ ଫେବୃୟାରୀରୁ ହୋଲ୍ଡର ନମ୍ବରୱାନ ସ୍ଥାନରେ ଥିଲେ। ପୂର୍ବରୁ ୨୦୧୭ରେ ଜାଡେଜା ଏକ ସପ୍ତାହପାଇଁ ନମ୍ବରୱାନ ସ୍ଥାନ ଅଧିକାର କରିଥିଲେ।

ଜାଡେଜାଙ୍କ ର‍୍ୟାଙ୍କିଙ୍ଗ୍ ପଏଣ୍ଟ ଏବେ ୪୦୬ରେ ପହଞ୍ଚିଥିବାବେଳେ ହୋଲ୍ଡର ୩୮୨ ପଏଣ୍ଟ ସହିତ ଦ୍ୱିତୀୟକୁ ଖସିଛନ୍ତି। ପୂର୍ବରୁ ୨ନମ୍ବରରେ ଥିବା ଭାରତର ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ସ୍ଥାନ ତଳକୁ ଖସି ୩ରେ ପହଞ୍ଚିଛନ୍ତି। ତାଙ୍କ ର‍୍ୟାଙ୍କିଙ୍ଗ ପଏଣ୍ଟ ୩୪୭ ରହିଛି। ଟପ୍-୧୦ରେ ଥିବା ଅନ୍ୟ ଅଲ୍‌ରାଉଣ୍ଡର ହେଲେ ବାଂଲାଦେଶର ଶାକିବ ଅଲ୍ ହାସନ (୩୨୪), ଇଂଲଣ୍ଡର ବେନ୍ ଷ୍ଟୋକ୍ସ (୨୮୭), ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ (୨୮୪), ନ୍ୟୁଜିଲାଣ୍ଡର କାଏଲ ଜେମିସନ (୨୭୪), କଲିନ୍ ଡି ଗ୍ରାଣ୍ଡହୋମ୍ (୨୪୫), ଅଷ୍ଟ୍ରେଲିଆର ପ୍ୟାଟ୍ କମିନ୍ସ (୨୪୩) ଓ ଇଂଲଣ୍ଡର କ୍ରିସ୍ ୱୋକ୍ସ (୨୩୨)। ଆହତ ସମସ୍ୟା ଯୋଗୁ ମୋହାଲି ଟେଷ୍ଟ ଖେଳି ନ ଥିବା ଭାରତର ଅକ୍ଷର ପଟେଲ ୨ଟି ସ୍ଥାନ ତଳକୁ ଖସି ୧୪ରେ ପହଞ୍ଚିଛନ୍ତି।

ବ୍ୟାଟର ତାଲିକାରେ ବିରାଟ କୋହଲି ୫ମ ଓ ଅଧିନାୟକ ରୋହିତ ଶର୍ମା ୬ଷ୍ଠ ସ୍ଥାନରେ ରହିଛନ୍ତି। ମୋହାଲିରେ ବିସ୍ଫୋରକ ୯୬ ରନର ଇନିଂସ ଖେଳିଥିବା ରିଷଭ ପନ୍ତ ଟପ୍-୧୦ରେ ପ୍ରବେଶ କରିଛନ୍ତି। ସେ ୧୦ମ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆର ମାର୍ନସ ଲାବୁସେନ ଶୀର୍ଷ ସ୍ଥାନରେ ଅଛନ୍ତି। ସେହିପରି ବୋଲର ତାଲିକାରେ ଅଶ୍ୱିନ ଦ୍ୱିତୀୟ ଓ ଯଶପ୍ରୀତ୍ ବୁମ୍‌ରା ୧୦ମ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ଅଷ୍ଟ୍ରେଲିଆର ପ୍ୟାଟ୍ କମିନ୍ସ ଶୀର୍ଷ ସ୍ଥାନରେ ଅଛନ୍ତି।

# ଅନିଶାଙ୍କ ଗୋଲରେ ଓଡ଼ିଶା ବିଜୟୀ





୧୮ ବର୍ଷରୁ କମ୍ ଓଡ଼ିଶା ଦଳ ଓ ଓଜିପି କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଭୁବନେଶ୍ୱର, ୯।୩ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଓମେନ୍ସ ଲିଗ୍‌ରେ ବୁଧବାର ୧୮ ବର୍ଷରୁ କମ୍ ଓଡ଼ିଶା ଦଳ ଓ ଓଜିପି କ୍ଲବ ମଧ୍ୟରେ ଏକ ଡେଭଲପମେଣ୍ଟାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନିଶା କୁମ୍ଭାରଙ୍କ ୮୯ତମ ଗୋଲ ବଳରେ ଓଡ଼ିଶା ଦଳ ୧-୦ ଗୋଲରେ ଓଜିପିକୁ ହରାଇ ଦେଇଛି। ପ୍ରକାଶ ଯୋଗ୍ୟ ଯେ, ଓଡ଼ିଶା ଓମେନ୍ସ ଲିଗ୍‌ରେ ଓଡ଼ିଶା ପୋଲିସ ଚାମ୍ପିୟନ ହୋଇ ସାରିଛି। ଏବେ ପ୍ରତିଯୋଗିତାରେ କେବଳ କେତୋଟି ଡେଭଲପମେଣ୍ଟାଲ ମ୍ୟାଚ ଅନୁଷ୍ଠିତ ହେଉଛି।

# ଭୁବନେଶ୍ୱରରେ ରେଡ୍‌ବୁଲ୍ ନେମାର ଜୁନିୟର୍ସ ଫାଇଭ୍

ଭୁବନେଶ୍ୱର, ୯।୩ (କ୍ରୀଡ଼ା ପ୍ରତିନିଧି)

ବିଶ୍ୱସ୍ତରରେ ସର୍ବବୃହତ୍ ଫାଇଭ୍-ଏ-ସାଇଡ୍ ଫୁଟବଲ ଟୁର୍ନାମେଣ୍ଟ (ରେଡ୍‌ବୁଲ୍ ନେମାର ଜୁନିୟର୍ସ ଫାଇଭ୍)ର ଯୋଗ୍ୟତା ପର୍ଯ୍ୟାୟ ଭାରତର ୧୯ଟି ସହରରେ ଆରମ୍ଭ ହେବାକୁ ଯାଉଛି। ମାର୍ଚ୍ଚ ଓ ଏପ୍ରିଲରେ ଯୋଗ୍ୟତା ପର୍ଯ୍ୟାୟ ପରେ ମେ’ ମାସରେ ଜାତୀୟ ଫାଇନାଲ ହେବାର କାର୍ଯ୍ୟକ୍ରମ ରହିଛି। ଯୋଗ୍ୟତା ପର୍ଯ୍ୟାୟର ଭୁବନେଶ୍ୱର ଚରଣ ଚଳିତ ମାସ ୧୨ ଓ ୧୩ ତାରିଖ ଦୁଇଦିନଧରି କିଟ୍ ଫୁଟବଲ ପଡ଼ିଆରେ ଆୟୋଜନ ହେବ। ଏହା ବ୍ୟତୀତ ଅନ୍ୟ ଯୋଗ୍ୟତା ପର୍ଯ୍ୟାୟ ଗୁଡ଼ିକ ଇନ୍ଦୋର, ଜୟପୁର, ଅହମଦାବାଦ, ବେଙ୍ଗାଲୁରୁ, ଚେନ୍ନାଇ, ଦିମାପୁର, ମୁମ୍ବାଇ, ହାଇଦ୍ରାବାଦ, ଲକ୍ଷ୍ନୌ, ଦିଲ୍ଲୀ, ଗୁଆହାଟୀ, ଜଳନ୍ଧର, ପୁଣେ, କୋଚି, କୋଲକାତା, ଚଣ୍ଡିଗଡ଼, ଗୋଆ ଓ ଶିଲଂରେ ଅନୁଷ୍ଠିତ ହେବ। ସହର ଯୋଗ୍ୟତା ପର୍ଯ୍ୟାୟର ବିଜେତା ଦଳ ଗୁଡ଼ିକ ଜାତୀୟ ଫାଇନାଲରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେଠାରେ ଚୂଡ଼ାନ୍ତ ବିଜେତାଙ୍କୁ ରେଡ୍‌ବୁଲ୍ ନେମାର ଜୁନିୟର୍ସ ଫାଇଭ୍ ଇଣ୍ଡିଆ ଚାମ୍ପିୟନଭାବେ ଘୋଷଣା କରାଯିବ। ଏହି ଦଳ କାତାରରେ ହେବାକୁଥିବା ବିଶ୍ୱ ଫାଇନାଲରେ ପ୍ରତିଦ୍ୱନ୍ଦ୍ୱିତା କରିବାର ସୁଯୋଗ ପାଇବେ ଏବଂ ଫୁଟବଲ ସୁପରଷ୍ଟାର ବ୍ରାଜିଲର ନେମାର ଜୁନିୟରଙ୍କୁ ଭେଟିପାରିବେ। ୨୦୨୧ରେ ବାତିଲ ହୋଇଥିବା ମ୍ୟାଚ ଗୁଡ଼ିକ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ସମସ୍ତ ଦଳକୁ ବିଶ୍ୱ ଫାଇନାଲରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଆମନ୍ତ୍ରଣ କରାଯାଇଛି।

ପ୍ରକାଶ ଯୋଗ୍ୟ ଯେ, ରେଡ୍‌ବୁଲ୍ ନେମାର ଜୁନିୟର୍ସ ଫାଇଭ୍ ହେଉଛି ବ୍ରାଜିଲୀୟ ଫୁଟବଲ ତାରକାଙ୍କ ସ୍ୱତନ୍ତ୍ର ଫାଇଭ୍-ଏ-ସାଇଡ୍ ଟୁର୍ନାମେଣ୍ଟ, ଯାହା ବିଶ୍ୱର ବିଭିନ୍ନ ସ୍ଥାନରୁ ୧୬ରୁ ୩୫ ବର୍ଷର ଖେଳାଳିଙ୍କୁ ଫୁଟବଲ ପ୍ରତି ସେମାନଙ୍କର ଥିବା ଆଗ୍ରହକୁ ନେଇ ଖୁସି ମନାଇବାର ସୁଯୋଗ ସୃଷ୍ଟି କରୁଛି। ଏହା ଏକ ଦ୍ରୁତ, ବୈଷୟିକ ଏବଂ ମଜାଦାର ପ୍ରତିଯୋଗିତା। ଏଥିରେ ଗୋଲକିପର ନ ଥାନ୍ତି। ପ୍ରତି ଦଳରେ ୫ ଜଣ ଲେଖାଏ ଖେଳାଳି ୧୦ ମିନିଟ ମଧ୍ୟରେ ନିଜ କଳାକୌଶଳ ପ୍ରଦର୍ଶନ କରି ଗୋଲ ଦେବାର ସୁଯୋଗ ପାଇଥାନ୍ତି। କୌଣସି ଦଳ ଗୋଲ ଦେଲେ ବିପକ୍ଷ ଦଳର ଜଣେ ଖେଳାଳିଙ୍କୁ ପଡ଼ିଆ ଛାଡ଼ିବାକୁ ପଡ଼ିଥାଏ। ୧୦ ମିନିଟ ପରେ ପଡ଼ିଆ ମଧ୍ୟରେ ସର୍ବାଧିକ ଖେଳାଳି ରହିଥିବା ଦଳ ହିଁ ବିଜେତା ଘୋଷିତ ହୋଇଥାଏ।

# ଓଡ଼ିଶା ଦଳ ଚୟନ ପ୍ରକ୍ରିୟା ୧୨ରେ

ଭୁବନେଶ୍ୱର, ୯।୩ (ସ୍ପୋର୍ଟ୍ସ ବ୍ୟୁରୋ)

ସର୍ବଭାରତୀୟ ବେସାମରିକ ଖେଳକୁଦ ଓ କବାଡ଼ି ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳ ଚୟନ ପ୍ରକ୍ରିୟା ଆସନ୍ତା ୧୨ ତାରିଖ (ଶନିବାର) ସ୍ଥାନୀୟ ୟୁନିଟ-୬

**ସର୍ବଭାରତୀୟ ବେସାମରିକ ଖେଳକୁଦ ଓ କବାଡ଼ି**

ଖେଳ ପଡ଼ିଆରେ ସକାଳ ୮ଟା ୩୦ରୁ ହେବ। ଉପରୋକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ପହଞ୍ଚିବା ସହ ନାମ ପଞ୍ଜୀକରଣ କରି ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ ବୋଲି ରାଜ୍ୟ ସଚିବାଳୟ କର୍ମଚାରୀ କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ହରପ୍ରସାଦ ବିଶ୍ୱାଳ ଜଣାଇଛନ୍ତି। ସୂଚନାଯୋଗ୍ୟ, ସର୍ବଭାରତୀୟ ବେସାମରିକ ଖେଳକୁଦ ଓ କବାଡ଼ି ପ୍ରତିଯୋଗିତା ହରିୟାଣା ରାଜ୍ୟ ଅନ୍ତର୍ଗତ ପଞ୍ଚକୁଲା ଓ ଗୁରୁଗାଓଁର ସେକ୍ଟର-୩ ଓ ସେକ୍ଟର-୩୮ରେ ଚଳିତ ମାସ ୨୮ରୁ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।









# ଅଲନ୍ଦା, ମଝିପଡ଼ା, ଛତ୍ରପୁର ବିଜୟୀ



ରଣପୁର ଓ ଛତ୍ରପୁର ମଧ୍ୟରେ ବାଳିକ ବିଭାଗ ମ୍ୟାଚ୍‌ର ଏକ ଦୃଶ୍ୟ।

ଢେଙ୍କାନାଳ ଅଫିସ, ୯।୩

**ଦ୍ୱିତୀୟ ଓଡ଼ିଶା ନାଭାଲ ଟାଟା ହକି ପ୍ରତିଯୋଗିତା**

ଢେଙ୍କାନାଳ ଷ୍ଟାଡିୟମ୍‌ରେ ଚାଲିଥିବା ଦ୍ୱିତୀୟ ଓଡ଼ିଶା ନାଭାଲ ଟାଟା ହକି ପ୍ରତିଯୋଗିତାର ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ଅଲନ୍ଦା, ମଝିପଡ଼ା ଏବଂ ଛତ୍ରପୁର ଟିମ୍ ବିଜୟୀ ହୋଇଛନ୍ତି। ପୂର୍ବାହ୍ନରେ ଆୟୋଜିତ ବାଳିକା ବିଭାଗ ମ୍ୟାଚ୍‌ରେ ଅଲନ୍ଦାଠାରୁ ଢେଙ୍କାନାଳ ୨-୦, ମଝିପଡ଼ାଠାରୁ ଧନ୍ତ୍ରୀ ୧-୦ ଗୋଲ୍‌ରେ ପରାସ୍ତ ହୋଇଛି। ରଣପୁର-ଛତ୍ରପୁର ମ୍ୟାଚ୍ ଗୋଲଶୂନ୍ୟ ଭାବେ ଅମୀମାଂସିତ ରହିଥିଲା। ସେହିପରି ଅପରାହ୍ନରେ ଅନୁଷ୍ଠିତ ବାଳକ ବିଭାଗ ମ୍ୟାଚ୍‌ରେ ଅଲନ୍ଦାଠାରୁ ଢେଙ୍କାନାଳ ୬-୦, ମଝିପଡ଼ାଠାରୁ ଧନ୍ତ୍ରୀ ୩-୦ ଏବଂ ଛତ୍ରପୁରଠାରୁ ରଣପୁର ୩-୧ ଗୋଲରେ ପରାସ୍ତ ହୋଇଛି।



ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କଦ୍ୱାରା ସମ୍ବର୍ଦ୍ଧିତ ହେବା ଅବସରରେ ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ।

# ଘରୋଇ କ୍ରିକେଟରୁ ଶ୍ରୀସନ୍ଥଙ୍କ ଅବସର

**ନୂଆଦିଲ୍ଲୀ, ୯।୩ (ପି.ଟି.):** ବିଶ୍ୱକପ ବିଜେତା ଭାରତୀୟ ଦ୍ରୁତ ବୋଲର ଏସ୍. ଶ୍ରୀସନ୍ଥ ବୁଧବାର ଘରୋଇ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ସେ ଭାରତ ପକ୍ଷରୁ ୨୭ ଟେଷ୍ଟ, ୫୩ ଦିନିକିଆ ଓ ୧୦ଟି ଟି୨୦ ମ୍ୟାଚ ଖେଳି ଯଥାକ୍ରମେ ୮୭, ୭୫ ଓ ୭ଟି ଉଇକେଟ ନେଇଛନ୍ତି। ଯୁବ ଖେଳାଳିଙ୍କୁ ସୁଯୋଗ ଦେବା ଉଦ୍ଦେଶ୍ୟରେ ସେ ଅବସର ନେଉଥିବା ଟୁଇଟ୍ କରିଛନ୍ତି।

# ଘାନା ବିପକ୍ଷରୁ ଭାରତର ଅଭିଯାନ

ବର୍ମିଂହାମ୍, ୯।୩ (ପି.ଟି.)

ବର୍ମିଂହାମରେ ହେବାକୁଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ହକିରେ ଭାରତୀୟ ମହିଳା ଓ ପୁରୁଷ ଦଳ ଅପେକ୍ଷାକୃତ ଦୁର୍ବଳ ଘାନା ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ମହିଳା ଦଳର ଅଭିଯାନ ଜୁଲାଇ ୨୯ରୁ ଓ ପୁରୁଷ ଦଳର ଜୁଲାଇ ୩୧ରେ ଆରମ୍ଭ ହେବ। ଦୁଇଥର ରୌପ୍ୟ ପଦକ ବିଜେତା ଭାରତୀୟ ପୁରୁଷ ଦଳ ପୁଲ୍ ‘ବି’ରେ ଇଂଲଣ୍ଡ, କାନାଡ଼ା, ୱେଲ୍ସ ଓ ଘାନା ସହିତ ସ୍ଥାନ ପାଇଛି। ପୁଲ୍ ‘ଏ’ରେ ଅଛନ୍ତି ୬ ଥର ଚାମ୍ପିୟନ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ପାକିସ୍ତାନ ଓ ସ୍କଟଲାଣ୍ଡ। ସେହିପରି ମହିଳା ଦଳ ମଧ୍ୟ ପୁଲ୍ ‘ଏ’ରେ ଇଂଲଣ୍ଡ, କାନାଡ଼ା, ୱେଲ୍ସ ଓ ଘାନା ଦଳ ସହିତ ସ୍ଥାନ ପାଇଛି। ଘାନା ବିପକ୍ଷ ମ୍ୟାଚ ପରେ ଭାରତୀୟ ପୁରୁଷ ଦଳ ଗତଥରର ବ୍ରୋଞ୍ଜ ପଦକ ବିଜେତା ଇଂଲଣ୍ଡକୁ ଅଗଷ୍ଟ ୧, କାନାଡ଼ାକୁ ୩ ଓ ୱେଲ୍ସକୁ ୪ ତାରିଖରେ ଭେଟିବ। ସେହିପରି ଘାନାକୁ ଭେଟିବା ପରେ ମହିଳା ଦଳ ୱେଲ୍ସ ସହିତ ଜୁଲାଇ ୩୦, ଇଂଲଣ୍ଡ ବିପକ୍ଷରେ ଅଗଷ୍ଟ ୨ ଓ କାନାଡ଼ା ସହିତ ୩ ତାରିଖରେ ମ୍ୟାଚ ଖେଳିବ। ଉଭୟ ମହିଳା ଓ ପୁରୁଷ ବିଭାଗରେ ଗ୍ରୁପ୍‌ର ଶ୍ରେଷ୍ଠ ୨ଟି ଲେଖାଏ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ପୁରୁଷ ବିଭାଗ ସେମିଫାଇନାଲ ଅଗଷ୍ଟ ୬ ଓ ଫାଇନାଲ ୮ ତାରିଖରେ ହେବ। ମହିଳା ବିଭାଗ ସେମିଫାଇନାଲ ଅଗଷ୍ଟ ୫ ଓ ଫାଇନାଲ ୭ ତାରିଖରେ ଖେଳାଯିବ।

ବର୍ମିଂହାମ୍ ଗେମ୍ସକୁ ଭାରତ ଏହାର ‘ଏ’ ଦଳ ପଠାଇବ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ହାଙ୍ଗଝୋଉ ଏସିଆନ ଗେମ୍ସ କମ୍ ଦିନ ମଧ୍ୟରେ ପଡୁଥିବାରୁ ଭାରତ ଏହି ନିଷ୍ପତ୍ତି ନେଇଛି। ଏସିଆନ ଗେମ୍ସ ହେଉଛି ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ। ଉଭୟ ଇଭେଣ୍ଟ ମଧ୍ୟରେ ମାତ୍ର ୩୨ ଦିନ ବ୍ୟବଧାନ ଥିବାରୁ ଭାରତୀୟ ଫେଡେରେଶନ ଏହାର ପ୍ରଥମ ଶ୍ରେଣୀୟ ଦଳ ଏସିଆନ

**ରାଜ୍ୟଗୋଷ୍ଠୀ କ୍ରୀଡ଼ା ହକି**

ଗେମ୍ସ ପାଇଁ ସତେଜ ରୁହନ୍ତୁ ବୋଲି ଚାହୁଁଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଜୁଲାଇ ୨୮ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ଚାଲିବ। ୨୦୧୮ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ବିଜୟୀ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଏଥର ଉଭୟ ମହିଳା ଓ ପୁରୁଷ ବିଭାଗ ଗ୍ରୁପ୍ ପର୍ଯ୍ୟାୟରେ ପରସ୍ପରକୁ ଭେଟିବେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ହକି କାର୍ଯ୍ୟସୂଚୀ ଅନୁସାରେ ଉଭୟ ମହିଳା ଓ ପୁରୁଷ ବିଭାଗ ମ୍ୟାଚ ଜୁଲାଇ ୨୯ରେ ଆରମ୍ଭ ହେବ। କ୍ରୀଡ଼ାରେ ମୋଟ ୫୪ଟି ହକି ମ୍ୟାଚ ଅନୁଷ୍ଠିତ ହେବ। ଏହା ମଧ୍ୟରୁ ୪୦ଟି ଗ୍ରୁପ୍ ପର୍ଯ୍ୟାୟ, ୬ କ୍ଲାସିଫିକେଶନ, ୪ ସେମିଫାଇନାଲ ଓ ୪ ପଦକ ରାଉଣ୍ଡ ମ୍ୟାଚ ଖେଳାଯିବ।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ